# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୬ (୧୬ ପୃଷ୍ଠା) | Bhubaneswar, Friday, March 20/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୧୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 114 ମୂଲ୍ୟ₹୭/-




## ଅଗଷ୍ଟ ୧୪ରେ ପରଦାକୁ ଆସିବ 'ନାଗଜିଲା'

କାର୍ତ୍ତିକ ଆର୍ଯ୍ୟନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ନାଗଜିଲା'କୁ ନେଇ ଚର୍ଚ୍ଚା ବଢୁଥିବାବେଳେ ଏହା ଅଗଷ୍ଟ ୧୪ରେ ରିଲିଜ ହେବ ସୂଚନା ଦିଆଯାଇଛି।

୦୨

୧୬

## ଘୋଷାଲ ହେଲେ ସ୍ପୋର୍ଟ୍ସ କମିଶନର

ନୂଆ ଗ୍ଲୋବାଲ ପ୍ରଫେଶନାଲ ପ୍ରତିଯୋଗିତା ପାଇଁ ସ୍ପୋର୍ଟ୍ସ କମିଶନର ଭାବେ ନିଯୁକ୍ତି ପାଇଛନ୍ତି ଭାରତର ସ୍କ୍ୱାଶ ଆଇକନ ସୌରଭ ଘୋଷାଲ।





ମହାରାଷ୍ଟ୍ର ନବବର୍ଷ ଗୁଡ଼ି ପଡ଼ୱା ପାଳନ ଅବସରରେ ଗୁରୁବାର ବାଇକ୍ ଶୋଭାଯାତ୍ରାରେ ଯାଉଛନ୍ତି ମହିଳା। **(ଫଟୋ ସୌଜନ୍ୟ: ଗାର୍ଡିଆନ୍)**

# ପୁଞ୍ଜି ବଜାରରେ ହାହାକାର

- ସେନ୍‌ସେକ୍ସ, ନିଫ୍ଟି ୩.୨୬% ଖସିଲା
- ନିବେଶକ ହରାଇଲେ ୧୨ ଲକ୍ଷ କୋଟି
- ୧ ଡଲାର=୯୨.୬୫ ଟଙ୍କା

ମୁମ୍ବାଇ/ନୂଆଦିଲ୍ଲୀ,୧୯।୩(ପି.ଟି./ରଏଟର୍ସ)

ମଧ୍ୟପ୍ରାଚ୍ୟ ଯୁଦ୍ଧର ଦୁଷ୍ପରିଣାମ ଭାରତ ସମେତ ସାରା ବିଶ୍ୱକୁ ଭୋଗିବାକୁ ପଡୁଛି। କ୍ରୁଡ୍ ପରିବହନରେ ବାଧା ଯୋଗୁ ତୈଳ ବଜାରରେ ନିଆଁ ଲାଗିଛି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦିନକୁ ଦିନ ଦୁର୍ବଳ ହୋଇ ଅବମୂଲ୍ୟାୟନର ରେକର୍ଡ ଭାଙ୍ଗୁଛି। ଗ୍ଲୋବାଲ ମାର୍କେଟରେ ନେଗେଟିଭ୍ ସେଣ୍ଟିମେଣ୍ଟ ଭିତରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ପୁଞ୍ଜି ବଜାରକୁ ନିବେଶ ପାଇଁ ସୁରକ୍ଷିତ ମଣୁନାହାନ୍ତି। ଷ୍ଟକ୍ସ ବିକ୍ରିଦେଇ ବଣ୍ଡ ଓ ମେଟାଲ ଭଳି ସେକ୍ଟରରେ ଅର୍ଥ ଲଗାଇବାକୁ ପସନ୍ଦ ☞ ପୃଷ୍ଠା-୪

## ରାଜ୍ୟରେ ଅକାଳ ମୃତ୍ୟୁ

### ୨ବର୍ଷରେ ଗଲାଣି ୬,୫୭୮ ଜୀବନ

ଭୁବନେଶ୍ୱର,୧୯।୩(ରବିନାରାୟଣ ଜେନା)

ରାଜ୍ୟରେ ସାପକାମୁଡ଼ା, ବଜ୍ରପାତ ଓ ପାଣିରେ ବୁଡ଼ି ଭଳି ଅକାଳ ମୃତ୍ୟୁ ଦିନକୁ ଦିନ ବଢ଼ି ଚାଲିଛି। ଗତ ଦୁଇବର୍ଷ ମଧ୍ୟରେ ୬,୫୭୮ଜଣଙ୍କ ମୃତ୍ୟୁ ହୋଇଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ଗୁରୁବାର ରାଜସ୍ୱମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଏହିସବୁ ବିପତ୍ତି ଓ ବିପର୍ଯ୍ୟୟରେ ପ୍ରାଣହାନୀ ଘଟୁଥିବା ମୃତକଙ୍କ ପରିବାରକୁ ସରକାରଙ୍କ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥାଏ। ଗତ ୨ବର୍ଷରେ ଏବାବଦକୁ ୨୬୩କୋଟି ୧୨ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଗଲାଣି ବୋଲି ମନ୍ତ୍ରୀଙ୍କ ତଥ୍ୟରୁ ଜଣାଯାଇଛି। ମନ୍ତ୍ରୀ କହିଛନ୍ତି, ୨୦୨୩-୨୪ରେ କେବଳ ବଜ୍ରପାତରେ ୨୮୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୪-୨୫ରେ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମ୍ଭାବ୍ୟ ଖାଦ୍ୟ ସଙ୍କଟ**







**କରାଚୀରେ ବର୍ଷା ବିପ୍ରାତ: ୧୯ ମୃତ**
ପାକିସ୍ତାନର କରାଚୀରେ ବର୍ଷା ବିପ୍ରାତରେ ଅନ୍ୟୂନ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରେ ସହରରେ ପ୍ରବଳ ବର୍ଷା ସାଙ୍ଗକୁ ଜୋର୍‌ଦାର ପବନ ହୋଇଥିଲା। ଛାତ ଓ କାନ୍ଥ ଭୁଶୁଡ଼ିବା ସହ ବଜ୍ରପାତ ଏବଂ ଗଛ ଓ ସାଇନ୍‌ବୋର୍ଡ ପଡ଼ି ଲୋକଙ୍କ ଜୀବନ ଯାଇଛି। ଏକ ଟେଲିଫୋନ୍ ଏକ୍ସଚେଞ୍ଜ କାନ୍ଥ ଓ ଛାତ ଭୁଶୁଡ଼ି ପଡ଼ିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା କୋରାଙ୍ଗି ଏସ୍ଏସ୍‌ପି ସନ୍‌ଘର ମଲିକ କହିଛନ୍ତି।


ଉଗାଦି ଉତ୍ସବ ଅବସରରେ ଗୁରୁବାର ନୂଆଦିଲ୍ଲୀର ଏପି ଭବନରେ କଳାକାରମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଆଧାର ଅପ୍‌ଡେଟ୍ ସମୟସୀମା ଧାର୍ଯ୍ୟ କର

## ୟୁଆଇଡିଏଆଇକୁ ସିଇସିଙ୍କ ପରାମର୍ଶ

ନୂଆଦିଲ୍ଲୀ,୧୯।୩(ପି.ଟି.)

ଆଧାର ସଂକ୍ରାନ୍ତ ବିବରଣୀ ଅପ୍‌ଡେଟ୍ (ଅଧୁନାତନ) କରାଯିବାରେ ବିଳମ୍ବ ଘଟୁଥିବାରୁ ତାହାକୁ କେନ୍ଦ୍ରୀୟ ସୂଚନା ଆୟୋଗ(ସିଇସି) ଚିହ୍ନଟ କରିବା ସହ ଏ ନେଇ ସମୟସୀମା ଧାର୍ଯ୍ୟ କରିବାକୁ ଏକକ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି।

ଜଣେ ମହିଳାଙ୍କ ଦ୍ୱାରା କରାଯାଇଥିବା ଆବେଦନ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ବେଳେ ଆୟୋଗ ଜାଣିବାକୁ ପାଇଥିଲେ ଯେ, ତାଙ୍କ ଆଧାର କାର୍ଡରେ ଜନ୍ମତାରିଖ ସଂଶୋଧନ ପାଇଁ କରାଯାଇଥିବା ଅନୁରୋଧକୁ ମଧ୍ୟ ଠିକ୍ ସମୟରେ ପ୍ରକ୍ରିୟାକରଣ କରାଯାଇ ନାହିଁ। ଶୁଣାଣି ସମୟରେ ଆବେଦନକାରୀ କହିଥିଲେ ଯେ, ଆବଶ୍ୟକ ଦସ୍ତାବିଜ ଦାଖଲ କରିବା ସତ୍ତ୍ୱେ ତାଙ୍କ ଅନୁରୋଧ ବହୁ ଦିନ ଧରି ପଡ଼ି ରହିବାରୁ ସେ ଦିଲ୍ଲୀ ହାଇକୋର୍ଟରେ ରିଟ୍ ପିଟିଶନ କରିବାକୁ ବାଧ ହୋଇଥିଲେ। ସିଇସି ଉଲ୍ଲେଖ କରିଛନ୍ତି ଯେ, ଆବେଦନକାରୀମାନେ ପ୍ରାୟତଃ ଜନ୍ମତାରିଖ, ଲିଙ୍ଗ, ନାମରେ ବନାନଗତ ଅଶୁଦ୍ଧି ଓ ଅନ୍ୟାନ୍ୟ ଜନସାଂଖ୍ୟିକ ବିବରଣୀ ସଂଶୋଧନ ସମ୍ବନ୍ଧୀୟ ଅଭିଯୋଗ ନେଇ ଆସିଥାଆନ୍ତି, ଯାହା ପ୍ରାୟତଃ ବିଳମ୍ବ ଓ ପ୍ରକ୍ରିୟାରେ ସ୍ୱଚ୍ଛତାରେ ଅଭାବ ଯୋଗୁ ଘଟୁଛି। ଏଭଳି ଅସଙ୍ଗତିକୁ ଦେଖି ଆୟୋଗ କହିଛନ୍ତି, ଏପରି ବିଷୟଗୁଡ଼ିକ ମୁଖ୍ୟତଃ ସେବା ପ୍ରଦାନ ଓ ଅଭିଯୋଗ ସମାଧାନ ଏବଂ ବିଶେଷଭାବେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରଶାସନିକ ଢାଞ୍ଚା ଭିତରେ ନିଷ୍ପତ୍ତି ନିଆଯିବା କଥା। ଏ କ୍ଷେତ୍ରରେ ନାଗରିକଙ୍କୁ ସୂଚନା ଅଧିକାର (ଆର୍‌ଟିଆଇ) ଆବେଦନ ଦାଖଲ କରିବାକୁ ପଡ଼ିବାର ଆବଶ୍ୟକତା ନ ଥାଏ।

ବ୍ୟବସ୍ଥାଗତ ଉନ୍ନତିର ଆବଶ୍ୟକତାକୁ ଜୋର ଦେଇ ସିଇସି ଜନସାଂଖ୍ୟିକ ବିବରଣୀ ଅପ୍‌ଡେଟ୍ ପାଇଁ ୟୁଆଇଡିଏଆଇ ତା'ର ବ୍ୟବସ୍ଥାକୁ ଦୃଢ଼ କରିବା ଏବଂ ଏକ ସ୍ୱଚ୍ଛ ଓ ଉପଭୋକ୍ତା-ଅନୁକୂଳ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଏହିପରି ଅନୁରୋଧ ସଂକ୍ରାନ୍ତ ନିଷ୍ପତ୍ତି ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିବା ଓ ଆବେଦନଗୁଡ଼ିକୁ ପ୍ରଯୁଜ୍ୟ ନିୟମ ଓ ବିଧି ଅନୁଯାୟୀ ସମୟବଦ୍ଧ ଭାବେ ତ୍ୱରାନ୍ୱିତ ହେବାକୁ ସୁନିଶ୍ଚିତ କରିବାକୁ କହିଛନ୍ତି। ଆୟୋଗ ମଧ୍ୟ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ଉନ୍ନତ କରିବା ଉପରେ ଜୋର ଦେଇଛନ୍ତି, ଯାହାଦ୍ୱାରା ନାଗରିକମାନେ ଆର୍‌ଟିଆଇ ଧାରା ଉପଯୋଗ କରିବାର ଆବଶ୍ୟକତା ବିନା ଠିକ୍ ସମୟରେ ଉତ୍ତର ପାଇବେ। ଆଧାର ବିବରଣୀ ଅପ୍‌ଡେଟ୍ ପାଇଁ ଆବଶ୍ୟକ ପ୍ରକ୍ରିୟା ଓ ଦସ୍ତାବିଜ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି।

ୟୁଆଇଡିଏଆଇ ଶୁଣାଣି ସମୟରେ ଆୟୋଗଙ୍କୁ ଜଣାଇଛନ୍ତି ଯେ, ଆବେଦନକାରୀଙ୍କ ଆବେଦନକୁ ବର୍ତ୍ତମାନ ଗୁରୁତ୍ୱର ସହ ବିଚାରକୁ ନିଆଯାଇ ତାଙ୍କ ଜନ୍ମତାରିଖ ସଂଶୋଧନ ହୋଇସାରିଛି। କର୍ତ୍ତୃପକ୍ଷ କହିଛନ୍ତି, ଆର୍‌ଟିଆଇ ଆବେଦନଟି ସୂଚନା ଅନୁରୋଧ ପରିବର୍ତ୍ତେ ଅଧିକାଂଶ ଅଭିଯୋଗ ସଂକ୍ରାନ୍ତୀୟ ଥିଲା।

ସିଇସି କହିଛନ୍ତି ଯେ, ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତର ଯଥୋଚିତ ଥିଲା ଓ ଆବେଦନକୁ ଠିକ୍ ଭାବେ ଗ୍ରହଣ କରାଯାଇଛି। ତଥାପି ଏହାର ପରିଚାଳନା ବ୍ୟବସ୍ଥାରେ ନିରନ୍ତର ଉନ୍ନତି ଆଧାର ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସ ଓ ଆସ୍ଥାକୁ ମଜଭୁତ କରିବ।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅଧକ୍ଷଙ୍କ ଇସ୍ତଫା



ନୂଆଦିଲ୍ଲୀ,୧୯।୩

ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପାର୍ଟଟାଇମ୍ ଅଧକ୍ଷ ତଥା ସ୍ୱାଧୀନ ନିର୍ଦ୍ଦେଶକ ଅତନୁ ଚକ୍ରବର୍ତ୍ତୀ ବୁଧବାର ଅଚାନକ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ବ୍ୟାଙ୍କର ପ୍ରଶାସନ, ମନୋନୟନ ଓ ବେତନ କମିଟି ଅଧକ୍ଷଙ୍କୁ ପତ୍ର ଲେଖି ଅତନୁ ଦର୍ଶାଇଛନ୍ତି, ଗତ ୨ ବର୍ଷ ହେଲା ସେ ଦେଖିଆସୁଥିବା ବ୍ୟାଙ୍କର ବିଭିନ୍ନ ଘଟଣା ଓ କାର୍ଯ୍ୟଧାରା ତାଙ୍କର ବ୍ୟକ୍ତିଗତ ମୂଲ୍ୟବୋଧ ଓ ନୈତିକତା ସହ ମେଳ ଖାଉନାହିଁ। ସେହି କାରଣରୁ ସେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ୨୦୨୧ ମେ'ରେ ଅତନୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବୋର୍ଡରେ ଯୋଗଦେଇଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଏଚ୍‌ଡିଏଫ୍‌ସି ଲିଃର ମିଶ୍ରଣ ଘଟିବାରୁ ଏହା ଦେଶର ଦ୍ୱିତୀୟ ସର୍ବବୃହତ୍ ବ୍ୟାଙ୍କ ପରିଚୟ ହାସଲ କରିଥିଲା। ଅତନୁଙ୍କ ଇସ୍ତଫା ପରେ ରିଜର୍ଭ ବ୍ୟାଙ୍କ ଗୁରୁବାର କେକି ମିସ୍ତ୍ରିଙ୍କୁ ଅନ୍ତରୀଣ ପାର୍ଟଟାଇମ୍ ଅଧକ୍ଷ ଭାବେ ୩ ମାସ ପାଇଁ ନିଯୁକ୍ତ କରିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହ ମିଶ୍ରଣ ପୂର୍ବରୁ ଏଚ୍‌ଡିଏଫ୍‌ସି ଲିଃରେ ମିସ୍ତ୍ରି ଉପାଧକ୍ଷ ଭାବେ କାର୍ଯ୍ୟ କରୁଥିଲେ।

ଭାରତର ସର୍ବବୃହତ୍ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫ୍‌ସିର ଅଧକ୍ଷଙ୍କ ଇସ୍ତଫାର କିଛି ଘଣ୍ଟା ମଧ୍ୟରେ ଶେୟାର ବଜାରରେ ନିବେଶକଙ୍କ ଶେୟାର ୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଥିଲା। ଷ୍ଟକ୍ ମୂଲ୍ୟ ଗୁରୁବାର ପାଖାପାଖି ୯ ପ୍ରତିଶତ ହ୍ରାସ ପାଇଥିଲା। କାରବାର ଆରମ୍ଭରେ ବ୍ୟାଙ୍କ ଶେୟାର ମୂଲ୍ୟ ୭୭୦ ଟଙ୍କା ଥିବାବେଳେ ତାହା ୮.୭୬ ପ୍ରତିଶତ ହ୍ରାସ ପାଇଥିଲା, ଯାହାକି ୫୨ ସପ୍ତାହ ମଧ୍ୟରେ ସର୍ବନିମ୍ନ।

# ମଧ୍ୟପ୍ରାଚ୍ୟ: ଚରମ ଯୁଦ୍ଧ ଉତ୍ତେଜନା

ତେହରାନ୍,୧୯।୩



ଆମେରିକା-ଇରାନ୍ ଯୁଦ୍ଧ ୨୦ ଦିନରେ ପହଞ୍ଚିଥିଲାବେଳେ ଆକ୍ରମଣ-ପ୍ରତ୍ୟାକ୍ରମଣ ଆହୁରି ତୀବ୍ର ହୋଇଛି। ଗୋଟିଏ ପଟେ ଆମେରିକା ଓ ଇସ୍ରାଏଲ ଇରାନକୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ କରିବା ଲକ୍ଷ୍ୟରେ ଆକ୍ରମଣ ଜାରି ରଖିଛନ୍ତି। ଅନ୍ୟପଟେ ଇରାନ୍ ହାର୍ ମାନିବାକୁ ଆଦୌ ପ୍ରସ୍ତୁତ ନୁହେଁ। ଗତ ୪୮ ଘଣ୍ଟା ମଧ୍ୟରେ ଇରାନ୍ ୩ ବରିଷ୍ଠ ନେତାଙ୍କୁ ହରାଇ ସାରିଥିଲେ ମଧ୍ୟ ଶତ୍ରୁ ରାଷ୍ଟ୍ରଙ୍କ ବିରୋଧରେ ପ୍ରତିଶୋଧ ନେବାକୁ ଆକ୍ରମଣକୁ ଆହୁରି ଜୋର୍‌ଦାର କରିଛି। ବିଶେଷକରି କାତାରସ୍ଥିତ ବିଶ୍ୱର ସର୍ବବୃହତ ପାରସ୍ ଗ୍ୟାସ୍ ଫିଲ୍ଡ ଉପରେ ଇରାନ୍‌ର ଆକ୍ରମଣ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ବିଶ୍ୱଜଗତକୁ ଚିନ୍ତାଗ୍ରସ୍ତ କରିଦେଇଛି। ପାରସ୍ ହେଉଛି ପାରସ୍ୟ ଉପସାଗରରେ ରହିଥିବା ଏକ ଉପଦ୍ୱୀପ ଯାହାର ୪୦ ଭାଗ ଇରାନ୍ ଅଧୀନରେ ରହିଛି। ବାକି ୬୦ ଭାଗ କାତାର ଅଧୀନରେ ରହିଛି। ଏହି ଉପଦ୍ୱୀପରୁ ଉତ୍ପାଦନ ହେଉଥିବା ଏଲ୍‌ଏନ୍‌ଜି ବିଶ୍ୱର ଅଧିକାଂଶ ଭାଗକୁ ରପ୍ତାନି ହୋଇଥାଏ। ହେଲେ ଇସ୍ରାଏଲ ପ୍ରଥମେ ଇରାନ୍ ଅଧୀନ ପାରସ୍ ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିବା ପରେ ଇରାନ୍ କାତାର ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିଛି। ଏହା ବୈଶ୍ୱିକ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। କେବଳ କାତାର ନୁହେଁ, ଆମେରିକା ବିରୋଧରେ ପ୍ରତିଶୋଧ ନେବା ଲାଗି ଇରାନ୍ ସାଉଦି ଆରବ ଏବଂ କୁଏଟ୍ ତୈଳ ବିଶୋଧନଗାର ଉପରେ ମଧ୍ୟ ଆକ୍ରମଣ କରିଛି। ଇସ୍ରାଏଲ ଯଦି ପୁଣି ଇରାନ୍‌ର ତୈଳ ଠିକଣା ଉପରେ ଆକ୍ରମଣ କରେ ତେବେ କାତାର ପାରସ୍ ଗ୍ୟାସ୍ ଫିଲ୍ଡକୁ ସମ୍ପୂର୍ଣ୍ଣ ଉଡାଇ ଦିଆଯିବ ବୋଲି ଇରାନ୍ ମିଲିଟାରି ଅପରେଶନାଲ କମାଣ୍ଡ ମୁଖ୍ୟ ଖାତମ୍ ଅଲ-ଅନବିୟ ଧମକ ଦେଇଛନ୍ତି। ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଉତ୍ତେଜନା ଚରମ ଛୁଇଁବା ସହ ବୈଶ୍ୱିକ ଅର୍ଥନୀତି ପାଇଁ ଜଟିଳ ସ୍ଥିତି ଉତ୍ପନ୍ନ କରିଛି। ସାଉଦି ଆରବ, ୟୁଏଇ, କାତାର, କୁଏଟ୍, ଜୋର୍ଡାନ ପ୍ରମୁଖ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ଏବେ ଇରାନ୍ ଟାର୍ଗେଟରେ ରହିଥିବାରୁ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବା ଆଶଙ୍କା ବଢ଼ିଛି।

### ଇରାନ୍ ତେଲ ଉପରୁ କଟକଣା ଉଠାଇପାରେ ଆମେରିକା

ମଧ୍ୟପ୍ରାଚ୍ୟର ସାମ୍ପ୍ରତିକ ସ୍ଥିତିକୁ ଦେଖି ଆମେରିକା ତୈଳ ଯୋଗାଣ ନେଇ ଇରାନ୍ ଉପରେ ଲଗାଇଥିବା କଟକଣା ଉଠାଇବାକୁ ଯାଉଛି। ଏ ସମ୍ପର୍କରେ ଗୁରୁବାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ ସୂଚନା ଦେଇଛନ୍ତି। ବର୍ତ୍ତମାନ ସାମୁଦ୍ରିକ ପଥରେ ଇରାନ୍‌ର ପ୍ରାୟ ୧୪୦ ନିୟୁତ ତୈଳ ରହିଛି। ପୂର୍ବରୁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ବିଭିନ୍ନ ଦେଶ ଇରାନ୍‌ରୁ ତୈଳ ନେବାକୁ ଆମେରିକା ଅନୁମତି ଦେଇଥିଲାବେଳେ ବର୍ତ୍ତମାନ ଉପରୋକ୍ତ ପରିମାଣର ତୈଳ ଉପରୁ କଟକଣା ହଟାଇଛି। ତୈଳ ଓ ଗ୍ୟାସ୍ ଯୋଗାଣକୁ ନେଇ ବର୍ତ୍ତମାନ ବୈଶ୍ୱିକ ସ୍ତରରେ ସୃଷ୍ଟି ହୋଇଥିବା ସମସ୍ୟା ପରୋକ୍ଷରେ ଆମେରିକାକୁ ଚିନ୍ତିତ କରିଥିବାରୁ ଏଭଳି ନିଷ୍ପତ୍ତି ନେବାକୁ ଆମେରିକା ବାଧ ହୋଇଥିବା କୁହାଯାଉଛି।

## ୨୦୦ ବିଲିୟନ ଡଲାର ଲୋଡ଼ିଲା ପେଣ୍ଟାଗନ୍

### ଆମେରିକୀୟ କଂଗ୍ରେସରେ ମତଭେଦ

ୱାଶିଂଟନ୍,୧୯।୩

ଇରାନ୍ ବିରୋଧରେ ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଶେଷ କରିବାକୁ ଲକ୍ଷ୍ୟ ରଖିଥିବା ଆମେରିକା ଏବେ ଯୁଦ୍ଧ ଖର୍ଚ୍ଚକୁ ନେଇ ହରଡ଼ଘଣାରେ ପଡ଼ିଛି। ଯୁଦ୍ଧ ଖର୍ଚ୍ଚକୁ ନେଇ ଆମେରିକା କଂଗ୍ରେସ୍‌ରେ ମତଭେଦ ଆରମ୍ଭ ହୋଇଛି। ଯୁଦ୍ଧର ପ୍ରଥମ ୭ ଦିନ ମଧ୍ୟରେ ଆମେରିକାକୁ ୧୧ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥିଲାବେଳେ ଏବେ ଆହୁରି ୨୦୦ ବିଲିୟନ ଡଲାର ଆବଶ୍ୟକ ଥିବା ପେଣ୍ଟାଗନ୍ ହ୍ୱାଇଟ୍ ହାଉସକୁ ଜଣାଇଛି। କଂଗ୍ରେସ ଅନୁମୋଦନରେ ଏହି ଅର୍ଥ ଯୋଗାଇ ଦେବାକୁ ପ୍ରତିରକ୍ଷା ସଚିବ ହେଗସେଥ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜଣାଇଛନ୍ତି।


ଡୋନାଲ୍ଡ ଟ୍ରମ୍ପ
ହେଗସେଥ୍

କିନ୍ତୁ ଏହାକୁ ନେଇ କଂଗ୍ରେସରେ ଫାଟ ସୃଷ୍ଟି ହୋଇଛି। ଯୁଦ୍ଧକୁ ଆମେରିକାର ନ୍ୟାଶନାଲ କାଉଣ୍ଟର ଟେରରିଜମ୍ ସେଣ୍ଟରର ମୁଖ୍ୟ ଜୋ କେଣ୍ଟ୍ ନାପସନ୍ଦ କରି ପଦ ଛାଡ଼ିବା ପରେ ଆମେରିକାର ବିଭିନ୍ନ ମହଲରେ ମତଭେଦ ଦେଖାଯାଇଛି।

# ୭୩ ରାଜ୍ୟ ସଭା ସଦସ୍ୟଙ୍କ ନାମରେ ଆପରାଧିକ ମାମଲା

### ଏଡିଆର୍ ରିପୋର୍ଟ

### ୩୧ ଅରବପତି

ନୂଆଦିଲ୍ଲୀ,୧୯।୩(ପି.ଟି.)

ରାଜ୍ୟ ସଭାର ମୋଟ ସଦସ୍ୟ ସଂଖ୍ୟାର ପ୍ରାୟ ୩୨ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ରହିଥିଲାବେଳେ ୧୪ ପ୍ରତିଶତ ଅରବପତି ବୋଲି ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟ ସଭାର ୨୩୩ ସଦସ୍ୟଙ୍କ ମଧ୍ୟରୁ ୨୨୯ ଜଣଙ୍କ ସତ୍ୟପାଠକୁ ବିଶ୍ଳେଷଣ ଆଧାରରେ ଏଡିଆର୍ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛି। ଝାଡ଼ଖଣ୍ଡରୁ ଗୋଟିଏ ରାଜ୍ୟ ସଭା ଆସନ ଖାଲି ପଡ଼ିଥିବାବେଳେ ୩ ଜଣ ଏମ୍‌ପିଙ୍କ ସତ୍ୟପାଠ ମିଳିନାହିଁ। ଉକ୍ତ ରିପୋର୍ଟରେ ନବନିର୍ବାଚିତ ୩୭ ଏମ୍‌ପିଙ୍କ ଘୋଷଣା ମଧ୍ୟ ସ୍ଥାନ ପାଇଛି।

୨୨୯ ଏମ୍‌ପିଙ୍କ ମଧ୍ୟରୁ ୭୩ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ (୧୬%)ଙ୍କ ନାମରେ ଗମ୍ଭୀର ଅପରାଧ ମାମଲା ରହିଥିବା ସେମାନେ ସତ୍ୟପାଠରେ ଦର୍ଶାଇଥିଲେ। ଜଣେ ଏମ୍‌ପିଙ୍କ ନାମରେ ହତ୍ୟା ମାମଲା ରହିଥିବାବେଳେ ୪ ଜଣଙ୍କ ନାମରେ ହତ୍ୟା ଉଦ୍ୟମ, ୩ ଜଣଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ରହିଛି। ଦଳୀୟ ଦୃଷ୍ଟିରୁ ଦେଖିଲେ ଭାଜପାର ୯୯ ଏମ୍‌ପିଙ୍କ ମଧ୍ୟରୁ ୨୭ ଜଣ, କଂଗ୍ରେସର ୨୮ ଜଣଙ୍କ ମଧ୍ୟରୁ ୧୨, ଟିଏମ୍‌ସିର ୧୩ ସଦସ୍ୟଙ୍କ ମଧ୍ୟରୁ ୪, ଆପ୍‌ର ୧୦ ଜଣରୁ ୪ ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ସିପିଆଇଏମ୍‌ର ୩ ଏମ୍‌ପି ଏବଂ ବିଆର୍‌ଏସ୍‌ର ପ୍ରତ୍ୟେକ ଏମ୍‌ପିଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଛି।

ସେହିପରି ୩୧ ଜଣ ଅରବପତି (୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଥିବା) ଏମ୍‌ପିଙ୍କ ମଧ୍ୟରୁ ଭାଜପାରୁ ବିଆର୍‌ଏସ୍‌ରୁ ୨, ଏନ୍‌ସିପିରୁ ୩ ଜଣ ଏମ୍‌ପିଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ବୋଲି ସେମାନେ ଘୋଷଣା କରିଛନ୍ତି। ରାଜ୍ୟ ସଭା ସଦସ୍ୟମାନଙ୍କ ହାରାହାରି ସମ୍ପତ୍ତି ୧୨୦.୬୯ କୋଟି ଟଙ୍କା। ଭାଜପା ଏମ୍‌ପିମାନଙ୍କ ହାରାହାରି ସମ୍ପତ୍ତି ୨୮.୨୯ କୋଟି ହୋଇଥିବାବେଳେ କଂଗ୍ରେସ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୨୮.୬୧ କୋଟି ଟଙ୍କା। ସେହିପରି ଟିଏମ୍‌ସି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୭.୭୦ କୋଟି, ଆପ୍ ୫୭୪.୦୯ କୋଟି, ୱାଇଏସ୍‌ଆର୍‌ସିପି ୫୨୨.୬୩ କୋଟି, ଏସ୍‌ପି ୩୯୯.୭୧ କୋଟି, ବିଜେଡି ୧୦୫.୬୩ କୋଟି ଏବଂ ଡିଏମ୍‌କେ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୧.୯୦ କୋଟି ଟଙ୍କା। ବିଆର୍‌ଏସ୍ ସଦସ୍ୟ ବନ୍ଦିପାର୍ଥ ସାରଥିଙ୍କ ସମ୍ପତ୍ତି ୫,୩୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଆପ୍ ସଦସ୍ୟ ରାଜିନ୍ଦର ଗୁପ୍ତାଙ୍କ ସମ୍ପତ୍ତି ୫,୦୫୩ କୋଟି ଏବଂ ୱାଇଏସ୍‌ଆର୍‌ସିପିର ଆଲ୍ଲା ଅୟୋଧ୍ୟା ରାମି ରେଡ୍ଡୀଙ୍କ ସମ୍ପତ୍ତି ୨,୫୭୭ କୋଟି ଟଙ୍କା। ଅନ୍ୟପକ୍ଷରେ ଆପ୍ ଏମ୍‌ପି ସନ୍ତ ବଲବୀର ସିଂଙ୍କ ସମ୍ପତ୍ତି ସର୍ବନିମ୍ନ ୩ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ମଣିପୁରର ମହାରାଜା ସାନଜାଓବା ଲେଇଶେମ୍ବାଙ୍କ ସମ୍ପତ୍ତି ମୂଲ୍ୟ ୫ ଲକ୍ଷ ହୋଇଥିବାବେଳେ ଟିଏମ୍‌ସିର ପ୍ରକାଶ ଚିକ୍ ବାରାଇକ୍‌ଙ୍କ ସମ୍ପତ୍ତି ୯ ଲକ୍ଷ ଟଙ୍କା।

## ୱାର୍ଲ୍ଡ ହାପିନେସ୍ ରିପୋର୍ଟ

# ଫିନ୍‌ଲାଣ୍ଡ ବିଶ୍ୱର ସବୁଠୁ ସୁଖୀ ରାଷ୍ଟ୍ର

### ୧୧୬ତମ ସ୍ଥାନରେ ଭାରତ

ଲଣ୍ଡନ,୧୯।୩

ଫିନ୍‌ଲାଣ୍ଡ ବିଶ୍ୱର ସବୁଠୁ ସୁଖୀ ରାଷ୍ଟ୍ର ଭାବେ ନିଜର ମାନ୍ୟତା ବଜାୟ ରଖିଛି। କ୍ରମାଗତ ଭାବେ ୯ମଥର ପାଇଁ ବିଶ୍ୱର ସବୁଠୁ ସୁଖୀ ରାଷ୍ଟ୍ର ସୂଚୀ (ୱାର୍ଲଡ ହାପିନେସ୍ ରିପୋର୍ଟ)ରେ ଏହି ଦେଶ ପୁଣିଥରେ ସର୍ବାଗ୍ରେ ରହିଛି। କେବଳ ଫିନ୍‌ଲାଣ୍ଡ ନୁହେଁ, ନର୍ଡିକ୍ ଦେଶ ଭାବେ ପରିଚିତ ଡେନ୍‌ମାର୍କ, ସୁଇଡେନ ଏବଂ ନରୱେ ଭଳି ଉତ୍ତର ଆଟଲାଣ୍ଟିକ୍‌ର ବିଭିନ୍ନ ଦେଶ ଏହି ରିପୋର୍ଟର ପ୍ରଥମ ୧୦ ସ୍ଥାନରେ ରହିଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟିର ୱେଲ୍‌ବିଙ୍ଗ ରିସର୍ଚ୍ଚ ସେଣ୍ଟରର ପକ୍ଷରୁ ପ୍ରତିବର୍ଷ ୱାର୍ଲଡ ହାପିନେସ୍ ରିପୋର୍ଟ ପ୍ରକାଶ କରାଯାଇଥାଏ। ଚଳିତ ବର୍ଷ ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଫିନ୍‌ଲାଣ୍ଡ ପୁଣିଥରେ ପ୍ରଥମ ସ୍ଥାନରେ ରହିଛି। ଏହାକୁ ମିଶାଇ ଏହି ଦେଶ ୯ମଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି। ଅର୍ଥାତ୍ ସାମ୍ପ୍ରତିକ ସମୟରେ ବି ଫିନ୍‌ଲାଣ୍ଡବାସୀ ବିଶ୍ୱର ସବୁଠୁ ଖୁସି ନାଗରିକ ହେବାର ସୌଭାଗ୍ୟ ବଜାୟ ରଖିଛନ୍ତି।

ଜାତିସଂଘର ସଷ୍ଟେନେବଲ ଡେଭଲପମେଣ୍ଟ ସଲ୍ୟୁଶନ ନେଟ୍‌ୱର୍କ ଏବଂ ଗ୍ୟାଲପ୍ ନାମକ ଘରୋଇ ସଂସ୍ଥାର ମିଳିତ ଉଦ୍ୟମରେ ୧୪୦ଟି ଦେଶର ଲୋକଙ୍କ ମତାମତକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ପ୍ରତ୍ୟେକ ଦେଶର ପ୍ରାୟ ୧ ଲକ୍ଷ ଲୋକଙ୍କୁ ସେମାନଙ୍କ ଜୀବନ ଶୈଳୀ, ସୁବିଧା ସୁଯୋଗ ଏବଂ ଆର୍ଥିକ ମାନଦଣ୍ଡ ଆଦି ବିଷୟରେ ପ୍ରଶ୍ନ କରାଯାଇ ସେହି ଦେଶର ମାନ ନିର୍ଦ୍ଧାରଣ କରାଯାଇଥାଏ। ଭାରତ ଏହି ତାଲିକାରେ ୧୧୬ତମ ସ୍ଥାନରେ ରହିଥିଲାବେଳେ ଯୁଦ୍ଧ ଲଢୁଥିବା ଇସ୍ରାଏଲ ଏବଂ ଇରାନ୍ ଭାରତ ଠାରୁ ଆହୁରି ଭଲ ସ୍ଥାନରେ ରହିଛନ୍ତି। ଏହି ଦୁଇ ଦେଶର ସ୍ଥାନ ଉକ୍ତ ତାଲିକାରେ ୯୭ ରହିଛି। ଆମେରିକାର ସ୍ଥାନ ଏହି ତାଲିକାରେ ୨୩ ରହିଥିଲାବେଳେ କାନାଡ଼ା ୨୫ ଏବଂ ବ୍ରିଟେନ ସ୍ଥାନ ୨୯ ରହିଛି। ହାପିନେସ୍ ରିପୋର୍ଟ ଅନୁଯାୟୀ ଭାରତରେ ହାରାହାରି ଜୀବନକାଳ ୫୮.୨ ବର୍ଷ ରହିଛି। ସ୍ୱାଧୀନତା ମାପଦଣ୍ଡକୁ ନେଇ ଭାରତର ସ୍ଥାନ ୬୧ ରହିବା ସହ ଦୁର୍ନୀତି କ୍ଷେତ୍ରରେ ସ୍ଥାନ ୬୪ ରହିଛି। ତେବେ ସୋସିଆଲ ମିଡିଆର ପ୍ରଭାବ ଯୁବପିଢ଼ିଙ୍କ ସୁଖ ଏବଂ ଜୀବନଶୈଳୀକୁ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରୁଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ବିଶେଷକରି ଇଂରାଜୀ ଭାଷାଭାଷୀ ପଶ୍ଚିମ ୟୁରୋପୀୟ ଦେଶଗୁଡ଼ିକରେ କିଶୋର ବର୍ଗ ସୋସିଆଲ ମିଡିଆ ପ୍ରଭାବରେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ନଷ୍ଟକରି ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଅବନତି ମୁହାଁ ହେଉଛନ୍ତି ବୋଲି ଏହି ରିପୋର୍ଟରେ କୁହାଯାଇଛି।



# ଅଗଷ୍ଟ ୧୪ରେ ପରଦାକୁ ଆସିବ 'ନାଗଜିଲା'


କାର୍ତ୍ତିକ ଆର୍ୟ୍ୟନ

**ମୁମ୍ବାଇ:** ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ୟ୍ୟନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ନାଗଜିଲା'ରେ ସେ ଏକ 'ଇଚ୍ଛାଧାରୀ ନାଗ' ଭୂମିକାରେ ନଜର ଆସିବେ, ଯାହାକୁ ଦେଖିବା ପାଇଁ ପ୍ରଶଂସକ ବେଶ୍ ଉତ୍ସାହିତ। ମୃଗଦୀପ ସିଂ ଲାମ୍ବାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୧୪ରେ ରିଲିଜ ହେବ। ନିକଟରେ ମୁମ୍ବାଇରେ ଆୟୋଜିତ ଏକ ବଡ଼ ଇଭେଣ୍ଟରେ ଫିଲ୍ମ ନିର୍ମାତା ଏବଂ ଓଟିଟି ପ୍ଲାଟ୍‌ଫର୍ମ ମଧ୍ୟରେ ହୋଇଥିବା ଚୁକ୍ତି ବିଷୟରେ ଘୋଷଣା କରାଯାଇଛି। ଫିଲ୍ମଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ପରେ ଆମାଜନ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମ୍ ହେବ। ଏହି ଅବସରରେ ଫିଲ୍ମର ଏକ ନୂଆ ପୋଷ୍ଟର ମଧ୍ୟ ଉନ୍ମୋଚିତ ହୋଇଛି, ଯେଉଁଥିରେ କାର୍ତ୍ତିକଙ୍କର ଏକ ରହସ୍ୟମୟ ନାଗ ଲୁକ୍ ଦେଖିବାକୁ ମିଳୁଛି।

ଫିଲ୍ମର କାହାଣୀ ଏମିତି ଏକ ଦୁନିଆ ଉପରେ ଆଧାରିତ ଯେଉଁଠି ନାଗନାଗୁଣୀମାନେ ମଣିଷଙ୍କ ଗହଣରେ ବାସ କରନ୍ତି। କିନ୍ତୁ ଜଣେ ଦୁଷ୍ଟ ରାଜନେତା ଯେତେବେଳେ ଜଣେ ବେଫିକର ଇଚ୍ଛାଧାରୀ ନାଗର 'ନାଗମଣି' ଏବଂ ଜୀବନ ପଛରେ ପଡ଼ନ୍ତି, ସେତେବେଳେ ଦୁନିଆରେ ଆରମ୍ଭ ହୁଏ ବିନାଶ। ଏହି ବିପଦରୁ ନିଜକୁ ଏବଂ ଦୁନିଆକୁ ବଞ୍ଚାଇବା ପାଇଁ କାର୍ତ୍ତିକ (ନାଗ ଚରିତ୍ର) କିପରି ସଂଘର୍ଷ କରୁଛନ୍ତି, ତାହା ହିଁ ଫିଲ୍ମର ମୁଖ୍ୟ ଆକର୍ଷଣ। ଚଳଚ୍ଚିତ୍ରରେ ମୁଖ୍ୟ କଳାକାର ଭାବେ କାର୍ତ୍ତିକ ଆର୍ୟ୍ୟନ, ପ୍ରୀତି ମୁକୁନ୍ଦନ, ରବି କିଶନ ପ୍ରମୁଖ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱ କରଣ ଜୋହର (ଧର୍ମା ପ୍ରଡକ୍ସନ) ଏବଂ ମହାବୀର ଜୈନଙ୍କ ଉପରେ ରହିଛି।

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୬ | Bhubaneswar, Friday, March 20/2026


**ଦିଲ୍ଲୀରେ ଆଜି**



ଆମେରିକା ସହ ଭାରତର ଟ୍ରେଡ୍‌ଡିଲ୍‌କୁ ବିରୋଧ ସହ ଚାଷୀଙ୍କ ଉତ୍ପାଦିତ ଶସ୍ୟର ଏମ୍‌ଏସ୍‌ପି ଦାବିରେ ନୂଆଦିଲ୍ଲୀ ରାମଲୀଳା ମଇଦାନରେ ମହିଳା କୃଷକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। **(ଫଟୋ-ଚମନ ଗୌତମ)**

# କାତାର ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ଇରାନ୍‌ର ଆକ୍ରମଣ

- **ସାଉଦି ରିଫାଇନେରିରେ ମିଶାଇଲ୍ ମାଡ଼**
- **ବିଶ୍ୱ ବଜାରରେ ଇନ୍ଧନ ଦର ବୃଦ୍ଧି**

**ଦୁବାଇ,୧୯ା୩**

ଇରାନ୍‌ର ସାଉଥ୍ ପାର୍ସ ଏବଂ ଅସାଲୁୟେହ ଗ୍ୟାସ୍ ଫିଲ୍ଡରେ ଇସ୍ରାଏଲ୍ ଆକ୍ରମଣ କରିବା ପରେ ତେହରାନ୍ କାତାରରେ ଥିବା ବିଶ୍ୱର ସର୍ବବୃହତ୍ ଲିକ୍ୱିଫାଏଡ୍ ନ୍ୟାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ପ୍ଲାଣ୍ଟ ଉପରେ ମିଶାଇଲ୍ ମାଡ଼ କରିଛି। ଫଳରେ ରାସ୍ ଲାଫାନ ସିଟିରେ ଥିବା ଉକ୍ତ ପ୍ଲାଣ୍ଟ ଧ୍ୱଂସ ହୋଇଯାଇଛି। ଏଥିସହିତ ଲୋହିତ ସାଗରରେ ଥିବା ସାଉଦି ଆରବର ଏକ ତୈଳ ବିଶୋଧନାଗାର ଉପରେ ମଧ୍ୟ ଇରାନ୍ ଆକ୍ରମଣ କରିଛି। କୁଏଟ୍‌ର ୨ଟି ତୈଳ ବିଶୋଧନାଗାର ଜଳୁଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଉପକୂଳରେ ଏକ ଜାହାଜ ଜଳୁଥିବାବେଳେ କାତାର ନିକଟରେ ଅନ୍ୟ ଏକ ଜାହାଜ ଧ୍ୱଂସ ହୋଇଯାଇଛି।

ତୈଳ ଓ ଗ୍ୟାସ୍ ଫାସିଲିଟିଗୁଡ଼ିକ ଉପରେ କ୍ରମାଗତ ଆକ୍ରମଣ ଯୋଗୁ ଗୁରୁବାର ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ପାଇଛି। ବ୍ରେଣ୍ଟ କ୍ରୁଡ୍ ଅଏଲ୍ ଦାମ୍ ବ୍ୟାରେଲ ପ୍ରତି ୧୧୮ ଡଲାରରେ ପହଞ୍ଚିଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ଇରାନ ଉପରେ ଆକ୍ରମଣ କରିବା ପୂର୍ବରୁ ତୈଳ ଦର ଯାହା ଥିଲା, ଏବେ ତା'ଠାରୁ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୃଦ୍ଧି ଘଟିଲାଣି। ବିଶ୍ୱ ବଜାର ପ୍ରାକୃତିକ ଗ୍ୟାସ୍‌ର ମୁଖ୍ୟ ଉତ୍ସ କୁହାଯାଉଥିବା କାତାରର ଏକ ବୃହତ୍ ଏଲ୍‌ଏନ୍‌ଜି ଫାସିଲିଟି ଜଳୁଥିବାବେଳେ ଏହାକୁ ଲିଭାଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଜାରି ରହିଛି। ପୂର୍ବରୁ ହୋଇଥିବା ଆକ୍ରମଣ ଯୋଗୁ ଉତ୍ପାଦନ ବନ୍ଦ ରହିଥିବାବେଳେ ସଦ୍ୟ ମିଶାଇଲ୍ ଆକ୍ରମଣ ଯୋଗୁ ଏହା ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି।

ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ଦିନରୁ ଇରାନ ପାରସ୍ୟ ଉପସାଗର ପଡ଼ୋଶୀ ଦେଶଗୁଡ଼ିକର ତୈଳ ଓ ଗ୍ୟାସ୍ ଫାସିଲିଟିଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଛି। ଏଥିସହିତ ଇନ୍ଧନ ପରିବହନର ଅନ୍ୟତମ ପ୍ରମୁଖ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ବନ୍ଦ କରିଦେଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଛି। କାତାର ଉପରେ ☞ପୃଷ୍ଠା-୧୩

## 'ଶକ୍ତି ତଥ୍ୟ' ଏବେ 'ରାଷ୍ଟ୍ରୀୟ ସୁରକ୍ଷା'

**ପ୍ରତିଦିନର ତଥ୍ୟ ଦେବେ ତୈଳ ଓ ଗ୍ୟାସ୍ କମ୍ପାନୀ**

**ନୂଆଦିଲ୍ଲୀ,୧୯ା୩ (ପି.ଟି.)**

ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ପ୍ରାୟ ୭% ବୃଦ୍ଧି ଘଟିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଭୟଙ୍କର ରୂପ ନେଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆମେରିକା-ଇସ୍ରାଏଲ ପକ୍ଷରୁ ଇରାନ୍‌ର ସବୁଠାରୁ ବଡ଼ ଗ୍ୟାସ୍ କ୍ଷେତ୍ର 'ସାଉଥ ପାର୍ସ' ଉପରେ ଆକ୍ରମଣ ହେବା ଫଳରେ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ସେହିପରି ଇରାନ୍ ପକ୍ଷରୁ କାତାରର ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ଆକ୍ରମଣ କରାଯାଇଛି, ଯାହା ବିଶ୍ୱ ଶକ୍ତି ବଜାରରେ ଆତଙ୍କ ଖେଳାଇ ଦେଇଛି। ବିଶେଷକରି ତୈଳ ପରିବହନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ମାର୍ଗ 'ଷ୍ଟ୍ରେଟ ଅଫ୍ ହର୍ମୁଜ' ଦେଇ ଯାତାୟାତ ପ୍ରାୟତଃ ବନ୍ଦ ହେବା ସ୍ଥିତିକୁ ଅଧିକ ଜଟିଳ କରିଛି। ଏହାର ପ୍ରଭାବରେ ତୈଳ ଦର (ବ୍ରେଣ୍ଟ କ୍ରୁଡ୍) ☞ପୃଷ୍ଠା-୧୩

# ଜଙ୍ଗଲରେ କଲେଜ ଛାତ୍ରୀଙ୍କୁ ହତ୍ୟା

## ବଳାତ୍କାର ପରେ ମାରି ଦିଆଯାଇଥିବା ସନ୍ଦେହ

**କାମାକ୍ଷାନଗର/ ଢେଙ୍କାନାଳ, ୧୯ା୩ (ସୁଧୀର କୁମାର ପରିଡା /ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଗୁରୁବାର ପୂର୍ବାହ୍ନରେ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଛାତ୍ରୀଙ୍କୁ ବଳାତ୍କାର ପରେ ବୀଭତ୍ସ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ରୀ କାମାକ୍ଷାନଗର କନିଷ୍ଠ ମହିଳା ମହାବିଦ୍ୟାଳୟର +୨ ପ୍ରଥମ ବର୍ଷର ଅଙ୍କିତା ପ୍ରିୟଦର୍ଶିନୀ ବାରିକ ବୋଲି ଜଣାପଡ଼ିଛି। ମୃତଦେହ ସକାଳୁ ଠାବ ହୋଇଥିଲେ ମଧ୍ୟ ଏହାକୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରା ନ ଯାଇ ଘରୋଇ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ସମୟ ପକାଇ ରଖିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଯାଇଥିଲା। ଛାତ୍ରୀଙ୍କ ପରିବାର ଲୋକ ମାନସିକସ୍ତରରେ ଭାଙ୍ଗି ପଡିଥିବାବେଳେ ☞ପୃଷ୍ଠା-୧୩






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଦ ଆଡଭେଞ୍ଚର, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପଖାଳ ପର୍ବ –୨୦୨୬, ସ୍ଥାନ: ପାନ୍ଥନିବାସ, ସମୟ: ମଧ୍ୟାହ୍ନ ୧୨ଟା।
- ଶହୀଦ ନଗର ଦୁର୍ଗା ପୂଜା ସମିତି ପକ୍ଷରୁ ଅନ୍ତର୍ଜାତୀୟ ପଖାଳ ଦିବସ, ସ୍ଥାନ: ଶହୀଦ ନଗର ଦୁର୍ଗା ପୂଜା ସମିତି, ରୂପାଲି ଛକ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୨୬ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ବନ୍ଧୁ ମିଳନ ଉତ୍ସବ, ସ୍ଥାନ: ପ୍ରିୟଦର୍ଶୀ ମିଶ୍ରଙ୍କ ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ପ୍ରବଚନ ଓ ଜ୍ଞାନ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ବରିଷ୍ଠ ନାଗରିକଙ୍କ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ସକାଳ ୮ଟା।
- ଭାଗବତ ପାରାୟଣ, ସ୍ଥାନ: ଶ୍ରୀ ରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଧା, ବସ୍ତା, ସମ: ସକାଳ ୮ଟା।
- ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ (ମହିଳା) ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପିଣ୍ଡାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ବାର୍ଷିକ ମହୋତ୍ସବ, ସ୍ଥାନ: ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ସାମ୍ବାଦିକଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଜିଲା ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ପକ୍ଷରୁ ଆଲୋଚନା ସଭା, ସ୍ଥାନ: ଶ୍ରମିକ ଭବନ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଆଇଆର୍ ବୈଠକ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ଖାନନଗର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ ପଖାଳ ଦିବସ, ସ୍ଥାନ: ଆୟୁଷ୍ମାନ କଲ୍ୟାଣମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱ ପଖାଳ ଦିବସ, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଏସ୍‌ଆଇଆର୍ ବୈଠକ, ସ୍ଥାନ: ଶୁଭମ୍ ଗେଷ୍ଟ ହାଉସ, ବାଲିଆପାଳ, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ବାଇକ୍ ଶୋଭାଯାତ୍ରା, ସ୍ଥାନ: ତିହିଡ଼ି କଲେଜ ଛକ, ଅପରାହ୍ନ ୩ଟା।
- ବିବେକାନନ୍ଦ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାପୀଠ ପରିସର, ତିହିଡ଼ି ସମୟ: ଅପରାହ୍ନ ୫ଟା।
- ବାବା ବଳିଆଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଣ୍ଡାରିପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- କପିଳମୁନି ମହୋତ୍ସବ, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବେତଡା, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଚବିଶ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବାଙ୍ଗୋର, ହାଟଡିହୀ, ସମୟ: ସକାଳ ୬ଟା।
- ସନ୍ତୋଷୀ ମା ମନ୍ଦିରରେ ମାନସିକ ପୂଜା, ସ୍ଥାନ: ଗୋପାଳପୁର, ହାଟଡିହୀ, ସମୟ: ସକାଳ ୭ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜେଏସ୍‌ଡବ୍ଲ୍ୟୁ– ପୋସ୍କୋ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ୪ ର୍ଥ ଗ୍ରାମ ସଭା, ସ୍ଥାନ: ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଧନୁର୍ଜୟପୁର ଗ୍ରାମ ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଖାଳ ଦିବସ, ସ୍ଥାନ: ନୀଳାଦ୍ରି, ବଡବିଲ,ସମୟ: ମଧ୍ୟାହ୍ନ ୧୨ ଟା।
- ପ୍ରେସ କ୍ଲବ ପକ୍ଷରୁ ପଖାଳ ଦିବସ ପାଳନ,ସ୍ଥାନ: ଯୋଡ଼ା କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୧ଟା।
- ରୌପ୍ୟ ଜୟନ୍ତୀ ସମ୍ପର୍କିତ ପ୍ରସ୍ତୁତି ବୈଠକ, ସ୍ଥାନ: କୁନ୍ଦୁରୁନଲା ସରସ୍ୱତୀ ଶିଶୁ ମନ୍ଦିର, ଯୋଡ଼ା, ସମୟ: ଅପରାହ୍ନ ୨ଟା।

**ମୟୂରଭଞ୍ଜ**
- ଗିରଫ ୩୪ ଆଦିବାସୀଙ୍କ ଖଲାସ ଦାବିରେ ମିଳିତ ଆଦିବାସୀ ମଞ୍ଚ ପକ୍ଷରୁ ୪୮ ଘଣ୍ଟିଆ ବାମନଘାଟି ଉପଖଣ୍ଡ ବନ୍ଦ ଡାକରା, ସ୍ଥାନ: ରାଇରଙ୍ଗପୁର, ସମୟ: ସକାଳ ୬ଟା।
- ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ:ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା ୩୦।
- ବାମନଘାଟି ସାଂସ୍କୃତିକ ପରିଷଦ ପକ୍ଷରୁ ପଖାଳ ଦିବସ ପାଳନ, ସ୍ଥାନ: ପିସିଏମ୍ କଲ୍ୟାଣୀ ମଣ୍ଡପ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆଦିବାସୀ ଲଘୁ ଚଳଚ୍ଚିତ୍ର ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ଜାତୀୟ କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ବିଶ୍ୱ ପଖାଳ ଦିବସ ପାଳନ, ସ୍ଥାନ: ବୁଗୁଡ଼ା, ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ଚଢ଼ିଆ ଦିବସ ପାଳନ, ସ୍ଥାନ: ବୁଗୁଡ଼ା, ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ଚେତନାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବରେ ଆଧ୍ୟାତ୍ମିକ ସଭା, ସ୍ଥାନ: ଦିଗପହଣ୍ଡି ଏନଏସି ଗଡ଼ ଚୈତନ୍ୟପୁର ଶାସନ ସାହି, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ପଖାଳ ପରବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହରୀ ନାମଯଜ୍ଞର ଅଧିବାସ, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**
- ପ୍ରବୋଧନ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ତାଲିମ, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ନବଦିନାତ୍ମକ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ମା ବାୟାଣୀ ଯାତ୍ରା, ସ୍ଥାନ: କିଶୋରନଗର ବ୍ଲକ ବଇଣ୍ଡାର ବାଦିବାହାଲ, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- ଆଇସିଡିଏସ୍ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲାଫିଙ୍ଗ କ୍ଲବ ପକ୍ଷରୁ ପଖାଳ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ବାରୁଣୀ ମେଳା, ସ୍ଥାନ: ଉତ୍ତରେଶ୍ୱର ମହାଦେବ ପୀଠ, ଚିତ୍ରୋତ୍ପଳା ନଦୀ ପଠା, ପାଟକୁରା, ଗରଦପୁର, ଇନ୍ଦୁପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- କେନ୍ଦ୍ରାପଡା ଜିଲାସ୍ତରୀୟ ବିଶ୍ୱ ପଖାଳ ଦିବସ, ସ୍ଥାନ: ଡେରାବିଶ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଫ୍ରେଣ୍ଡସ କ୍ଲବ ପକ୍ଷରୁ ବିଶ୍ୱ ପଖାଳ ଦିବସ ଓ ଆଲୋଚନା ଚକ୍ର, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡା ଜିଲା ଯାତ୍ରା କମିଟି ପକ୍ଷରୁ ପଖାଳ ଦିବସ ପାଳନ ଓ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଚଣ୍ଡିଆ ହୋଟେଲ, ଶାମସୁନ୍ଦରପୁର ଗଡା, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ଶ୍ରୀ ବଳଦେବଜୀଉ ଗୌଡୀୟ ମଠ, ସାରଙ୍ଗ, ଓସ୍ତପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ଯଯାତି ଆଜ୍ଞାମାଳ ଶୋଭାଯାତ୍ରା ଓ ମଞ୍ଚ ପୂଜା, ସ୍ଥାନ: ବିରଜା ମନ୍ଦିର ପ୍ରାଙ୍ଗଣଠାରୁ ମହୋତ୍ସବ ପଡିଆ, ସମୟ: ସକାଳ ୬ଟା।
- କମାଗଡ଼ ହିଙ୍ଗୁଳା ଯାତ୍ର ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ କମାଗଡ଼ ହେଙ୍ଗୁଳା ପଡ଼ିଆ, ସମୟ: ସକାଳ ୬ଟା।
- ଦ୍ୱିଦିବସୀୟ ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ରାମେଶ୍ୱର ମନ୍ଦିର, ଚନ୍ଦ୍ରଶେଖରପୁର, ରାମଚନ୍ଦ୍ରପୁର, ବରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜନ ଗଣନା ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ଜିଲା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ପଳାଶୁଣୀ ପୀଠରେ ମେଳଣ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ପଳାଶୁଣୀ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।
- ଯଯାତି ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଜଙ୍ଗଲ ନିଆଁର କାରଣ ଓ ନିରାକରଣ ଉପରେ ସଚେତନତା, ସ୍ଥାନ: ଖଣ୍ଡପଡା ବ୍ଲକ କଣ୍ଟିଲୋ, ସମୟ:ଅପରାହ୍ନ ୩ ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ୩ୟ ଦିବସରେ ପାରାୟଣରେ ରାମ ଜନ୍ମ, ଜାଗ ରକ୍ଷା ଓ ବାଲ୍ୟ ଲୀଳା ମାହାତ୍ମ୍ୟ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ନାଟ୍ୟଧାରା ପକ୍ଷରୁ ୬ଷ୍ଠ ରାଜ୍ୟସ୍ତରୀୟ ନାଟ୍ୟମେଳାର ଷଷ୍ଠ ଦିବସର ନାଟକ ସମୁଦ୍ର, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ତେଲୁଗୁ ସମ୍ପ୍ରଦାୟର ଉଗାଦି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଖଳିଗୁଡ଼ା ପଡିଆ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା।

**ନବରଙ୍ଗପୁର**
- ଜିଲା ସ୍ତରୀୟ ପଖାଳ ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ:ମଧ୍ୟାହ୍ନ ୧୨ଟା।
- ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ନିଶନାହାଣ୍ଡିସ୍ଥିତ ଏସଏସ୍‌ଡି ହାଇସ୍କୁଲ, ସମୟ: ସନ୍ଧ୍ୟା ୬ଟା ୩୦।

**କୋରାପୁଟ**
- ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ରେଳବିଭାଗ ଓ ଆରଡି ବିଭାଗର ଜମି ଚିହ୍ନଟ, ସ୍ଥାନ: ବାଲଡ଼ା ରେଳଧାରଣା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- କୃଷକଙ୍କ ନିମନ୍ତେ ତାଲିମ ଶିବିର, ସ୍ଥାନ: ଜିଲା କୃଷି ଅଧିକାରୀ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା।
- ପଖାଳ ଦିବସ ପାଳନ, ସ୍ଥାନ: ଚିତ୍ରକୋଣ୍ଡା, ମାଲକାନଗିରି, ସମୟ: ମଧ୍ୟାହ୍ନ ୧ଟା ୩୦।

**ସମ୍ବଲପୁର**
- କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକ ପୂଜା, ସ୍ଥାନ: ବୈଦାରନୂଆପାଲି କାମାକ୍ଷା ବିହାର, ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା, ସ୍ଥାନ: ଭୂତାପଡା, ସମୟ: ସକାଳ ୮ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଶ୍ଚିମ ପ୍ରାନ୍ତର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ରାଜ୍ୟସ୍ତରୀୟ ମହାକୋଶଲ କୋଶଲୀ ନାଟବାଦୀ ନାଟ୍ ଯାତରାର ତୃତୀୟ ସନ୍ଧ୍ୟା, ସ୍ଥାନ: ରାଧାକୃଷ୍ଣ ମଣ୍ଡପ, ସଦାଇପାଲି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**
- ଗ୍ରୀଷ୍ମକାଳୀନ ଶିବିରର ୬ଷ୍ଠ ଦିବସ, ସ୍ଥାନ: ସେକ୍ଟର–୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ଚୈତ୍ର ନବରାତ୍ରିର ୨ୟ ଦିବସ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ଇଏସ୍‌ଆଇସି ମେଡିକାଲ କଲେଜ ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ଆର୍‌ଏମ୍‌ସି ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଦିଲୀପ ରାୟଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ମେ ଫେୟାର ହକି ଭିଲେଜ, ସମୟ: ମଧ୍ୟାହ୍ନ ୧୨ଟା।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପରିସର, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧ଟା।
- ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ଅବସର ଭବନ, ରେଭେନ୍ୟୁ କଲୋନୀ, ସୁନ୍ଦରଗଡ଼, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ବରଗଡ଼**
- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ:ସକାଳ ୬ଟା।
- ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ:ବ୍ଲକ ଅଫିସ ସମ୍ମୁଖ, ବରଗଡ଼, ସମୟ: ସକାଳ ୬ଟା ୩୦।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ସୋହେଲା, ସମୟ: ସକାଳ ୭ଟା।
- ଷୋହଳ ପ୍ରହର ନାମ ଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ପାଇକମାଳ, ସମୟ:ସକାଳ ୭ଟା ୩୦।
- ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ:ପିଏମ୍‌ଶ୍ରୀ ନୋଡାଲ ହାଇସ୍କୁଲ ପଡ଼ିଆ, ଗାଇସିଲେଟ, ସମୟ:ଅପରାହ୍ନ ୨ଟା ୨୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସର୍ଗିବାହାଲ, ପଦ୍ମପୁର,ସମୟ:ସନ୍ଧ୍ୟା ୫ଟା।
- ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ,ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ:ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ–୨୦୨୬, ସ୍ଥାନ:ଚେତନା ମଣ୍ଡପ, ସୋହେଲା, ସମୟ:ରାତି ୮ଟା ୩୦।
- ପଖାଳ ପରବ, ସ୍ଥାନ:ଆନନ୍ଦ ମଣ୍ଡପ, ବରଗଡ଼,ସମୟ: ମଧ୍ୟାହ୍ନ ୧୨ଟା।

**କଳାହାଣ୍ଡି**
- ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: କେସିଙ୍ଗା ବ୍ଲକ ରେଙ୍ଗାଲି (ନୂଆପଡ଼ା), ସମୟ: ସକାଳ ୮ଟା ୦୫।
- ପଲିଟେକ୍‌ନିକ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ପଲିଟେକ୍‌ନିକ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଏସ୍‌ଏମ୍‌ଇ ଉପରେ କର୍ମଶାଳା, ସ୍ଥାନ: ଭବାନୀପାଟଣା ଡ୍ରିଡ଼ି ପ୍ଲାନିଂ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଡିଷ୍ଟ୍ରିକ୍ଟ ଲୋକାଲ କମିଟି ବୈଠକ (ଡିଏଲ୍‌ସି), ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ମାଣିକପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ମାଣିକପୁର ଖେଳ ପଡିଆ, ହରଭଙ୍ଗା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ ବୌଦ୍ଧ, ସମୟ: ୧୧ଟା ୩୦।
- ଦଶମ ରାଜ୍ୟସ୍ତରୀୟ କଣ୍ଟାମାଳ ଲୋକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଲୋକ କଳା ମଣ୍ଡପ ପଡିଆ କଣ୍ଟାମାଳ, ସମୟ ସନ୍ଧ୍ୟା ୭ଟା।

**ଦେବଗଡ଼**
- ବାସନ୍ତୀକ ନବରାତ୍ର ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ବାରକୋଟ ବ୍ଲକ୍ ଡିମିରିପୋଷି ଆଶ୍ରମ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: ତିଲେଇବଣି ବ୍ଲକ ଖଜୁରୀଦର୍ହ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲା ଅଭିଯୋଜନା ନିର୍ଦ୍ଦେଶାଳୟ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସବ୍‌ରେଜିଷ୍ଟ୍ରି ଅଫିସ ପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

**ନୂଆପଡ଼ା**
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନିବଙ୍ଗଳାପଡ଼ା, ସମୟ: ପ୍ରାତଃ ୫ଟା ୧୫।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଝୁଦପେଜ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଢକସର ତଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଅନ୍ନଛତ୍ର, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନି ବଙ୍ଗଳାପଡା, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଓ ସନ୍ଧ୍ୟା ୭ଟା।
- ଚଇତି ପର୍ବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଜଟଗଡ଼, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ଦୁର୍ଗା ମନ୍ଦିରରେ ବ୍ରହ୍ମଚାରିଣୀ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗାମନ୍ଦିର, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଦ୍ୱାରା ରିଭ୍ୟୁ ମିଟିଂ, ସ୍ଥାନ: ଡିଏମ୍‌ଏଫ୍ ହଲ, ଝାରସୁଗୁଡ଼ା, ସମୟ: ଅପରାହ୍ନ ୩ଟା ୩୦।

## ଠଗଠମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଋଣୀଆକୁ ଋଣ ଯେତେ**
**କହୁଣିଆକୁ କହୁଣି ସେତେ ।**

ଋଣୀ ବ୍ୟକ୍ତିଙ୍କୁ ଯେତେ ଅଧିକ ଋଣ ଦେଲେ ମଧ୍ୟ ସିଏ ନେବା ଲାଗି କେବେ କୁଣ୍ଠା ପ୍ରକାଶ କରି ନ ଥାନ୍ତି। ଆଶାଠାରୁ ଅଧିକ ମିଳିଲେ ମଧ୍ୟ ନେବା ଲାଗି ସଦା ପ୍ରସ୍ତୁତ ହୋଇଥାନ୍ତି ବା ଆଗଭର ହୋଇଥାନ୍ତି। ସେହିପରି କହୁଣିଆ ବା ମାଡ଼ଖିଆ ବ୍ୟକ୍ତିଙ୍କୁ ଯେତେ କହୁଣି ମାଡ଼ ଦେଲେ ମଧ୍ୟ ସିଏ ସେତେ ସହିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଏତେ ଚାତର**
**ମାଛ ବିକି ବିକି ଦିନ ଯାଉଥିଲା**
**ଦେହେ ନଗଉଛି ଗନ୍ଧା ଅତର।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହେବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପୁଞ୍ଜି ବଜାରରେ...

କରୁଛନ୍ତି। ଏହି କ୍ରମେ ଗୁରୁବାର ଦେଶର ଶେୟାର ମାର୍କେଟକୁ ଆଉ ଏକ ବଡ଼ ଝଟକା ଲାଗିଛି। ବିଏସ୍‌ଇ ସେନ୍‌ସେକ୍ସ ଏବଂ ଏନ୍‌ଏସ୍‌ଇ ନିଫ୍ଟି୫୦ରେ ୩.୨୬% ହ୍ରାସ ପରିଲକ୍ଷିତ ହୋଇଛି। ଏହି କାରଣରୁ ନିବେଶକମାନେ ଦିନକରେ ୧୨ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବେଞ୍ଚମାର୍କ ଷ୍ଟକ୍ ସୂଚକାଙ୍କ ସେନ୍‌ସେକ୍ସ (ଦେଶର ସର୍ବବୃହତ୍ ୩୦ କମ୍ପାନୀ) ଏବଂ ନିଫ୍ଟି (ଶ୍ରେଷ୍ଠ ୫୦ କମ୍ପାନୀ)ରେ ଗୁରୁବାର ଟ୍ରେଡିଂ ସେସନ୍‌ରେ ରକ୍ତସ୍ନାନ ବା ହାହାକାର ସ୍ଥିତି ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୨,୪୯୬ ପଏଣ୍ଟ ତଳକୁ ଖସି ୭୪,୨୦୭ରେ କାରବାର ଶେଷ ହୋଇଥିବାବେଳେ ନିଫ୍ଟି୫୦ ମଧ୍ୟ ୩.୨୬% (୭୭୫ ପଏଣ୍ଟ) ହ୍ରାସ ପାଇ ୨୩,୦୦୨ରେ ବନ୍ଦ ହୋଇଛି। ୨୦୨୪ ଜୁନ୍ ପରେ ଭାରତୀୟ ଶେୟାର ମାର୍କେଟରେ କୌଣସି ଦିନ ଏତେ କ୍ରାଶ୍ ଦେଖିବାକୁ ମିଳି ନ ଥିଲା। ସେନ୍‌ସେକ୍ସରେ ତାଲିକାଭୁକ୍ତ ହୋଇଥିବା ସର୍ବାଧିକ କ୍ଷତିଗ୍ରସ୍ତ କମ୍ପାନୀଗୁଡ଼ିକ ହେଲା ଇଟର୍ନାଲ, ବଜାଜ୍ ଫାଇନାନ୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଲାର୍ସନ୍ ଆଣ୍ଡ ଟୁବ୍ରୋ ଏବଂ ବଜାଜ୍ ଫିନ୍‌ସର୍ଭ। ଏଚ୍‌ଡିଏଫ୍‌ସି ଚେୟାରମ୍ୟାନ ଅତନୁ ଚକ୍ରବର୍ତ୍ତୀ ନୈତିକତା କାରଣରୁ ଇସ୍ତଫା ଦେବା ପରେ ଏହାର ଶେୟାର ଭାଲ୍ୟୁରେ ୫.୧୩% ହ୍ରାସ ଘଟିଛି।

ବୁଧବାର ଏଫ୍‌ଆଇଆଇମାନେ ଭାରତୀୟ ବଜାରରୁ ୨,୭୧୪.୩୫ କୋଟି ଟଙ୍କାର ଷ୍ଟକ୍ ବିକ୍ରି କରିଥିବାବେଳେ ଘରୋଇ ସଂସ୍ଥାଗତ ନିବେଶକ (ଡିଆଇଆଇ) ୩,୨୫୩.୦୩ କୋଟି ଟଙ୍କାର ଷ୍ଟକ୍ କିଣିଥିଲେ। କିନ୍ତୁ ଗୁରୁବାର ବଜାର ଯେଭଳି ଭାବେ ଏକତରଫା ତଳମୁହାଁ ହୋଇ ଚାଲିଥିଲା, ସମ୍ଭବତଃ ଡିଆଇଆଇମାନେ ଅଧିକ ଷ୍ଟକ୍ସ କିଣିବାକୁ ସାହସ ଜୁଟାଇ ପାରିନାହାନ୍ତି। ଚଳିତମାସର ୧୨ଟି ଟ୍ରେଡିଂ ସେସନ୍‌ରେ ଏଫ୍‌ଆଇଆଇ ୭୭,୨୧୪ କୋଟି ଟଙ୍କା ଭାରତୀୟ ଶେୟାର ବଜାରରୁ ପ୍ରତ୍ୟାହାର କରିନେବା ଏକ ବଡ଼ ଝଟକା ନିଶ୍ଚୟ। ଇରାନ୍ ବିରୋଧରେ ଆମେରିକା–ଇସ୍ରାଏଲ୍‌ର ଯୁଦ୍ଧ ଯୋଗୁ ହର୍ମୁସ ପ୍ରଣାଳୀ ଦେଇ କ୍ରୁଡ୍ ପରିବହନରେ ବାଧା ହେତୁ ତୈଳ ଓ ଗ୍ୟାସ୍ ବଜାରରେ ଅସ୍ଥିରତା ସାଙ୍ଗକୁ କ୍ରମବର୍ଦ୍ଧିଷ୍ଣୁ ଭୂରାଜନୈତିକ ଉତ୍ତେଜନାକୁ ଏହି କ୍ରାଶ୍ ପାଇଁ ବିଶେଷ ଭାବେ ଦାୟୀ କରାଯାଉଛି। କେବଳ ଗୁରୁବାର ସେସନ୍‌ରେ ନିବେଶକମାନଙ୍କୁ ୧୨ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି।

ଏସୀୟ ବଜାର ଦକ୍ଷିଣ କୋରିଆର କୋସ୍‌ପି, ଜାପାନର ନିକ୍କେଇ ୨୨୫ ଇଣ୍ଡେକ୍ସ, ସାଂଘାଇର ଏସ୍‌ଏସ୍‌ଇ କମ୍ପୋଜିଟ୍ ଇଣ୍ଡେକ୍ସ ଏବଂ ହଂକଂର ହଂଗ ସେଙ୍ଗ୍ ଇଣ୍ଡେକ୍ସରେ ମଧ୍ୟ ଅନୁରୂପ ହ୍ରାସ ଦେଖିବାକୁ ମିଳିଛି। ୟୁରୋପୀୟ ବଜାର ଉପରେ ମଧ୍ୟ ଯୁଦ୍ଧ ଘନଘଟାର କଳାବାଦଲ ଛାଇ ହୋଇରହିଛି।

ଇତିମଧ୍ୟରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବାର ଆଉ ଏକ ରେକର୍ଡ ଭାଙ୍ଗିଛି। ଗୁରୁବାର ସେସନ୍‌ରେ ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଭାରତୀୟ ମୁଦ୍ରା ୯୨.୪୨ରେ ଖୋଲିଥିଲା। ପରେ ୯୨.୬୩ରେ ଏହାର କାରବାର ଶେଷ ହୋଇଥିଲା। ଡଲାର ଶକ୍ତିଶାଳୀ ହେବାରେ ଲାଗିଥିବାବେଳେ ଟଙ୍କାର ବିନିମୟ ମୂଲ୍ୟ କ୍ରମଶଃ ତଳକୁ ଖସିବା ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର କାରଣ ହୋଇଛି।

### ରାଜ୍ୟରେ ଅକାଳ...

୩୧୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିପାଇଁ ଦୁଇବର୍ଷରେ ୨୪କୋଟି ଟଙ୍କା ଅନୁକମ୍ପାମୂଳକ ସହାୟତା ବାବଦକୁ ପ୍ରଦାନ କରାଯାଇଛି। ଏଥିମଧ୍ୟରେ ମୟୂରଭଞ୍ଜରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏହି ଜିଲାରେ ୨୦୨୩–୨୪ରେ ୩୨ଜଣଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବାବେଳେ ୨୦୨୪–୨୫ରେ ୮୩ଜଣଙ୍କ ମୃତ୍ୟୁ ହୋଇଛି।

ସେହିପରି ୨୦୨୩–୨୪ରେ ପାଣିରେ ବୁଡ଼ି ୨୦୦୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ମୟୂରଭଞ୍ଜରେ ସର୍ବାଧିକ ୧୮୪ଜଣ ରହିଥିବାବେଳେ ବାଲେଶ୍ୱରରେ ୧୮୩, କେନ୍ଦୁଝରରେ ୧୫୫, ସୁନ୍ଦରଗଡ଼ରେ ୧୩୫, ଗଞ୍ଜାମରେ ୧୪୮, କଟକରେ ୧୨୬ଜଣ ରହିଥିଲେ। ଏହାବାଦ୍ ଅବଶିଷ୍ଟ ଜିଲାରେ ମୃତ୍ୟୁସଂଖ୍ୟା ୨ଅଙ୍କ ଭିତରେ ରହିଥିଲା। ୨୦୨୪–୨୫ରେ ପାଣିରେ ବୁଡ଼ି ମୃତ୍ୟୁସଂଖ୍ୟା ୧୮୫୪ ରହିଛି। ଏହିବର୍ଷ ବାଲେଶ୍ୱରରେ ସର୍ବାଧିକ ୧୬୮ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବାବେଳେ ମୟୂରଭଞ୍ଜରେ ୧୨୬, ସୁନ୍ଦରଗଡ଼ରେ ୧୦୮, ଗଞ୍ଜାମରେ ୧୦୩ଜଣ ରହିଥିବାବେଳେ ଅବଶିଷ୍ଟ ଜିଲାରେ ୨ଅଙ୍କ ଭିତରେ ମୃତ୍ୟୁସଂଖ୍ୟା ରହିଥିଲା। ଏହି ଦୁଇବର୍ଷରେ ୩୮୬୦ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୫୪କୋଟି ୪୦ଲକ୍ଷ ଟଙ୍କାର ସରକାରୀ ସହାୟତା ପ୍ରଦାନ କରାଯାଇଛି। ୨୦୨୩–୨୪ର ୮୦କୋଟି ୨୪ଲକ୍ଷ ଏବଂ ୨୦୨୪–୨୫ରେ ୭୪କୋଟି ୧୬ଲକ୍ଷ ଟଙ୍କା ମୃତକଙ୍କ ପରିବାରକୁ ସହାୟତା ଦିଆଯାଇଛି।

ସାପକାମୁଡ଼ା ମୃତ୍ୟୁ ମଧ୍ୟ ରାଜ୍ୟରେ ଉଦ୍‌ବେଗଜନକ ରହିଛି। ୨୦୨୩–୨୪ରେ ରାଜ୍ୟରେ ୧୧୪୭ଜଣଙ୍କ ମୃତ୍ୟୁ ହୋଇଥିଲା। ବାଲେଶ୍ୱରରେ ସର୍ବାଧିକ ୧୧୯ଜଣଙ୍କ ସାପକାମୁଡ଼ାରେ ମୃତ୍ୟୁ ହୋଇଥିବାବେଳେ ରାୟଗଡ଼ାରେ ୫ଜଣ ଏବଂ ଅନ୍ୟସବୁ ଜିଲାରେ ମୃତ୍ୟୁ ସଂଖ୍ୟା ୨ଅଙ୍କ ଭିତରେ ରହିଥିଲା। ୨୦୨୪–୨୫ରେ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ୯୭୧ ରହିଥିଲା। ବାଲୋବରରେ ସର୍ବାଧିକ ୯୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗଜପତିରେ ୪, କନ୍ଧମାଳରେ ୭ ଏବଂ ଅନ୍ୟ ସବୁ ଜିଲାରେ ମୃତ୍ୟୁସଂଖ୍ୟା ୨ ଅଙ୍କରେ ରହିଥିଲା। ସାପକାମୁଡ଼ା ମୃତ୍ୟୁ ବାବଦକୁ ସରକାର ଗତ ୨ବର୍ଷରେ ୮୪କୋଟି ୭୨ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ୨୦୨୩–୨୪ରେ ୪୫କୋଟି ୮୮ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଥିବାବେଳେ ୨୦୨୪–୨୫ରେ ୩୮କୋଟି ୮୪ଲକ୍ଷ ଟଙ୍କା ସାପକାମୁଡ଼ା ମୃତକଙ୍କ ସହାୟତା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ପରିବାର ଖର୍ଚ୍ଚଭାରର ଆଧିକ୍ୟ,ପୁରାତନ ରୋଗର ପୀଡ଼ା ଏବଂ ପୂର୍ବ ଶତ୍ରୁତାରୁ ଚିନ୍ତିତ ରହିବେ। ଦ୍ୱିଜା ନକ୍ଷତ୍ର କର୍ମକ୍ଷେତ୍ରର ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ଅସୁବିଧା ହେବନାହିଁ। ଆଜି ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନ ସାଙ୍ଗକୁ ବ୍ୟବସାୟିକସ୍ଥିତ ହାଲୁକା ରହିବ। ସଭାସମିତି, ସଙ୍ଗୀତ ଚର୍ଚ୍ଚା, ସାହିତ୍ୟାଦି ଦିଗରୁ ଖୁସି ରହିବେ।

**ବୃଷ** – ଆଜିର ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବନ୍ଧୁ ମିଳନର ସୁଯୋଗ ଜୁଟିବ। କୃତ୍ତିକା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହେବ। କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା କିମ୍ବା ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢିପାରେ। ପରିବହନ କ୍ଷେତ୍ରରେ ସମସ୍ୟା ଓ ପରୋକ୍ଷ ଶତ୍ରୁତା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ମିଥୁନ** – ଆତ୍ମୀୟଙ୍କ ସହାୟତାରେ ମନ ଅନୁଯାୟୀ କାମ କମ୍ପର ସୁବିଧା ସୁଯୋଗ ପାଇ ଖୁସି ହେବେ। ପୁନର୍ବସୁ ନକ୍ଷତ୍ର ବନ୍ଧୁଙ୍କୁ ବକେୟା ମାଗିବାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ଆନୁଷ୍ଠାନିକ କାମ, ବ୍ୟବସାୟ ଓ ପରିବହନରେ ସମସ୍ୟା ଆସିବ। ଯାତ୍ରା ସମୟରେ ଅଜଣା ଲୋକ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ଆଶଙ୍କା ରହିଛି।

**କର୍କଟ** – କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ସମ୍ମୁଖୀନ ହୋଇ କାମ କରିବେ। ଅଶ୍ଳେଷା ନକ୍ଷତ୍ର ସକାଶେ ସହକର୍ମୀ ଦୋଷାରୋପ କରି ସମସ୍ୟାକୁ ବଢାଇ ଦେବେ। ପାରିବାରିକ କ୍ଷେତ୍ରରେ ପୁରୁଣା ସମସ୍ୟା ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦେଖାଦେବ। ଆଜି ବାଣିଜ୍ୟ, ଭ୍ରମଣ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ସମୟ ଅନୁକୂଳ ରହିବ।

**ସିଂହ** – ବନ୍ଧୁ ଗହଣରେ ମନ କଥା ମନରେ ରଖି ଯଥା ସମ୍ଭବ ଔପଚାରିକତାକୁ ଭୁଲିଯିବା ଠିକ୍ ହେବନାହିଁ । ଉତ୍ତରା ଫାଲଗୁନୀ ନକ୍ଷତ୍ର ପଡୋଶୀଙ୍କ ସହାୟତାରେ ହଜି ଯାଇଥିବା ଜିନିଷ ଫେରି ପାଇବେ। ପରିବହନ, ବ୍ୟବସାୟ, ନିର୍ମାଣ, ସଂଗଠନ ଓ ରାଜନୀତି ପାଇଁ ଦିନଟି ଭଲ। କର୍ମାରମ୍ଭ, ମନୋରଞ୍ଜନ କାର୍ଯ୍ୟକ୍ରମ ସକାଶେ ବ୍ୟସ୍ତ ରହିବେ।

**କନ୍ୟା** – କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ସହକର୍ମୀଙ୍କ ଘରୋଇ ବ୍ୟାପାର କିମ୍ବା ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡିବା ସମସ୍ୟାକୁ ବଢାଇଦେବ। ଜରୁରୀ କାମରେ ବାହାରକୁ ଯିବାକୁ ବାଧ ହୋଇପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ।

**ତୁଳା** – କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ରେ ବ୍ୟସ୍ତ ରହିବେ। ସ୍ୱାତୀ ନକ୍ଷତ୍ର ନୂତନ ଗାଡ଼ି, ଯାନ୍ତ୍ରିକ ଜିନିଷ, ଅଳଙ୍କାର, ପୋଷାକପତ୍ର କିଣିବାକୁ ମନ ବଳାଇବେ। ସଭାସମିତି, ସାହିତ୍ୟ ଚର୍ଚ୍ଚା, ମେଳା ମହୋତ୍ସବ, ସଙ୍ଗୀତ ଆସରରେ ସାମିଲ୍ ହେବାର ସୁଯୋଗ ମିଳିବ।

**ବିଛା** – ବିଶାଖା ନକ୍ଷତ୍ରକୁ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ସଭା ସମିତି କ୍ଷେତ୍ରରେ ନିୟୋଜିତ ହେବେ। ଶନିଙ୍କ ପ୍ରଭାବରେ ଆର୍ଥିକ ସ୍ଥିତି ଦୁର୍ବଳ ରହିବ, ଫଳରେ କେତେକ କାମ ଅଟକି ରହିଯିବ। ପୂର୍ବସ୍ଥିରୀକୃତ ଯୋଜନା ପରିସ୍ଥିତି ଅନୁଯାୟୀ ବଦଳିଯାଇପାରେ।

**ଧନୁ** – ପୂର୍ବଷାଢା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଉଚ୍ଚପଦାଧିକାରୀଙ୍କ ଅନୁକମ୍ପାରେ କର୍ମକ୍ଷେତ୍ରରେ ଲାଗି ରହିଥିବା ଟେନସନ୍ ଦୂର ହେବ। ଆଜିର ଯାତ୍ରା, ସାହିତ୍ୟ, ସଙ୍ଗୀତ, କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବା ସକାଶେ ଆଲୋଚନା କରିପାରନ୍ତି।

**ମକର** – ଶ୍ରବଣା ନକ୍ଷତ୍ର ସକାଶେ ଅତୀତ ସ୍ମୃତିଚାରଣ ମାନସିକ ଅସ୍ଥିରତାର କାରଣ ହେବ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବନ୍ଧୁତା ସ୍ଥାପନରେ ଦିନଟି ସ୍ମରଣୀୟ ହେବ। ଯାତ୍ରାକାଳରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଆଇନ, ଅଦାଲତ, ପ୍ରଶାସନ, ତଥା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କୁମ୍ଭ** – ପାରିବାରିକ କ୍ଷେତ୍ରରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ, ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ଈର୍ଷା ପରାୟଣ ବ୍ୟକ୍ତି ପ୍ରଶଂସାକୁ ସହି ନ ପାରି ଅପପ୍ରଚାର କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି ଓ ବନ୍ଧୁ ମିଳନର ସୁଯୋଗ ପାଇବେ।

**ମୀନ** – ରେବତୀ ନକ୍ଷତ୍ର କାର୍ଯ୍ୟବ୍ୟସ୍ତତାରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ଖାଦ୍ୟପେୟ ଠିକ୍ ନ ରହିବାରୁ ଅଜୀର୍ଣ୍ଣ, ଅମାଶୟ ଦେଖାଦେବାର ଆଶଙ୍କା ରହିଛି। ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡା ଲାଗିପାରେ । ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଆଜି ମାର୍ଚ୍ଚ ୨୦ ତାରିଖ, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ, ରମଜାନ ମାସର ରୋଜା ଶେଷ, ଚୈତ୍ର ଶୁକ୍ଳ ଦ୍ୱିତୀୟା ଶୁକ୍ରବାର। ରାଶିନକ୍ଷତ୍ର–ରେବତୀ/ମୀନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୪ ଗତେ, ଘ.୦୬।୪୨ ମଧ୍ୟେ, ଘ.୦୭।୩୦ ଗତେ, ଘ.୦୮।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୨୪ ଗତେ, ଘ.୧୧।୫୪ ମଧ୍ୟେ ରାହୁ କାଳ।




# ୨୬ ଯାଏ ବର୍ଷା, ୧୯ ଜିଲ୍ଲାକୁ ସତର୍କତା

ଭୁବନେଶ୍ୱର, ୧୯।୩(ବନ୍ଦନା ସେଠୀ)

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ଜାରି ରହିଥିବାବେଳେ ଗତ ୨୪ଘଣ୍ଟାରେ ୧୩ଟି ସ୍ଥାନରେ ବର୍ଷା ହୋଇଛି। କୋରାପୁଟର ବୋରିଗୁମ୍ମାଠାରେ ସର୍ବାଧିକ ୫୭.୪ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ ସମ୍ବଲପୁର କୁଚିଣ୍ଡାଠାରେ ୪୪ ମି.ମି., ନବରଙ୍ଗପୁର ଡାବୁଗାଁଠାରେ ୪୩.୨ ମି.ମି., କୋରାପୁଟ ଲମତାପୁଟଠାରେ ୩୪ ମି.ମି., କଳାହାଣ୍ଡିର କଲମାପୁରରେ ୨୬.୨ ମି.ମି. ବର୍ଷା ହୋଇଛି। ଅନ୍ୟପକ୍ଷରେ ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ ଓ ପାର୍ଶ୍ୱବର୍ତ୍ତୀ ୟାନମ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆଗାମୀ ୭ ଦିନ ଅର୍ଥାତ୍ ୨୬ ତାରିଖ ଯାଏ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାରଠାରୁ ୩ଦିନ ଯାଏ ପ୍ରବଳ ଝଡ଼ପବନ ସହ କୁଆପଥର ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ବିଶେଷକରି ଶୁକ୍ରବାର ରାଜ୍ୟର ୨୫ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡା, ବରଗଡ଼ ଓ ସମ୍ବଲପୁରରେ ବିଜୁଳି ଘଡ଼ଘଡ଼ି ସହ ୫୦ରୁ ୬୦ କି.ମି. ବେଗରେ ଝଡ଼ପବନ ଓ କୁଆପଥର ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ, ସୋନପୁର, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କି.ମି. ବେଗରେ ଝଡ଼ ପବନର ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବିଜୁଳି, ଘଡ଼ଘଡ଼ି ଓ କୁଆପଥର ବର୍ଷା ସମୟରେ ସତର୍କତା ଅବଲମ୍ବନ ସହ ଘରୁ ନ ବାହାରିବା ପାଇଁ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସତର୍କ କରିଛନ୍ତି।

# ଓଡ଼ିଆ ଅସ୍ମିତାର ଅନନ୍ୟ ପରିଚୟ: ଆମ ପଖାଳ, ଆମ ଗୌରବ



ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା କେବଳ ଏକ ଭୌଗୋଳିକ ସୀମା ନୁହେଁ, ଏହା ହେଉଛି ଭାବ ଓ ଭକ୍ତିର ଏକ ପବିତ୍ର ଭୂମି। ଆମ ସଂସ୍କୃତିର ପ୍ରତିଟି ପରମ୍ପରା ପଛରେ ରହିଛି ସରଳତା ଏବଂ ଗଭୀର ବୈଜ୍ଞାନିକ ଦୃଷ୍ଟିକୋଣ। ସେହିପରି ଏକ ଅମୃତ ପରମ୍ପରା ହେଉଛି 'ପଖାଳ'। ଆଜି 'ବିଶ୍ୱ ପଖାଳ ଦିବସ' ଅବସରରେ ମୁଁ ସମସ୍ତ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ଓଡ଼ିଆ ଅସ୍ମିତା ଓ ପରମ୍ପରାର ଏହି ମହାପର୍ବ ପାଇଁ ଅନେକ ଅନେକ ଶୁଭକାମନା ଜଣାଉଛି।

ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ପଖାଳ ଅତି ପ୍ରିୟ। ବିଶ୍ୱର ସର୍ବବୃହତ୍ ରୋଷେଇଶାଳ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ପଖାଳ' ଭୋଗ ଲାଗି ହେବା ଆମ ଜାତି ପାଇଁ ସବୁଠାରୁ ବଡ଼ ଗର୍ବର ବିଷୟ। ଯେଉଁ ଖାଦ୍ୟ ଜଗତର ନାଥଙ୍କୁ ତୃପ୍ତି ଦିଏ, ସେ ପଖାଳ ଆମ ପାଇଁ କେବଳ ଖାଦ୍ୟ ନୁହେଁ, ବରଂ ଏକ ଆଶୀର୍ବାଦ।

ଏକଦା ଗରିବର ଖାଦ୍ୟ ଭାବେ ପରିଚିତ ପଖାଳ ଆଜି ବିଶ୍ୱ ଦରବାରରେ ଏକ 'ସୁପରଫୁଡ୍' ଭାବେ ଉଭା ହୋଇଛି। ଏଥିରେ ଥିବା ପ୍ରାକୃତିକ 'ଲାକ୍ଟୋବାସିଲସ୍' ଭଳି ଉପକାରୀ ବ୍ୟାକ୍ଟେରିଆ ଆମର ପାଚନ ପ୍ରକ୍ରିୟା ଓ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ। ଫର୍ମେଣ୍ଟେଶନ ବା କିଣ୍ୱନ ପ୍ରକ୍ରିୟା ମାଧ୍ୟମରେ ଏହା ଶରୀରକୁ ଥଣ୍ଡା ରଖିବା ସହ ଶକ୍ତି ଓ ପୋଷଣ ପ୍ରଦାନ କରିଥାଏ। ପଖାଳ ସହିତ ଖିଆଯାଉଥିବା ବଡ଼ିଚୂରା, ଶାଗ ଓ ଭଜା ଭଳି ପାରମ୍ପରିକ ପାର୍ଶ୍ୱ ଖାଦ୍ୟ ଏହାକୁ ଏକ ସନ୍ତୁଳିତ ଆହାରରେ ପରିଣତ କରେ।

ଆଜି ପଖାଳର ସୁବାସ ଓଡ଼ିଶାର ଗାଁ ଗହଳିରୁ ବାହାରି ସୁଦୂର ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆରେ ପହଞ୍ଚିଛି। ପ୍ରବାସୀ ଓଡ଼ିଆ ଭାଇଭଉଣୀମାନେ ବିଦେଶ ମାଟିରେ ପଖାଳ ଦିବସ ପାଳନ କରି ଆମ ସଂସ୍କୃତିର ପତାକା ଉଡ଼ାଉଛନ୍ତି। ଜାପାନର 'କୋଜି ରାଇସ୍' କିମ୍ବା କୋରିଆର 'କିମଚି' ଭଳି ପଖାଳ ମଧ୍ୟ ଆଜି ବିଶ୍ୱ ଖାଦ୍ୟ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରିଛି।

ଆମ ସରକାର ଓଡ଼ିଶାର ପାରମ୍ପରିକ ଖାଦ୍ୟ ଏବଂ ପରମ୍ପରାକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ବଦ୍ଧପରିକର। ଏହି ପରିପ୍ରେକ୍ଷୀରେ 'ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି-୨୦୨୬' ମାଧ୍ୟମରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ନୀତି ଅନୁଯାୟୀ, ଓଡ଼ିଶା ବାହାରେ ଯେଉଁମାନେ ଓଡ଼ିଆ ରୋଷେଇ ଏବଂ ପାରମ୍ପରିକ ଖାଦ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ରେଷ୍ଟୁରାଣ୍ଟ ଖୋଲିବେ, ସେମାନଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶେଷ ସବ୍‌ସିଡି ବା ଆର୍ଥିକ ସହାୟତା ପ୍ରଦାନ କରାଯିବ। 'ଓଡ଼ିଶା ପର୍ବ' ମାଧ୍ୟମରେ ଆଜି ଆମର ବରା, ଚକୁଳି, ପିଠା ଏବଂ ବିଶେଷକରି ପଖାଳର ସ୍ୱାଦ ଦେଶ-ବିଦେଶର ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଆମର ଲକ୍ଷ୍ୟ ହେଉଛି, ପଖାଳ କେବଳ ଓଡ଼ିଆ ଘରର କଂସାରେ ସୀମିତ ନ ରହି ବିଶ୍ୱ ଖାଦ୍ୟ ତାଲିକାର ଶୀର୍ଷରେ ରହୁ।

ପଖାଳ ହେଉଛି ଆମ ମାଟିର ସୁବାସ ଏବଂ ଆମ ଜୀବନର ସରଳତା। ଆସନ୍ତୁ, ଆଜି ପଖାଳ ଦିବସରେ ଆମ ପରମ୍ପରାକୁ ପାଥେୟ କରି 'ଓଡ଼ିଆ' ହେବାର ଗର୍ବକୁ ସମଗ୍ର ବିଶ୍ୱରେ ପ୍ରସାରିତ କରିବା। ପରମ୍ପରାକୁ ସମ୍ମାନ ଦେବା ସହ ନିଜ ଜୀବନଶୈଳୀରେ ଏହାକୁ ଆଦରି ନେବା ହିଁ ଶ୍ରେଷ୍ଠ ଓଡ଼ିଆପଣ।

''ମୁଠେ ପଖାଳରେ ତୃପ୍ତ ହୁଏ ଆତ୍ମା,
ଓଡ଼ିଆ ମାଟିର ଏ ଅମୃତ ଗରିମା।''

# ସୁବାସିନୀଙ୍କ ଘର ବାହାରେ ବିଜୁ ମହିଳା ଜନତା ଦଳର ପ୍ରତିବାଦ

ଭୁବନେଶ୍ୱର, ୧୯।୩(ସୁନିତ୍ ମିଶ୍ର)




- ଅର୍ଥ ଲୋଭରେ କ୍ରସ୍ ଭୋଟିଂକରି ସୁବାସିନୀ ବିଶ୍ୱାସଘାତକତା କଲେ: ସ୍ନେହାଙ୍ଗିନୀ
- ଦିଲୀପଙ୍କୁ ବିବେକାନୁମୋଦିତ ଭୋଟ ଦେଇଛି: ସୁବାସିନୀ

ରାଜ୍ୟ ସଭା ନିର୍ବାଚନରେ ହୋଇଥିବା କ୍ରସ୍ ଭୋଟିଂକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। କ୍ରସ୍ ଭୋଟିଂ କରିଥିବା ନେତାମାନଙ୍କୁ ସେମାନଙ୍କ ଦଳ ତରଫରୁ ପ୍ରତିବାଦ କରି ନିନ୍ଦା କରାଯାଉଛି। ସେହି କ୍ରମରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବସ୍ତା ବିଧାୟକ ସୁବାସିନୀ ଜେନାଙ୍କ ବିଜେବିନଗର ସ୍ଥିତ ବାସଭବନ ସମ୍ମୁଖରେ ପ୍ରତିବାଦ କରାଯାଇଥିବା ଦେଖିବାକୁ ମିଳିଛି। ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଶତାଧିକ ମହିଳା ସୁବାସିନୀଙ୍କ ବିରୋଧରେ ନାରାବାଜି କରି ତାଙ୍କ ବାସଭବନ ଆଗରେ ପହଞ୍ଚିବା ସହ କୁଶପୁତ୍ତଳିକା ଦାହ କରିଛନ୍ତି। ଏହି ଅବସରରେ ସ୍ନେହାଙ୍ଗିନୀ କହିଛନ୍ତି, ସୁବାସିନୀ ଗତ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ ଟିକେଟ ପାଇ ବିଧାୟିକା ହୋଇଛନ୍ତି। ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଦଳର ସୁପ୍ରିମୋ ଯାହା ନିର୍ଦ୍ଦେଶ ଦେବେ ତାକୁ ମାନିବେ ବୋଲି କହି ସୁବାସିନୀ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଲେ। ଏହା ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜେଡି ସହ ରହି ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ନବୀନଙ୍କ ସହିତ ବିଶ୍ୱାସଘାତକତା କଲେ। ଏଭଳି ବ୍ୟକ୍ତିଙ୍କୁ ରାଜ୍ୟବାସୀ ନିଶ୍ଚିତ ଉଚିତ ଜବାବ ଦେବେ। ଘୋଡ଼ା ବେପାରରେ ସାମିଲହୋଇ ଅର୍ଥ ଲୋଭରେ ସେ ଯେଉଁ ଦଳ ବିରୋଧୀ କାର୍ଯ୍ୟ କରିଛନ୍ତି, ଯଦି ନୈତିକ ସାହସ ଅଛି ସେ ତୁରନ୍ତ ବିଧାୟିକା ପଦରୁ ଇସ୍ତଫା ଦିଅନ୍ତୁ ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଅନ୍ୟପଟେ ସୁବାସିନୀ ଗୁରୁବାର ଗଣମାଧ୍ୟମକୁ ଆସି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦଳର ଯିଏ ସର୍ବମାନ୍ୟ ନେତା ନବୀନ ପଟ୍ଟନାୟକ ତାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭାରେ ଭୋଟ ଦେଇଛି। ଗୋଟିଏ ଭୋଟ ଯିଏ ଦଳର ପ୍ରାର୍ଥୀ ହୋଇଥିଲେ ସଂତୃପ୍ତ ମିଶ୍ର ତାଙ୍କୁ ଦେଇଛନ୍ତି, ଆଉ ଗୋଟିଏ ଦିଲୀପ ରାୟଙ୍କୁ ଦେଇଛନ୍ତି। ଦିଲୀପଙ୍କୁ ଏଥିଲାଗି ଭୋଟ ଦେଲେ କାରଣ ତାଙ୍କ ନିର୍ବାଚନମଣ୍ଡଳୀ ବସ୍ତାରେ ଗତ ନିର୍ବାଚନରେ ସିଧାସଳଖ କଂଗ୍ରେସ ପ୍ରାର୍ଥୀଙ୍କ ସାଙ୍ଗରେ ଲଢ଼େଇ ହୋଇଥିଲା। ତେଣୁ ତାଙ୍କ କର୍ମୀମାନେ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବା ସହମତି ଦେବେ ନାହିଁ। ସେଥିଲାଗି ସେ ବିବେକାନୁମୋଦିତ ଭୋଟ ଦେଲେ ବୋଲି ସୁବାସିନୀ କହିଛନ୍ତି।

37001/12/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ
ODISHA
INDIA'S BEST KEPT SECRET.



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ପର୍ଯ୍ୟଟନ ଆପଣଙ୍କୁ ପଖାଳ ପରବ - ୨୦୨୬ରେ ଓଡ଼ିଶାର ସମୃଦ୍ଧ ରାନ୍ଧଣା ଐତିହ୍ୟ ପାଳନ କରିବାକୁ ସାଦର ନିମନ୍ତ୍ରଣ କରୁଛି।

ପଖାଳ ପରବ

ଓଡ଼ିଶାର ପ୍ରିୟ ଗ୍ରୀଷ୍ମକାଳୀନ ସ୍ୱାଦିଷ୍ଟ ପଖାଳ ଭାତ ଏବଂ ରାଜ୍ୟର ରାନ୍ଧଣା ଐତିହ୍ୟକୁ ପରିଭାଷିତ କରୁଥିବା ପ୍ରାମାଣିକ ସ୍ୱାଦକୁ ସମ୍ମାନିତ କରି ପଖାଳ ପରବ ପାଳନ କରାଯାଉଛି।

ମୁଖ୍ୟ ଅତିଥି

ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

୨୦ ମାର୍ଚ୍ଚ ୨୦୨୬ | ଦିବା ୧୨:୦୦ ଘଟିକା
ପାନ୍ଥନିବାସ, ଭୁବନେଶ୍ୱର



OIPR-37001/37001/2/25-26/0004

"ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ ।–ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ ଓ ଜମାତୁଲ-ୱିଦା



# ସମ୍ଭାବ୍ୟ ଖାଦ୍ୟ ସଙ୍କଟ



ବ୍ରାମ୍ ଗୋଭାରଟ୍ସ
ଡାଇରେକ୍ଟର ଜେନେରାଲ, ସିଆଇଏମ୍ଏମ୍‌ୱାଇଟି



ଶାରୋନ ବୁର୍କେ
ଚିଫ୍ ଏନ୍‌ଗେଜ୍‌ମେଣ୍ଟ ଅଫିସର, ସିଆଇଏମ୍ଏମ୍‌ୱାଇଟି

ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରିବା ପରଠାରୁ ହର୍ମୁଜ ଷ୍ଟ୍ରେଟ୍‌ରେ ସଙ୍କଟ ଦେଖାଯାଇଛି। ସେହି ସମୁଦ୍ର ପଥ ଦେଇ ପ୍ରତିଦିନ ପାଖାପାଖି ୧୦୦ ଜାହାଜ ଯାଉଥିଲା। ଯୁଦ୍ଧ ଯୋଗୁ ଏବେ ହାତଗଣତି କେତୋଟି ଜାହାଜ ଯାଉଛି। ହର୍ମୁଜ ଷ୍ଟ୍ରେଟ୍ ଏକ ଅଣଓସାରିଆ ସାମୁଦ୍ରିକ ପଥ ହୋଇଥିବାରୁ ଇରାନ୍ ଏବେ ସେଠାରେ ମାଇନ୍ସ ବିଛାଇଛି ଏବଂ ଏହି ପଥ କିଛି ଦିନ କିମ୍ବା ମାସ ମଧ୍ୟରେ ବନ୍ଦ ହୋଇଯିବାର ସମ୍ଭାବନା ଦେଖାଗଲାଣି। ବୈଶ୍ୱିକ ଶକ୍ତି ବଜାରରେ ଆରମ୍ଭରୁ ଝଟକା ଅନୁଭବ ହେଲାଣି। ହେଲେ ଏହି ପଥ ଲମ୍ବା ସମୟ ଧରି ବନ୍ଦ ରହିଲେ ଏକ ବିପଜ୍ଜନକ ପରିଣାମ ସାମ୍ନାକୁ ଆସିପାରେ। ଏହାର ପ୍ରଭାବ ଗ୍ୟାସ୍ ପମ୍ପ୍‌ରେ ପଡ଼ିବ ନାହିଁ ବରଂ ଡାଇନିଂ ଟେବ୍‌ଲରେ ଅନୁଭୂତ ହେବ। ହର୍ମୁଜ ଷ୍ଟ୍ରେଟ୍ କେବଳ ତେଲ କିମ୍ବା ଗ୍ୟାସ୍‌ର ନୁହେଁ ବରଂ ଏହା ବିଶ୍ୱ ଖାଦ୍ୟ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥ। ଗହମ, ମକା, ଚାଉଳ, ସୋୟାବିନ, ଚିନି ଏବଂ ପ୍ରାଣୀ ଖାଦ୍ୟ ଏହି ସାମୁଦ୍ରିକ ପଥ ଦେଇ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଯାଇଥାଏ ଏବଂ ରାସାୟନିକ ସାର ଓ ଇନ୍ଧନ ବାହାର ଦେଶକୁ ରପ୍ତାନି ହୋଇଥାଏ।

ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଆମଦାନୀ ଖାଦ୍ୟ ଉପରେ ନିର୍ଭରଶୀଳ। ଖାଦ୍ୟଶସ୍ୟ, ଚାଉଳ, ପ୍ରାଣୀ ଖାଦ୍ୟ ଏବଂ ଖାଇବା ତେଲ ପାଇଁ ସେମାନେ ଜଳପଥ ଉପରେ ନିର୍ଭର କରନ୍ତି, ଯାହା ବିଦେଶରୁ ଜାହାଜରେ ସେମାନଙ୍କ ଦେଶକୁ ଆସିଥାଏ। ତେବେ ବିଗତ କିଛି ବର୍ଷ ହେଲା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ସେମାନଙ୍କ ଖାଦ୍ୟ ବ୍ୟବସ୍ଥାକୁ ଦୃଢ଼ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସେମାନେ ଖାଦ୍ୟ ଭଣ୍ଡାର ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବା ସହ ଦେଶରେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ କରିଛନ୍ତି। ସେମାନେ ମଧ୍ୟ ବିକଳ୍ପ ସାମୁଦ୍ରିକ ପଥ ସନ୍ଧାନ କରିଛନ୍ତି। ହର୍ମୁଜ ଷ୍ଟ୍ରେଟ୍‌କୁ ଛାଡ଼ି ସ୍ଥଳପଥରେ ଯାନରେ କିମ୍ବା ବନ୍ଦର ବାଟ ଦେଇ (ଯଥା ସାଉଦି ଆରବର ଜେଧା ଇସ୍‌ଲାମିକ ପୋର୍ଟରେ) ଲୋହିତ ସାଗରରେ ଯିବାର ପଥ ରହିଛି।

ଏହିସବୁ ପଦକ୍ଷେପ ଭରସାଯୋଗ୍ୟ ହେଲେ ମଧ୍ୟ ପର୍ସିଆନ ଗଲ୍ଫ ଯଦି ଦୀର୍ଘଦିନ ଧରି ବନ୍ଦ ରହେ, ତେବେ କ୍ଷତିଭରଣା କରାଯାଇପାରିବ ନାହିଁ। ହର୍ମୁଜ ଷ୍ଟ୍ରେଟ୍ ଦେଇ ଆସୁଥିବା ପାଖାପାଖି ୭୦% ଖାଦ୍ୟ ବାହାରିନ୍, କୁଏଟ୍, କାତାର, ସଂଯୁକ୍ତ ଆରବ ସଂଘ, ସାଉଦିଆରବ ଏବଂ ଇରାକର ଲୋକେ ଖାଇଥା'ନ୍ତି। ତେବେ ଖାଦ୍ୟ ଆମଦାନୀଜନିତ ସଙ୍କଟ ଦୂର କରିବାକୁ ହେଲେ ଏଫ୍ଏଓଏସ୍‌ଟିଏଟି ତଥ୍ୟ ଅନୁଯାୟୀ, ପାଖାପାଖି ୧୦୦ ମିଲିୟନ ଲୋକ ରହୁଥିବା ଏହିସବୁ



ଦେଶରେ ପ୍ରତିଦିନ ପ୍ରାୟ ୧୯୧.୩ ମିଲିୟନ ପାଉଣ୍ଡ ଖାଦ୍ୟ ଦରକାର। ଏଭଳି ଏକ ଅବରୋଧ ମଧ୍ୟରେ ମଧ୍ୟପ୍ରାଚ୍ୟକୁ ଖାଦ୍ୟ ଯୋଗାଇବା ଲାଗି ପ୍ରତିବନ୍ଧିତ ବାୟୁମାର୍ଗରେ ଏକ ନିଆରା ମାନବୀୟ ଅଭିଯାନ ଆବଶ୍ୟକ ହୋଇପାରେ। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ, ୨୦୨୪ରେ ୭୧ ଦେଶରେ ୮୧ ମିଲିୟନ ଲୋକଙ୍କୁ ପ୍ରତିଦିନ ହାରାହାରି ୧୫ ମିଲିୟନ ପାଉଣ୍ଡ ଖାଦ୍ୟ ଜାତିସଂଘର ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଯୋଗାଇ ଦେଇଥିଲା। ସବୁଦିଗରୁ ସମ୍ପୂର୍ଣ୍ଣ ଭାବେ ଅବରୋଧ ଜାରି ରହିଲେ ଇରାନ୍ ଏହାର ପଡ଼ୋଶୀ ଆରବ ଦେଶଗୁଡ଼ିକ ତୁଳନାରେ ଅଧିକ କ୍ଷତିଗ୍ରସ୍ତ ହେବ। ସାମୁଦ୍ରିକ ବାଣିଜ୍ୟ ବାଧାପ୍ରାପ୍ତ ହେଲେ ତାହା ଇରାନ୍‌ର ଶକ୍ତି ରପ୍ତାନିକୁ ସୀମିତ କରିବା ସହ ଆମଦାନୀ ଖାଦ୍ୟଶସ୍ୟ ଦର ବୃଦ୍ଧି ପାଇବ। ପୂର୍ବରୁ ମୌଳିକ ଆବଶ୍ୟକତାକୁ ନେଇ ଇରାନୀୟମାନେ ସମସ୍ୟାର ସମ୍ମୁଖୀନ ହୋଇ ସାରିଛନ୍ତି, ଯାହାକୁ ନେଇ ଚଳିତବର୍ଷ ପ୍ରାରମ୍ଭରେ ଗଣ ଆନ୍ଦୋଳନ ଦେଖାଯାଇଥିଲା।

ଖାଦ୍ୟ ମୂଲ୍ୟ ବୃଦ୍ଧି ଓ ଅଭାବ ଯୋଗୁ ରାଜନୈତିକ ଅସ୍ଥିରତା ଦେଖାଯାଇଥିବା ଇତିହାସରୁ ଜଣାଯାଏ। ୨୦୦୮ରେ ଏନର୍ଜି (ଶକ୍ତି) ଏବଂ ରାସାୟନିକ ସାର ମୂଲ୍ୟ ବୃଦ୍ଧି ସହ ଗମ୍ଭୀର ପାଣିପାଗ ସ୍ଥିତି ଓ ଯୋଜନାରେ ବିଫଳତା ଯୋଗୁ ଖାଦ୍ୟଶସ୍ୟର ମୂଲ୍ୟ ପାଖାପାଖି ଦୁଇଗୁଣ ବୃଦ୍ଧି ଘଟିଥିଲା, ଯାହାକୁ ନେଇ ଅନେକ ଦେଶରେ ଆନ୍ଦୋଳନ ଓ ହିଂସା ଦେଖାଯାଇଥିଲା। କିଛି ବର୍ଷ ପରେ, ୨୦୧୦ ଓ ୨୦୧୧ରେ ରୁଷିଆରେ ଭୟଙ୍କର ମରୁଡ଼ି ଓ ଗ୍ରୀଷ୍ମପ୍ରବାହରେ ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇଥିଲା। ଫଳରେ ବିଶ୍ୱରେ ଖାଦ୍ୟ ମୂଲ୍ୟ ସବୁଠୁ ଅଧିକ ବୃଦ୍ଧି ହେବା ସହ ଏହାକୁ କେନ୍ଦ୍ରକରି ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକାରେ ସରକାର ବିରୋଧୀ ଆନ୍ଦୋଳନ ହୋଇଥିଲା।

୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ବିଶ୍ୱରେ ଖାଦ୍ୟଶସ୍ୟ, ରାସାୟନିକ ସାର ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ଘଟି ଖାଦ୍ୟ ଅସୁରକ୍ଷା ବଢ଼ିଯାଇଛି। ଗୋଟିଏ ପକ୍ଷରେ ଜଳବାୟୁ ବିପର୍ଯ୍ୟୟ ଓ ମହାମାରୀ ପ୍ରଭାବ ଯୋଗୁ ବିଶ୍ୱ ଖାଦ୍ୟ ବ୍ୟବସ୍ଥା ଅଧିକ ଚାପରେ ରହିଛି। ଅନ୍ୟପଟେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରଠାରୁ ବିଶ୍ୱରେ ହିଂସାତ୍ମକ ସଂଘର୍ଷ ଅଧିକ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଭବିଷ୍ୟତରେ ହର୍ମୁଜ ଷ୍ଟ୍ରେଟ୍ ଅବରୋଧ ହେଲେ ତାହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ ବରଂ ବାହାର ଦେଶଗୁଡ଼ିକରେ ଅନୁଭୂତ ହେବ। ଦକ୍ଷିଣ ଏସିଆରୁ ଆରମ୍ଭ କରି ସାହାରା ମରୁଭୂମି, ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ ଏବଂ ଏପରିକି ୟୁରୋପଠାରୁ ଆରମ୍ଭ କରି ଆମେରିକାଯାଏ ସାରା ବିଶ୍ୱରେ କୃଷକମାନେ ସ୍ଥାୟୀ ଭାବେ ରାସାୟନିକ ସାର ଓ ଇନ୍ଧନ ଉପରେ ନିର୍ଭର କରନ୍ତି। ଆଧୁନିକ କୃଷିରେ ଅଧିକ ଶସ୍ୟ ଉତ୍ପାଦନ ସକାଶେ ଆବଶ୍ୟକ ଯବକ୍ଷାରଯାନ ସାର ପ୍ରସ୍ତୁତିର ମୁଖ୍ୟ ଉପାଦାନ ହେଉଛି ପ୍ରାକୃତିକ ଗ୍ୟାସ୍। ଏକ ଆକଳନରୁ ଜଣାଯାଏ ଯେ, ହର୍ମୁଜ ଷ୍ଟ୍ରେଟ୍ ଦେଇ ବୈଶ୍ୱିକ ଯବକ୍ଷାରଜାନ ସାର ବାଣିଜ୍ୟର ୩୦-୪୦% ଯାଇଥାଏ।

ସାର ମୂଲ୍ୟ ବୃଦ୍ଧି ହେଲେ କୃଷକମାନେ କମ୍ ଫସଲ କରିବେ ଓ କମ୍ ସାର ପ୍ରୟୋଗ କରିବେ। ଫଳରେ ଉତ୍ପାଦନ ହ୍ରାସ ପାଇବ ଏବଂ ତାହାର ପ୍ରଭାବ ଖାଦ୍ୟ ବ୍ୟବସ୍ଥା ଉପରେ ପଡ଼ିବ। କୃଷକ ଏବଂ ପରିବହନରେ ଜଡ଼ିତ ଚାଳକଙ୍କଠାରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାରେ ଜଡ଼ିତ ବ୍ୟକ୍ତି ପ୍ରଭାବିତ ହେବେ। ଯୋଗାଣ ଶୃଙ୍ଖଳ କ୍ଷତିଗ୍ରସ୍ତ ହେବ। ଜାହାଜରେ ଖାଦ୍ୟ, ଇନ୍ଧନ ଏବଂ ସାର ପରିବହନ ବାଧାପ୍ରାପ୍ତ ହେବା ଯୋଗୁ କିଛି ସପ୍ତାହ କିମ୍ବା ମାସ ମଧ୍ୟରେ ଏଗୁଡ଼ିକର ମୂଲ୍ୟ ବୃଦ୍ଧି ହୋଇପାରେ। ଏହାସହ ଜଳସଙ୍କଟ ଦେଖାଦେବାର ସମ୍ଭାବନା ଅଧିକ। ଯୁଦ୍ଧ କାରଣରୁ ଯଦି ମଧ୍ୟପ୍ରାଚ୍ୟର ପାଣି ଦୂଷିତ ହୁଏ କିମ୍ବା ଡିଷ୍ଟିଲେଶନ ପ୍ଲାଣ୍ଟଗୁଡ଼ିକ ଅଚଳ ହୋଇଯାଏ, ତେବେ ଏହାର ପରିଣାମ ଭୟଙ୍କର ହୋଇଯିବ। ଗମ୍ଭୀର ଜଳାଭାବର ସମ୍ମୁଖୀନ ହେଉଥିବା ବାହାରିନ୍ ଓ ଇରାନ୍ ଗତ ସପ୍ତାହରେ ଜଣାଇଥିଲେ ଯେ, ସେମାନଙ୍କ ଡିଷ୍ଟିଲେଶନ ପ୍ଲାଣ୍ଟଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି। ଯଦି ଲଗାତର ଏଭଳି ଆକ୍ରମଣ ଜାରି ରହେ, ତେବେ ପ୍ଲାଣ୍ଟଗୁଡ଼ିକ ନଷ୍ଟ ହେବ ଏବଂ ଜଳ ଯୋଗାଣ ବ୍ୟବସ୍ଥା ଦୂଷିତ ହୋଇ ଅନେକ ଲକ୍ଷ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଏହାକୁ ଯୁଦ୍ଧ ଅପରାଧ ଭାବେ ବିଚାର କରାଯିବ। ଯୁଦ୍ଧ ଭିତରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ମରାମତି କରାଯାଇପାରେ ବୋଲି ୟୁକ୍ରେନ୍ ଦର୍ଶାଇଥିଲେ ମଧ୍ୟ ଡିଷ୍ଟିଲେଶନ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ ହୋଇଥିବାରୁ ଏହାକୁ ଶୀଘ୍ର ସଜାଡ଼ିବା ଲାଗି ଖୁବ୍ କମ୍ ବିକଳ୍ପ ରହିଛି।

ଅନେକ ଦଶନ୍ଧି ଧରି ମଧ୍ୟପ୍ରାଚ୍ୟରେ ଅନ୍ତର୍ଜାତୀୟ ସୁରକ୍ଷା ପଦକ୍ଷେପଗୁଡ଼ିକ ଗଣ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରର ପ୍ରସାର ରୋକିବା ଉପରେ ଗୁରୁତ୍ୱ ଦେଇଛି। ତେବେ ସମୁଦ୍ରରେ ମାଇନ୍ସ ହେଉ କିମ୍ବା ସ୍ଥାୟୀ ଯୁଦ୍ଧ ଯୋଗୁ ହର୍ମୁଜ ଷ୍ଟ୍ରେଟ୍ ବନ୍ଦ ହୋଇଗଲେ ତାହା ବୈଶ୍ୱିକ ଖାଦ୍ୟ ଓ ଶକ୍ତି ବ୍ୟବସ୍ଥାରେ ବାଧା ସୃଷ୍ଟି କରିବ। ଏହାସହ ଜଳସଙ୍କଟ ସୃଷ୍ଟି କରି ନାଗରିକଙ୍କର ବ୍ୟାପକ କ୍ଷତି ଘଟାଇବ। ଯୁଦ୍ଧରେ ଜଡ଼ିତ ସମସ୍ତ ପକ୍ଷ ସହିତ ଅନ୍ତର୍ଜାତୀୟ ସମୁଦାୟ ମିଳିତ ଭାବେ ଏଭଳି ପରିଣାମ ଦୂର କରିବା ସକାଶେ ସବୁ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବା ଉଚିତ। ଏହି ସମୟରେ ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥା ବିପଜ୍ଜନକ ସ୍ଥିତିରେ ରହିଛି ଏବଂ ଏହା ଏକ ସତର୍କ ଘଣ୍ଟି ବୋଲି ବିଚାର କରିବାକୁ ପଡ଼ିବ। ଅନେକ ଲକ୍ଷ ଲୋକଙ୍କର ମାନବୀୟ ଅଧୋଗତି ହେବା ପୂର୍ବରୁ ନୀତି ନିର୍ଦ୍ଧାରକମାନେ ଖାଦ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ସକାଶେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

# ସରଳ ଓ ଜଟିଳତାର ଭାଗମାପ



ସଚ୍ଚିଦାନନ୍ଦ ଦାଶ

ସାଧାରଣତଃ ଆମେ ଲୋକଙ୍କଠାରୁ ଏପରି ଶୁଣିବାକୁ ପାଉ ଯଥା ''ଆମ ସାଇର ରାମବାବୁ ଖୁବ୍ ସରଳ, ସିଧାସାଦା ଲୋକ। ତାଙ୍କ ପୁଅ ରମେଶ ମଧ୍ୟ ଠିକ୍ ତାଙ୍କ ପରି''। ସେହିପରି ବିଦ୍ୟାଳୟ ହେଉ ଅବା କାର୍ଯ୍ୟାଳୟ, ଠିକ୍ ଏପ୍ରକାରର ସରଳ ଲୋକ ବାରି ହୋଇପଡ଼ନ୍ତି। ଦେଖାଯାଏ, ସ୍କୁଲରେ ପିଲାଟିଏ ଅନ୍ୟ ଗୋଟିଏ ସାଙ୍ଗଠାରୁ ମାଡ଼ଖାଇ ଘରକୁ ପଳେଇ ଆସିବ, ବରଂ ତା' ବିରୋଧରେ କିଛି କହିବ ନାହିଁ କି ଶ୍ରେଣୀ ଶିକ୍ଷକଙ୍କୁ ଏ ବାବଦରେ ଗୁହାରି କରେ ନାହିଁ। କଲେଜ ପରୀକ୍ଷାରେ ସମସ୍ତେ କପି କରି ଉତ୍ତର ଲେଖି ଯାଉଥିବେ, ମାତ୍ର ଏମିତି କିଛି ସରଳତାସମ୍ପନ୍ନ କିଶୋର ଅଛନ୍ତି, ସେମାନେ କପି କରିବାକୁ ଭୟ କରିବେ। ତା' ଛଡ଼ା ସରଳ ଲୋକମାନେ ଯଦିଓ ଭୟାଳୁ ହୋଇଥାନ୍ତି, ମାତ୍ର ସୁବିଧାବାଦୀ ହୋଇ ନ ଥା'ନ୍ତି। ଉପରୋକ୍ତ ଉଦାହରଣରୁ ଆମେ ଅନୁମାନ କରିପାରୁ ଯେ, କିଛି ନ କହି ନୀରବତା ରକ୍ଷା କଲେ, ସେ ଲୋକକୁ ସରଳ ବୋଲି କୁହାଯିବ। ନା, ତା' ନୁହେଁ। ସରଳତା ସହିତ ଆଉ କିଛି ଉପାଦେୟ ତଥ୍ୟ ଅଛି। କେହି କେହି ଏମାନଙ୍କୁ ନିୟମ ଉପରେ ଆଧାରିତ ନୀତିବାନ ଲୋକ ଭାବେ ଅଭିହିତ କରିଥା'ନ୍ତି। ଆଉ ଏକ ପ୍ରକାର ସରଳ ଲୋକ ଅଛନ୍ତି, ଯେଉଁମାନେ ନିଜକୁ ନ୍ୟୂନ ଭାବିଥାନ୍ତି। ସେମାନେ ନିଜକୁ ଧୈର୍ଯ୍ୟହରା, ଭୀରୁ, ନିକମା ଇତ୍ୟାଦି ଭାବି ନେଇଥାନ୍ତି। ବେଳେ ବେଳେ ନିଜର ବୁଦ୍ଧି ଓ ବିବେକକୁ ଅସ୍ୱୀକାର କରିବାକୁ ପଛାନ୍ତି ନାହିଁ। ଏପରି ନିଜକୁ ଭାବିବା ପ୍ରକୃତ ସରଳତା ନୁହେଁ, ବରଂ ଏହା ଏକ ଆତ୍ମ ଅବମୂଲ୍ୟାୟନ। ଏତାଦୃଶ କାର୍ଯ୍ୟକଳାପ ଆମମାନଙ୍କୁ ଉନ୍ନତିର ପଥରୁ ଦୂରେଇ ରଖେ। ଜୀବନକୁ ବ୍ୟର୍ଥ ଓ ଅର୍ଥହୀନ କରିଦିଏ। ଏହିପରି ସ୍ଥିତିରେ ପରିବାର, ସମାଜ ଓ ସାଙ୍ଗସାଥୀମାନେ ସରଳଲୋକଟିକୁ କହିଚାଲିବେ। ''ତୁଟା ବୋକା, ସରଳିଆଟା, ତୁ ସେ ଅମୁକ ଭଳିଆ ନୁହଁ, ତୋ ଦ୍ୱାରା କିଛି ହୋଇପାରିବ ନାହିଁ ଇତ୍ୟାଦି''। ଏହାଦ୍ୱାରା ସରଳଲୋକଟି ଆତ୍ମବିଶ୍ୱାସ ହରେଇ ବସେ ଏବଂ ଲୋକଟି ନିଜକୁ ଅଯୋଗ୍ୟ ବୋଲି ଭାବିନିଏ।

ସରଳତାର ଠିକ୍ ବିପରୀତରେ ଅଛି ଜଟିଳତା। କେତେଜଣ ଲୋକ ଅଛନ୍ତି, ଅତି କୁଟିଳ ମନୋବୃତ୍ତିର। ସେମାନେ ନିଜକୁ ବା ନିଜର ମନ୍ତବ୍ୟକୁ ଠିକ୍ ଭାବେ ପରିପ୍ରକାଶ କରିପାରନ୍ତି ନାହିଁ। ସବୁକିଛି ନକାରାତ୍ମକ ଚିନ୍ତାଧାରା ରଖିଥାନ୍ତି। କାର୍ଯ୍ୟକ୍ଷେତ୍ରରେ ସବୁ ଓଲଟପାଲଟ୍ କରିଦେଇଥାନ୍ତି। ଏ ପ୍ରକାର ଲୋକ ଜଟିଳତାର ବଶବର୍ତ୍ତୀ ହୋଇଥାନ୍ତି। ଚରିତ୍ର ଓ ବ୍ୟକ୍ତିତ୍ୱର ସଂରକ୍ଷଣ ସେମାନଙ୍କ ପାଖରେ ଫିକା ପଡ଼ିଯାଏ ଏବଂ ଜଟିଳତାକୁ ମନରେ ବାନ୍ଧିରଖି ଅନ୍ୟର କ୍ଷତିକରିବାକୁ ପଛାନ୍ତି ନାହିଁ। ଜଟିଳ ପ୍ରକୃତିର ଲୋକ ଅନ୍ୟଜଣେ ଭଲ ମଣିଷକୁ ଖାଲରେ ପକାଇ ନିଜେ ଖସି ହେବାର ଉପାୟ ମନରେ ପାଞ୍ଚୁଥାଏ ଏବଂ ନିଜ ଦୋଷ ଦୁର୍ବଳତାକୁ ସବୁବେଳେ ଘୋଡ଼ାଇ ରଖିବାକୁ ଚେଷ୍ଟା କରେ। ଏ ପ୍ରକାର ଲୋକଙ୍କ ସମ୍ବନ୍ଧରେ ସାଇ ପଡ଼ିଶାରେ କହିବୁଲନ୍ତି – ''ସେ ଲୋକଟା ପ୍ରଚଣ୍ଡ କୂଟନୀତିପ୍ରବଣ। ତା' ପେଟରୁ ପଦେ ହେଲେ ସତ କଥା ବାହାରିବନି ?'' ଏ ସମାଜ ବା ଜାତିର କଥା ଚିନ୍ତାକଲେ, ଏପରି ହୃଦ୍‌ବୋଧ ହୁଏ ଯେ, ଜଟିଳତାସମ୍ପନ୍ନ ଲୋକମାନେ ଦେଶ ପାଇଁ କ୍ଷତିକାରକ। ଏମାନେ ବାହାରକୁ ଚାକଚକ୍ୟ ଥାନ୍ତି, ମାତ୍ର ଅନ୍ତରରେ ହୀନମନ୍ୟତା ଓ ଖଳ ପ୍ରବୃତ୍ତିର ହୋଇଥାନ୍ତି। ଜଟିଳ ଲୋକମାନେ ଖୋଲା ହୃଦୟରେ ହସି କଥା ହୁଅନ୍ତି ନାହିଁ।

ସରଳତା ଓ ଜଟିଳତା ଗୁଣ ଭିନ୍ନ ଭିନ୍ନ ଭାବେ ମଣିଷଠାରେ ଦେଖାଗଲେ, ତାହା ମଣିଷ ପ୍ରତି ହାନିକାରକ ହୋଇଥାଏ। ତେଣୁ ଆମମାନଙ୍କୁ ଦୈନନ୍ଦିନ ଜୀବନରେ ସରଳତା ଓ ଜଟିଳତାର ସନ୍ତୁଳନକୁ ରକ୍ଷା କରିବାକୁ ପଡ଼ିବ। ଆଜିର ଯୁଗରେ ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଓ ଆତ୍ମସଂଯମତା ରକ୍ଷା କରିବା ପାଇଁ ଏ ମଣିଷକୁ ସରଳ ସଙ୍ଗେ ଜଟିଳ ହେବାକୁ ପଡ଼ିବ। ଏକ ପ୍ରବାଦ ଅଛି – ସରଳ ହୁଅ, ମାତ୍ର ବୋକାଭାବେ ସରଳ ହୁଅନାହିଁ। ବେଳେ ବେଳେ କର୍ମସ୍ଥଳୀ ବା ଯେକୌଣସି ଆନୁଷ୍ଠାନିକ କାର୍ଯ୍ୟରେ କିଛି ନକାରାତ୍ମକ ଲୋକ ଭୁଲ୍ ଲୋକର ସରଳତାର ଫାଇଦା ଉଠାଇ ନିଅନ୍ତି। ଏପରି କ୍ଷେତ୍ରରେ ଭଲ ଲୋକ ଜଟିଳତାକୁ ଆପଣେଇବାର ଆବଶ୍ୟକତା ଅଛି। ଠିକ୍ ସେହିପରି ମଣିଷକୁ ସରଳ ହେବାର ଆବଶ୍ୟକତା ରହିଛି। ଦୈନନ୍ଦିନ ଜୀବନରେ ସରଳ ବ୍ୟବହାର ପ୍ରଦର୍ଶନ ଗ୍ରହଣୀୟ। ଆମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କଠାରୁ ଶିକ୍ଷାଲାଭ କରିଛେ। 'ସିମ୍ପୁଲ ଲିଭିଂ, ହାଇ ଥିଙ୍କିଙ୍ଗ୍'। ସରଳ ଭାବନାରେ ଉଚ୍ଚ ବିଚାର ଶକ୍ତିଥାଏ। ସରଳ ଲୋକ ମନରେ ଉଚ୍ଚ ଆକାଂକ୍ଷା ଓ ଆଶା ଜନ୍ମିତ ହେବାର ପରିଲକ୍ଷିତ ହୁଏ। ସରଳ ମନୋଭାବର ଲୋକ ବିଶ୍ୱାସୀ ଏବଂ ମାନସିକ ସ୍ତରରେ କର୍ମଠ ହୋଇଥାନ୍ତି।

ସଡିଏ, କଟକ
ମୋ : ୭୦୦୮୬୫୦୬୯୩

## ଏଇ ଭାରତରେ

କୃଷି ସାମ୍ବାଦିକତା ଜୀବନରେ କୃଷି ଓ କୃଷକଙ୍କ ସମସ୍ୟା ସମ୍ପର୍କରେ ଅନେକ କିଛି ଜାଣିବା ପରେ ସେହି ବୃତ୍ତିରୁ ଓହରି ଆସି ଏବେ ଏମ୍.ଜେ. ପ୍ରବୁ ପାରମ୍ପରିକ ଧାନ ଚାଷ ପାଇଁ କୃଷକଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସେ ସିଡ୍ ବ୍ୟାଙ୍କ ମାଧ୍ୟମରେ ବିଲୁପ୍ତ ହୋଇଯାଉଥିବା ପାରମ୍ପରିକ ଧାନ ଚାଷରେ ପାଖାପାଖି ୮୦୦ କୃଷକଙ୍କୁ ସହାୟତା କରିସାରିଲେଣି। ୨୦୧୪ରେ ସେ ଗ୍ରୀନ୍ କଜ୍ ଫାଉଣ୍ଡେଶନ ପ୍ରତିଷ୍ଠା କରିବା ପରେ ୨୦୧୭ରେ ବାୟୋଡାଇଭର୍ସିଟି ଇଣ୍ଟରନ୍ୟାଶନାଲ ସହଭାଗିତାରେ ତାମିଲନାଡୁର ଛେଙ୍ଗାଲପାଟ୍ଟୁ ଜିଲାରେ କମ୍ୟୁନିଟି ସିଡ୍ ବ୍ୟାଙ୍କ ଖୋଲିବା ଆରମ୍ଭ କରିଥିଲେ। ସିଡ୍‌ବ୍ୟାଙ୍କରୁ ଜଣେ ଚାଷୀ ୨ କେ.ଜି. ବିହନ ନେଇ ଅମଳ ପରେ ୪ କେଜି ବିହନ ଦେଉଛନ୍ତି। ସିଡ୍‌ବ୍ୟାଙ୍କ ବଞ୍ଚିରହିବା ଲାଗି ଏଭଳି ଉପାୟ କରାଯାଇଛି। ବିନା ଚୁକ୍ତି ଅର୍ଥାତ୍ କେବଳ ବିଶ୍ୱାସରେ କୃଷକଙ୍କୁ ପାରମ୍ପରିକ ଧାନ ବିହନ ଦିଆଯାଉଛି। ଏବେ ଜିଲାରେ ନଅଟି କମ୍ୟୁନିଟି ସିଡ୍ ବ୍ୟାଙ୍କ ଚାଲିଛି ଓ ସେଠାରୁ ଚାଷୀମାନେ ୧୩ଟି କିସମର ଧାନ ବିହନ ନେଇ ଚାଷ କରୁଛନ୍ତି। ଏହିସବୁ ଧାନରେ କମ୍ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉଛି। ଏପରି କି ଏସବୁ ଅତ୍ୟଧିକ ବର୍ଷାରେ ମଧ୍ୟ ନଷ୍ଟ ହେଉନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୦ ମାର୍ଚ୍ଚ ୧୯୭୭

- ଆଫଗାନିସ୍ତାନର ରାଷ୍ଟ୍ରପତି ମହମ୍ମଦ ଦାଉଦ୍ କାବୁଲରେ ଏକ ନୂତନ ବେସାମରିକ ସରକାର ଗଠନ କରିଛନ୍ତି ବୋଲି କୂଟନୈତିକ ସୂତ୍ରରୁ ଜଣାଯାଇଛି।
- ପୂର୍ବ ଜର୍ମାନୀର ମାଗଜିବର୍ଗଠାରେ ଏକ ଆୟୁର୍ବେଦିକ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 7 | | | | 4 |
| | | | 4 | | | | | 2 |
| | 8 | | | | | 6 | | |
| | 3 | 2 | | | 1 | | | |
| | 5 | 7 | | | | | | 3 |
| | 6 | | 8 | | | | | 1 |
| | | | 9 | 6 | | 7 | | |
| 2 | | | | 4 | | 3 | | 6 |
| | | 5 | | 8 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 7 | 4 | 5 | 9 | 6 | 2 |
| 4 | 9 | 6 | 1 | 8 | 2 | 7 | 5 | 3 |
| 7 | 5 | 2 | 3 | 6 | 9 | 8 | 4 | 1 |
| 2 | 8 | 3 | 6 | 5 | 4 | 1 | 9 | 7 |
| 9 | 4 | 7 | 8 | 1 | 3 | 6 | 2 | 5 |
| 1 | 6 | 5 | 2 | 9 | 7 | 4 | 3 | 8 |
| 8 | 7 | 4 | 5 | 3 | 6 | 2 | 1 | 9 |
| 5 | 2 | 9 | 4 | 7 | 1 | 3 | 8 | 6 |
| 6 | 3 | 1 | 9 | 2 | 8 | 5 | 7 | 4 |

ଗତକାଲିର ଉତ୍ତର

# ବିଷ ବଳୟର ଧାରା



ଅସିତ୍ ମହାନ୍ତି

ବ୍ରିଟିଶ ଜୀବବିଜ୍ଞାନୀ ତଥା ରିଭର ମନଷ୍ଟର୍ସ ଉପସ୍ଥାପକ ଜେରେମି ୱେଡ୍ ରହସ୍ୟମୟ ମିଠାପାଣି ପ୍ରାଣୀଙ୍କୁ ଖୋଜିବାରେ ପ୍ରସିଦ୍ଧ। ତାଙ୍କର ଯାତ୍ରା କେବଳ ମାଛ ଧରିବା ନୁହେଁ, ପ୍ରକୃତି ଓ ମାନବ ସମାଜର ସମ୍ପର୍କକୁ ବୁଝିବାରେ କେନ୍ଦ୍ରିତ। ଭାରତରେ ଗଙ୍ଗା ପରିଦର୍ଶନ ସମୟରେ ସେ ନଦୀକୁ କେବଳ ଧାର୍ମିକ ପ୍ରତୀକ ଭାବେ ନୁହେଁ, ବରଂ ପ୍ରଦୂଷଣ ଓ ମାନବୀୟ ଅବହେଳାରେ ଜଡ଼ିତ ଏକ କାହାଣୀ ଭାବେ ଦେଖିଥିଲେ।

ବହୁଳ ଭାବରେ ଚର୍ଚ୍ଚିତ ଭିଡିଓରେ ଜେରେମି ୱେଡ୍ ଗଙ୍ଗାନଦୀର ଜଳ ପରୀକ୍ଷା କରିଥିଲେ ଏବଂ ଏହାକୁ ଫେକଲ କୋଲିଫର୍ମ ଜୀବାଣୁ ଦ୍ୱାରା ପ୍ରଦୂଷିତ ବୋଲି ପାଇଥିଲେ, ଯାହା ମାନବ ମଳର ଉପସ୍ଥିତିକୁ ସୂଚିତ କରିଥିଲା। ତାଙ୍କର ସରଳ ରାସାୟନିକ ପରୀକ୍ଷା ଆଶାକରାଯାଇଥିବା ପରିଷ୍କାର ଫଳାଫଳ ବଦଳରେ ହାଲୁକା ବାଦାମୀ ରଙ୍ଗ ଦେଖାଇଥିଲା, ଯାହା ଗୁରୁତର ପ୍ରଦୂଷଣ ସ୍ତରକୁ ଉଜାଗର କରିଥିଲା। ୱେଡ୍‌ଙ୍କ ପରୀକ୍ଷା, ବିଶେଷକରି କାନପୁର ଆଖପାଖ ଅଞ୍ଚଳରେ ମଳ ପ୍ରଦୂଷଣର ଉଚ୍ଚ ସ୍ତର ସୂଚାଇଥିଲା। କିଛି ରିପୋର୍ଟରେ ମଳ କୋଲିଫର୍ମ ସଂଖ୍ୟା ଉଚ୍ଚ ବୋଲି ଉଲ୍ଲେଖ କରାଯାଇଥିଲା, ଯାହା ଏକ ସମ୍ଭାବ୍ୟ ଜନସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତିକୁ ଇଙ୍ଗିତ କରିଥିଲା। ସାଧାରଣତଃ ପାନୀୟ ଜଳରେ ଫେକଲ କୋଲିଫର୍ମର ପରିମାଣ ୦ ହେବା ଉଚିତ ଏବଂ ଯଦି ଏହା ୫୦୦ରୁ କମ୍ ଥାଏ ତେବେ ଏଥିରେ ପହଁରିପାରିବେ, କିନ୍ତୁ ଗଙ୍ଗାରେ ଏହାର ପରିମାଣ ୮୨,୦୦୦ ମିଳିଥିଲା। ଏହାର ଅର୍ଥ ହେଉଛି ଏଥିରେ ପହଁରିବା ଭୁଲିଯାଆନ୍ତୁ, ଏହାକୁ ଛୁଇଁବା ମଧ୍ୟ ନିଷେଧ। ପ୍ରକୃତରେ, ଯେତେବେଳେ ଜେରେମି ଗଙ୍ଗା ନଦୀରେ ତାଙ୍କର ରିମୋଟ କଣ୍ଟ୍ରୋଲ ସବ୍‌ମେରାଇନକୁ ତଳକୁ ଓହ୍ଲାଇଥିଲେ, ସେତେବେଳେ ସେ ଜଳପୃଷ୍ଠରେ ଅଳିଆ ସହ କେବଳ ପ୍ଲାଷ୍ଟିକ୍ ପାଇଥିଲେ। ତାଙ୍କ ସବ୍‌ମେରାଇନ ପ୍ଲାଷ୍ଟିକ୍‌ରେ ଫସିଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଜାଣିପାରିଲେ ଯେ ଗଙ୍ଗା କ୍ରୋମିୟମ, ସୀସା ଏବଂ ଆର୍ସେନିକ୍ ଭଳି ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ। ଏହି ରାସାୟନିକ ପଦାର୍ଥଗୁଡ଼ିକ ପ୍ରକୃତରେ ଚମଡ଼ା କାରଖାନାରୁ ଆସିଥାଏ।

ୱେଡ ତାଙ୍କ ମାଇଟ ରିଭର୍ସ ଡକ୍ୟୁମେଣ୍ଟାରିରେ ଦେଖାଇଥିଲେ ଯେ ଅପରିଷ୍କାର ନର୍ଦ୍ଦମା ଏବଂ ଶିଳ୍ପ ନିର୍ଗତ ବର୍ଜ୍ୟ ନଦୀକୁ ଗୁରୁତର ପ୍ରଦୂଷିତ କରୁଛି, ଯାହା ପାଣିର ପବିତ୍ରତାର ଧାରଣାକୁ ଚ୍ୟାଲେଞ୍ଜ କରୁଛି। ଏହି ବୈଜ୍ଞାନିକ ମୂଲ୍ୟାଙ୍କନ ପରିବେଶଗତ ଅବକ୍ଷୟର ସତ୍ୟକୁ ଉଜାଗର କରି ଉନ୍ନତ ସଂରକ୍ଷଣ ପ୍ରୟାସର ଆବଶ୍ୟକତାକୁ ଉଲ୍ଲେଖ କରିଥିଲା।

ଭାରତର ପବିତ୍ର ନଦୀ ଭାବରେ ବିବେଚିତ ଗଙ୍ଗାକୁ କେବଳ ଧାର୍ମିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ନୁହେଁ ବରଂ ଜୀବନର ପ୍ରତୀକ ଭାବରେ ଦେଖାଯାଏ। ଏହାର କୂଳରେ ଅନେକ ସଭ୍ୟତା ଜନ୍ମ ନେଇଥିଲା। କିନ୍ତୁ ୱେଡ୍‌ଙ୍କ ସମୟରେ ଯେଉଁ ଚିତ୍ର ଦେଖାଯାଇଥିଲା ତାହା ଏକ କଷ୍ଟକର ବାସ୍ତବତା। ସେ ଦେଖିଥିଲେ ଯେ ଚମଡ଼ା କାରଖାନା ଏବଂ



ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ସେମାନଙ୍କର ବର୍ଜ୍ୟବସ୍ତୁ ଏବଂ ବିଷାକ୍ତ ରାସାୟନିକ ପଦାର୍ଥଗୁଡ଼ିକୁ ଗଙ୍ଗାରେ ବିନା କୌଣସି ପ୍ରତିବନ୍ଧକରେ ଛାଡ଼ି ଦେଉଥିଲେ। ଏହି ପ୍ରଦୂଷଣ କେବଳ ଜଳକୁ ପ୍ରଦୂଷିତ କରୁ ନ ଥିଲା, ବରଂ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ତାଙ୍କ ଅଭିଜ୍ଞତାରେ ୱେଡ୍ ଗଙ୍ଗାରେ ଜୀବମାନଙ୍କୁ ଦେଖିବା ବିଷୟରେ ବର୍ଣ୍ଣନା କରିଥିଲେ,ଯେଉଁମାନେ ସେମାନଙ୍କର ପ୍ରାକୃତିକ ରୂପ ହରାଇ ବସିଥିଲେ। ମାଛ ଉପରେ କ୍ଷତ, ଅସ୍ୱାଭାବିକ ରଙ୍ଗ ପରିବର୍ତ୍ତନ ଏବଂ କିଛି ପ୍ରଜାତି ସମ୍ପୂର୍ଣ୍ଣ ଲୋପପାଇବା ଚିନ୍ତାର କାରଣ ଥିଲା। ଏହିସବୁ ପ୍ରମାଣିତ କରିଥିଲା ଯେ ଚମଡ଼ା କାରଖାନାରୁ ନିର୍ଗତ କ୍ରୋମିୟମ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ପାଣିରେ ମିଶି ସମଗ୍ର ପରିବେଶକୁ ନଷ୍ଟକରୁଥିଲା। ୱେଡ୍ ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଏହି ପ୍ରଦୂଷଣ କେବଳ ମାଛ ପାଇଁ ନୁହେଁ , ବରଂ ଏହା ମାନବ ସମାଜ ପାଇଁ ଏକ ବିପଦ ସଙ୍କେତ ଥିଲା। ସେ ଦେଖିଥିଲେ ଯେ ମତ୍ସ୍ୟଜୀବୀମାନେ ଗଙ୍ଗାରୁ ଧରିଥିବା ମାଛ ସ୍ୱାସ୍ଥ୍ୟ ପାଇଁ ଏତେ ଖରାପ ଯେ ବଜାରରେ ସେସବୁ ବିକ୍ରି କରିବା କଷ୍ଟକର। ଏହା ବ୍ୟତୀତ ଚର୍ମରୋଗ, ପେଟରୋଗ ଏବଂ ଅନ୍ୟାନ୍ୟ ସଂକ୍ରମଣ ଭଳି ପ୍ରଦୂଷିତ ଜଳ ଦ୍ୱାରା ହେଉଥିବା ରୋଗ ସାଧାରଣ ହୋଇଯାଇଛି। ୱେଡ୍ ଏହି ସମସ୍ୟାକୁ ଏକ ସତର୍କଘଣ୍ଟି ଭାବରେ ଦେଖିଲେ ଯାହା ଆମକୁ ସତର୍କ କରାଇ ଦେଉଛି ଯେ ଯଦି ଏବେ ପଦକ୍ଷେପ ନ ନେଉ, ତେବେ ଆମେ ଜୀବନକୁ ବିପଦରେ ପକାଇବୁ। ୱେଡ୍‌ଙ୍କ ଦୃଷ୍ଟିକୋଣ ସର୍ବଦା ଜଣେ ବୈଜ୍ଞାନିକ ଏବଂ କାହାଣୀକାରଙ୍କ ପରି ରହିଆସିଛି। ସେ ଗଙ୍ଗାକୁ ତାଙ୍କର ଯାତ୍ରାର କେବଳ ଏକ ଅଭିଜ୍ଞତା ଭାବରେ ନୁହେଁ ବରଂ ଏକ ବାର୍ତ୍ତା ଭାବରେ ଦେଖିଥିଲେ। ସେ କହିଥିଲେ, ଗଙ୍ଗା ଭଳି ପବିତ୍ର ଜଳକୁ ରକ୍ଷାକରିବା କେବଳ ଭାରତର ଦାୟିତ୍ୱ ନୁହେଁ, ବରଂ ସମସ୍ତ ମାନବ ସମାଜର ଦାୟିତ୍ୱ। ଏହି ନଦୀ କେବଳ ଏକ ଭୌଗୋଳିକ ଧାରା ନୁହେଁ; ଏହା ଏକ ଧାରା ଯାହା ମାନବତାକୁ ସଂଯୋଗକରେ, ଯାହା ସଂସ୍କୃତିକୁ ଜୀବନ୍ତ ରଖେ ଏବଂ ଯାହା ପ୍ରକୃତି ସହ ଆମର ସମ୍ପର୍କକୁ ମଜଭୁତ କରେ। ଯଦି ଆମେ ଏହାକୁ ଅଦୃଶ୍ୟ ହେବାକୁ ଦେଉ, ତେବେ ଆମେ ଆମର ଇତିହାସ, ଆମର ଧର୍ମ ଏବଂ ଆମର ଭବିଷ୍ୟତକୁ ନଷ୍ଟ କରିଦେବୁ।

ସେ ଚମଡ଼ା କାରଖାନାରୁ ପ୍ରଦୂଷଣକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ ଯେ ପୁଞ୍ଜିବାଦ ଏବଂ ଶିଳ୍ପ ଲୋଭ କିପରି ପ୍ରକୃତିକୁ ନଷ୍ଟ କରୁଛି। ଏହାର ପ୍ରଦୂଷଣ କେବଳ ପରିବେଶ ପ୍ରତି ନୁହେଁ ବରଂ ଧାର୍ମିକ ଏବଂ ସାଂସ୍କୃତିକ ଦିଗ ପ୍ରତି ମଧ୍ୟ ଅପମାନ। ଜେରେମି ୱେଡ୍‌ଙ୍କ ଗସ୍ତ ଏକ କାହାଣୀ ପାଲଟିଥିଲା ଯାହା ଆମକୁ ଚିନ୍ତା କରିବାକୁ ବାଧ୍ୟକରେ। ସେ ଯାହା ଦେଖିଲେ ତାହା ଏକ ଚିତ୍ର ଯାହା ଆମ ସମସ୍ତଙ୍କୁ ଆମର କାର୍ଯ୍ୟର ପୁନର୍ବିଚାର କରିବାକୁ ପ୍ରେରଣା ଦିଏ। ଗଙ୍ଗାରେ ମାଛଙ୍କ ମୃତ୍ୟୁ କେବଳ ଏକ ପ୍ରାକୃତିକ ଘଟଣା ନୁହେଁ; ଏହା ଏକ ସଙ୍କେତ ଯାହା ଆମକୁ କହୁଛି ଯେ ଆମେ ଆମର ନିଜ ଜୀବନକୁ ବିପଦରେ ପକାଉଛୁ। ୱେଡ୍‌ଙ୍କ ବାର୍ତ୍ତା ସ୍ପଷ୍ଟ ଥିଲା: ଯଦି ଆମେ ଏବେ ପଦକ୍ଷେପ ନ ନେଉ, ତେବେ ଆମେ କେବଳ ଏକ ନଦୀ ନୁହେଁ ବରଂ ଆମର ଇତିହାସ, ଧର୍ମ ଏବଂ ଭବିଷ୍ୟତ ହରାଇବୁ।

ସୁଜନପୁର, ଯାଜପୁର
ମୋ: ୯୪୩୭୨୮୮୦୨୮

## ପାଠକ ଶ୍ରେଷ୍ଠ ବିଚାରକ

### ଲକ୍ଷ୍ୟ ଧାର୍ଯ୍ୟ ଧାନ ଉଠାଯାଉ

ମହାଶୟ,
ଜଗତ୍‌ସିଂହପୁର ଜିଲାରୁ ରାଜ୍ୟ ସରକାର ଚଳିତବର୍ଷ ବିଭିନ୍ନ ମଣ୍ଡିରେ ୧୭ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ଚାଷୀମାନଙ୍କଠାରୁ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା କ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । କିନ୍ତୁ ଅଦ୍ୟାବଧି ଜିଲାର ବିଭିନ୍ନ ମଣ୍ଡିରେ ଫେବୃଆରୀ ମାସର ଧାନ ନିଆଯାଉଛି । ଫଳରେ ବର୍ତ୍ତମାନ ସୁଦ୍ଧା ୯ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ମଣ୍ଡିରୁ କ୍ରୟ କରାଯାଇଛି । ଫଳରେ ଜଗତ୍‌ସିଂହପୁର ଜିଲାର ଚାଷୀ ତାଙ୍କ ଧାନ ଦେବା ମଣ୍ଡିରେ ଅନିଶ୍ଚିତତା ଦେଖାଯାଇଛି । ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳ ,ଜିଲା ଯୋଗଣ ବିଭାଗ ଅଧିକାରୀ ଗୁରୁତ୍ୱର ସହ ପ୍ରତ୍ୟେକ ଧାନ ମଣ୍ଡିର ଲକ୍ଷ୍ୟ ଧାର୍ଯ୍ୟ ମୁତାବକ କ୍ରୟ କରିବ। ବ୍ୟବସ୍ଥା ୩୧।୩।୨୦୨୬ ସୁଦ୍ଧା ବ୍ୟବସ୍ଥା କରା ନ ଗଲେ, ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଏଥି ପ୍ରତି ଜିଲା ପ୍ରଶାସନ ମୁଖ୍ୟତଃ ଜଗତ୍‌ସିଂହପୁର ଜିଲାପାଳ ଦୃଷ୍ଟି ଦେବାକୁ ଅନୁରୋଧ।

– ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

## ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି
ତୁମରି କବି କି ହତଶିରୀ
ଭୁବନ ତାକୁ ଦୂରକୁ ଠେଲି
ଯାତନାଦାଗ ଦେଇଛି ଚିରି ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଂରକ୍ଷଣ ପାଇଁ ସଚେତନତା ଲୋଡ଼ା



## ବିଶ୍ୱ ଘରଚଟିଆ ଦିବସ

ଆଧୁନିକ ଜୀବନଧାରାର ପରିବର୍ତ୍ତନ ପ୍ରକ୍ରିୟାରେ ଲୁପ୍ତ ହୋଇଗଲେଣି ଘରଚଟିଆ। ଚାକଚକ୍ୟର ପରିବେଶ ଭିତରେ ଗ୍ରାମୀଣ ସଭ୍ୟତାର ପ୍ରାଚୀନ ବାର୍ତ୍ତାବହ ପାଲଟିଥିବା ଘରଚଟିଆ ଆଉ ଦେଖିବାକୁ ମିଳୁନାହାନ୍ତି। ପରିବେଶର ସୁରକ୍ଷା ଦିଗରେ ଏହି ଚଢ଼େଇମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଚିନ୍ତାଜନକ ହାରରେ ସେମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତେଣୁ ଘରଚଟିଆଙ୍କ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୦ରେ ବିଶ୍ୱ ଘରଚଟିଆ ଦିବସ ପାଳନ କରାଯାଉଛି। ପ୍ରଥମ କରି 'ନେଚର ଫର୍‌ଏଭର' ନାମକ ଏକ ପକ୍ଷୀ ସଂରକ୍ଷଣ ସଂସ୍ଥା 'ବିଶ୍ୱ ଘରଚଟିଆ ଦିବସ' ୨୦୧୦ରେ ଆରମ୍ଭ କରିଥିଲା। ପ୍ରତିବର୍ଷ ଏହି ଦିବସ ପାଳନ ପାଇଁ ଏକ ସ୍ୱତନ୍ତ୍ର ଥିମ୍ ରହିଥାଏ। ଚଳିତବର୍ଷର ଥିମ୍ ହେଉଛି 'ସ୍ୱାସ୍ଥ୍ୟକର କାଲି ପାଇଁ ଘରଚଟିଆ ବଞ୍ଚାଅ', 'ସହରୀ ଜୀବନରେ ଘରଚଟିଆ ଏବଂ ସହରୀ ଜୈବ ବିବିଧତା'। ଘରଚଟିଆଙ୍କ ସୁରକ୍ଷା ପାଇଁ କିଛି ବେସରକାରୀ ସଂସ୍ଥା ଏବଂ ବ୍ୟକ୍ତିବିଶେଷ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କାଠବାକ୍ସମାନ ସ୍ଥାପନ କରି ଏହି ଚଢ଼େଇଙ୍କୁ ବସା ବାନ୍ଧିବା ସ୍ଥାନ ପ୍ରଦାନ କରିବା ସହ ସେମାନଙ୍କ ସଂରକ୍ଷଣ ପାଇଁ କାର୍ଯ୍ୟ କରୁଛନ୍ତି।

ରିପୋର୍ଟ: **ବନ୍ଦନା ସେଠୀ**

## କ'ଣ କୁହନ୍ତି ଏମାନେ

"୨୦୦୫ ମସିହା ପରଠାରୁ 'ଆଞ୍ଚଳିକ ବିକାଶ ପରିଷଦ' ନାମରେ ଏକ ସଂଗଠନ ଗଢ଼ି ଘରଚଟିଆଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରାଯାଉଛି। ଗଞ୍ଜାମର ପ୍ରାୟ ୩୫ଟି ଗ୍ରାମ ସହ ଗଜପତି, ଜଗତ୍‌ସିଂହପୁର, ନୟାଗଡ଼ ଆଦି ଜିଲାର ବିଭିନ୍ନ ଗ୍ରାମରେ ଘରଚଟିଆଙ୍କ ସଂରକ୍ଷଣ ପାଇଁ କାର୍ଯ୍ୟ ସହ ସେମାନଙ୍କୁ ବସା ବାନ୍ଧିବା ସ୍ଥାନ ପ୍ରଦାନ କରାଯାଉଛି। ପ୍ରଥମେ ଘରଚଟିଆଙ୍କ ପାଇଁ ମାଟିରେ ଘର ତିଆରି କରାଯାଉଥିଲା ମାତ୍ର ଏହା ସୁବିଧା ନ ହେବାରୁ ପରେ ଲାଉତୁମ୍ବାରେ ଏବଂ ଏବେ କାଠରେ ଛୋଟ ଛୋଟ ଘର ତିଆରି କରାଯାଇ ଘରଚଟିଆଙ୍କ ଉଦ୍ଦେଶ୍ୟରେ ରଖାଯାଉଛି। ପାଣି ପାତ୍ର ଓ ଖାଦ୍ୟ ପାତ୍ର ମଧ୍ୟ ପ୍ରଦାନ କରାଯାଉଛି। ଅନ୍ୟ ଚଢ଼େଇମାନଙ୍କ ପରି ଏମାନେ କାଠିକୁଟାରେ ନିଜର ବସା ତିଆରି କରିପାରନ୍ତି ନାହିଁ। ଫଳରେ ସେମାନେ ଚାଳ ଛପର, ଟିଣ ଆଦିକୁ ନିଜର ଘର ଭାବେ ପରିଣତ କରିଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତେ ଆଗେଇ ଆସିବା ଦରକାର।

**- ସାଗର କୁମାର ପାତ୍ର, ସଭାପତି, ଆଞ୍ଚଳିକ ବିକାଶ ପରିଷଦ, ଗଞ୍ଜାମ**

"ଏବେ ସମୟ ଆସିଛି ଘରଚଟିଆ ସମେତ ସମସ୍ତ ଚଢ଼େଇ ଓ ପକ୍ଷୀମାନଙ୍କ ସଂରକ୍ଷଣ ସମ୍ପର୍କରେ ଛାତ୍ରାଛାତ୍ରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ଏଥିପାଇଁ ସ୍କୁଲ ପାଠ୍ୟକ୍ରମ ତଥା ଇକୋ କ୍ଲବ କାର୍ଯ୍ୟକ୍ରମରେ ଚଢ଼େଇ ନିରୀକ୍ଷଣ ଆବାସ ନିର୍ମାଣ, ଖାଦ୍ୟପାନୀୟ ଯୋଗାଣକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ବସାଘର, କାର୍ଯ୍ୟାଳୟ, ବିଦ୍ୟାଳୟ, ଘରର ଗ୍ୟାରେଜ ପରିସର ସବୁ ଏମାନଙ୍କ ବାସୋପଯୋଗୀ କରିବା ଦରକାର। ବିକଳ୍ପ ବସା ତିଆରି ପାଇଁ କ୍ଷେତ୍ର ପ୍ରସ୍ତୁତି ତଥା ଏ ପ୍ରସଙ୍ଗରେ ସଚେତନତା ସୃଷ୍ଟି ପାଇଁ ଶିକ୍ଷକ, ଅଭିଭାବକ, ଛାତ୍ର, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ନୀତି ନିର୍ଦ୍ଧାରକ, ଏନ୍‌ଜିଓ କର୍ମକର୍ତ୍ତା, ସାଧାରଣ ନାଗରିକଙ୍କୁ ମଧ୍ୟ ଏଥିରେ ସାମିଲ କରିବା ଆବଶ୍ୟକ।

**- ରାଧେଶ୍ୟାମ ପୁରୋହିତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବୀରମହାରାଜପୁର, ସୁବର୍ଣ୍ଣପୁର**



# ସବୁଠି ପଖାଳର ମହକ

ଫଟୋ: ବିକାଶ ନାୟକ



'ପଖାଳ' କେବଳ ଏକ ଖାଦ୍ୟ ନୁହେଁ, ବରଂ ଓଡ଼ିଆଙ୍କ ସହ ଜଡ଼ିତ ଏକ ଭାବପ୍ରବଣତା। ସାରା ବିଶ୍ୱରେ ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସବୁବେଳେ ରହିଆସିଛି ସେମାନଙ୍କ ଅତୁଟ ଆଗ୍ରହ। ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ମଧ୍ୟ ଏହି ପାରମ୍ପରିକ ଖାଦ୍ୟ ନିଜର ସ୍ୱାତନ୍ତ୍ର ବଜାୟ ରଖିବାରେ ସଫଳ ହୋଇଛି। ଧୀରେ ଧୀରେ ସହର ସଂସ୍କୃତିରେ, ଜନଜୀବନରେ ସାମିଲ ହୋଇଛିପଖାଳକଂସା। ଗାଁ ଚାଳଘରେ ରହି ଯାଇଥିବା ପଖାଳ ଏବେ ତାରକା ହୋଟେଲ ଏସି ରୁମ୍‌ରେ ଶୋଭାପାଉଛି। ପଖାଳର ମହକ ସବୁଆଡ଼େ ଅନୁଭୂତ ହେଉଛି। ଓଡ଼ିଆ ସଂସ୍କୃତିରେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଦ୍ୱିପ୍ରହର ହେଲେ ଏବେ ପ୍ରାୟ ହୋଟେଲ ଓ ରେଷ୍ଟୁରାଣ୍ଟରେ ପରଷାଯାଉଛି ଭଳିକି ଭଳି ପଖାଳକଂସା। ଏହାସାଙ୍ଗକୁ ଚୂନାମାଛ, ଶୁଖୁଆ ରାଇ, ଶୁଖୁଆପୋଡ଼ା, ଶାଗଭଜା, ବଡ଼ିଚୂରା, କଖାରୁଫୁଲ ପିଠା, ଚିଙ୍ଗୁଡ଼ି ଛେଚା, ବିଭିନ୍ନ ପ୍ରକାରର ମାଛଭଜା, ଆଳୁ ଭରତା ଭଳି ଖାଣ୍ଟି ଓଡ଼ିଆ ଖାଦ୍ୟ ଗ୍ରାହକଙ୍କୁ ଟାଣି ନେଉଛି।

## ଏଇଠି ଖାଆନ୍ତୁ ପଖାଳ......

ଖାଣ୍ଟି ଓଡ଼ିଆ ଖାଦ୍ୟ ପାଇଁ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବା 'ଡାଲ୍‌ମା' ସିଟଲ୍ ହୋଟେଲ୍, ମେ'ଫେୟାର, ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରର ପଖାଳ ହବ୍ କୁହାଯାଉଥିବା ଏକାମ୍ର ହାଟ, ଚନ୍ଦ୍ରଶେଖରପୁର ଓ ଶହୀଦନଗରରେ ଥିବା ଓଡ଼ିଶା ହୋଟେଲଆଦିସ୍ଥାନଗୁଡ଼ିକସୁସ୍ୱାଦୁପଖାଳପାଇଁବେଶ୍‌ପରିଚିତ। ସେହିଭଳି ରସୁଲଗଡ଼ରେ ଥିବା 'ପଖାଳ' ଟେଷ୍ଟ ଅଫ୍ ଓଡ଼ିଶା ରେଷ୍ଟୁରାଣ୍ଟ, ବମିଖାଲର ଆମ ଓଡ଼ିଶା ହୋଟେଲ, ପଟିଆରେ ଥିବା ଷୋହଳଅଣା ଓଡ଼ିଆ, ବାପୁଜୀ ନଗରରେ ଥିବା ଭାଇନା ହୋଟେଲ, ନନ୍ଦନକାନନ ରୋଡ୍‌ରେ ଥିବା ମାଲାବା ରେଷ୍ଟୁରାଣ୍ଟ ଭଳି ହୋଟେଲ ଓଡ଼ିଆ ଖାଦ୍ୟ ପରଷିବାରେ ବେଶ୍ ନାଁ କରିଛି।

## ତାରକା ହୋଟେଲରେ ପଖାଳ କ୍ରେଜ୍....

ସହରବାସୀଙ୍କ ପଖାଳ ଖାଇବାର କ୍ରେଜ୍ ଦିନକୁ ଦିନ ବଢ଼ିଚାଲିଛି। ୨୦୧୧ରେ ପଖାଳ ଦିବସ ଆରମ୍ଭ ହେବାଠାରୁ ବର୍ତ୍ତମାନର ଯୁବପିଢ଼ିଙ୍କ ସହ ଅନ୍ୟାନ୍ୟ ବର୍ଗର ଲୋକ ମଧ୍ୟରେ ପଖାଳ ଖାଇବାର କ୍ରେଜ୍ ଅଧିକ ଦେଖିବାକୁ ମିଳୁଛି। ସ୍ୱସ୍ତି ପ୍ରିମିୟମ୍, ମେ' ଫେୟାର, ହୋଟେଲ୍ କ୍ରାଉନ୍, କ୍ରିଷ୍ଟଲ୍ କ୍ରାଉନ୍, କଳିଙ୍ଗ ଅଶୋକ, ପ୍ରାଚୀ ଭଳି ତାରକା ହୋଟେଲ ଖରାଦିନ ପାଇଁ ସ୍ୱତନ୍ତ୍ର ପଖାଳର ବ୍ୟବସ୍ଥା କରୁଛନ୍ତି। ଏପରି କି ବିଦେଶୀ ଖାଦ୍ୟଠାରୁ ପଖାଳର ମୂଲ୍ୟ ଅଧିକ ରହୁଛି।

## ପାନ୍ଥନିବାସରେ ଦହିଛୁଙ୍କ ପଖାଳ...

ଓଡ଼ିଶାର ସମୃଦ୍ଧ ରୋଷେଇ ପରମ୍ପରା ଓ ପାରମ୍ପରିକ ଖାଦ୍ୟ ଶୈଳୀର ପ୍ରଚାର ପ୍ରସାର ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦୁଇଦିନିଆ 'ପଖାଳ ପର୍ବ' ପାଳନ ହେଉଛି। ଏଥିରେ ଦହିଛୁଙ୍କ ପଖାଳ, ଭୃସଙ୍ଗପତ୍ର, ଧନିଆ, ପୋଦିନା ସହ ଜିରା ଛୁଙ୍କ ହୋଇ ଜିରା ପଖାଳ ପ୍ରସ୍ତୁତ ହେଉଛି। ଦହି ପଖାଳର ଲୋକପ୍ରିୟତା ସବୁଠାରୁ ଅଧିକ ରହୁଛି। ଏଥିରେ ଅନ୍ୟ ଆଇଟମ୍‌ରେ ସାଦାରେ ବଡ଼ିଚୂରା,ଆଳୁ ଭରତା, ଟମାଟୋ ଚଟଣି, ଆଚାର, ଶାଗଭଜା ରହୁଥିବା ବେଳେ ଆମିଷରେ ମାଛଭଜା ଓ ଚିକେନ୍ ପକୋଡ଼ା ରହିଛି।

ରିପୋର୍ଟ: **ସୌମ୍ୟରଞ୍ଜନ ରାଉତ**

## ସ୍ୱାସ୍ଥ୍ୟୋପକାରୀ ପଖାଳ

ପଖାଳରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଆମ ଦେଶରେ ଏହା ଏକ ଅତିପ୍ରିୟ ଖାଦ୍ୟ। ତେବେ ଏଥିରେ କ'ଣ କ'ଣ ଉପକାରୀ ଗୁଣ ରହିଛି ସେ ବିଷୟରେ ପୁଷ୍ଟିବିଜ୍ଞାନୀ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, ''ପଖାଳର ଜଳ ଅଂଶକୁ କୁହାଯାଏ ତୋରାଣି। ତୋରାଣି ପରିପାକ ତନ୍ତ୍ର ବା ପେଟ ପାଇଁ ବେଶ୍ ଉପକାରୀ। ଆମର ପାରମ୍ପରିକ ଖାଦ୍ୟ ପଖାଳ ଅନ୍ତନଳୀକୁ ସୁସ୍ଥ ରଖେ ଏବଂ ଶରୀରକୁ ଲୌହ ଯୋଗାଇଦିଏ। ବିଶେଷଭାବରେ ପଖାଳ ଗର୍ଭବତୀ ଏବଂ ଆମ୍ନିଆ ରୋଗୀଙ୍କ ପାଇଁ ଖୁବ୍ ହିତକର। ଭାତକୁ ରାତି ସାରା ପାଣିରେ ଭିଜେଇ ରଖିବା ଦ୍ୱାରା ତାହା ପ୍ରାକୃତିକ ଉପାୟରେ ଫରମେଣ୍ଟେଡ ହୋଇଯାଏ। ତୋରାଣିରେ ବୃଦ୍ଧିପାଏ ଲାକ୍ଟିକ ଏସିଡ ବ୍ୟାକ୍ଟେରିଆ। ଏହି ବ୍ୟାକ୍ଟେରିଆ ପରିପାକତନ୍ତ୍ରକୁ ସୁସ୍ଥ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏହାବ୍ୟତୀତ ମାଟିହାଣ୍ଡିରେ ପ୍ରସ୍ତୁତ ପଖାଳ ମଧ୍ୟ ବେଶ୍ ଉପକାରୀ। ମାଟିପାତ୍ର ଛିଦ୍ରଯୁକ୍ତ ହୋଇଥିବାରୁ ବାୟୁ ଚଳାଚଳରେ ସୁବିଧା ହୁଏ ଏବଂ ବେଶି ଅକ୍ସିଜେନ ସଂସ୍ପର୍ଶରେ ଆସୁ ନ ଥିବାରୁ ଲାକ୍ଟୋବାସିଲଙ୍କ ସଂଖ୍ୟା ବୃଦ୍ଧିରେ ବ୍ୟାହତ ହୁଏ ନାହିଁ। ମାଟିପାତ୍ର ଯୋଗୁଁ ପଖାଳର ତାପମାତ୍ରା ୨୫-୩୫ ଡିଗ୍ରୀ ସେଲସିୟସ ରହିଥାଏ। ଅନ୍ୟପକ୍ଷରେ ମାଟିହାଣ୍ଡିରେ ଭାତରୁ କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଟ୍ରେସ ଏଲିମେଣ୍ଟ ବା ସୂକ୍ଷ୍ମ ଧାତୁସାର ବାହାରିବା ପ୍ରକ୍ରିୟାରେ ସହାୟକ ହୋଇଥାଏ। ତୋରାଣି ଶରୀରରେ ଜଳୀୟ ଅଂଶ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ପଖାଳରେ ଥିବା ଲୁଣ ଶରୀରରୁ ଝାଳରେ ବାହାରି ଯାଉଥିବା ଲୁଣ ପରିମାଣକୁ ସନ୍ତୁଳିତ ରଖିଥାଏ। ଶାଗପଖାଳ ଖାଇଲେ ଶାଗରୁ ମିଳିଯାଏ ଅତିରିକ୍ତ ଲୌହ, ଭିଟାମିନ୍-ଏ, କ୍ୟାଲସିୟମ, ଫଲିକ୍ ଏସିଡ ଏବଂ ଭିଟାମିନ୍-ସି।

# ଖୁସି, ମଙ୍ଗଳକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ଖୁସି ଦିବସ



ପ୍ରତିବର୍ଷ ମାର୍ଚ୍ଚ ୨୦ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଖୁସି ଦିବସ। ଖୁସି ଏବଂ ମଙ୍ଗଳକୁ ସାର୍ବଜନୀନ ଲକ୍ଷ୍ୟ ଭାବରେ ଏହି ଦିବସ ଅବସରରେ ଗୁରୁତ୍ୱାରୋପ କରାଯାଇଥାଏ।

୨୦୧୨ ମସିହାରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା 'ଖୁସି'କୁ ଏକ ମୌଳିକ ମାନବାଧିକାର ଏବଂ ଲକ୍ଷ୍ୟ ଭାବରେ ସ୍ୱୀକୃତି ଦେବା ପାଇଁ ମାର୍ଚ୍ଚ ୨୦କୁ ଅନ୍ତର୍ଜାତୀୟ ଖୁସି ଦିବସ ପାଳନ ଲାଗି ନିଷ୍ପତ୍ତି ହୋଇଥିଲା। ଭୌତିକବାଦୀ ପଦକ୍ଷେପ ଅପେକ୍ଷା କଲ୍ୟାଣକୁ ପ୍ରାଥମିକତା ଦେବା ଲକ୍ଷ୍ୟରେ ସୃଷ୍ଟ ଏହି ଦିବସ ପ୍ରଥମେ ୨୦୧୩ ରେ ପାଳିତ ହୋଇଥିଲା। ଭୁଟାନ ଏଭଳି ଏକ ଦେଶ ଯେଉଁଠି ଜିଡିପି ଅପେକ୍ଷା 'ସମଗ୍ର ଜାତୀୟ ଖୁସ'କୁ ପ୍ରାଥମିକତା ଦିଆଯାଏ। ଏହି ଦେଶ ପକ୍ଷରୁ ଏଭଳି ଦିବସ ପାଳନ ଲାଗି ପ୍ରାଥମିକ ଭାବେ ଉଦ୍ୟମ ଆରମ୍ଭ ହୋଇଥିଲା।

ଚଳିତ ବର୍ଷ ଏହି ଦିବସ ଅବସରରେ 'ଯତ୍ନ ଏବଂ ଅଂଶୀଦାର' କିମ୍ବା ଖୁସି ଉପରେ ସାମାଜିକ ଗଣମାଧ୍ୟମ / ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଉପରେ କେନ୍ଦ୍ରିତ ହୋଇଛି।

# ପାନ୍ଥନିବାସରେ 'ପଖାଳ ପର୍ବ' ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ସମୃଦ୍ଧ ରୋଷେଇ ଶୈଳୀ ଓ ପରମ୍ପରାକୁ ସମ୍ମାନ ଜଣାଇ ଗୁରୁବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଦୁଇଦିନିଆ 'ପଖାଳ ପର୍ବ' ଉଦ୍‌ଘାଟିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ପ୍ରଫେସର ଡ. ସିତିକଣ୍ଠ ମିଶ୍ର ଏବଂ ସନ୍ଦୀପ ମୁଖାର୍ଜୀ ପଖାଳର ଗୁଣବତ୍ତା, ଧାନର ବିବିଧତା ଏବଂ ଆଧୁନିକ ହୋଟେଲ ଶିଳ୍ପରେ ପଖାଳ ଭଳି ପାରମ୍ପରିକ ଖାଦ୍ୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଦୁଇଟି ବିଷୟଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଆଲୋଚନାଚକ୍ରରେ 'ମନ୍ଦିର ରୋଷେଇ ଶାଳରୁ ଘରୋଇ ଚୁଲି ପର୍ଯ୍ୟନ୍ତ: ଓଡ଼ିଆ ରୋଷେଇର ସାଂସ୍କୃତିକ ମୂଳ' ଶୀର୍ଷକ ବିଷୟ ଉପରେ ଡ. ସୁଧାଂଶୁ ଶେଖର ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ବିଶ୍ୱନାଥ ସାମନ୍ତରାୟ ଓ ବିପି ତ୍ରିପାଠୀ ମତ ରଖି ଓଡ଼ିଆ ଖାଦ୍ୟ ପରମ୍ପରାର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସମ୍ପର୍କ ବିଷୟରେ କହିଥିଲେ। ଦ୍ୱିତୀୟ ଆଲୋଚନାଚକ୍ର 'ସ୍ଥାନୀୟ ପରମ୍ପରାରୁ ବିଶ୍ୱସ୍ତରୀୟ ବ୍ରାଣ୍ଡ: ଓଡ଼ିଆ ରୋଷେଇ ପାଇଁ ମାର୍କେଟିଂ ରଣନୀତି'ରେ ପ୍ରଫେସର ତପନ କୁମାର ପଣ୍ଡା, ପ୍ରଫେସର ପ୍ରୀତି ରଞ୍ଜନ ସାହୁ, ରିତୁ ପଟ୍ଟନାୟକ ଏବଂ ଶେଫ୍ ଅବିନାଶ ନାୟକ ଅଂଶଗ୍ରହଣ କରି ଓଡ଼ିଆ ଖାଦ୍ୟକୁ ଅନ୍ତର୍ଜାତୀୟ ସ୍ତରକୁ ନେବା ପାଇଁ ବ୍ରାଣ୍ଡିଂ ଓ ଅଭିନବ ମାର୍କେଟିଂ ପଦ୍ଧତି ଉପରେ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ଏବଂ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହ ଖାଦ୍ୟ ପରମ୍ପରାର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରିଥିଲା। ଶୁକ୍ରବାର ପଖାଳ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 65-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଷ୍ଟ୍ରେନ୍ କ୍ଲାମ୍ପ (Strain Clamp)ରେ ଫିଡର ୱାୟର ଛିଡ଼ିବାକୁ ଏଡ଼ଇବା ପାଇଁ ଷ୍ଟ୍ରେନ୍ କ୍ଲାମ୍ପରୁ ଫିଡର ୱାୟରର ବିଭାଜନକୁ ନିବାରଣ କରିବା ନିମନ୍ତେ ଷ୍ଟାଣ୍ଡାର୍ଡ ଟର୍ମିନେସନ୍ (Standard Termination) ଆରେଞ୍ଜମେଣ୍ଟର ରୂପାନ୍ତରଣ / ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ :** ₹ 1,97,10,244.28, EMD : ₹ 2,48,600/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.04.2026ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-1243/Q/25-26

**S. E. RAILWAY – TENDER**

ଭାରତର ରାଷ୍ଟ୍ରପତିଙ୍କ ଜରିଆରେ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ ଇ-ଟେଣ୍ଡରିଂ ୱେବ୍‌ସାଇଟ୍ www.ireps.gov.in ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ କେବଳ www.ireps.gov.in ୱେବ୍‌ସାଇଟ୍ ମାଧ୍ୟମରେ ସେଥିପାଇଁ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ଏସ୍‌ଆର୍‌ସି-ସି-ହ୍ୱିଲ୍-ଆର୍‌ଏଫ୍-୧୮୦୩୨୬। ୦୩ ବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି ଏବଂ ପଦ୍ମପୁକୁର କୋଚିଂ ଡିପୋ (ସିକ୍‌ଲାଇନ୍)ଠାରୁ ପ୍ରଡକ୍ସନ୍ ଶପ୍, ଖଡ଼ଗପୁର କ୍ୟାରିଏଜ୍ ୱାର୍କଶପ୍ ପର୍ଯ୍ୟନ୍ତ ନେବା ଏବଂ ଆଣିବା ପାଇଁ ଟ୍ରକ୍‌ରେ ହ୍ୱିଲ୍ ସେଟ୍‌ଗୁଡ଼ିକର ପରିବହନ । **ଟେଣ୍ଡର ମୂଲ୍ୟ:** ₹୧,୪୭,୬୬,୭୯୬.୮୦ (ଜିଏସ୍‌ଟି ସମେତ) । **ଇଏମ୍‌ଡି:** ₹୨,୨୩,୮୦୦/-। ୨. ଏସ୍‌ଆର୍‌ସି-ସି-ବଗି-ଆର୍‌ଏଫ୍-୧୮୦୩୨୬। ୦୩ ବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି ଏବଂ ପଦ୍ମପୁକୁର କୋଚିଂ ଡିପୋ (ସିକ୍‌ଲାଇନ୍)ଠାରୁ ପ୍ରଡକ୍ସନ୍ ଶପ୍, ଖଡ଼ଗପୁର କ୍ୟାରିଏଜ୍ ୱାର୍କଶପ୍ ପର୍ଯ୍ୟନ୍ତ ନେବା ଏବଂ ଆଣିବା ପାଇଁ ଟ୍ରକ୍‌ରେ ବଗିଗୁଡ଼ିକର ପରିବହନ । **ଟେଣ୍ଡର ମୂଲ୍ୟ:** ₹୩,୪୧,୭୧,୩୬୧.୨୮ (ଜିଏସ୍‌ଟି ସମେତ) । **ଇଏମ୍‌ଡି:** ₹୩,୨୦,୯୦୦/-। **ଟେଣ୍ଡର ବନ୍ଦ ହେବା ତାରିଖ:** ପ୍ରତ୍ୟେକ ପାଇଁ ତା୧୩।୦୪।୨୦୨୬ରିଖ ୧୧.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୧୦,୦୦୦ (ଅଣ-ଫେରସ୍ତଯୋଗ୍ୟ) । (PR-1330)

**DIRECTORATE OF URBAN ADMINISTRATION & DEVELOPMENT**
**TECHNICAL CELL, INDRAVATI BHAWAN, ATAL NAGAR (C.G.)**
**e-Procurement Tender Notice**
Main Portal: http://eproc.cgstate.gov.in
**SECOND CALL**

NIT No. ......../TC/UAD/2026 Raipur Dated:......../03/2026

| SN | System Tender No. | Name of Work/Description of Work | Last Date for Online Bid Submission | Last date for Physical Submission | Probable Amout of Contract |
|---|---|---|---|---|---|
| 1 | 187148 | Construction of Nalanda Parisar at Nagar Palik Nigam Dhamtari | 02.04.2026 Time: 18.00 | 06.04.2026 Time: 16.30 | 1105.00 Lakh |
| 2 | 187149 | Construction of Nalanda Parisar at Nagar Palika Parishad, Gariyaband | 02.04.2026 Time: 18.00 | 06.04.2026 Time: 16.30 | 433.68 Lakh |

The details can be viewed and downloaded online directly from the Government of Chhattisgarh e-Procurement Portal http://eproc.cgstate.gov.in 17.03.2026, 18.00 hours (IST) onwards.
For more details on the tender and bidding process you may please visit the above mentioned portal.

Sd./- Chief Engineer
Urban Administration & Development, Atal Nagar (C.G.)
G-252607262/10

झारखण्ड सरकार
पेयजल एवं स्वच्छता विभाग
ई–प्रोक्योरमेन्ट सूचना
(प्रथम आमंत्रण)
ई–निविदा सूचना संख्या - (धनबाद) 06/2025-26
तिथि–19.03.2026

इस कार्यालय द्वारा विज्ञापित ई–प्रोक्योरमेन्ट निविदा सूचना संख्या–06/2025–26 (ग्रुप–ए.एवं ग्रुप–बी.) जिसका PR No-351154 Drinking Water and Sanitation(25-26):D के द्वारा प्रकाशित निविदा को अपरिहार्य कारणवश रद्द किया जाता है।

(मयंक कुमार भगत)
कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद

PR 375662 Drinking Water and Sanitation(25-26)D

**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail:cetjusnl@gmail.com)

**TENDER CANCELLATION NOTICE**

Due to unavoidable circumstances, tender invited vide NIT no. 390/PR/JUSNL/2025-26 is hereby cancelled.

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

PR No. 361530

Sd/-
General Manager,
C&M (NWBP)

PR 375631 (Jharkhand Urja Sancharan Nigam Ltd) 25-26 (D)

**AUCTION NOTICE**
**Condemned Technical Equipments of SIB, Bhubaneswar are to be disposed off.**

Interested parties may inspect during office hours from 10.00 hrs. to 13.00 hrs. & 15.00 hrs. to 18.00 hrs. on any working day before 01.04.2026 and submit the sealed quotations by 17.00 hrs. on 31.03.2026 along with a Demand Draft (Not A/c Payee) of Rs.2000/- as EMD in favour of DDO, SIB, Bhubaneswar payable at SBI Main Branch, Bhubaneswar. Quotation should be submitted either by hand or by DAK in a sealed cover superscribed as "Quotation for auction of Technical Store" and addressed to Assisant Director, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2395680. Quotations will be opened in presence of supervising officers and parties present on 01.04.2026 at 11.30 hrs.
Quotations of the highest bidder will be accepted as a whole to the best advantage of Govt. and decision of the supervising officers will be final. The highest bidder has to deposit 25% of the bid value on the spot and the remaining 75% of the total bid value will be deposited within seven days before lifting of auctioned articles, failing of which the offer will be rejected and the amount deposited is to be seized. GST of 5% is to be deposited in Government account by the highest bidder, having NGT Certificate and GST of 18% is to be deposited in Government account by the highest bidder, not having NGT Certificate. GST deposit receipt is to be submitted before lifting of articles. The prospective bidder has to deal with the hazardous waste/scrap batteries/e-waste as per NGT guidelines with their responsibility. The head of the office reserves the right to cancel any bid without assigning any reason thereof.
**Office Address: SIB Office (MHA), Govt. of India, Bidyut Marg, Unit-V, Bhubaneswar.**

Sd./- Assistant Director

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER**
**KHORDHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**

E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-14/2025-26
Memo No. 601 Dt.12.03.2026

No. 34001/220/2526: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in Double Cover System in ONLINE MODE from eligible contractors for Buildings works as detailed in the table below:

1. Nature of Work : Building Works
2. No. of Work : 8 Nos.
3. Tender Cost : Rs.10000.00 (Online)
4. Class of Contractor : A & B Class
5. Available of Bid document in the website : From 10.00 A.M. of Dt.24.03.2026 to 05.00 P.M. of Dt.08.04.2026
6. Date of Opening of Bid : Dt.09.04.2026 at 11.30 A.M.
7. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd./- Chief Construction Engineer
Khordha (R&B) Circle, Khordha

OIPR-34001/34127/1/25-26/0007

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀ ଆଶୁତୋଷ ସାମଲ ଓ.ଏ.ଏସ୍.) ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓ.ଏସ୍.ଏସ୍ କେସ୍ ନଂ.- ୧୩୦୭/୨୦୧୭

ମେସର୍ସ ଶ୍ରୀ ଜଗନ୍ନାଥ ପ୍ରମୋଟର୍ସ ଆଣ୍ଡ ବିଲଡର୍ସ ତରଫେ
ପରିଚାଳନା ଅଂଶୀଦାର: ପ୍ରଦୀପ୍ତ କୁମାର ବିଶ୍ୱାସରୟ .........ବାଦୀ
ବନାମ
ଶ୍ରୀମତୀ ନିଲମ ପ୍ରଭା ମହାନ୍ତି ଏବଂ ଅନ୍ୟମାନେ .........ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ-୨୦ ମୁତାବକ

୩) **ଯୁଧିଷ୍ଠିର ବିଶ୍ୱାଳ,** ପିତା: ସ୍ୱର୍ଗତ ଜଟି ବିଶ୍ୱାଳ, ସା/ପୋଷ୍ଟ: ଆଇଗିଣିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା **ତା.୧୭.୦୪.୨୦୨୬ରିଖ ପୂର୍ବାହ୍ନ ୧୧.୩୦ ଘଟିକା** ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

**ଜମିର ବିବରଣୀ:** ମୌଜା: ଶଙ୍କରପୁର, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା
**ପ୍ରି-ସାବକ:** ଖାତା ନଂ.: ୨୪୭, ପ୍ଲଟ୍ ନଂ.: ୮୫୬/୧୨୯୩, କିସମ: ଶାରଦ ଦୁଇ, ରକବା: ଏ୦.୨୨୦ଡି. ସ୍ଥଧରୁ ଏ୦.୦୫୫ଡି., ସତ୍ୱ: ସ୍ଥିତିବାନ
**ସାବକ:** ଖାତା ନଂ.: ୮୬, ପ୍ଲଟ୍ ନଂ.: ୧୧୧୬/୧୨୯୦, କିସମ: ଶାରଦ ଦୁଇ, ରକବା: ଏ୦.୨୨୦ଡି. ସ୍ଥଧରୁ ଏ୦.୦୫୫ଡି., ସତ୍ୱ: ସ୍ଥିତିବାନ
**ହାଲ:** ଖାତା ନଂ.: ୬୧୮, ପ୍ଲଟ୍ ନଂ.: ୨୯୯୫/୩୪୭୦, କିସମ: ଘରବାରୀ, ରକବା: ଏ୦.୧୧୦ଡି. ସ୍ଥଧରୁ ଏ୦.୦୫୫ଡି., ସତ୍ୱ: ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କରି ଉତରାଧିକାରୀମାନେ, କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.୧୯.୦୩.୨୦୨୬ ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର କୋର୍ଟ ଅଫିସର

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀ ଆଶୁତୋଷ ସାମଲ ଓ.ଏ.ଏସ୍.) ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ଓ.ଏସ୍.ଏସ୍ କେସ୍ ନଂ.- ୧୩୦୮/୨୦୧୭

ମେସର୍ସ ଶ୍ରୀ ଜଗନ୍ନାଥ ପ୍ରମୋଟର୍ସ ଆଣ୍ଡ ବିଲଡର୍ସ ତରଫେ
ପରିଚାଳନା ନିର୍ଦ୍ଦେଶକ: ପ୍ରଦୀପ୍ତ କୁମାର ବିଶ୍ୱାସରୟ .........ବାଦୀ
ବନାମ
ଶ୍ରୀମତୀ ନିଲମ ପ୍ରଭା ମହାନ୍ତି ଏବଂ ଅନ୍ୟମାନେ .........ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ-୨୦ ମୁତାବକ

୩) **ଯୁଧିଷ୍ଠିର ବିଶ୍ୱାଳ,** ପିତା: ସ୍ୱର୍ଗତ ଜଟି ବିଶ୍ୱାଳ, ସା/ପୋଷ୍ଟ: ଆଇଗିଣିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା **ତା.୧୭.୦୪.୨୦୨୬ରିଖ ପୂର୍ବାହ୍ନ ୧୧.୩୦ ଘଟିକା** ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

**ଜମିର ବିବରଣୀ:** ମୌଜା: ଶଙ୍କରପୁର, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା
**ପ୍ରି-ସାବକ:** ଖାତା ନଂ.: ୨୪୭, ପ୍ଲଟ୍ ନଂ.: ୮୫୬/୧୨୯୩, କିସମ: ଶାରଦ ଦୁଇ, ରକବା: ଏ୦.୨୨୦ଡି. ସ୍ଥଧରୁ ଏ୦.୦୫୫ଡି., ସତ୍ୱ: ସ୍ଥିତିବାନ
**ସାବକ:** ଖାତା ନଂ.: ୮୬, ପ୍ଲଟ୍ ନଂ.: ୧୧୧୬/୧୨୯୦, କିସମ: ଶାରଦ ଦୁଇ, ରକବା: ଏ୦.୨୨୦ଡି. ସ୍ଥଧରୁ ଏ୦.୦୫୫ଡି., ସତ୍ୱ: ସ୍ଥିତିବାନ
**ହାଲ:** ଖାତା ନଂ.: ୬୧୮, ପ୍ଲଟ୍ ନଂ.: ୨୯୯୫/୩୪୭୦, କିସମ: ଘରବାରୀ, ରକବା: ଏ୦.୧୧୦ଡି. ସ୍ଥଧରୁ ଏ୦.୦୫୫ଡି., ସତ୍ୱ: ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କରି ଉତରାଧିକାରୀମାନେ, କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.୧୯.୦୩.୨୦୨୬ ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର କୋର୍ଟ ଅଫିସର

## ସଂକ୍ଷେପରେ

### ୨୧ରେ ରାମକୃଷ୍ଣ ମିଶନର ସ୍ୱପ୍ନ କର୍ମଶାଳା

ରାଉରକେଲା,୧୯।୩(ଦିନେଶ ମିଶ୍ର): କିଶୋରମାନଙ୍କ ଚିନ୍ତାଶକ୍ତିକୁ କ୍ରିୟାଶୀଳ କରିବା ଲକ୍ଷ୍ୟନେଇ ସ୍ୱପ୍ନ-୨୦୫୦ ନାମକ ଏକ ଅଭିନବ କର୍ମଶାଳା ସେକ୍ଟର-୧୯ ସ୍ଥିତ ରାମକୃଷ୍ଣ ମିଶନ ପରିସରରେ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପଞ୍ଚମରୁ ଅଷ୍ଟମ ଓ ନବମ, ଦ୍ୱାଦଶ ଏହିପରି ୨ଟି ଗ୍ରୁପ୍‌ରେ ଛାତ୍ରୀଛାତ୍ରମାନେ ଯୋଗଦାନ କରି ନିର୍ଦ୍ଦିଷ୍ଟ ବିଷୟରେ ୨୦୫୦ ମସିହାରେ ଭାରତ ବର୍ଷକୁ କେଉଁ ସ୍ଥିତିରେ ଦେଖିବା ସେମାନଙ୍କ ସ୍ୱପ୍ନକୁ ନେଇ ପାୱାରପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରାଯିବ। ଅଧ୍ୟକ୍ଷ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦଙ୍କ ତତ୍ତ୍ୱାବଧାନ ଏବଂ ପ୍ରଫେସର ଅବିର ଚଟ୍ଟୋପାଧ୍ୟାୟ, ଶୁଭଜିତ ଦାସ ଓ ସରିସା ରାମକୃଷ୍ଣ ମିଶନ ସହଯୋଗରେ ଏହି ଏକ କର୍ମଶାଳା ହେବ। ପିଲାମାନଙ୍କ ମନରେ ସୃଜନଶୀଳ ଚିନ୍ତନ ଜାଗ୍ରତ ପାଇଁ ଏହି କର୍ମଶାଳା କରାଯାଉଥିବା ମିଶନ ପକ୍ଷରୁ ସୂଚନା ଦିଆଯାଇଛି।

### ଏମ୍.ଡି.ଏନ୍. ପାଣିକରଙ୍କ ଶ୍ରାଦ୍ଧ ଦିବସ ପାଳିତ

ରାଉରକେଲା,୧୯।୩(ସଙ୍ଗୀତା ଜେନା): ରାଉରକେଲା ଶ୍ରମିକ ସଂଘ (ଆରଏସ୍ଏସ୍)ର ପ୍ରତିଷ୍ଠାତା ସ୍ୱର୍ଗତ ଏମ୍.ଡି.ଏନ୍. ପାଣିକରଙ୍କ ଏକାଦଶତମ ଶ୍ରାଦ୍ଧ ଦିବସ ସଂଘ କାର୍ଯ୍ୟାଳୟରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିର ହୋଇଥିଲା। ସନ୍ଧ୍ୟାରେ ବରିଷ୍ଠ ଉପସଭାପତି ଆର୍. କେ. ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ସ୍ୱର୍ଗତ ପାଣିକରଙ୍କ ଆଦର୍ଶ ଓ ଦୃଢ଼ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ହରି ରାଉତରାୟ, ଉପସଭାପତି ଜନାର୍ଦ୍ଦନ ଦେହୁରୀ, ଅକ୍ଷୟ ଜେନା, ନିହାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉପସାଧାରଣ ସମ୍ପାଦକ ଦିଲୀପ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ରାଉରକେଲା ବଜରଙ୍ଗ ଦଳ ବୈଠକ

ରାଉରକେଲା,୧୯।୩(ଦିନେଶ ମିଶ୍ର): ବାସନ୍ତୀ କଲୋନୀ ସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଗୁରୁବାର ରାଉରକେଲା ବଜରଙ୍ଗ ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦିତନଗର ବଜରଙ୍ଗ ଦଳ ପ୍ରଭାରୀ ସୋନୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ ଆହ୍ୱାନ ଦିଆଯାଇଥିଲା। ସଦସ୍ୟ ଦୀପକ ତିୱାରୀ ନୂତନ ସଦସ୍ୟଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରତୀକ କୁମାର ଜେନା, ସୁଶୀଲ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### ହିନ୍ଦୁ ନବବର୍ଷ ପାଳିତ

ରାଉରକେଲା,୧୯।୩(ଦିନେଶ ମିଶ୍ର): ରାଉରକେଲା ସ୍ଥିତ ଲାଲ୍ ବିଲ୍ଡିଂ ଅଞ୍ଚଳରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଏଥିରେ ସମାଜସେବୀ ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୁ ରାଷ୍ଟ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ନୀଳିମା ସିଂ ହିନ୍ଦୁ ନବବର୍ଷ ଉପରେ ଆଲୋଚନା କରିଥିଲେ। ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଓ ବିଦେଶୀ ସାମଗ୍ରୀ ତ୍ୟାଗ କରିବାକୁ ଆଚାର୍ଯ୍ୟ ବିଜୟ ମହାନ୍ତି ଆହ୍ୱାନ ଦେଇଥିଲେ। କୋଷାଧ୍ୟକ୍ଷ ନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜମି ଅଧିଗ୍ରହଣରେ ସମସ୍ୟା, ପ୍ରକଳ୍ପ କାର୍ଯ୍ୟ ଧିମା

ରାଉରକେଲା, ୧୯।୩(ସଙ୍ଗୀତା ଜେନା)

**ହମିରପୁର ବ୍ୟାରେଜ-କମ୍- ବ୍ରିଜ୍ ପ୍ରକଳ୍ପ**


କୋଏଲ ନଦୀ ଉପରେ ନିର୍ମାଣାଧୀନ ବ୍ୟାରେଜ।

ରାଉରକେଲାରେ ସ୍ଥାୟୀ ଜଳସଙ୍କଟ ସମସ୍ୟା ହ୍ରାସ କରିବା, ଶିଳ୍ପ ଓ ଅର୍ଥନୀତିର ଉନ୍ନତି, କୃଷି ଉତ୍ପାଦନ ବୃଦ୍ଧି, ଭବିଷ୍ୟତରେ ଜଳସଙ୍କଟ ସମାଧାନ କରିବା ପାଇଁ କୋଏଲ ନଦୀ ଉପରେ ହମିରପୁର ବ୍ୟାରେଜ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ୫୦ ଏକର ଜମି ଅଧିଗ୍ରହଣ ହୋଇପାରି ନ ଥିବା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଧିମା ପଡିଛି। ଏହି ବ୍ୟାଜେର ସମ୍ପୂର୍ଣ୍ଣ ହେଲେ ଜଳ ସମସ୍ୟାର ସମାଧାନ ହେବ। ଅପରପକ୍ଷେ, ଆସନ୍ତା ଜୁନ୍ ଶେଷ ଭାଗରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

ରାଉରକେଲା ସହରରେ ମୁଖ୍ୟତଃ ଜଳ ଆବଶ୍ୟକତା ପୂରଣ ପାଇଁ କୋଏଲ ନଦୀର ହମିରପୁରଠାରେ ଉକ୍ତ ବ୍ୟାରେଜ-କମ୍-ବ୍ରିଜ୍ ପ୍ରକଳ୍ପ ୨୦୨୪ରେ ଆରମ୍ଭ ହୋଇଥିଲା। ଏଥିପାଇଁ ଆନୁମାନିକ ୨୫୦ରୁ ୩ଶହ କୋଟି ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅଧୀନ କୋଏଲନଗର, ଶକ୍ତିନଗର, ଜଗଦା ଅଞ୍ଚଳକୁ ପାନୀୟ ଜଳ ସୁବିଧା ସୁନିଶ୍ଚିତ ହେବ। ଏହା ନଦୀର ଦୁଇ ପାର୍ଶ୍ୱ ଅଞ୍ଚଳକୁ ସଂଯୋଗ କରାଯାଇପାରିବ। ଉକ୍ତ ପ୍ରକଳ୍ପର ଲମ୍ବ ୪୪୬.୧ ମିଟର ରହିଥିବା ବେଳେ ଦୁଇ ଲେନ୍ ବିଶିଷ୍ଟ ୭.୫ ମିଟର ପ୍ରସ୍ଥର ସଡ଼କ ନିର୍ମାଣ ହେଉଛି। ତେବେ ଉଭୟ ପାର୍ଶ୍ୱରେ ଆପ୍ରୋଚ୍ ରୋଡ୍ ଓ ଗାର୍ଡ ୱାଲ ନିର୍ମାଣ ପାଇଁ ୬୦ ଏକର ଜମିର ଆବଶ୍ୟକତା ରହିଥିବାବେଳେ ୫୦ ଏକର ଜମି ଏଯାଏ ଅଧିଗ୍ରହଣ ହୋଇପାରିନାହିଁ। ଚୁକ୍ତିଠାରୁ ୩୦ ମାସ ଅବଧି ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ସମୟ ସୀମା ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଚଳିତବର୍ଷ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଖରା ପ୍ରକୋପ ବୃଦ୍ଧି ଯୋଗୁ କୋଏଲ ନଦୀରେ ଜଳସ୍ତର ହ୍ରାସ ପାଉଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲେ ରାଉରକେଲା ସହିତ ବିଶ୍ରା, ନୂଆଗାଁର ୩୯ରୁ ଊର୍ଦ୍ଧ୍ୱ ପଞ୍ଚାୟତକୁ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଥାନ୍ତା।

ଝାଡ଼ଖଣ୍ଡ ଉପରମୁଣ୍ଡରେ ଏକାଧିକ ବ୍ୟାରେଜରେ ଜଳ ଅଟକ ଯୋଗୁ ଶୀତ ଋତୁ ଶେଷାର୍ଦ୍ଧରେ କୋଏଲ ନଦୀରେ ଜଳସ୍ରୋତ କମ୍ ହୋଇଯାଇଥାଏ। ବର୍ଷା ଋତୁରେ ଅଧିକ ଜଳ ସମୁଦ୍ରକୁ ପ୍ରବାହିତ ହେଉଥିବାରୁ ଏହାକୁ ସଂରକ୍ଷିତ କରି ସହରକୁ ସବୁଜ ଶ୍ୟାମଳା କରିବାକୁ ଯୋଜନା କରାଯାଇଥିଲା। ଏଥିପାଇଁ ତତ୍କାଳୀନ ସରକାରଙ୍କ ସମୟରେ ଉକ୍ତ ବ୍ୟାରେଜ ପାଇଁ ପାଣ୍ଠି ଅନୁମୋଦନ ହୋଇଥିବାବେଳେ ବିଳମ୍ବରେ କାମ ଆରମ୍ଭ ହୋଇଥିଲା। ଏ ନେଇ ରାଉରକେଲା ଜଳସମ୍ପଦ ଡିଭିଜନ ସୁପରିଟେଣ୍ଡେଣ୍ଟ ଇଂ. ପ୍ରଭାତ ସାହୁ କୁହନ୍ତି, ଉକ୍ତ ପ୍ରକଳ୍ପ ନେଇ ପାଣ୍ଠିର ଅଭାବ ନାହିଁ। ଏହାର ପ୍ରମୁଖ ସମସ୍ୟା ସାଜିଛି ଜମି ଅଧିଗ୍ରହଣ। ବ୍ୟାରେଜ ଓ ଆପ୍ରୋଚ ରୋଡ୍, ଆନୁଷଙ୍ଗିକ ନିର୍ମାଣ ପାଇଁ ୫୦ ଏକର ଜମି ଅଧିଗ୍ରହଣ ହୋଇପାରିନାହିଁ। ଏହାର ପ୍ରକ୍ରିୟା ଜାରି ରହିଛି। ଜୁନ୍ ମାସ ସୁଦ୍ଧା ଏହାକୁ ଶେଷ କରିବାକୁ ପ୍ରୟାସ କରାଯାଉଛି ବୋଲି ଇଂ. ସାହୁ କହିଥିଲେ।

# ସରକାରୀ ପାଣ୍ଠି ହେରଫେର ଅଭିଯୋଗ, ବିଏଏମ୍ ଗିରଫ

ରାଉରକେଲା,୧୯।୩(ସଙ୍ଗୀତା ଜେନା)

ସରକାରୀ ପାଣ୍ଠି ହେଫେର ଅଭିଯୋଗରେ ସୁନ୍ଦରଗଡ଼ ଜିଲା ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ କାର୍ଯ୍ୟରତ ଜଣେ ବ୍ଲକ ଆକାଉଣ୍ଟ ମ୍ୟାନେଜର (ବିଏଏମ୍)ଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଛେଣ୍ଡ କୌଶଲ୍ୟା ବିହାର ଅଞ୍ଚଳର ଶିବପ୍ରସାଦ ମଲ୍ଲିକ(୩୭)। ତାଙ୍କଠାରୁ ମୋବାଇଲ ଫୋନ୍, ଏକାଧିକ ବ୍ୟାଙ୍କର ପାସବୁକ୍, ପ୍ୟାନକାର୍ଡ, କ୍ରେଡିଟ୍ ଓ ଡେବିଟ୍ କାର୍ଡ, ନଗଦ ୮୮ ହଜାର ଟଙ୍କା, ନେପାଳୀ, ଭୁଟାନୀ ଟଙ୍କା, ୩୩.୪୨୬ ଗ୍ରାମ୍‌ର ସୁନାଗହଣା , ୧.୩୫ କେଜିର ରୂପା ଗହଣା, ହାତଘଡ଼ି, ସ୍କୁଟର, ବାଇକ ଏବଂ କାର୍ ଆଦି ଜବତ ହୋଇଛି। ତାଙ୍କୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୭୯/୨୬) ରୁଜୁ କରିଛି। ସିଏଚ୍‌ସିର ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରକାଶ ସାହୁ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ୨୦୨୨ରେ ବିଏଏମ୍ ମଲ୍ଲିକ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଥିଲେ। ୨୦୨୨ରୁ ୨୦୨୫ ପର୍ଯ୍ୟନ୍ତ ସେ ସିଏଚ୍‌ସିର ବ୍ୟାଙ୍କ ଆକାଉଣ୍ଟରେ ଥିବା ପାଣ୍ଠି ହେରଫେର୍ କରିଥିଲେ। ଅଭିଯୁକ୍ତ ଜଣଙ୍କ ଖୋଦ୍ ନିଜ ନାମ ଓ ଅନ୍ୟ ଜଣେ ଦଲଜିତ୍ କୌରଙ୍କ ନାମରେ ବ୍ୟାପକ ହେରଫେର୍ କରିଥିଲେ। ଏ ସମ୍ପର୍କରେ ଖୋଳତାଡ କରିବାରୁ ସତ୍ୟତା ଜଣାପଡ଼ିଥିଲା ଏବଂ ଗତ ୧୩ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା ବୋଲି ଡା. ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଏଏମ୍ ସରକାରଙ୍କ ଲକ୍ଷ ଲକ୍ଷ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିବା ସହ ସୁନାଗହଣା କିଣିଥିବା ଜଣାପଡ଼ିଛି।

# ସଚେତନତା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

ରାଉରକେଲା,୧୯।୩(ଦିନେଶ ମିଶ୍ର)

**ଇସ୍ପାତ ସହରରେ ସଡ଼କ ସୁରକ୍ଷା ଶୋଭାଯାତ୍ରା**

ରାଉରକେଲା ଡେଲିମାର୍କେଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରାଉଳ ଓ ରେଡ୍‌କ୍ରସ କାଉନସିଲର ରମଣୀରଞ୍ଜନ ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶୋଭାଯାତ୍ରାରେ ବିଦ୍ୟାଳୟର ୨୭୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ରାଉରକେଲା ରିଂରୋଡ୍ ଦେଇ ବଣିଆ ଛକ, ପ୍ଲାଣ୍ଟସାଇଟ୍ ହୋଇ ସ୍କୁଲ ପରିସରକୁ ଫେରିଥିଲା। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ରାସ୍ତାର ବାମପଟେ ଯାତାୟାତ କରିବା, ହେଲ୍‌ମେଣ୍ଟ ପିନ୍ଧି ଗାଡି ଚାଳନା କରିବା, ଗାଡିଚାଳନା ବେଳେ ଫୋନ ବ୍ୟବହାର ନ କରିବା ଭଳି ବିଭିନ୍ନ ସୁରକ୍ଷା ସଚେତନତା ସତର୍କ ବାର୍ତ୍ତା ଦେଇଥିଲେ। ସେମାନେ ପ୍ଲାଣ୍ଟସାଇଟ୍ ଛକରେ ଯେଉଁ ଦୁଇ ଚକିଆ ଓ ଚାରି ଚକିଆ ଯାନ ବ୍ୟବହାରକାରୀ ଯଥାକ୍ରମେ ହେଲମେଟ୍ ଓ କାର୍‌ର ସିଟ୍‌ବେଲ୍ଟ ବାନ୍ଧି ନ ଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପ୍ଲାଣ୍ଟାସାଇଟ୍ ଥାନାଧିକାରୀ ବିଭସ୍ ରଞ୍ଜନ ପ୍ରଧାନ, ଆଭା ଅନ୍ୱେଷର ସଭାପତି ଆର୍ତ୍ତତ୍ରାଣ ଜେନା, ଶିକ୍ଷକ ମନୋଜ କୁମାର କେରକେଟ୍ଟା, ବିକର୍ତ୍ତନ ମହାନ୍ତ, ସତ୍ୟବାଦୀ ବେହେରା, ସୁଧୀର ଟେଟେ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମସ୍ତ ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ଶପଥ ନେଇଥିଲେ।

### ରାଉରକେଲା ଏନ୍‌ଆଇଟି ଯୁବ ସଙ୍ଗମ କାର୍ଯ୍ୟକ୍ରମର ନୋଡାଲ ପ୍ରତିଷ୍ଠାନ

ରାଉରକେଲା,୧୯।୩(ସଙ୍ଗୀତା ଜେନା): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏକ ଭାରତ ଶ୍ରେଷ୍ଠ ଭାରତ ପଦକ୍ଷେପ ଅଧୀନରେ ଏକ ପ୍ରମୁଖ ଯୁବ ବିନିମୟ କାର୍ଯ୍ୟକ୍ରମ ଯୁବ ସଙ୍ଗମ-ପର୍ଯ୍ୟାୟ ୬ ପାଇଁ ଅନଲାଇନ୍ ପଞ୍ଜୀକରଣ ଚାଲିଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଯୁବ ନାଗରିକମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିବା ଏହାର ଲକ୍ଷ୍ୟ। ଏହି ପର୍ଯ୍ୟାୟ ପାଇଁ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ରାଉରକେଲାକୁ ଓଡ଼ିଶାରୁ ନୋଡାଲ ପ୍ରତିଷ୍ଠାନ ଭାବେ ମନୋନୀତ କରାଯାଇଛି। ଏହା ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଅହମ୍ମଦାବାଦ ସହଯୋଗରେ କାର୍ଯ୍ୟକ୍ରମର ସମନ୍ୱୟ କରିବ। ଗୁଜରାଟ, ଦାଦ୍ରା ଓ ନଗର ହାଭେଲି ଏବଂ ଦାମନ ଓ ଦିଉ ପାଇଁ ରାଉରକେଲା ଏନ୍‌ଆଇଟି ନୋଡାଲ୍ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରୁଛି। କାର୍ଯ୍ୟକ୍ରମର ସରକାରୀ ପୋର୍ଟାଲ୍ ମାଧ୍ୟମରେ ପଞ୍ଜୀକରଣ କରାଯାଉଛି। ମାର୍ଚ୍ଚ ୨୫ ଶେଷ ତାରିଖ ରହିଛି। ବର୍ତ୍ତମାନ ରାଉରକେଲା ଏନ୍‌ଆଇଟିରେ ସହାୟକ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ୱିନି ରାଉତରାୟ ଯୁବ ସଙ୍ଗମ ପର୍ଯ୍ୟାୟ ୬ ପାଇଁ ଓଡ଼ିଶାରୁ ନୋଡାଲ୍ ଅଧିକାରୀ ରହିଛନ୍ତି।

# ରାଜକିଶୋର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ଉପ ସଭାପତି ନିର୍ବାଚିତ

ରାଉରକେଲା,୧୯।୩(ସଙ୍ଗୀତା ଜେନା)

**ରାଉରକେଲା ଓକିଲ ସଂଘ ନିର୍ବାଚନ**

ମାର୍ଚ୍ଚ ୨୮ରେ ରାଉରକେଲା ଓକିଲ ସଂଘ ନିର୍ବାଚନ ହେବ ବୋଲି ନିର୍ବାଚନ ଅଧିକାରୀ ସରୋଜ ନାରାୟଣ ମହାପାତ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଉକ୍ତ ଦିନ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଂଘ କାର୍ଯ୍ୟାଳୟରେ ଭୋଟ ଗ୍ରହଣ ହେବ। ଅପରାହ୍ନ ୪ଟାରେ ଭୋଟ ଗଣତି ସହ ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ। ଉକ୍ତ ନିର୍ବାଚନରେ ମୋଟ୍ ୮୪୯ ଭୋଟର ନିଜର ମତ ସାବ୍ୟସ୍ତ କରିବେ। ସଭାପତି ପଦ ପାଇଁ ନିହାର ରଞ୍ଜନ ମହାନ୍ତି ଓ ସଦାନନ୍ଦ ସାହୁ, ସମ୍ପାଦକ ପଦ ପାଇଁ ଦେବାନନ୍ଦ ତନ୍ତୀ ଓ ଲିଙ୍ଗମ ଅନୁସୁରୁ ହରି ଡୋରା, ଯୁଗ୍ମ ସମ୍ପାଦକ ପଦବୀରେ ପୁନମ୍ ଓରାମ ଓ ଶାନ୍ତନୁ କୁମାର ଦାସ, ସହ ସମ୍ପାଦକ (ଲାଇବ୍ରେରୀ) ପଦବୀରେ ପ୍ରମୋଦ କୁମାର ମହାନ୍ତି, ରାଜଶ୍ରୀ ମିଶ୍ର ଓ ଶ୍ରୀନିବାସ ପଣ୍ଡାଙ୍କ ମଧ୍ୟରେ କଡା ମୁକାବିଲା ହେଉଛି। ସଂଘର ଉପ ସଭାପତି ପଦବୀରେ ରାଜକିଶୋର ପ୍ରଧାନ ଓ ଶ୍ରୀନିବାସ ପଣ୍ଡା ନାମାଙ୍କନ ଦାଖଲ କରିଥିବା ବେଳେ ଶ୍ରୀନିବାସ ପଣ୍ଡା ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ରାଜକିଶୋର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ପଦବୀରେ ଅକ୍ଷୟ କୁମାର ସିଂହଦେଓ, ସହ ସମ୍ପାଦକ (ଏଏସ୍ଏମ୍ ଫଣ୍ଡ) ଭାବେ ତାପସ ପରିଡ଼ା, କାର୍ଯ୍ୟକାରୀ କମିଟି ସଦସ୍ୟ ୨୦ ବର୍ଷ ପାଇଁ ବନ୍ଦନା ପଣ୍ଡା, ମହେଶ୍ୱର ପୂରଣ, କାର୍ଯ୍ୟକାରୀ କମିଟି ସଦସ୍ୟ ୧୦ ବର୍ଷ ପାଇଁ ଋଷି ଶେଖର ମହନ୍ତ, କାର୍ଯ୍ୟକାରୀ କମିଟି ସଦସ୍ୟ ୭ ବର୍ଷ ପାଇଁ ଅଭିଷେକ ସିଂହ, କାର୍ଯ୍ୟକାରୀ କମିଟି ସଦସ୍ୟା ପାଇଁ ସୁମିତା ନନ୍ଦ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ମହାପାତ୍ର ଜଣାଇଛନ୍ତି। ମାର୍ଚ୍ଚ ୨୮ରେ ହେବାକୁ ଯାଉଥିବା ସଂଘ ନିର୍ବାଚନକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି।

# ପାଠପଢ଼ା ପାଇଁ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)



ଜଣେ ଛାତ୍ରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଆର୍‌ଏସ୍‌ପିର ଶିକ୍ଷା କ୍ଷେତ୍ରରେ ସିଏସ୍ଆର ପଦକ୍ଷେପର ଅଂଶସ୍ୱରୂପ ଗତ ୧୪ ତାରିଖରେ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ଏକ ସମାରୋହରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ୫୧ ଜଣ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସମସ୍ତ ହିତାଧିକାରୀ ସୁନ୍ଦରଗଡ଼ ଜିଲା ଆଦର୍ଶ ଇସ୍ପାତ ଗ୍ରାମ ଏବଂ ଆର୍‌ଏସ୍‌ପି ପୁନର୍ବସତି କଲୋନୀର ଆର୍ଥିକ ଅନଗ୍ରସର ଓ ଅବହେଳିତ ବର୍ଗର ଛାତ୍ରୀଛାତ୍ର ଅଟନ୍ତି। ଏମାନଙ୍କ ମଧ୍ୟରୁ ୨୫ ଛାତ୍ରୀଛାତ୍ର ୨୦୨୫-୨୬ ଶିକ୍ଷାବର୍ଷରେ ବୃତ୍ତିଗତ ପାଠ୍ୟକ୍ରମରେ ଯୋଗ ଦେଇଛନ୍ତି ଏବଂ ଅବଶିଷ୍ଟ ୨୬ ଛାତ୍ରୀଛାତ୍ର ଏହି ଯୋଜନା ଅଧୀନରେ ସେମାନଙ୍କ ବୃତ୍ତିଗତ ଅଧ୍ୟୟନ ଜାରି ରଖିଛନ୍ତି। ସମାରୋହରେ ସହର ସେବା ଓ ସିଏସ୍ଆର ବିଭାଗର ସିଜିଏମ ଟି. ଜି. କାନେକର ଅଧ୍ୟକ୍ଷତା କରିବା ସହ ହିତାଧିକାରୀମାନଙ୍କୁ ଡମି ଚେକ୍ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସିଏସ୍ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିଲେ। ସିଏସ୍ଆର ବିଭାଗର ଡିଜିଏମ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍ଆର ବିଭାଗର ଡେପୁଟି ମ୍ୟାନେଜର ଏସ୍. କେ. ସୁକୁଲା ଏବଂ ସେକ୍ସନ ଅଫିସର ବି. ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୃତ୍ତିଗତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପଢୁଥିବା ଅବହେଳିତ ବର୍ଗର ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ମନୋନୀତ ଛାତ୍ରୀଛାତ୍ର ପ୍ରତିବର୍ଷ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପାଇଥାନ୍ତି। ଦୁଇ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୬୦ହଜାର ଟଙ୍କା, ବି.ଟେକ୍ ଭଳି ଚାରି ବର୍ଷର ସ୍ନାତକ ପାଠ୍ୟକ୍ରମ ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ଏବଂ ପାଞ୍ଚ ବର୍ଷର ଏମ୍‌ବିବିଏସ ପାଠ୍ୟକ୍ରମ ପାଇଁ ଦେଢ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ନାରୀ ସଂସ୍କୃତି, ପରମ୍ପରାର ରକ୍ଷକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ବୁଧବାର ବସୁଧୈବ କୁଟୁମ୍ବକମ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ସଭାନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ନାଟ୍ୟ ନିର୍ଦ୍ଦେଶକ ରାଜୀବ ପାଣି ମୁଖ୍ୟ ବକ୍ତା ଏବଂ ଚିନ୍ମୟ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପାଣି 'ନାରୀ ସଂସ୍କୃତି ଓ ପରମ୍ପରାର ରକ୍ଷକ' ଶୀର୍ଷକ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସ୍ନେହଲତା ନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ଅନୀଲ ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ସଭା ପରିଚାଳନା କରିଥିଲେ। ଉପସଭାପତି ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ହୋଇଥିଲା। ଏହାକୁ କବି ବିନତା ମହାନ୍ତ ଓ ଅର୍ଚ୍ଚନା ପାତ୍ର ସଂଯୋଜନା କରିଥିଲେ। ସୂର୍ଯ୍ୟକାନ୍ତ ପଣ୍ଡା, ମହାଦେବ ମାଝୀ ସହଯୋଗ କରିଥିଲେ।

# ଗାୟତ୍ରୀ ପୀଠରେ ନବରାତ୍ର ପୂଜା

ରାଉରକେଲା,୧୯।୩(ଦିନେଶ ମିଶ୍ର)

ସେକ୍ଟର-୨ ସ୍ଥିତ ଜନ ଜାଗରଣ କେନ୍ଦ୍ର ଗାୟତ୍ରୀ ଶକ୍ତି ପୀଠରେ ଗୁରୁବାର ଚୈତ୍ର ମାସ ନବରାତ୍ର ପୂଜା ଆରମ୍ଭ ହୋଇଛି। ରାଉରକେଲା ତଥା ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏଥିରେ ଅଂଶଗ୍ରହଣ କରି ପୂଜାର୍ଚ୍ଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ୨୪ ହଜାର ଥର ଗାୟତ୍ରୀ ମହାମନ୍ତ୍ର ଜପ କରାଯାଇଥିଲା। ପୀଠର ମୁଖ୍ୟ ଟ୍ରଷ୍ଟି ନିତ୍ୟାନନ୍ଦ ଦାସଙ୍କ ଉପସ୍ଥିତିରେ ଆୟୋଜିତ ଏହି ପୂଜା ୯ ଦିନ ଧରି ଚାଲିବ। ଏହି ଦିନମାନଙ୍କରେ କନ୍ୟା ପୂଜନ, ହୋମଯଜ୍ଞର ପୂର୍ଣ୍ଣାହୁତି, ବେଦମୂର୍ତ୍ତି ପୂଜନ ସହ ପୁଷ୍ପାଞ୍ଜଳି ଆୟୋଜନ କରାଯିବ। ପ୍ରଥମ ଦିନରେ ପୀଠରେ ସ୍ଥାପିତ ଆଦିମାତା ଗାୟତ୍ରୀଙ୍କ ଷୋଡଶ ଉପଚାର ପୂଜା କରାଯାଇଥିଲା। ମା'ଙ୍କୁ ପୁଷ୍ପମାଲ୍ୟରେ ସଜ୍ଜିତ କରି ଭକ୍ତଙ୍କ ଦର୍ଶନ ଲାଗି ଛଡାଯାଇଥିଲା। ପରେ ବ୍ରତଧାରୀମାନେ ସାମୂହିକ ବ୍ରତକୁ ବନ୍ଦାପନା କରି ପରିଧାନ କରିଥିଲେ। ଗାୟତ୍ରୀ ଶକ୍ତିପୀଠର କର୍ମକର୍ତ୍ତା ସହଯୋଗ କରିଥିଲେ।


ନବରାତ୍ର ପୂଜାରେ ଉପସ୍ଥିତ ଶ୍ରଦ୍ଧାଳୁଗଣ।

# 'ବନ୍ଦୀ' ନାଟକରେ ବନ୍ଦୀର କାହାଣୀ

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)


ପରିବେଷିତ ନାଟକର ଏକ ଦୃଶ୍ୟ।

**ପ୍ରତିବିମ୍ବ ନାଟ୍ୟ ସଙ୍ଗମର ୪ର୍ଥ ସନ୍ଧ୍ୟା**

ପ୍ରତିବିମ୍ବ ନାଟ୍ୟ ସଙ୍ଗମର ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ପୁରୀ ଜିଲା ପିପିଲିର ରଙ୍ଗଲୋକ ଥିଏଟର ପକ୍ଷରୁ ତୁଷାରକାନ୍ତ ପଟ୍ଟନାୟକଙ୍କ ରଚିତ ଓ ଦୁର୍ଯ୍ୟୋଧନ ସାହୁଙ୍କ ନିର୍ଦ୍ଦେଶନାରେ ଏକକ ନାଟକ 'ବନ୍ଦୀ' ମଞ୍ଚସ୍ଥ ହୋଇଯାଇଛି। ସିଭିକ ସେଣ୍ଟର୍‌ଠାରେ ଆୟୋଜିତ ଏହି ନାଟ୍ୟ କାର୍ଯ୍ୟକ୍ରମରେ ଝିଲିମା ମହାନ୍ତିଙ୍କ ମଞ୍ଚ ସଂଯୋଜନାରେ ଆର୍‌ଏସ୍‌ପିର ସିଜିଏମ ଏତୁଆ ଓରାମ, ନାଟ୍ୟ ସଙ୍ଗଠକ ଶରତ ଦାସ, ଏକତ୍ରର ସମ୍ପାଦକ ବିଜୟ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ସୋମନାଥ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ମା' ପେଟରୁ କେହି ଅପରାଧୀ ହେଇ ନ ଥାଏ। ପ୍ରକୃତି, ପରିବେଶ, ପରିସ୍ଥିତି ମଣିଷକୁ କେତେବେଳେ କାହାକୁ ଅପରାଧୀ ସଜେଇ ଦିଏ। ସେମିତି ନାଟକର ନାୟକ ସୁରଜ ମହାନ୍ତି କେଉଁ ପରିସ୍ଥିତିରେ ଅପରାଧୀ ସାଜି ଆଜି କାରାଗାରରେ ବନ୍ଦୀ। ହେଲେ କାହା ପାଇଁ ନିଜେ ବଡ଼ ହେବାର ସ୍ୱପ୍ନ ପାଇଁ ନା ଜନ୍ମ କଲା ମା' ବାପାଙ୍କ ପାଇଁ ନା ସମାଜର ଭଦ୍ରମୁଖା ପିନ୍ଧା ଚାଟାଙ୍କ ପାଇଁ ନା ସରକାରୀ ନୀତି ନିୟମ ପାଇଁ ଏମିତି ଅନେକ ଗୁଡ଼ିଏ ପ୍ରଶ୍ନକୁ ନେଇ ଗତିଶୀଳ ହୋଇଛି ବନ୍ଦୀର କାହାଣୀ। ନାଟକକୁ ତୁଷାରକାନ୍ତ ପଟ୍ଟନାୟକ ରଚନା କରିଥିଲାବେଳେ ନିର୍ଦ୍ଦେଶନା ଓ ଅଭିନୟ କରିଛନ୍ତି ଦୁର୍ଯ୍ୟୋଧନ ସାହୁ। ମଞ୍ଚରେ ଶିବ ବେହେରା, ଆଲୋକରେ ବିକାଶ ପ୍ରଧାନ ସଙ୍ଗୀତରେ ରାଜକୁମାର, ଗୀତରେ ବୀଣାପାଣି ରାୟ ଓ କଣ୍ଠରେ ମାରୁତି ପୁହାଣ ସହଯୋଗ କରିଥିଲେ। ଏହି ଅବସରରେ ଅମୂଲ୍ୟ କୁମାର ବିଶୋଇ, ଅଶୋକ କୁମାର ଦାସ, କଲ୍ୟାଣୀ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀପକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ ଜାଗରଣ ମହାଯଜ୍ଞ ପାଇଁ କଳସ ଯାତ୍ରା

କଣ୍ଟାବାଞ୍ଜି,୧୯।୩( ଗୁରୁ ଦୟାଳ ହଂସ )- ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଚଳିତବର୍ଷ ପାଳିତ ହେବାକୁ ଯାଉଛି ଶ୍ରୀରାମ ନବମୀ ମହୋତ୍ସବ । ଏହି ଅବସରରେ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ୯ କୁଣ୍ଡିୟ ଜନ ଜାଗରଣ ମହାଯଜ୍ଞର ଆୟୋଜନ କରାଯାଇଛି । ଏଥିପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ହେମାଳ ଭବନ ସମ୍ମୁଖରୁ କଳସ ଯାତ୍ରା ବାହାରି ଶ୍ରୀରାମ ମନ୍ଦିର ଯାଏ ଯାଇଥିଲା । ପରେ କଳସ ରଖି ପୂଜାର୍ଚ୍ଚନା କରାଯାଇଥିଲା । ଏହି କଳସ ଯାତ୍ରା ରେ ଶ୍ରୀରାମ ନବମୀ ମହୋତ୍ସବ କମିଟିର ସମସ୍ତ ସଦସ୍ୟ, ସଭାପତି ରାଜୁ ଶର୍ମା, ସମ୍ପାଦକ ବେଦବ୍ୟାସ ନାଗ, ପ୍ରଦୀପ ଖଣ୍ଡେଲୱାଲ, ଚିନ୍ମୟ ଯୋଶୀ, ପ୍ରଦୀପ ବାଗ, ନିଶିକାନ୍ତ ମହାପାତ୍ରଙ୍କ ସମେତ ବଜରଙ୍ଗ ଦଳର ଅନେକ ସଦସ୍ୟ ସାମିଲ ଥିଲେ ।

## ସଂକ୍ଷେପରେ

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ଲୋଇସିଂହା,୧୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଓ ହିନ୍ଦୁ ନବବର୍ଷ ଗୁରୁବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଶିବ ବାରି ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ମଞ୍ଜୁବାଳା ମେହେର ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଶିଶୁ ବାଟିକା ପ୍ରମୁଖ ବବିତା ମାହାଣା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁନୀତା କର ଗୀତ ଗାଇଥିଲେ। ଗୁରୁମା ଲିଲି ପଟେଲ, ଗୌରୀ ତରିଆ ସହଯୋଗ କରିଥିଲେ। ରାଜଲକ୍ଷ୍ମୀ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ଟିଟିଲାଗଡ଼,୧୯।୩(ଶରତ ମିଶ୍ର)

ଗୁରୁବାର ଟିଟିଲାଗଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ସ୍ଥାନୀୟ ଘଣ୍ଟବାହାଲି ଗ୍ରାମରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଟିଟିଲାଗଡ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ପରମାନନ୍ଦ ଛତର ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିପିଓ ଗଙ୍ଗାଧର ଛତର ଯୋଗଦେଇ ଶିଶୁମାନଙ୍କୁ ଇଂରାଜୀ ନବବର୍ଷଠାରୁ ହିନ୍ଦୁ ନବବର୍ଷର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜ୍ୟୋତି ପ୍ରକାଶ ଗଡ଼ତ୍ୟା ହିନ୍ଦୁ ନବବର୍ଷର ବୈଜ୍ଞାନିକ ଓ ପୌରାଣିକ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦାଶରଥି ଘିଭେଲା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଡମ୍ବରୁଧର କର୍ମୀ, ଘଣ୍ଟବାହାଲି ଗ୍ରାମର ଗଉଁତିଆ ପ୍ରତାପ ଛତର, ପୂର୍ବତନ ସରପଞ୍ଚ ଝସକେତନ ଛତର , ସମିତି ସଭ୍ୟ ଭରତ ହାତୀ, ପୂର୍ବତନ ସରପଞ୍ଚ ଇନ୍ଦ୍ରଦେବ ଜାନୀ, ହେମରାଜ ଛତର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଘଣ୍ଟବାହାଲି ଗ୍ରାମରେ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ସହ ହିନ୍ଦୁ ନବବର୍ଷ ଉପଲକ୍ଷେ ଶୁଭକାମନା ଏବଂ ଜନ ଜାଗରଣ କରାଯାଇଥିଲା। ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ମଦନ ମୋହନ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ବର୍ଷେ ନ ପୂରୁଣୁ ରାସ୍ତାରେ ଫାଟ

**କାମରେ ଆସୁନି ନିର୍ମାଣ ହୋଇଥିବା ପାହାଚ**

ଦେଓଗାଁ,୧୯।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଆଭ୍ୟନ୍ତରୀଣ ଗାଁଗୁଡିକରେ ଉନ୍ନୟନ କାମ ଅତ୍ୟନ୍ତ ନିମ୍ନମାନର କରାଯାଇ ସରକାରୀ ଅର୍ଥ ଆତ୍ମସାତ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଏନେଇ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି । ଫଳରେ ନିର୍ମାଣ କରାଯାଉଥିବା ପ୍ରକଳ୍ପ କମ ଦିନ ଭିତରେ ନଷ୍ଟ ହୋଇଯାଉଛି । ସଂପୃକ୍ତ ଠିକାଦାରମାନେ ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ବେଖାତିର କରି ବେପରୁଆ ଭାବେ କାମ କରି ଅନାୟାସରେ ବିଲ୍ ନେଇ ଯାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ଦେଓଗାଁ ବ୍ଲକର ସିକୁଆଁ ପଞ୍ଚାୟତ ମୁଖ୍ୟାଳୟରେ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି । ବ୍ଲକ ତରଫରୁ ସିକୁଆଁର ବନ୍ଧ ଆଡି ରାସ୍ତା କଂକ୍ରିଟକରଣ, ବନ୍ଧରେ ୨ଟି ପାହାଚ ନିର୍ମାଣ ସହ ଚେଞ୍ଜିଙ୍ଗ ଘର ନିର୍ମାଣ ବାବଦକୁ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ କାମ କରାଯାଇଛି। କିନ୍ତୁ ନିମ୍ନମାନର କାମ ଯୋଗୁ ବର୍ଷେ ନ ପୂରୁଣୁ ବନ୍ଧ ଆଡି ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପାହାଚ ନିର୍ମାଣ ହୋଇଥିଲେ ହେଁ ଲୋକଙ୍କ କୌଣସି କାମରେ ଆସୁ ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି । ଏଥିପ୍ରତି ଜିଲାପାଳ ଦେଇ ହୋଇଥିବା କାମର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ମିଳୁନି ଏଲ୍‌ପିଜି ସିଲିଣ୍ଡର, ଅଡୁଆରେ ହୋଟେଲ ଶିଳ୍ପ

ବଲାଙ୍ଗୀର,୧୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ଇରାନ-ଇସ୍ରାଏଲ-ଆମେରିକା ଯୁଦ୍ଧ ଭାରତର ରନ୍ଧନ ଗ୍ୟାସ୍ ଯୋଗାଣ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ରନ୍ଧନ ଗ୍ୟାସ ଅଭାବରୁ ବଲାଙ୍ଗୀର ସହରରେ ଏବେ ହୋଟେଲ ଶିଳ୍ପ ଏବଂ ଉପଭୋକ୍ତା ପ୍ରଭାବିତ ହେଲେଣି। ଠିକଣା ସମୟରେ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ମିଳୁ ନଥିବାରୁ ଅନେକ ହୋଟେଲ ସେମାନଙ୍କ ରେଷ୍ଟୁରାଣ୍ଟ ବନ୍ଦ କରିଥିବା ଏବଂ ଅନେକ ଚଢ଼ା ଦରରେ ଗ୍ୟାସ୍ ସିଲିଣ୍ଡର କିଣୁଥିବା ଜଣାପଡିଛି। ସହରର ଅନେକ ଛୋଟ ହୋଟେଲ ଏବେ ପୁଣି ଥରେ କାଠ ଚୁଲିକୁ ଫେରିଥିବା ଦେଖାଯାଉଛି। ସିଲିଣ୍ଡର ମିଳୁନଥିବାରୁ ଅନେକ ଦୋକାନ ବନ୍ଦ ହୋଇ ଯାଇଥିବା ଜଣାପଡିଛି। ହୋଟେଲଗୁଡିକ ପାଇଁ କମର୍ସିଆଲ ସିଲିଣ୍ଡର ଯୋଗାଣ ବ୍ୟବସ୍ଥା ରହିଥିଲେ ମଧ୍ୟ ବହୁ ହୋଟେଲ ମାଲିକ ଘରୋଇ ଗ୍ୟାସ ସିଲିଣ୍ଡରରେ ହୋଟେଲ ଏବଂ ଦୋକାନ ଚଳାଉଥିଲେ। ଏବେ ଯୁଦ୍ଧ ସ୍ଥିତି କାରଣରୁ ବ୍ୟବସାୟିକ ପ୍ରତିଷ୍ଠାନକୁ କେବଳ କମର୍ସିଆଲ ସିଲିଣ୍ଡର ଛଡା ଘରୋଇ ସିଲିଣ୍ଡିର ଯୋଗାଣକୁ କଡାକଡି କରିବା ପରେ ହୋଟେଲ ଓ ଦୋକାନ ମାଲିକମାନେ ଅଡୁଆରେ ପଡିଛନ୍ତି। ଏହାସହିତ ସହରର ବିଭିନ୍ନ ରାସ୍ତାକଡରେ ଶତାଧିକ ଉଠାଦୋକାନୀ ଘରୋଇ ସିଲିଣ୍ଡିରରେ ଦୋକାନ ଖୋଲିଥିଲେ ମଧ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ ଷ୍ଟାଫ୍ କି ଜିଲା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିଲା। ଗ୍ୟାସ୍ ଏଜେନ୍ସିଗୁଡିକ କମର୍ସିଆଲ ସିଲିଣ୍ଡର ପରିବର୍ତ୍ତେ ଘରୋଇ ସିଲିଣ୍ଡରକୁ ଦୋକାନୀକୁ ଟେକି ଦେଉଥିଲେ। ଏବେ ସିଲିଣ୍ଡିର ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ପରେ ଲୋକ ଦେଖାଣିଆ ଭାବେ ପ୍ରଶାସନ ଏନଫୋର୍ସମେଣ୍ଟ ଟିମ୍ କରିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କୁ ପଚରାଯିବାରେ ଅଭିଯୋଗକୁ ଖଣ୍ଡନ କରିବା ସହ ପ୍ରଶାସନିକ ନିର୍ଦ୍ଦେଶ ଅନୁଯାୟୀ ଗ୍ୟାସ୍ ଯୋଗାଣ କରାଯାଉଛି ବୋଲି କହିଛନ୍ତି।

## ବେଆଇନ ବ୍ୟବହାର ରୋକିବା ପାଇଁ ଚଢ଼ାଉ


ବଲାଙ୍ଗୀର ସହରରେ ଚଢ଼ାଉ କରାଯାଉଛି।

ଘରୋଇ ଏଲ୍‌ପିଜି ସିଲିଣ୍ଡରର ବ୍ୟବସାୟିକ ବେଆଇନ ବ୍ୟବହାରକୁ ରୋକିବା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏନଫୋର୍ସମେଣ୍ଟ ଟିମ୍ ଗୁରୁବାର ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅତିରିକ୍ତ ଯୋଗାଣ ଅଧିକାରୀ ପୁଷ୍ପଲତା ଦାସ, ସହାୟକ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ରାଉତ, ସହାୟକ ଯୋଗାଣ ଅଧିକାରୀ ପୀତବାସ ମଲ୍ଲିକ, ଦେଓଗାଁ ଯୋଗାଣ ନିରୀକ୍ଷକ ବିଶ୍ୱଜିତ ରାଉତ, ଗୁଡଭେଲା ଯୋଗାଣ ନିରୀକ୍ଷକ ଦିବ୍ୟଶକ୍ତି ବେହେରା, ପୁଇଁନ୍ତଲା ଯୋଗାଣ ନିରୀକ୍ଷକ ତାପସ ତ୍ରିପାଠୀ, ବଲାଙ୍ଗୀର ଏମଆଇଆଇ ଜ୍ୟୋତି ପ୍ରକାଶ ଦାସଙ୍କୁ ନେଇ ଗଠିତ ଏନ୍‌ଫୋର୍ସମେଣ୍ଟ ଟିମ୍ ସକାଳ ୯ଟାରୁ ଯାଞ୍ଚ ଆରମ୍ଭ କରିଥିଲେ। ଯାଞ୍ଚ ବେଳେ ଏକ ହୋଟେଲରୁ ୫ଟି ଘରୋଇ ଏଲ୍‌ପିଜି ସିଲିଣ୍ଡର ଜବତ କରିଥିଲେ। ଜବତ ୫ ସିଲିଣ୍ଡର ଭିତରେ ୨ଟି ଅଧା ପୂର୍ଣ୍ଣ ଏବଂ ୩ଟି ଖାଲି ସିଲିଣ୍ଡର ରହିଥିବା ଜଣାଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଗୁଡଭେଲାର ଯୋଗାଣ ନିରୀକ୍ଷକ ରହିଥିବା ସୂଚନା ଦିଆଯାଇଛି। ସେହିପରି ଅନ୍ୟ ଏକ ହୋଟେଲରୁ ୩ଟି ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ବଲାଙ୍ଗୀର ମ୍ୟୁନିସିପାଲିଟିର ଯୋଗାଣ ନିରୀକ୍ଷକ ରହିଥିଲେ। ଜବତ ସିଲିଣ୍ଡର ଗୁଡିକୁ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀଙ୍କ ନିୟନ୍ତ୍ରଣରେ ରଖାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଘରୋଇ ଏଲ୍‌ପିଜି ସିଲିଣ୍ଡରକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଗଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

# ରାଜ୍ୟସ୍ତରୀୟ ମହାକୋଶଲ ନାଟବାଦୀ ଉଦ୍‌ଘାଟିତ


ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'ବା'ର ଏକ ଦୃଶ୍ୟ।

ବଲାଙ୍ଗୀର,୧୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲିସ୍ଥିତ ରାମଜୀ ଯୁବକ ସଂଘ ପକ୍ଷରୁ ସାଇଟ୍ କଲେଜ ପଲ୍ଲୀଶ୍ରୀ ବିହାର ପରିସରସ୍ଥ ରାଧାକୃଷ୍ଣ ମଣ୍ଡପରେ ରାଜ୍ୟସ୍ତରୀୟ ମହାକୋଶଲ କୋଶଲୀ ନାଟବାଦୀ ନାଟ୍ ଯାତରା ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ସାଇଟ୍ କଲେଜ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଓ ତାଙ୍କ ସ୍ତ୍ରୀ ସୁଲୋଚନା ମିଶ୍ର ଏବଂ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ନାଟ୍ୟକାର ଅଶୋକ ବହିଦାରଙ୍କ ଲିଖିତ ଏବଂ ପ୍ରହ୍ଲାଦ ଦର୍ଜିଙ୍କ ନିର୍ଦ୍ଦେଶିତ ନାଟକ 'ବା' ମଞ୍ଚସ୍ଥ ହୋଇଥିଲା। ବଲାଙ୍ଗୀର ନଟରାଜ କଳା ପରିଷଦର କଳାକାରମାନେ ଏହାକୁ ପରିବେଷଣ କରିଥିଲେ। ନାଟକ ପ୍ରଦର୍ଶନ ପରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ହିମାଂଶୁ ପାଢୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ମିଶ୍ର ଯୋଗଦାନ କରିଥିଲେ। ସାଇଟ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ତୃପ୍ତିମୟୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ନାଟ୍ୟକାର ସ୍ୱର୍ଗତ ଉଗ୍ରସେନ ଷଡଙ୍ଗୀ ଓ ଲୀଳା ନାଟକ କଳାକାର ସ୍ୱର୍ଗତ ପବିତ୍ର ନାଏକଙ୍କ ସ୍ମୃତିରେ ପ୍ରଥମ ଦିନର ମଞ୍ଚକୁ ସମର୍ପିତ କରାଯାଇଥିଲା। ଏହି ଅବସରରେ ସୋହେଲାର ନାଟ୍ୟକାର ତୁଷାରକାନ୍ତ ସାହୁଙ୍କୁ କୋଶଲ ଗୌରବ ନାଟ୍ୟ ସମ୍ମାନ ଓ ରାଜୀବ ଲୋଚନ ଆଚାର୍ଯ୍ୟଙ୍କୁ ଭାଷା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦିଲୀପ ଷଡଙ୍ଗୀଙ୍କୁ ନାଟକ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅଭିନେତ୍ରୀ ଶ୍ରୀରାଧାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇ ୧୦ ହଜାର ଟଙ୍କା ପୁରସ୍କାର ସ୍ୱରୂପ ଦିଆଯାଇଥିଲା। ସାଇଟ୍ କଲେଜ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ଯାତ୍ରଯାତରା ସମ୍ପର୍କରେ ସୂଚନା ଦେଇଥିଲେ। ସଭା ପରେ ଦେଓଗାଁ ବ୍ଲକ ଶ୍ରୀଦୁର୍ଗା ଗଣନାଟ୍ୟ କୁନ୍ଦେଇମାଲର କଳାକାରମାନେ ରାମଲୀଳାର ଶବରଭେଟ୍ ଗୀତିନାଟ୍ୟ ପରିବେଷଣ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ରମେଶ ନାଏକ, ବିରଞ୍ଚି ସାଏ ତଥା ଆୟୋଜକ କମିଟି ସଦସ୍ୟା ନମିତା ପଟେଲ, ସ୍ନିଗ୍ଧା ମିନତି ଦାନୀ, ଲୋପାମୁଦ୍ରା ମିଶ୍ର, ସନ୍ତୋଷ ବ୍ରହ୍ମା ସହଯୋଗ କରିଥିଲେ। ଶେଷରେ ଡ. ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଛେଲିଆପାଟ ହୋଲି ମହୋତ୍ସବ ଉଦ୍‌ଯାପିତ

ଲୋଇସିଂହା,୧୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଆମ୍ବଝରଣ ଗ୍ରାମରେ ୫ ଦିନ ଧରି ଚାଲିଥିବା ମା' ଛେଲିଆପାଟ ହୋଲି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ମହୋତ୍ସବରେ ବିରାଟ ପର୍ବ ପୁରାଣ ପଠନ, ରାମାୟଣ ପାରାୟଣ, ରାବଣ ଦରବାର, ଅପେରା, ଦଣ୍ଡନୃତ୍ୟ, ଅର୍କେଷ୍ଟ୍ରା,ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭିନ୍ନ ଭିନ୍ନ ଦିନରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ଗଣେଶ କୁମାର ସାହୁ, ଉମେଶ ପଟେଲ, ଇନ୍ଦ୍ରମଣି ସାହୁ, ପ୍ରବୀଣ ଭୋଇ, ଭୁବନେଶ୍ୱର ଧରୁଆ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଆଗଲପୁର ବିଡିଓ ମହାପାତ୍ର କୁଳଦୀପ ମହାନ୍ତି, ଲୋଇସିଂହା ତହସିଲଦାର ଟିକୁନୁ ପୁଟା ଯୋଗ ଦେଇଥିଲେ । ଛେଲିଆପାଟ ପୀଠ ତଥା ଝରନକୁ ସରକାରୀ ସ୍ତରରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ସହ ସାମଗ୍ରିକ ବିକାଶ ପାଇଁ ଆମ୍ବଝରଣ ଗ୍ରାମବାସୀଙ୍କ ଦ୍ୱାରା ଏହି ମହୋତ୍ସବ ଆୟୋଜିତ ହୋଇଆସୁଛି ।

# ଠିକା ସର୍ବସ୍ୱ ପାଲଟୁଛି ପ୍ରକଳ୍ପ, କାମରେ ଆସୁନି

ଲୋଇସିଂହା,୧୯।୩(ସୁଶାନ୍ତ ବାରିକ)

ଗ୍ରାମାଞ୍ଚଳରେ ସରକାରୀ ଅନୁଦାନରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ହେଉଛି । ହେଲେ ସେହି ପ୍ରକଳ୍ପଗୁଡିକ ଲୋକଙ୍କ କାମରେ ଆସୁନାହିଁ। ଏଭଳି ଏକ ପ୍ରକଳ୍ପ ହେଉଛି ବର୍ଜ୍ୟବସ୍ତୁ ପରିଚାଳନା ଆବର୍ଜନା କୁଣ୍ଡ। ଏହି ପ୍ରକଳ୍ପ ନିର୍ମାଣ କରି ଠିକାଦାର ଓ ବିଭାଗୀୟ ଅଧିକାରୀ କେବଳ ଉପକୃତ ହେଉଥିବା ଅଭିଯୋଗ ହେଉଛି। ଲୋଇସିଂହା ବ୍ଲକର ବୁର୍ଡା, ଯୋଗୀସର୍ଡା, ବାଦିବାହାଲ ଆଦି ଗ୍ରାମରେ ନିର୍ମାଣ ହୋଇଥିବା ଉକ୍ତ ପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ। କାମ କରି ଠିକାଦାର ଓ ବିଭାଗୀୟ ଅଧିକାରୀ କେବଳ ଉପକୃତ ହୋଇଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ପଞ୍ଚାୟତ ମୁଖ୍ୟାଳୟ ଓ ପଞ୍ଚାୟତ ଅଧୀନ ଗ୍ରାମରେ ଗୋଟିଏ ଗୋଟିଏ ଆବର୍ଜନା କୁଣ୍ଡ ନିର୍ମାଣ ହୋଇଛି। ପଞ୍ଚାୟତ ମୁଖ୍ୟାଳୟରେ ପ୍ରାୟ ୩ ଲକ୍ଷ ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ଦୂରଦୃଷ୍ଟି ଅଭାବରୁ ଏହି ପ୍ରକଳ୍ପଗୁଡିକ ଗାଁ ଠାରୁ ୨-୩ କିମି ଦୂରରେ ନିର୍ମାଣ ହୋଇଛି। ଗ୍ରାମର ପ୍ରତ୍ୟେକଙ୍କ ଘରୁ ବାହାରୁ ଥିବା ବର୍ଜବସ୍ତୁଗୁଡିକ ସେହି ଆବର୍ଜନା କୁଣ୍ଡକୁ ନେବାକୁ ଗ୍ରାମବାସୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅଧିକାଂଶ ସମୟରେ ମହିଳାମାନେ ପୋଖରୀକୁ ଗାଧୋଇବା ପାଇଁ ଆସିବା ବେଳେ ସେହି ଆବର୍ଜାନକୁ ଆଣି ବାଟଘାଟରେ କିମ୍ବା ପୋଖରୀ ହୁଡାରେ ପିଙ୍ଗି ଦେଉଛନ୍ତି। ଏହାଦ୍ୱାରା ଗ୍ରାମ୍ୟ ପରିବେଶ ପ୍ରଦୂଷିତ ହେବା ସହ ସଂକ୍ରମଣ ଦେଖାଦେଉଛି। ଯୋଗୀସର୍ଡା ଗ୍ରାମର ଆବର୍ଜନା କୁଣ୍ଡ ବାଦିବାହାଲ ରାସ୍ତାର ଶ୍ମଶାନ ଘାଟ ନିକଟରେ ନିର୍ମାଣ ହୋଇଛି। ଗାଁ ଠାରୁ ପ୍ରାୟ ୨ କିମ ହେବ । ପ୍ରାୟ ୨ ବର୍ଷ ହେବ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଥିଲେ ସୁଦ୍ଧା ଲୋକଙ୍କ କାମରେ ଆସୁନାହିଁ। ଗାଁର ଲୋକେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟ ରାସ୍ତା ଉପରେ ଘରୁ ବାହାରୁଥିବା ଆବର୍ଜନାକୁ ଫୋପାଡି ଦେଉଛନ୍ତି। ନିକଟରେ ପ୍ରାଥମିକ ବିଦ୍ୟାଳୟ ଥିବାରୁ ଛାତ୍ରୀଛାତ୍ରଙ୍କୁ ସଂକ୍ରମଣ ଭୟ ଘାରିଛି। ସେହିପରି ବାଞ୍ଜିପାଲି ରାସ୍ତାରେ ବୁର୍ଡା ଗ୍ରାମର ଉକ୍ତ କୁଣ୍ଡ ନିର୍ମାଣ ହୋଇଛି। ଏଠାରେ ମଧ ପ୍ରକଳ୍ପ ନିର୍ମାଣ ହୋଇଛି, ଲୋକେ ବ୍ୟବହାର କରୁନାହାନ୍ତି। ଉକ୍ତ ଆବର୍ଜନା କୁଣ୍ଡ ନିକଟରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ ହୋଇଛି। ଆବର୍ଜନା କୁଣ୍ଡ ନିକଟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ ପାଇଁ କିଭଳି ମଞ୍ଜୁରୀ ମିଳିଲା ତାହା ସବୁଠୁ ବଡ ପ୍ରଶ୍ନ। ଆଗକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ହେଲେ ଆବର୍ଜନା କୁଣ୍ଡ ଅକାମି ହେବ ନଚେତ୍ ଭାଙ୍ଗିବାକୁ ପ୍ରଶାସନ ବାଧ ହେବ। ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ସରକାରୀ ଅନୁଦାନ ପାଣିରେ ପଡିବ। ବୁର୍ଡାରେ ସ୍ୱଚ୍ଛସାଥୀ ନିୟୋଜିତ ହୋଇଥିଲେ ସୁଦ୍ଧା କାମ କରୁନଥିବା ଅଭିଯୋଗ ହେଉଛି। ସେହିପରି ବାଦିବାହାଲ ଗ୍ରାମର ଆବର୍ଜନା କୁଣ୍ଡ ଗ୍ରାମର ହାଇସ୍କୁଲ ପଡିଆ ରେ ନିର୍ମାଣ ହୋଇଛି। ଏଠାରେ ମଧ ଉକ୍ତ ପ୍ରକଳ୍ପ କାମରେ ଆସୁନାହିଁ। ପ୍ରକଳ୍ପଗୁଡିକ କେବଳ ଠିକା ସର୍ବସ୍ୱ ପାଲଟି ଥିବା ସାଧାରଣରେ ଆଲୋଚନା ହେଉଛି। ଏ ଦିଗରେ ବିହିତ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।


ଯୋଗୀସର୍ଡା ପ୍ରାଥମିକ ବିଦ୍ୟାଳୟ ନିକଟରେ କୁଢ କୁଢ ଆବର୍ଜନା।

## ରାଜ୍ୟସ୍ତରୀୟ ଆଲୋଚନାଚକ୍ର, କବିତା ପାଠୋତ୍ସବ



ମଞ୍ଚାସୀନ ଅତିଥିବୃନ୍ଦ।

ଲୋଇସିଂହା,୧୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋଡ କଲେଜ ସ୍ମାର୍ଟ ହଲରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖାର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ପର୍ଯ୍ୟାବରଣ ସୁରକ୍ଷା ଜୀବନ ରକ୍ଷା' ଓ ବସନ୍ତ କବିତା ଆସର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡ. ଭବାନୀ ଶଙ୍କର ପଟେଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ଦାଶ, ରାମଚନ୍ଦ୍ର ପଟେଲ, ଗିରିଜା ଶଙ୍କର ରଥ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ବୁଦ୍ଧଦେବ ପଣ୍ଡା ଓ ସମ୍ମାନିତ ବକ୍ତା ଭାବେ ଅଧାପକ ଶିବାନନ୍ଦ ସାହୁ ମଞ୍ଚାସୀନ ଥିଲେ। ଅତିଥି ଓ ବକ୍ତାମାନେ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରିବା ସହ ପର୍ଯ୍ୟାବରଣ ସୁରକ୍ଷା ଜୀବନ ରକ୍ଷା, ବେଳ ହୁଁ ସାବଧାନ ନ ହେଲେ ଆଗାମୀ ପିଢି ବଞ୍ଚିବା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସଭା କାର୍ଯ୍ୟ ପରେ ବସନ୍ତ ଋତୁ ସମ୍ପର୍କରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଛାତ୍ରୀଛାତ୍ର, ଅଧାପିକା ଅଧାପକ ଓ ପରିଷଦ ସଦସ୍ୟଙ୍କ ସମେତ ମୋଟ ୪୨ ଜଣ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଆଲୋଚନାଚକ୍ରକୁ ଡ.ଲିଙ୍ଗରାଜ ମେହେର ଓ କବିତା ଆସରକୁ ଡ. ସୋମନାଥ ପଧାନ ସଂଯୋଜନା କରିଥିଲେ।

## ପାନୀୟ ଜଳ ପାଇଁ ଚୁଆ ଉପରେ ଗ୍ରାମବାସୀ ନିର୍ଭରଶୀଳ


ଜଳ ଯୋଗାଣ ପାଇଁ ଲାନ୍ଥ ନଦୀ କୂଳରେ ନିର୍ମାଣ ହୋଇଥିବା ପମ୍ପ ଗୃହ।

ସଇଁତଲା,୧୯।୩(ରାଖାଲ ପ୍ରସାଦ ଶତପଥୀ)

**କାମକୁ ଆସୁନାହିଁ ବସୁଧା ଯୋଜନା**

ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତର କମରଲଗା ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଗ୍ରାମର ମହିଳା ଓ ପୁରୁଷମାନେ ଗରା, ବାଲ୍‌ଟି ଧରି ପ୍ରାୟ ୧ କିମି ଦୂରରେ ଥିବା ଲାନ୍ଥ ନଦୀକୁ ଯାଇ ସେଠାରେ ଚୂଆ ଖୋଳି ପାନୀୟ ଜଳ ସଂଗ୍ରହ କରି ଘରକୁ ଆଣୁଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ରାଜ୍ୟ ସରକାରଙ୍କ ତରଫରୁ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ କରାଯାଉଥିଲା। କିନ୍ତୁ ଏକ ବର୍ଷରୁ ଅଧିକ ସମୟ ହେବ ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଛି। ଲାନ୍ଥ ନଦୀ କୂଳରେ ପାନୀୟ ଜଳ ଯୋଗାଣ ପାଇଁ ଏକ ପମ୍ପ ଗୃହ ନିର୍ମାଣ ହୋଇଛି। ଉକ୍ତ ପମ୍ପ ଗୃହରୁ ଗ୍ରାମକୁ ପାଇପ ଯୋଗେ ଜଳ ଯୋଗାଣ ହେଉଥିଲା। ବର୍ତ୍ତମାନ ଗ୍ରାମକୁ ଯାଇଥିବା ପାଇପ ବହୁ ସ୍ଥାନରେ ଫାଟି ଯାଇଛି। ସେହିପରି ପମ୍ପ ଗୃହକୁ ବିଦ୍ୟୁତ୍ ଯୋଗାଣ ପାଇଁ ଯେଉଁ ଟ୍ରାନ୍ସଫର୍ମର ରହିଛି, ସେଠାକୁ ଯାଇଥିବା ବିଦ୍ୟୁତ୍ ତାର ଚୋରି ହୋଇଯାଇଛି। ନିଯୁକ୍ତି ପାଇଥିବା ପମ୍ପ ଚାଳକଙ୍କୁ ଦୀର୍ଘ ଦିନ ହେଲା ଦରମା ପ୍ରଦାନ କରାଯାଉନାହିଁ। ଏସବୁ ସମସ୍ୟା ନେଇ ନିକଟରେ ଗ୍ରାମବାସୀ ସଇଁତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମିର୍ଦ୍ଧାଙ୍କୁ ଏକ ଦାବିପତ୍ର ଦେଇଥିଲେ। ଫଳରେ ସେ ଯଥାଶୀଘ୍ର ଗ୍ରାମବାସୀଙ୍କୁ ଜଳ ଯୋଗାଣ କରିବାକୁ ସ୍ଥାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଇତିଶ୍ରୀ ଦେହୁରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ସରୋଜ କୁମାର ଦୀପ, ଜିତେନ୍ଦ୍ର ହରିପାଲ, ଦୀପାଞ୍ଜଳୀ ନାଗ, ପ୍ରଦୀପ କୁମାର ମାଝୀ, ତାରିଆ ମାଝୀ, ବନୀତା ମାଝୀ, ଦୟା ନନ୍ଦ, ଅନୀତା ନାଗଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଉପ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଛାତ୍ର ପାଇଲେ ଅରିଜିନାଲ ସାର୍ଟିଫିକେଟ

ଲାଠୋର,୧୯।୩(ଭୁବନେଶ୍ୱର ବାରିକ)



**ଧରିତ୍ରୀ ପ୍ରଭାବ**

ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ ଅଧୀନ କୁଇମୁଣ୍ଡା ଗ୍ରାମର ଛାତ୍ର ବାଲେଶ୍ୱର ବାଗ ଖପ୍ରାଖୋଲ ବ୍ଲକ ଘୁନସର ଗ୍ରାମରେ ଥିବା ଏକ ଘରୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳାରେ ପାଠ ପଢୁଥିଲେ। ଗତ ୨୦୨୨ ମସିହାରେ ସେ ଯୁକ୍ତ ଦୁଇ (କଳା ବିଭାଗ) ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ଛାତ୍ର ଜଣକ ପଢିବା ସମୟରେ ବିଭିନ୍ନ ଫି ବାବଦକୁ ଉକ୍ତ ବିଦ୍ୟାଳୟରେ ପ୍ରାୟ ୨୦ ହଜାର ଟଙ୍କା ପଇଠ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଫି ବାବଦକୁ ଆହୁରି ଟଙ୍କା ଦାବି କରାଯାଇଥିଲା। ଏପରି କି ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଦେଲେ ଯୁକ୍ତ ୨ର ଅରଜିନାଲ ସାର୍ଟିଫିକେଟ ଦିଆଯିବ ବୋଲି କୁହାଯାଇଥିଲା। ଟଙ୍କା ଦେଇ ନ ପାରିବାରୁ ସେ ଅରଜିନାଲ ସାର୍ଟିଫିକେଟ ଆଣି ପାରି ନ ଥିଲେ। ଫଳରେ ଛାତ୍ର ଜଣକ ଦୀର୍ଘ ୪ ବର୍ଷ କାଳ ବିଭିନ୍ନ ସରକାରୀ, ବେସରକାରୀ ଚାକିରି ପାଇଁ ଆବେଦନ କରି ନ ପାରି ନା ନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଶେଷରେ ଛାତ୍ର ଜଣକ ଘଟଣା ନେଇ ବଲାଙ୍ଗୀର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଏ ନେଇ ଧରିତ୍ରୀରେ ଗତ ଫେବୃଆରୀ ୯ ତାରିଖରେ 'ସାର୍ଟିଫିକେଟ ପାଇଁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ଛାତ୍ର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଛାତ୍ର ଜଣକ ଉକ୍ତ ଖବରକୁ ନେଇ ଏକ୍ସ ଯୋଗେ ବଲାଙ୍ଗୀର ଜିଲାପାଳ, ପାଟଣାଗଡ଼ ଉପ ଜିଲାପାଳ ଏବଂ ଖପ୍ରାଖୋଲ ବିଡ଼ିଓଙ୍କୁ ଜଣାଇ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଫଳରେ ପାଟଣାଗଡ଼ ଉପଜିଲାପାଳ ସୁନୀଲ କୁମାର ମେହେର ସଂପୃକ୍ତ ଛାତ୍ର ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଡ଼ାକି ତଦନ୍ତ କରିଥିଲେ। ତଦନ୍ତ କରି ଅବଗତ ହେଲା ପରେ ଉପଜିଲାପାଳ ମେହେର ତୁରନ୍ତ ଛାତ୍ରଙ୍କୁ ତାଙ୍କର ଯୁକ୍ତ ୨ର ଅରିଜିନାଲ ସାର୍ଟିଫିକେଟ ପ୍ରଦାନ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଙ୍କୁ ତାଙ୍କର ଅରିଜିନାଲ ସାର୍ଟିଫିକେଟ ନିକଟରେ ପ୍ରଦାନ କରିଥିବା ସଂପୃକ୍ତ ଛାତ୍ର ସୂଚନା ଦେଇଛନ୍ତି ।

# କଲେଜରେ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି କର

## ଶିକ୍ଷକ ଅଣଶିକ୍ଷକ କର୍ମଚାରୀଙ୍କୁ ଜିଲାପାଳ, ଏସ୍‌ପିଙ୍କ ପରାମର୍ଶ

ସୋନପୁର,୧୯।୩(ମୃତ୍ୟୁଞ୍ଜୟ ଶତପଥୀ)

ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପଶି କିଛି ଛାତ୍ର ବୁଧବାର ଭଙ୍ଗାରୁଜା କରିବା ପରେ ସୋନପୁର କଲେଜରେ ପୋଲିସ ଟିମ୍ ମୁତୟନ ହୋଇଛନ୍ତି। ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହାୟକ ଜିଲାପାଳ ରାମଶଙ୍କର ମିଶ୍ର ମାଜିଷ୍ଟ୍ରେଟ୍ ଭାବେ କଲେଜରେ ଉପସ୍ଥିତ ଅଛନ୍ତି। ଏହି ଘଟଣାରେ ୩ ଛାତ୍ର ଗିରଫ ହୋଇଥିବା ବେଳେ ବିଶୃଙ୍ଖଳା ଆଚରଣ ତଥା ଆପରାଧିକ କାର୍ଯ୍ୟ ପାଇଁ ୪ ଛାତ୍ରଙ୍କୁ ବହିଷ୍କାର କରାଯାଇଛି। ଏଭଳି ସ୍ଥିତିରେ ଜିଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ଗୁରୁବାର ପୂର୍ବାହ୍ନରେ ସୋନପୁର କଲେଜ ପରିଦର୍ଶନରେ ଯାଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ କଲେଜ ପରିଚାଳନା ସମିତି ସଭାପତି ତଥା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ କଲେଜର ଅଧ୍ୟକ୍ଷ ରାଧାକାନ୍ତ ନାଏକଙ୍କ ଉପସ୍ଥିତିରେ ଜିଲାପାଳ ଓ ଏସ୍‌ପି କଲେଜ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହିତ ବୈଠକ କରିଥିଲେ। ଜିଲାପାଳ କହିଥିଲେ,ଏକ ପୁରାତନ ଓ ଐତିହ୍ୟ ସମ୍ପନ୍ନ କଲେଜରେ ଏଭଳି ଘଟଣା ଘଟିବା ଆଦୌ ଗ୍ରହଣୀୟ ନୁହେଁ। ଅଧ୍ୟକ୍ଷ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ ସମସ୍ତେ ଯତ୍ନବାନ ହୁଅନ୍ତୁ। ଏକ ହୋଇ କଲେଜର ଉନ୍ନତି, ଉତ୍ତମ ଶିକ୍ଷାଦାନ ଓ ପରୀକ୍ଷା ପରିଚାଳନାରେ ମନୋନିବେଶ କରନ୍ତୁ। କିଛି କର୍ମଚାରୀ ବିଶୃଙ୍ଖଳା କରୁଥିବା ମୋ ନିକଟକୁ ଅଭିଯୋଗ ଆସିଛି। ସେ ଦିଗରେ ସେ ନିଜେ ଆଲୋଚନା କରି ଦୃଢ ପଦକ୍ଷେପ ନେବେ। ତେବେ ସମସ୍ତେ ସମନ୍ୱୟ ରକ୍ଷା କରି କଲେଜରେ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ଜିଲାପାଳ ଡ. ସାହୁ ପରାମର୍ଶ ଦେଇଥିଲେ। ଏସ୍‌ପି ନାୟକ ଏଥିରେ ଯୋଗଦେଇ ପ୍ରଶାସନ ସବୁବେଳେ ସଜାଗ ରହିଛି। ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବନି ବୋଲି କହିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ। ଜିଲାପାଳ ଓ ଏସ୍‌ପିଙ୍କ ଘଟଣାସ୍ଥଳ ପରିଦର୍ଶନ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହିତ ଆଲୋଚନା କରିବାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।


ଜିଲାପାଳ ଓ ଏସ୍‌ପି କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ବୁଲି ଦେଖୁଛନ୍ତି।

### ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣା
## ୩ ଛାତ୍ର ଗିରଫ

ସୋନପୁର କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ୩ଜଣ କଲେଜ ଛାତ୍ରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ବୁଧବାର ମଧ୍ୟାହ୍ନରେ ଛାତ୍ରମାନେ ପିଜି ଖୋଲିବା ପାଇଁ ଆବେଦନ କରିବାକୁ ଦାବି କରି କଲେଜରେ ହୋହଲ୍ଲା କରିଥିଲେ। ଅଧ୍ୟକ୍ଷ କାର୍ଯ୍ୟାଳୟରେ ନ ଥିବା ସମୟରେ ଛାତ୍ରମାନେ କାର୍ଯ୍ୟାଳୟର କବାଟକୁ ଗୋଇଠା ମାରି ଭଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ଅଧ୍ୟକ୍ଷ ରାଧାକାନ୍ତ ନାଏକ କଲେଜର କର୍ମଚାରୀଙ୍କ ସହିତ ବୈଠକ କରିଥିଲେ। ଏହା ଜାଣିବା ପରେ ଅପରାହ୍ନରେ ସମ୍ପୃକ୍ତ ଛାତ୍ରମାନେ ପୁଣି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଅଧ୍ୟକ୍ଷଙ୍କ ପ୍ରକୋଷ୍ଠର ଟେବୁଲ, ଚେୟାର, ଆସବାବପତ୍ର ଓ ବିଦ୍ୟୁତ୍ ଉପକରଣ ଭଳି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭାଙ୍ଗିରୁଜି ନଷ୍ଟ ହେବା ସହ କାଗଜପତ୍ର ଚିରି ଯାଇଛି। କଲେଜ ଅଧ୍ୟକ୍ଷ ନାଏକ ଏ ସମ୍ପର୍କରେ ସୋନପୁର ଥାନାରେ କେତେକ ଛାତ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଟିମ୍ କଲେଜରେ ପହଞ୍ଚି ଭଙ୍ଗାରୁଜା କରିଥିବା ୩ ଛାତ୍ରଙ୍କୁ ଧରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

# ମହିଳା ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଦୁର୍ବ୍ୟବହାର କରି ଗିରଫ

ବୀରମହାରାଜପୁର,୧୯।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ମହିଳା ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଆମ ଆଦମୀ ପାର୍ଟି(ଏଏପି) ଜିଲା ସଭାପତି ପୃଥ୍ୱୀରାଜ ଜଗଦଲାଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। କିଛି ଦିନ ପୂର୍ବରୁ ଡ୍ରଗ୍ସ ଇନ୍ସପେକ୍ଟର ବୀରମହାରାଜପୁରର ମୁକ୍ତି ତୀର୍ଥ ଔଷଧ ଦୋକାନକୁ ତଦନ୍ତ ପାଇଁ ଯାଇଥିଲେ। ତଦନ୍ତ ସାରି ଫେରୁଥିବା ବେଳେ ଜିଲା ଏଏପି ସଭାପତି ଜଗଦଲା ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ସେ ବୀରାମହରାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୬୮/୨୬) ରୁଜୁ ହୋଇଥିଲା।

# ଆର୍‌ଏସ୍‌ଏସ୍‌ର ନବବର୍ଷ ଉତ୍ସବ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂସେବକ।

ବୌଦ୍ଧ,୧୯।୩(ଅଜିତ କୁମାର ବାରିକ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୌଦ୍ଧ ନଗର ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ନଗର ସଂଘ ଚାଳକ ଡ଼ ସୁଦର୍ଶନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପଶ୍ଚିମ ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ବିକ୍ରମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ କାଳ ଗଣନା ବୈଜ୍ଞାନିକ ସିଦ୍ଧ ଅଟେ। ଏହା ଆଜିଠାରୁ କଳି ଯୁଗାବ୍ଦ ୫୧୨୮ ଓ ବିକ୍ରମ ସମ୍ବତ ୨୦୮୩ର ଅୟମାରମ୍ଭ ବୋଲି ମତବ୍ୟକ୍ତ କରିଥିଲେ। ଆଜି ଦିନରେ ସୃଷ୍ଟିର ଆରମ୍ଭ ସହ ଭଗବାନ ଶ୍ରୀରାମଙ୍କ ରାଜାଭିଷେକ, ଯୁଧିଷ୍ଠିରଙ୍କ ରାଜାଭିଷେକ, ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା, ସଂଘର ପ୍ରତିଷ୍ଠାତା ଡକ୍ଟର କେଶବ ବଳିରାମ ହେଡଗେୱାରଙ୍କ ଜନ୍ମତିଥି ଭଳି ଅନେକ କାରଣରୁ ଏ ଦିବସର ମହତ୍ୱ ରହିଥିବା ଆଚାର୍ଯ୍ୟ କହିଥିଲେ। ମୁଖ୍ୟ ଶିକ୍ଷକ ନିରଞ୍ଜନ ମେହେର ଆଦ୍ୟସର ସଂଘ ଚାଳକ ପ୍ରଣାମ ଦେଇଥିଲେ। ନଗର କାର୍ଯ୍ୟବାହ ଦିଲୀପ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧରଣୀଧର ମେହେର, ବିଜୟ କୁମାର ସାହୁ, ପଦ୍ମଚରଣ ମେହେର, ନବୀନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବିନିକାରେ କାଳ ବୈଶାଖୀ, ବ୍ୟାପକ କ୍ଷତି

ବିନିକା,୧୯।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ବୁଧବାର ରାତିରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଘର ଛପର ଉଡାଇ ନେଇଛି। ରାସ୍ତାକଡ଼ ଗଛ ଓ ଇଲେକ୍ଟ୍ରିପୋଲ ଭାଙ୍ଗି ତଳେ ପଡିଛି। ଚାଷୀଙ୍କ ପନିପରିବା ଚାଷ ବ୍ୟାପକ କ୍ଷତି ହୋଇଛି। ଘର ଭାଙ୍ଗିଥିବା ଗଲୋକଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ନବଦିନାତ୍ମକ ଦୁର୍ଗାପୂଜା ପାଇଁ ବିନିକା ସହର ଚଳଚଞ୍ଚଳ

ବିନିକା,୧୯।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଦୁର୍ଗା ମନ୍ଦିରରେ ବୁଧବାର ଆରମ୍ଭ ହୋଇଥିବା ନବଦିନାତ୍ମକ ଦୁର୍ଗାପୂଜା ପାଇଁ ସହର ଚଳଚଞ୍ଚଳ ହୋଇ ଉଠିଛି । ସନ୍ଧ୍ୟାରେ ଶହଶହ ଶ୍ରଦ୍ଧାଳୁ ମା'ଙ୍କ ଦିବ୍ୟ ଆଳତୀ ଦର୍ଶନ କରିଥିଲେ। ମୁଖ୍ୟପୂଜା କର୍ତ୍ତାଭାବେ ଭୀମସେନ ନାଏକ ଓ ଧର୍ମପତ୍ନୀ ଧୀରା ନାଏକ, ସହଯୋଗୀ କର୍ତ୍ତା ଚନ୍ଦ୍ରଶେଖର ପାଣ୍ଡେ, ଓ ଧର୍ମପତ୍ନୀ ଦୁହିତା ପାଣ୍ଡେ କାର୍ଯ୍ୟ ତୁଲାଇଥିଲେ।

### ମା' ଚରଦେଇଙ୍କ ବାସନ୍ତିକ ନବଦିନାତ୍ମକ ପୂଜା

ବିନିକା,୧୯।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଚରଦେଇଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ବାସନ୍ତିକ ନବରାତ୍ର ପୂଜା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ବୁଧବାର କଳସ ସ୍ଥାପନ କରାଯାଇଥିଲା । ମା'ଙ୍କ ନଅ ଦିନ ଧରି ଚାଲିବାକୁ ଥିବା ପୂଜାର ପ୍ରଥମ ଦିନରେ ଘଟପୂଜା, ନବରାତ୍ର ନିୟମ ଧାରଣ, ସପ୍ତପୂଜା, ଯନ୍ତ୍ରପୂଜା, ଦେବୀଙ୍କ ମହାସ୍ନାନ, ମଣ୍ଡଳ ପୂଜା, ଷୋଡ଼ଶପଚାର, ସପ୍ତସତୀ ପାଠ ଓ ହବନ, ଆଳତୀ ସହ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଗୁରୁବାର ମା' ଚରଦେଇ ଶୈଳପୁତ୍ରୀ ବେଶରେ ପୂଜା ପାଇଥିଲେ । ଏଥିରେ ମୁଖ୍ୟ ପୂଜକଭାବେ ଭାସ୍କର ପୁରୋହିତ, ସହଯୋଗୀ ପୂଜକ ଭାବେ ସୁବାଷ ବଡ଼ପଣ୍ଡା, ରମେଶ ପୁରୋହିତ, ମୁକୁନ୍ଦ ପୁରୋହିତ, ସଞ୍ଜିବ ପାଢ଼ୀ, ଶ୍ରୀନାଥ ପଣ୍ଡା ଦାୟିତ୍ୱ ତୁଲାଉଥିଲେ। କର୍ତ୍ତାଭାବେ ପ୍ରଶାନ୍ତ ପୂଝାରୀ ଓ ତାଙ୍କ ପତ୍ନୀ କମଳିନୀ ଦାୟିତ୍ୱ ନିର୍ବାହ କରିଥିଲେ । ପରିଚାଳନାରେ ଟ୍ରଷ୍ଟ ବୋର୍ଡ ସଭାପତି ଅଶୋକ ପୃଷ୍ଟିଙ୍କ ସମେତ ଟ୍ରଷ୍ଟର ସମସ୍ତ ସଦସ୍ୟ, କର୍ମଚାରୀ ଓ ସେବାୟତମାନେ ସହଯୋଗ କରିଥିଲେ।

# ତରଭା ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା

ତରଭା,୧୯।୩(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବରିଷ୍ଠ ନାଗରିକ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏଫଆରସିସିରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ଦେବେନ୍ଦ୍ର ବିଜୟ ସାହୁ ଅଧ୍ୟକ୍ଷତା କରି ନୂତନ କର୍ମକର୍ତ୍ତା ନିର୍ବାଚନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏଥିରେ ସର୍ବସମ୍ମତି କ୍ରମେ ଆସନ୍ତା ଦୁଇବର୍ଷ ସକାଶେ ପୁଣିଥରେ ଦେବେନ୍ଦ୍ର ବିଜୟ ସାହୁଙ୍କୁ ସଂଘ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତିଭାବେ ଅଶୋକ କୁମାର ସାହୁ, ଉପସଭାପତି ଜୟକିଶୋର ସାହୁ, ରାଜକିଶୋର ସାହୁ, ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ, ସହସମ୍ପାଦକ ବିଜୟ କୁମାର ମେହେର, କୋଷାଧ୍ୟକ୍ଷ ଭାବେ ଧୀରେନ୍ଦ୍ର ବିଜୟ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଡାକ୍ତର ଉପେନ୍ଦ୍ର ପଣ୍ଡା, ଜୟପ୍ରକାଶ ନାରାୟଣ ସାହୁ, ଶୈଳେନ୍ଦ୍ର କୁମାର ସାହୁ, ଆନନ୍ଦ ପ୍ରକାଶ ଅଗ୍ରୱାଲ, ଅକ୍ଷୟ କୁମାର ବାଘ, ଚତୁର୍ଭୁଜ ସାହୁ, ସଦାନନ୍ଦ ପାଣିଗ୍ରାହୀଙ୍କୁ ପରିଚାଳନା କମିଟିର ସଭ୍ୟ ଓ ହରିବନ୍ଧୁ ପାଣିଗ୍ରାହୀ, କ୍ଷେତ୍ରବାସୀ ସାହୁ ଓ ରାଜ କିଶୋର ସାହୁଙ୍କୁ ଉପଦେଷ୍ଟା କମିଟି ସଭ୍ୟଭାବେ ଗ୍ରହଣ କରାଯାଇଥିଲା। ଉପସଭାପତି ଜୟକିଶୋର ସାହୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ କମିଟିର ସଦସ୍ୟମାନେ।

# ଆମ୍ବେଦକର ଭବନ, ବୀର୍ସା ମୁଣ୍ଡା ଭବନ ନିର୍ମାଣ ପାଇଁ ଜମି ଦିଅ

ବିନିକା,୧୯।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏସ୍‌ସି, ଏସ୍‌ଟି ଆମ୍ବେଦକର ସ୍ମୃତି କମିଟି ପ୍ରତିନିଧି ଦଳ ଗୁରୁବାର ଆମ୍ବେଡକର ଭବନ ଓ ବିର୍ସା ମୁଣ୍ଡା ଭବନ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ଦାବି କରିଛି। ଏଥିପାଇଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସରଞ୍ଜନ ଭୋଇ ଓ ତହସିଲଦାର ରୋଷନା ଭୋଇଙ୍କଠାରେ ପ୍ରତିନିଧି ଦଳ ଦାବି କରିଛି। ସୂଚନା ଅନୁଯାଇ ଦୀର୍ଘ ଦିନ ହେଲା ଭବନ ନିର୍ମାଣ ପାଇଁ ଅନୁଦାନ ଆସିଥିଲେ ହେଁ ସ୍ଥାନ ଚିହ୍ନଟ ହୋଇ ପାରିନଥିନାରୁ କାର୍ଯ୍ୟ ହୋଇ ପାରୁନାହିଁ । ଏସ୍‌ସି ସଂଘ ସଭାପତି ଡିଳେଶ୍ୱର ହାତୀ, ଏସ୍‌ଟି ସଂଘ ସଭାପତି କରଞ୍ଜିତ ଭୋଇ, ନଗରପାଳ ସୁବାସ ଭୁଏ, ପୂର୍ବତନ ନଗରପାଳ ଉସତ କର, ସାମାଜିକ କର୍ମୀ ହାଡିବନ୍ଧୁ ମେହେର, ବି.ଆର ଆମ୍ବେଦକର ସ୍ମୃତି କମିଟି ସଦସ୍ୟ ସନ୍ତୋଷ କୁମାର ବନଛୁର, ମୋହନ ମହାନନ୍ଦ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ । ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ ।

# ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବିନିକା,୧୯।୩ ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମେଘେଲା ମଣ୍ଡଳର କଇଁତରା ଆରଏମସିଠାରେ ଦୁଇଦିନ ଧରି ଚାଲିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ସଭାପତି ଦାମୋଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଉଷା କୁମାରୀ, ଭାଜପା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ପୃଷ୍ଟି , ଜିଲା ସମ୍ପାଦିକା ସୁରୁଚି ବେହେରା, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ସୁମନ୍ତ ଜଗଦଲା, ଜିଲା ଉପସଭାପତି ସତ୍ୟନାରାୟଣ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ରୋହିଣୀ ଡାଙ୍ଗ ଯୋଗଦେଇ ଭାଜପାର ବିଚାର ଧାରାରେ ଆଗକୁ କାମ କରିବାକୁ ପରାମର୍ଶ ଦେଇଥିଲେ। ବୁଧବାର ମଣ୍ଡଳ ସଭାପତି ଦାମୋଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲା ସଭାପତି ବେଣୁଧର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁର, ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶି, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ପୃଷ୍ଟି, ପୂର୍ବତନ ଏସି ମୋର୍ଚ୍ଚା ସଭାପତି ବାବୁଲୁ ବିଶି ଯୋଗଦେଇଥିଲେ। ପର୍ଯ୍ୟାୟକ୍ରମେ ୭ଟି ସୂତ୍ରର ବୈଠକ ହୋଇଥିଲା। ବେଣୁଧର ଦାସ, ରାସେଶ୍ୱରୀ ସାହୁ, ଅଣାକାର ବିଶେଶ୍ୱର, ଅଶୋକ ପୂଜାରୀ, ବିକାଶ ହାତୀ ଯାଦବ, ସତ୍ୟନାରାୟଣ ମିଶ୍ର, ଉଷା କୁମାରୀ ପ୍ରଶିକ୍ଷଣ ଦେଇଥିଲେ। ଦୁଇଦିନ ଧରି ମଣ୍ଡଳସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦାନ କରି ପ୍ରଶିକ୍ଷଣ ନେଇଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

ବଘିଆପଡା,୧୯।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗ୍ରାମରେ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ବେଳେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ପରିବାରର କୌଣସି ସଦସ୍ୟ ଉପସ୍ଥିତ ନ ଥିବା ବେଳେ ଅମ୍ବରିଶ ମାଝୀଙ୍କ ଘରେ କୌଣସି କାରଣରୁ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରି ନ ପାରିବାରୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଜଳିଯାଇଥିବା ଛପର ଘର।

# ଭିଆର୍‌ଏସ୍ ନେଇଥିବା ପାକ୍ସ ସମ୍ପାଦକଙ୍କୁ ନିଲମ୍ବନ

ସୋନପୁର,୧୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସ୍ୱେଚ୍ଛାକୃତ ଅବସର(ଭିଆର୍‌ଏସ୍) ନେଇଥିବା ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକ ନବୀନ ଦାଶଙ୍କୁ ପରିଚାଳନା ପରିଷଦ ସଭାପତି ଗୁରୁବାର ନିଲମ୍ବନ କରିଛି। ଜିଲାପାଳ ଓ ଡିଆରସିଏସଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ ସମସ୍ୟା ଜନିତ କାରଣକୁ ନେଇ ନବୀନ ଓ ପାକ୍ସର ଅନ୍ୟ ୨ କର୍ମଚାରୀ ଗତ ଫେବୃଆରୀ ୧୯ ରେ ଭିଆର୍‌ଏସ୍ ନେଇଥିଲେ। ଏହି ପ୍ରସ୍ତାବ ପାକ୍ସ ପରିଚାଳନା ପରିଷଦରେ ଗୃହୀତ ହୋଇଥିଲା। ଉପରିସ୍ଥ ଅଧିକାରୀ ଏହାକୁ ଅନୁମୋଦନ କରିଥିଲେ। ତେବେ କେଉଁ ଆଇନ ବଳରେ ଭିଆରଏସ୍ ନେଇଥିବା ପାକ୍ସ ସମ୍ପାଦକ, ପିଅନ ଓ ରାତ୍ର ଜଗୁଆଳୀଙ୍କୁ ପୁନଃ ଅବସ୍ଥାପିତ କରାଗଲା ସେ ନେଇ ଅଞ୍ଚଳବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଭିଆରଏସ୍ ନେଇଥିବା ସମ୍ପାଦକଙ୍କୁ ନିଲମ୍ବନ ପ୍ରଶାସନର ଆଉ ଏକ ତ୍ରୁଟି ବୋଲି ସାଧାରଣରେ ଆଲୋଚନା ହେଉଛି।



ମରାଡୁଗୋଛା ପାକ୍ସ କାର୍ଯ୍ୟାଳୟ।

### ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱ ପ୍ରଦାନକୁ ନେଇ ଚର୍ଚ୍ଚା

ମରାଡୁଗୋଛା ପାକ୍ସ ସମ୍ପାଦକ ନବୀନ ଦାଶଙ୍କୁ ନିଲମ୍ବନ ପରେ ତରଭା ବ୍ଲକ ସରଗଜ ପାକ୍ସର ସମ୍ପାଦକ କୃଷ୍ଣ ପ୍ରକାଶ କୁମ୍ଭାରଙ୍କୁ ମରାଡୁଗୋଛା ପାକ୍ସର ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ରହିଛି। ସୁବର୍ଣ୍ଣପୁର ଡିଆରସିଏସ୍ ଡ. ସଞ୍ଜୟ କୁମାର ତ୍ରିପାଠୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଡିଆରସିଏସ୍‌ଙ୍କ ଏଭଳି ନିର୍ଦ୍ଦେଶନାମାକୁ ନେଇ ନାନା ଚର୍ଚ୍ଚା ହେଉଛି। କୁମ୍ଭାର ସରଗଜ ପାକ୍ସରେ କେବଳ ସମ୍ପାଦକ ଥିଲେ। ସରଗଜ ପାକ୍ସରେ ୨୦୧୪-୧୫ ଖରିଫ ଧାନ କିଣାରେ ଦୁର୍ନୀତି ହୋଇଥିଲା। ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ପାକ୍ସର କୌଣସି ଆର୍ଥିକ କ୍ଷମତା ଏପରିକି ଧାନ କିଣା ପାଇଁ କ୍ଷମତା ଦିଆ ଯାଇନାହିଁ। ଅଦ୍ୟାବଧି ସେ ପାକ୍ସର ସିଇଓ ଦାୟିତ୍ୱରେ ନାହାନ୍ତି। ସରଗଜ ପାକ୍ସର ସହସମ୍ପାଦକଙ୍କୁ ସେହି କ୍ଷମତା ମିଳିଛି। ଏବେ ସରଗଜ ପାକ୍ସ ସମ୍ପାଦକ କୁମ୍ଭାରଙ୍କୁ ମରାଡୁଗୋଛା ପାକ୍ସର ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱ ପ୍ରଦାନକୁ ନେଇ ପ୍ରଶ୍ନ ଉଠିଛି।

### ଛୁଟିରେ ଗଲେ ଡିଆରସିଏସ୍

ମରାଡୁଗୋଛା ପାକ୍ସରେ ଥଇଥାନ ନିଯୁକ୍ତିକୁ ପ୍ରଶାସନିକ ଅନୁମୋଦନ ଦେଇ ଚର୍ଚ୍ଚାରେ ଥିବା ସୁବର୍ଣ୍ଣପୁର ଡିଆରସିଏସ୍ ଡ. ସଞ୍ଜୟ କୁମାର ତ୍ରିପାଠୀ ଗୁରୁବାରଠାରୁ ଛୁଟି ନେଇଛନ୍ତି। ସ୍ୱାସ୍ଥ୍ୟଗତ କାରଣକୁ ନେଇ ସେ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଛୁଟି ନେଇଥିବା ବେଳେ ଏଥିପାଇଁ ସେ ଜିଲାପାଳଙ୍କ ଅନୁମତି ନେଇ ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ ପାକ୍ସରେ ବେଆଇନ ନିଯୁକ୍ତି ପ୍ରଦାନକୁ ନେଇ ଜିଲାପାଳ ଡ. ନୃପରାଜ ସାହୁ ଡିଆରସିଏସ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି।

**ରେଢ଼ାଖୋଲରେ ହିନ୍ଦୁ ନବବର୍ଷ**

ରେଢ଼ାଖୋଲ,(ସନ୍ତୋଷ ବଘାର): ରେଢ଼ାଖୋଲ ସହର ରାମ ମନ୍ଦିର ସମ୍ମୁଖରେ ଗୁରୁବାର ହିନ୍ଦୁ ନବବର୍ଷ ପାଳିତ ହୋଇଛି । ଆର୍‌ଏସ୍‌ଏସ୍ ସଦସ୍ୟମାନେ ସହର ପରିକ୍ରମା କରି ଭୀମଭୋଇ ଛକ ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଣ୍ଡ ସଂଘ ଚାଳକ ସନ୍ତୋଷ କୁମାର ରଥ, ଖଣ୍ଡ କାର୍ଯ୍ୟବାହ ସୁବାସ ପ୍ରଧାନ, ସୁରଥ ସାହୁ, ମନୋଜ ପ୍ରଧାନ, ରାକେଶ ଦେହୁରୀ, ଦେବବ୍ରତ ସାହୁ, ରାଜୁ ପାରମାର ଯୋଗଦେଇଥିଲେ। ସେହିପରି ବାରବାଙ୍କ ଗ୍ରାମରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ନବ ବର୍ଷ ପାଳିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ଖଣ୍ଡିୟ ସମ୍ପାଦକ କନ୍ଦର୍ପ ସାହୁଙ୍କ ଆବାହକତ୍ୱରେ ପଶ୍ଚିମ ପ୍ରାନ୍ତୀୟ ସତସଙ୍ଗ ପ୍ରମୁଖ ହରିଶଙ୍କର ହୋତା ଯୋଗଦେଇ ହିନ୍ଦୁ ନବବର୍ଷ ଉପରେ ଆଲୋକପାତ କରିଥିଲେ।

# ବାଲ୍ୟବିବାହ ମୁକ୍ତ ସମାଜ ଗଠନରେ ସହଯୋଗ ଲୋଡ଼ା

**ବାଲ୍ୟବିବାହ ନିରାକରଣ ପାଇଁ ପୋଲିସ ସ୍ୱତନ୍ତ୍ର କର୍ମଶାଳା**

**ବାଲ୍ୟବିବାହ ରୋକିବାକୁ ତାଲିମ ନେଲେ ପୋଲିସ ଅଧିକାରୀ**

ସମ୍ବଲପୁର,୧୯।୩(ପ୍ରମୋଦ ବହିଦାର)



ଜିଏମ୍‌ୟୁରେ ଅନୁଷ୍ଠିତ ବାଲ୍ୟବିବାହ ନିରାକରଣ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଲ୍ୟ ବିବାହମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ପ୍ରେକ୍ଷାଳୟରେ ଗୁରବାର ଅନୁଷ୍ଠିତ ଉତ୍ତରାଞ୍ଚଳସ୍ତରୀୟ ବାଲ୍ୟ ବିବାହ ନିରାକରଣ ଏବଂ ଶିଶୁ ସୁରକ୍ଷା କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଉତ୍ତରାଞ୍ଚଳ ଆଇଜିପି ହିମାଂଶୁ ଲାଲ। ଏହି ଅବସରରେ ସେ ବାଲ୍ୟ ବିବାହ ଭଳି ସାମାଜିକ କୁସଂସ୍କାରକୁ ମୂଳପୋଛ କରିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ଅଧିକ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଛନ୍ତି। ଏହି କର୍ମଶାଳାରେ ଆଇନଗତ ଏବଂ ପରସ୍ପର ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରି ପୋଲିସ କିଭଳି ବାଲ୍ୟ ବିବାହ ରୋକିବାରେ ସକ୍ଷମ ହୋଇ ପରିବ ସେ ନେଇ ଉପସ୍ଥିତ ପୋଲିସ ଅଧିକାରୀମାନଙ୍କୁ ବିଶେଷଜ୍ଞମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି। ଆଇଜିପି ଲାଲ୍ ସୂଚନା ଦେଇଛନ୍ତି, କର୍ମଶାଳାରେ କେବଳ ପୋଲିସ ନୁହେଁ, ବରଂ ଶିଶୁ ସୁରକ୍ଷା ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଅଙ୍ଗନୱାଡ଼ି ଓ ଆଶା କର୍ମୀମାନଙ୍କୁ ମଧ୍ୟ ସାମିଲ କରାଯାଉଛି। ପୋଲିସ ଅଧିକାରୀମାନେ ଗାଁକୁ ଗାଁ ଯାଇ ସରପଞ୍ଚ ଏବଂ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ଆଲୋଚନା କରି ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବେ। ବିଶେଷ କରି ବିବାହ ଋତୁରେ ବାଲ୍ୟ ବିବାହ ହେବାର ଅଧିକ ସମ୍ଭାବନା ଥିବାରୁ ଗୋଇନ୍ଦା ସୂଚନା ସଂଗ୍ରହ କରି ଏହାକୁ ରୋକିବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ଶ୍ରେଷ୍ଠ ପ୍ରଶିକ୍ଷକମାନେ ଯୋଗଦେଇ ପୋଲିସର କାର୍ଯ୍ୟଶୈଳୀକୁ ଆହୁରି ବ୍ୟବସ୍ଥିତ କରିବାକୁ ପ୍ରୟାସ କରିଛନ୍ତି। ବାଲ୍ୟ ବିବାହମୁକ୍ତ ସମାଜ ଗଠନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିବାକୁ ପୋଲିସ ବିଭାଗ ପ୍ରତିବଦ୍ଧ ବୋଲି ଆଇଜିପି ଲାଲ କହିଛନ୍ତି। କର୍ମଶାଳାରେ ବିଶେଷ କରି ଶିଶୁର ସାମଗ୍ରିକ ସୁରକ୍ଷା, ଶିଶୁଙ୍କ ଅଧିକାର ତଥା ବାଲ୍ୟ ବିବାହ ନିରାକରଣ ଆଦି ସହିତ ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ୍ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ, ଭାରତୀୟ ପୋଲିସ ସେବା ଶିକ୍ଷାନବିଶ କୋମଲ ଗର୍ଗ, ଏଡ୍‌ଏଟ୍ ଆକ୍ସନର ସଂଯୋଜିକା ସୁନୀତା ତ୍ରିପାଠୀ, ୟୁନିସେଫ ଶିଶୁ ସୁରକ୍ଷା ପରାମର୍ଶଦାତା ଘାସୀରାମ ପଣ୍ଡା ଓ ଡ. ନେହା ସିଂଙ୍କ ସହିତ ଉତ୍ତରାଞ୍ଚଳ ପୋଲିସ ରେଞ୍ଜର ସମସ୍ତ ପୋଲିସ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ତଥା ବହୁସଂଖ୍ୟାରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ସାମିଲ ହୋଇଥିଲେ।

## କାୟାକଳ୍ପ ଯୋଜନାରେ ୧୫୮ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ



କାୟାକଳ୍ପ ଯୋଜନାରେ ସାମିଲ ପରେ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀମାନେ ଖୁସି ମନାଉଛନ୍ତି।

**ସମ୍ବଲପୁର ଜିଲାରେ ସ୍ୱାସ୍ଥ୍ୟସେବାର ଗୁଣବତ୍ତା**

ସମ୍ବଲପୁର,୧୯।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବୃଦ୍ଧି ପାଇଁ କାୟାକଳ୍ପ ଯୋଜନା ଅଧୀନରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। କାୟାକଳ୍ପ ଯୋଜନାରେ ଜିଲାର ବାମରା ବ୍ଲକରୁ ୨୩ଟି, ଧନକଉଡା ବ୍ଲକରୁ ୧୧, ଜମନକିରା ବ୍ଲକରୁ ୩୧, ଯୁଯୁମୁରା ବ୍ଲକରୁ ୧୬, କୁଚିଣ୍ଡା ବ୍ଲକରୁ ୨୬, ମାନେଶ୍ୱର ବ୍ଲକରୁ ୧୨, ନାକଟିଦେଉଳ ବ୍ଲକରୁ ୯ ଏବଂ ରେଢାଖଲ ବ୍ଲକରୁ ୧୧ଟି ସ୍ୱାସ୍ଥ୍ୟକେନ୍ଦ୍ର ସଫଳତା ଅର୍ଜନ କରିଛନ୍ତି। ଏହାସହ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ୭ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ମୋଟ ୧୫୮ଟି ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ଅର୍ଜନ କରିଛନ୍ତି। ଏହି ସଫଳତା ମଧ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ବର୍ଗରେ ଧନକଉଡାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରିଛି। ଉପ ସ୍ୱାସ୍ଥ୍ୟକେନ୍ଦ୍ର ବର୍ଗରେ କୁଚିଣ୍ଡା ବ୍ଲକ ଜଲଡିହିଁ ପ୍ରଥମ ସ୍ଥାନ ହାସଲ କରିଛି। ଲଇଡାଗନା ଦ୍ୱିତୀୟ ଏବଂ ଜମନକିରା ବ୍ଲକର ଡିମିରିମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାୟାକଳ୍ପ ଯୋଜନାରେ ସଫଳ ହୋଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଥାଏ । ପ୍ରୋତ୍ସାହନ ରାଶିରୁ ଆଧାରଭୂତ ସୁବିଧା ଓ ସେବାର ଉନ୍ନତି ପାଇଁ ବ୍ୟୟ କରାଯାଇଥାଏ। ଏହି ସଫଳତାରେ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଏକତ୍ର ପ୍ରୟାସ ଏବଂ ସମର୍ପଣ ମୁଖ୍ୟ ଭୂମିକା ନେଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ହୋତା, ଜିଲା ପ୍ରକଳ୍ପ ଅଧିକାରୀ ମୃତ୍ୟୁଞ୍ଜୟ ମୁଣ୍ଡ, ଜିଲା କ୍ୱାଲିଟି ମ୍ୟାନେଜର ବୈଶାଳିନୀ ସାହୁ ଏବଂ ନାକଟିଦେଉଳ ବ୍ଲକର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅମୂଲ୍ୟରତ୍ନ ମହନ୍ତଙ୍କ ବିଶେଷ ଉଲ୍ଲେଖନୀୟ ରହିଛି। ଜିଲାପାଳ ସମସ୍ତ ସଫଳ ସ୍ୱାସ୍ଥ୍ୟ କେନ୍ଦ୍ର ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗକୁ ଏଭଳି ଉତ୍କୃଷ୍ଟ ସେବା ଜାରି ରଖିବାକୁ ଆହ୍ୱାନ କରିଛନ୍ତି।

## ରାମ ନବମୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ରେଢ଼ାଖୋଲ,୧୯।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲରେ ରାମ ନବମୀ ଉତ୍ସବ ପାଳନ ପାଇଁ ଉପଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ରାମ ନବମୀ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରେଢ଼ାଖୋଲ ରଥ ସାହିସ୍ଥିତ ରଘୁନାଥ ମନ୍ଦିରର ରଙ୍ଗ କାର୍ଯ୍ୟସମ୍ପୂର୍ଣ୍ଣ, ଆଲୋକ ବ୍ୟବସ୍ଥା, ପାନୀୟ ଜଳର ସୁବିଧା କରାଯିବା ଉପରେ ଆଲୋଚନା ହୋଇଥିଲା। ସେହିପରି ରାମମନ୍ଦିର ପରିସରରେ ଯଜ୍ଞ କାର୍ଯ୍ୟ ହେବାକୁ ଥିବାରୁ ବିଭିନ୍ନ ସଂକୀର୍ତ୍ତନ ଦଳକୁ ଯୋଗାଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅରୁଣ ପ୍ରଧାନ, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ଗୋବର୍ଦ୍ଧନ ବଘାର, ଅଭୟ ବୀର, ଏସଡ଼ିପିଓ ପ୍ରଶାନ୍ତ ମେହେର, ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାୟକ, ମନ୍ଦିର ପୂଜକ ସତ୍ୟନାରାୟଣ ପଣ୍ଡା, ତ୍ରିଲୋଚନ ପାଣିଗ୍ରାହୀ, ଅଗ୍ନିଶମ ଅଧିକାରୀ ଯୋଗଦେଇଥିବା ଦେବୋତ୍ତର ବିଭାଗ ମ୍ୟାନେଜର ରାଜେଶ ସାହୁ ସହଯୋଗ କରିଥିଲେ।

## ହିନ୍ଦୁ ନବବର୍ଷ ପାଳିତ, ୧୫ପ୍ରତିଯୋଗୀ ପୁରସ୍କୃତ


ଧନୁପାଲି ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୧୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଉତ୍କଳ ଗ୍ରାମ୍ୟବ୍ୟାଙ୍କ ଶାଖା ପ୍ରବନ୍ଧକ ପ୍ରଦୀପ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ଗୁରୁଜୀ ଦଶରଥ ବେହେରା ଯୋଗଦେଇ ହିନ୍ଦୁ ନବବର୍ଷ ପାଳନର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦେବେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ପ୍ରଧାନଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପଠାଣି ସାମନ୍ତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ୧୫ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା।

## ଘର ଭାଙ୍ଗିଲା, ଧାନ ଖାଇଲା ହାତୀ

ପଡିଆବାହାଲ,୧୯।୩(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପଡିଆବାହାଲବନଖଣ୍ଡ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ପ୍ରତି ଦିନ ଅଞ୍ଚଳର କୌଣସି ନା କୌଣସି ଗାଁକୁ ହାତୀପଲ ପଶି ଧାନ, ଚାଉଳ ଖାବା ସହ ଘର ଭାଙ୍ଗୁଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ପଧାନପାଲି, ଖଲିଆପାଲି, ବାହାମ ପରେ ବୁଧବାର ରାତିରେ ତୁରାଙ୍ଗ ଗ୍ରାମର କୈବଲ୍ୟ ପଧାନଙ୍କ ଘର ଭାଙ୍ଗି ବସ୍ତାଏ ଧାନ ଖାଇ ଦେଇଛି। ଘର ଭାଙ୍ଗିବା ଫଳରେ ଘରେ ଥିବା ସ୍କୁଟି ସହିତ ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଥବା ପ୍ରଧାନଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି। ବନଖଣ୍ଡର ବଡ଼ସାହିର, ମୁର୍ଗାବାରି ଓ ପାଖଆଖ ଅଞ୍ଚଳରେ ହାତୀ ଚଳାଚଳ କରୁଥିବା କୁହାଯାଉଛି।

## ସିଆରପିଏଫ୍ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ


ପ୍ରତିଷ୍ଠା ଦିବସରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ସମ୍ବଲପୁର,୧୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ଗୋଶାଳାସ୍ଥିତ ଗ୍ରୁପ୍ କେନ୍ଦ୍ରରେ ୮୭ତମ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ(ସିଆର୍‌ପିଏଫ୍)ର ପ୍ରତିଷ୍ଠା ଦିବସ ସମାରୋହ ଗୁରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଉପମହାନିରୀକ୍ଷକ ଦଲୀପ ସିଂ ଅମ୍ୱେଶ ଏବଂ କମାଣ୍ଡାଣ୍ଟ ରାମଫୁଲ ମୀନା ସମବେତ ଯବାନ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭକାମନା ଜଣାଇଥିଲେ। ବଳର ଐତିହାସିକ ସଫଳତା ଓ ବୀର ଶହୀଦଙ୍କ ବଳିଦାନର ସ୍ମୃତଚାରଣ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିଆର୍‌ପିଏଫ୍ କେବଳ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାର ମୁଖ୍ୟ ସ୍ତମ୍ଭ ନୁହେଁ, ବରଂ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ରାଷ୍ଟ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ପରମ୍ପରା ଅନୁଯାୟୀ ସନ୍ଧ୍ୟାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ରାତିରେ ସମସ୍ତ ମେସ୍‌ରେ 'ବଡ଼ା ଖାନା' ବା ସ୍ୱତନ୍ତ୍ର ପ୍ରୀତିଭୋଜନର ଆୟୋଜନ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୩୯ ମସିହା ଜୁଲାଇ ୨୭ ତାରିଖରେ ବ୍ରିଟିଶ ଶାସନ କାଳରେ 'କ୍ରାଉନ ରିପ୍ରେଜେଣ୍ଟେଟିଭ୍ ପୋଲିସ' ଭାବେ ଏହି ବଳ ପ୍ରତିଷ୍ଠା ହୋଇଥିଲା। ସ୍ୱାଧୀନତା ପରେ ୧୯୪୯ ଡିସେମ୍ବର ୨୮ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ଏହାକୁ ପୁନର୍ଗଠିତ କରାଯାଇଥିଲା। ୧୯୫୦ ମସିହା ମାର୍ଚ୍ଚ ୧୯ ତାରିଖରେ ସର୍ଦ୍ଦାର ପଟେଲ ଏହି ବଳକୁ 'ରାଷ୍ଟ୍ରପତିଙ୍କ ରଙ୍ଗ(ନିଶାନ) ପ୍ରଦାନ କରିଥିଲେ। ଏହାର ସ୍ମୃତିରେ ପ୍ରତିବର୍ଷ ମାର୍ଚ୍ଚ ୧୯କୁ ସିଆରପିଏଫ ଦିବସଭାବେ ପାଳନ କରାଯାଏ।

**ସଂକ୍ଷେପରେ**

## ଶ୍ୟାମ ମେଟାଲିକ୍ସରେ ଠିକା ଶ୍ରମିକଙ୍କ ମୃତ୍ୟୁ

ରେଙ୍ଗାଲି,୧୯।୩(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ନିକଟ ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସରେ ଗୁରୁବାର ଦୁର୍ଘଟଣା ଘଟି ଜନପତି ଭୋଇ (୫୨) ନାମକ ଜଣେ ଠିକା ଶ୍ରମିକ ମୃତ୍ୟୁ ଘଟିଛି। ଜନପତି ଝାଙ୍କରପାଲି ପଞ୍ଚାୟତ ବାସୁପାଲି ଗ୍ରାମର । ମଧ୍ୟାହ୍ନ ଭୋଜନ ସାରି ୨ମହଲା କୋଠା ସିଡି ଦେଇ ତଳକୁ ଓହ୍ଲାଉ ଥିବା ସମୟରେ ସେ ଭାରସାମ୍ୟ ହରାଇ ଖସି ପଡିବା ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶ୍ରମିକଙ୍କ ପରିବାରବର୍ଗଙ୍କୁ ନିୟମ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରଭୁଦତ୍ତ ପଣ୍ଡା ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି

**ରାଜ୍ୟ ମହିଳା ମୋର୍ଚ୍ଚାରେ ସମ୍ବଲପୁରରୁ ପ୍ରତିନିଧିତ୍ୱ ନାହିଁ**

ସମ୍ବଲପୁର,୧୯।୩(ଭବାନୀ ଶଙ୍କର ଭୋଇ)



ପ୍ରଭୁଦତ୍ତ ପଣ୍ଡାଙ୍କୁ ସମ୍ବଲପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତିଭାବେ ଘୋଷଣା କରାଯାଇଛି। ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମର୍ଥକ ପ୍ରଭୁଦତ୍ତ ପୂର୍ବରୁ ଯୁବ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ପୂର୍ବରୁ ଜୟନାରାୟଣଙ୍କ ବିରୋଧୀ ଗୋଷ୍ଠୀର ଅଶ୍ୱିନୀ ମାଝୀ ଯୁବମୋର୍ଚ୍ଚା ସଭାପତି ଥଲେ। ଗୁରୁବାର ପ୍ରଭୁଦତ୍ତ ଜୟନାରାୟଣଙ୍କୁ ସାକ୍ଷାତ କରି ସଙ୍ଗଠନ ଏବଂ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ତେବେ ରାଜ୍ୟ ଯୁବମୋର୍ଚ୍ଚାରେ ସମ୍ବଲପୁରର ଉତ୍ତମ ବିଶ୍ୱାଳଙ୍କୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଗଣମାଧ୍ୟମ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଭୁଦତ୍ତ ସମ୍ବଲପୁରରେ ଭାଜପା ଯୁବମୋର୍ଚ୍ଚାକୁ ସଙ୍ଗଠିତ କରିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଟିମରେ ସମ୍ବଲପୁରରୁ କାହାରିକୁ ଦାୟିତ୍ୱ ମିଳି ନ ଥିବା ନେଇ ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଶୁଭେନ୍ଦୁ ଶେଖରଙ୍କୁ ସେବାରତ୍ନ, ଗୁରୁରତ୍ନ ସମ୍ମାନ

କୁଚିଣ୍ଡା,୧୯।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ତୁରେଇ ପଞ୍ଚାୟତ ମାଣ୍ଡିଆପୁରା ଗ୍ରାମର ଶୁଭେନ୍ଦୁ ଶେଖର ପୃଷ୍ଟେଠଙ୍କୁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ୩ୟ କଳିଙ୍ଗ ସେବାରତ୍ନ ଓ ଗୁରୁରତ୍ନ ସମ୍ମାନ ସମାରୋହରେ ସମ୍ମାନିତ କରାଯାଇଛି। ପୃଷ୍ଟେଠ କୁଚିଣ୍ଡା ସ୍ଥିତ ଏକ ଘରୋଇ ଇଂଲିଶ ସ୍କୁଲରେ ଶିକ୍ଷକତା କରନ୍ତି। ତୃଣମୂଳସ୍ତରରୁ ପିଲାଙ୍କ ବୌଦ୍ଧିକ ଓ ଚାରିତ୍ରିକ ପରିବର୍ତ୍ତନରେ ତାଙ୍କର ଅଗ୍ରଣୀ ଭୂମିକା ରହିଥିବା ବେଳେ ଉତ୍ତମ ସେବା ପାଇଁ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି।

## କୂଅକୁ ଡେଇଁଲେ ଯୁବକ, ଉଦ୍ଧାରକଲା ଅଗ୍ନିଶମ ବାହିନୀ

ନାକଟିଦେଉଳ,୧୯।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମଲ ଗ୍ରାମ ପଞ୍ଚାୟତ ଆନ୍ତର୍ଗତ ପଥୁରିଆ କୁଦପଶି ସାହିରେ ଗୁରୁବାର ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅପରାହ୍ନ ପ୍ରାୟ ୩ଟାରେ ପାଣି ଭର୍ତ୍ତି ଏକ କୂଅକୁ ଜଣେ ଯୁବକ କୌଣସି କାରଣରୁ ଡେଇଁ ପଡିଥିଲେ। ଖବର ପାଇ ନାକଟିଦେଉଳ ଦମକଳ ବାହିନୀ ସମ୍ପୃକ୍ତ ଯୁବକ ଶିବ କିସାନ(୨୨)ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ପରେ ତାଙ୍କୁ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ବର୍ତ୍ତମାନ ସେ ସୁସ୍ଥ ଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ସରାପାଲି ପଞ୍ଚାୟତ ଅନ୍ତର୍ଗତ ଜେମାଜୋରି ଗ୍ରାମର ଶିବ ନିଜ ମା'ବାପାଙ୍କ ସହ ଦୀର୍ଘ ବର୍ଷ ହେଲା କୁଦପଶି ସାହିସ୍ଥିତ ନିଜ ମାମୁଁ ଘରେ ରହୁଥିଲେ।

## ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା

ସମ୍ବଲପୁର,୧୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଭୁତାପଡା ମା' ମଙ୍ଗଳା ମନ୍ଦିରରେ ଗୁରୁବାର ଚୈତ୍ର ଅମାବାସ୍ୟା ତିଥିରେ କଳସାଧିବାସରୁ ବାସନ୍ତିକ ନବରାତ୍ର ପୂଜନୋତ୍ସବର ଶୁଭାରମ୍ଭ ହୋଇଛି। ଗୁରୁବାର ଅପରାହ୍ନ ୪ଟାରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା, ପୁରୁଷ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସ୍ଥାନୀୟ ମହାନଦୀ ଘାଟରୁ ଜଳ ଧାରଣ କରି ଏକ ଶୋଭାଯାତ୍ରାରେ ଆସି ଭକ୍ତମାନେ ବିଧି ପୂର୍ବକ କଳସ ସ୍ଥାପନା ପରେ ମା' ମଙ୍ଗଳାଙ୍କ ପୀଠରେ ନବରାତ୍ର ପୂଜନୋତ୍ସବ ଅନୁଷ୍ଠିତ ହୋଇଥିଲା। କଳାସାଧିବାସ ପରେ ସନ୍ଧ୍ୟାରେ ମା'ଙ୍କ ପ୍ରତିପଦା ବିହିତ ପୂଜା, ଚଣ୍ଡୀପାଠ, ହୋମ, ଆଳତୀ, ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଭୁତାପଡ଼ା ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା ଓ ପଣ୍ଡିତ ଆଦିତ୍ୟ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମା' ମଙ୍ଗଳା ମନ୍ଦିର କମିଟିର ରବୀନ୍ଦ୍ର ଜେନା, ରସାନନ୍ଦ ବେହେରା, ସୁଧାଂଶୁ ଶେଖର ମହାରଣା, ଅସିତ ବିଶ୍ୱାଳ, ବିରଞ୍ଚି ବେହେରା, ନିହାର କୁମାର ମାହାଣା ସହଯୋଗ କରିଥିଲେ। ସମ୍ବଲପୁର ଧୁତୁରାପଡ଼ା ନିବାସୀ ସରୋଜ ସାହୁ ଓ ସାଗରିକା ସାହୁ ଦମ୍ପତି କର୍ତ୍ତାକର୍ତ୍ତୀ ଦାୟିତ୍ୱ ନିର୍ବାହ କରୁଛନ୍ତି।


ଭୁତାପଡ଼ା ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜନୋତ୍ସବ ପାଇଁ କଳସ ବାହାରିଥିବା ଶୋଭାଯାତ୍ରା।

## ରାଷ୍ଟ୍ରୀୟ ନବବର୍ଷ ପାଇଁ ସମ୍ବଲପୁର ସହର ଉତ୍ସବ ମୁଖର


ଗଙ୍ଗାଧର ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ଭିତର ଭୁଇଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଆଖଡ଼ାରେ ଖଣ୍ଡା ଧାରଣକଲେ ବିଧାୟକ**

ସମ୍ବଲପୁର,୧୯।୩(ବି.ଶଙ୍କର/ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ହର୍ଷ ଉଲ୍ଲାସର ସହିତ ରାଷ୍ଟ୍ରୀୟ ନବବର୍ଷ ଗୁରୁବାର ପାଳିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ହୋଇଥିଲା। ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ଓ ଶ୍ରୀ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ମିଳିତଭାବେ ଦୀପଦାନ କାର୍ଯ୍ୟକ୍ରମ ଓ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ୫ ଶହରୁ ଅଧିକ ଭକ୍ତ ଏକତ୍ରିତ ହୋଇ ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରାରମ୍ଭରେ ଭାରତମାତା, ପ୍ରଭୁ ଶ୍ରୀରାମ, ମାତା ସୀତା ଓ ମା' ସମଲେଇଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଶ୍ରୀ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡା, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ଗୋପାଳ ଶର୍ମା, କାହ୍ନୁ ଚରଣ ଷଡ଼ଙ୍ଗୀ, ସରିତ ପାଢ଼ୀ, ଯୋଗେଶ୍ୱର ନନ୍ଦ, ଦୀପକ ପାଣୀଗ୍ରାହୀ ଓ ମନଜିତ ମିଶ୍ର ପଜାର୍ଚ୍ଚନା କରିଥିଲେ। ବିଧାୟକ ଜୟନାରାୟଣ ମିଶ୍ର ମନ୍ଦିରରେ ପହଞ୍ଚି ଧ୍ୱଜା ସ୍ଥାପନ କରିବା ସହ ନବରାତ୍ର ଉପଲକ୍ଷେ ଅନୁଷ୍ଠିତ ଆଖଡ଼ାରେ ବିଧାୟକ ଖଣ୍ଡା ଧାରଣ କରିଥିଲେ।

ଏହି ଅବସରରେ ମନ୍ଦିର ଭିତର ଭୁଇଁରେ ଅନୁଷ୍ଠିତ ଏକ ସଭାରେ ଅତିଥିଭାବେ ଯୋଗଦେଇ ବିଧାୟକ ମିଶ୍ର କହିଥିଲେ, ଭକ୍ତଙ୍କ ସାମୂହିକ ପ୍ରଜ୍ୱଳିତ ଦୀପର ଶିଖା ସମଗ୍ର ପୃଥିବୀରେ ଜ୍ଞାନର ଆଲୋକ ବିଚ୍ଛୁରିତ କରିବ। ଏହି ପରମ୍ପରାକୁ ଆଗକୁ ବଢ଼ାଇବା ଦିଗରେ ଏହି ସାମୂହିକ ଦୀପ ପ୍ରଜ୍ୱଳନ ଏକ ବଡ଼ ପ୍ରୟାସ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ଦେବପ୍ରିୟାନନ୍ଦ ଜୀ, ଆର୍‌ଏସ୍‌ଏସ୍ ନଗର ସଂଘଚାଳକ ଦୀପକ କୁମାର ପଣ୍ଡା ଏବଂ ବିଶ୍ୱ ହିନ୍ଦୁ ପରିଷଦ ଜିଲା ସଭାପତି ରାଜେଶ ଅଗ୍ରୱାଲଙ୍କ ସମେତ ଅନେକ ବିଶିଷ୍ଟ ଉଦ୍‌ବୋଧନ ଦେଇଥିଲେ। ସନ୍ଧ୍ୟାରେ ଗଙ୍ଗାଧର ମଣ୍ଡପଠାରେ ମଧ୍ୟ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତ୍ତା ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତ ସଭାପତି ସୁଧୀର ରଞ୍ଜନ ବହିଦାରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଆରଏସଏସ୍ ପଶ୍ଚିମ ପ୍ରାନ୍ତ ପୂର୍ବତନ ସଂଘ ଚାଳକ ବିପିନ ବିହାରୀ ନନ୍ଦ, ଶ୍ରୀମନ୍ତ ପ୍ରଧାନ, ସମ୍ବଲପୁର ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ପୂର୍ବତନ ବିଧାୟକ ନାଉରୀ ନାଏକ, ପୂର୍ବତନ ଜିଲା ସଭାପତି ଗିରୀଶ ପଟେଲ, ରାଜାରାମ ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଂ. ଜ୍ୟୋତିରାଦିତ୍ୟ ମହାନ୍ତି ଓ ଉମାଶଙ୍କର ଦାଶ ସଂଯୋଜନା କରିଥିଲେ। ସମ୍ପାଦକ ଦେବନ୍ତ ବେହେରା ଧନ୍ୟବାଦ ଅପ୍ରଣ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ଆଭାସୀ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାର୍ତ୍ତା ପ୍ରସାର କରାଯାଇଥିଲା। ସେହିପରି ହୀରାକୁଦ କଲୋନୀସ୍ଥିତ ପତଞ୍ଜଳି ନିଃଶୁଳ୍କ ଯୋଗ କେନ୍ଦ୍ରରେ ହୋମଯଜ୍ଞାଦି ହୋଇଥିଲା। ସମିତିରେ ରାଜ୍ୟ ପ୍ରଭାରି ଜେ. ଗିରିଜା ଦେବୀ ଏହାକୁ ପରିଚାଳନା କରିଥିଲେ।

**ଗଞ୍ଜେଇ ଜବତ, ଯୁବକ ଗିରଫ**

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ପୋଡାପାଲି ଛକ ଜାତୀୟ ରାଜପଥରେ ଅବକାରୀ କର୍ମଚାରୀ ଗୁରୁବାର ଚଢାଉ କରି ୮କେଜି ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛନ୍ତି। ଗିରଫ ଯୁବକ ହେଲେ ମଧ୍ୟପ୍ରଦେଶ ଚୋରାପାଲି ଥାନା ଅଞ୍ଚଳର ରାକେ ଭାସ୍କର (୨୨)। ସୂଚନାକ୍ରମେ ରାକେ ଏକ ପ୍ଲାଷ୍ଟିକ ବ୍ୟାଗରେ ଗଞ୍ଜେଇ ଧରି ବସ୍‌କୁ ଅପେକ୍ଷା କରିଥିବା ବେଳେ ଖଡ଼ିଆଳ ଅବକାରୀ ଅଧିକାରୀ ଅଲେଖ ପୁଟେଲଙ୍କ ନେତୃତ୍ୱରେ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ଚଢାଉରେ ଅମରନାଥ ବିଶୋଇ, ମଧୁସୂଦନ ସିଂ, ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ମନିଜର ଆର୍ଯ୍ୟ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ

**ନୂଆପଡ଼ା, ୧୯।୩( ମକାରୁ ବେମାଲ):** ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳକୁ ମଜଭୁତ ଓ ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦପଦବୀ ଲାଗି ଗୁରୁବାର ନାମ ଘୋଷଣା କରିଛନ୍ତି।



ରାଜ୍ୟ ସ୍ତରୀୟ ଉପ ସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ ଅନ୍ୟାନ୍ୟ ପଦବୀ ବିଭିନ୍ନ ଜିଲାସ୍ତରରେ ଚୟନକରି ନାମ ଘୋଷଣା କରିଛନ୍ତି। ସେଥିରେ ନୂଆପଡ଼ା ଜିଲାର ମନିଜର ଆର୍ଯ୍ୟ ରାଜ୍ୟ ସାଧାରଣ ସମ୍ପାଦକ ଭାବରେ ଚୟନ ହୋଇଛନ୍ତି। ଏହି ଗୁରୁଦାୟିତ୍ୱ ପାଇବା ପରେ ତୃଣମୂଳ ସ୍ତରରେ ଦଳକୁ ମଜଭୁତ ଓ ସୁଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ମନିଜର ପ୍ରତିକ୍ରିୟା ରଖିଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ଖଡ଼ିଆଲ,୧୯।୩ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଲ କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଯୋଗଦେଇ ଅଷ୍ଟମରୁ ଏକାଦଶ ଶ୍ରେଣୀ ପିଲାଙ୍କର ସାପ୍ତାହିକ ପରୀକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ବିଦ୍ୟାର୍ଥୀଙ୍କ ମଧ୍ୟରେ ସୃଷ୍ଟିହେଉଥିବା ଭୟ ଓ ମାନସିକ ଚାପ ଦୂରହେବ ବୋଲି କରିଥିଲେ। ବୈଠକରେ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ତହସିଲଦାର ନରସିଂହ ଗଡ଼ବା, ବିଡିଓ ମିଳନ କୁମାର ଝାଙ୍କର, ଅଧୀକ୍ଷଣ ଯନ୍ତ୍ରୀ ଗୃହ ଓ ପୂର୍ତ୍ତ ବିଭାଗ ଶଶାଙ୍କ ଶେଖର ଶୁକ୍ଳା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ କୁମାର ସାହୁ, ରାଜା ଏଟି ହାଇସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

**ବୋଡ଼େନ,୧୯।୩ (ଟିକେଶର ନାଗ):** ନୂଆପଡ଼ା ଜିଲା ବୋଡ଼େନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଗୁରୁଜୀ ମୁରାଲିଲାଲ ହୋତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଖଣ୍ଡ ସଂଘ ଚାଳକ ଗଜରାଜ ବୈଠାରୁ, ସୁଜନେଶ୍ୱର ମଲ୍ଲିକ, ଅଧ୍ୟାପକ ଗୟାଧର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଦିବସ ଉପରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ରୋହିତ କୁମାର ଦଣ୍ଡସେନା, ଶ୍ୟାମ କୁମାର ଦଣ୍ଡସେନା, କାଶୀନାଥ ଦଣ୍ଡସେନା, ଇନ୍ଦ୍ରମଣି ମାଝୀ, ଥବିରାମ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

### ସରସ୍ୱତୀ ଶିଶୁମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ

**କର୍ଲାମୁଣ୍ଡା, ୧୯।୩(ପ୍ରଦୀପ କୁମାର ସାହୁ):** କର୍ଲାମୁଣ୍ଡା ବ୍ଲକ ସଦର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତି ଉପସଭାପତି ନନ୍ଦି କିଶୋର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବବର୍ଷର ଐତିହ୍ୟ ଓ ଏହାର ସାଂସ୍କୃତିକ ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ କୁଞ୍ଜ ସାହୁ, ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର, ଆଚାର୍ଯ୍ୟ ପ୍ରତିନିଧି ତୁମ୍ବେଶ୍ୱର ସାହୁ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ଗୁରୁଜୀ, ଗୁରୁମା ଓ ଛାତ୍ରୀଛାତ୍ର ସାମିଲ ହୋଇ ଭକ୍ତିଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନବବର୍ଷ ପାଳନ କରିଥିଲେ। ଏହି ଅବସରରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା।

### ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

**ଭବାନୀପାଟଣା,୧୯।୩(ଉତ୍ତମ କୁମାର ଦାଶ):** କଳାହାଣ୍ଡି ପତଞ୍ଜଳି ଯୋଗ ସମିତି ଓ ସଂସ୍କାର ଭାରତୀର ମିଳିତ ସହଯୋଗରେ ଭବାନୀପାଟଣା ପୁରୁଣାପଡ଼ା ଶିବମନ୍ଦିର ସମ୍ମୁଖରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ପ୍ରାୟ ଶତାଧିକ ଭଉଣୀଭାଇ ଯୋଗଦେଇ ଯୋଗର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟ ନମସ୍କାର କରି ସମସ୍ତେ ବିଶ୍ୱ କଲ୍ୟାଣ ନିମିତ୍ତ କାର୍ଯ୍ୟକ୍ରମକୁ ସମର୍ପିତ କରିଥିଲେ। ପତଞ୍ଜଳି ଯୋଗ ସମିତି ଜିଲା ପ୍ରଭାରୀ ଡ. ନିହାରେନ୍ଦ୍ର ପଣ୍ଡା, ମହାମନ୍ତ୍ରୀ ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ସଂସ୍କାର ଭାରତୀ ଜିଲା ସମ୍ପାଦକ ଉମେଶଚନ୍ଦ୍ର ପଣ୍ଡା, ଜିଲା ସଭାପତି ତଥା ଶ୍ରୀ ଶ୍ରୀ ରବି ଶଙ୍କର ସଂସ୍ଥାର ମୁଖ୍ୟ ଡ. ଜଳନ୍ଧର ମେହେର ଦିବସ ଉପରେ ବକ୍ତବ୍ୟ ରଖିଥିଲେ ।

# ମହଙ୍ଗା ପଡ଼ିଲା ଗ୍ରାହକଙ୍କୁ ବିଲ୍ ନ ଦେବା

## ଶହେ ଟଙ୍କାର ସାମଗ୍ରୀ ପାଇଁ ଦୋକାନୀଙ୍କୁ ୧ ଲକ୍ଷ ଜରିମାନା

**ଭବାନୀପାଟଣା,୧୯।୩(ଉତ୍ତମ କୁମାର ଦାଶ)**




ଗ୍ରାହକଙ୍କୁ ବିଲ୍ ନ ଦେବା ଏକ ଦୋକାନ ପାଇଁ ମହଙ୍ଗା ପଡିଛି। କଳାହାଣ୍ଡି ଜିଲା ଉପଭୋକ୍ତା ବିବାଦ ନିବାରଣ କମିଶନ (ଖାଉଟି ଅଦାଲତ)ରେ ଉକ୍ତ ଦୋକାନ ଦଣ୍ଡିତ ହୋଇଛି। ଶହେ ଟଙ୍କାର ସାମଗ୍ରୀ ପାଇଁ ଦୋକାନୀଙ୍କୁ ୧ ଲକ୍ଷ ଜରିମାନା ପ୍ରଦାନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କମିଶନ ଉପଭୋକ୍ତା ଅଧିକାର ସୁରକ୍ଷାରେ ଦୃଢ଼ ସନ୍ଦେଶ ଦେଇଛନ୍ତି। ଖଡିଆଳ ନିବାସୀ ଦୀପକ କୁମାର ଦୁବେ ଭବାନୀପାଟଣାର ଜ୍ୟୋତି କଲେକ୍ସନ ଦୋକାନରୁ ୧୦୦ ଟଙ୍କାର ଡିକ୍ସି ସ୍କଟ ଗଞ୍ଜି କିଣିଥିଲେ। କିନ୍ତୁ ଦୋକାନ ପକ୍ଷରୁ ବିଲ ଦେବାକୁ ଅସ୍ୱୀକାର କରାଯାଇଥିବାରୁ ସେ ଉପଭୋକ୍ତା କମିଶନରେ ଅଭିଯୋଗ କରିଥିଲେ। ମାମଲାର ଶୁଣାଣି ସମୟରେ ଦୋକାନ ପକ୍ଷ ଦାବି କରିଥିଲେ ଯେ, ବିଲ ତିଆରି ହୋଇଥିଲା, କିନ୍ତୁ ଭିଡ଼ ହେତୁ ବିଳମ୍ବ ହୋଇଥିଲା। ତେବେ କମିଶନର ଅଶ୍ୱିନୀ କୁମାର ପାତ୍ର ମାମଲାର ବିଚାର ସମୟରେ ଦେଖିଥିଲେ ଯେ, ପ୍ରଦାନ କରାଯାଇଥିବା ବିଲ୍ ଓ ରେକର୍ଡ ଠିକ ନୁହେଁ, ପରେ ତିଆରି କରାଯାଇଥିବା ପ୍ରମାଣ ଭଳି ଲାଗୁଛି। କମିଶନ ମତ ଦେଇଛନ୍ତି ଯେ, ବିଲ ନ ଦେବା ଅନ୍ୟାୟ ବ୍ୟବସାୟ ପ୍ରଚଳନ ଏବଂ ସେବାର ତ୍ରୁଟି ଭିତରେ ପଡ଼େ, ଯାହାକି ଉପଭୋକ୍ତାଙ୍କ ଅଧିକାରକୁ ଉଲ୍ଲଂଘନ କରେ। ତେଣୁ କମିଶନର ପାତ୍ର ଏହି ମାମଲାର ବିଚାର କରି ଦୋକାନୀଙ୍କୁ ୧୫ ଦିନ ମଧ୍ୟରେ ଉପଭୋକ୍ତାଙ୍କୁ ଠିକ ଜିଏସ୍‌ଟି ବିଲ୍ ଦେବା ସହ ଉପଭୋକ୍ତାଙ୍କୁ ୧୦,୦୦୦ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦୋକାନୀ ଉପଭୋକ୍ତାଙ୍କୁ ୫,୦୦୦ ଟଙ୍କା ମାମଲା ଖର୍ଚ୍ଚ ଓ ଅତିରିକ୍ତ ଭାବେ ୧ଲକ୍ଷ ଟଙ୍କା ଓଡିଶା ରାଜ୍ୟ ଖାଉଟି ଉପଭୋକ୍ତା ସୁରକ୍ଷା ପାଣ୍ଠିକୁ ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

# ମାଦକଦ୍ରବ୍ୟ ବିରୋଧୀ ସଚେତନତା ଉପରେ ଗୁରୁତ୍ୱ



ବୈଠକରେ ମାଦକ ଦ୍ରବ୍ୟ ନିଷେଧ ଉପରେ ଆଲୋଚନା କରାଯାଉଛି।

**ନୂଆପଡ଼ା,୧୯।୩ (ମକାରୁ ବେମାଲ)**

ନୂଆପଡା ଜିଲା ସ୍ତରୀୟ ନାର୍କୋ ସମନ୍ୱୟ କେନ୍ଦ୍ର ମେକାନିଜମ କମିଟି ବୈଠକ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଆରମ୍ଭରେ ପୋଲିସ ଇନ୍ସପେକ୍ଟର ବି. ରୁଦ୍ରିୟା ବୈଠକର ଉଦ୍ଦେଶ୍ୟ ଅବଗତ କରାଇଥିଲେ।

ଜିଲାପାଳ ଦାଶ ମାଦକଦ୍ରବ୍ୟ ବିରୋଧୀ ସଚେତନତାକୁ ଗୁରୁତ୍ୱ ଦେଇ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଲେ ଯେ, ସମସ୍ତ ବିଦ୍ୟାଳୟରେ ୯ମ ଶ୍ରେଣୀର ଛାତ୍ରୀମାନଙ୍କୁ ଏବଂ ଯେଉଁଠାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ା ହେଉଛି ସେଠାରେ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିୟୋଜିତ କରି ଡ୍ରଗ୍ସକୁ ନା ବାର୍ତ୍ତା ପ୍ରଚାର କରାଯିବ। ଏହା ସହିତ ସମସ୍ତ ଔଷଧ ଦୋକାନରେ ସିସିଟିଭି କ୍ୟାମେରା ସ୍ଥାପନ କରିବା ଓ ଡ୍ରଗ୍ସ ଇନ୍ସପେକ୍ଟର ନିୟମିତ ନିରୀକ୍ଷଣ କରି କୌଣସି ଉଲ୍ଲଂଘନ ଦେଖାଦେଲେ ତତକ୍ଷଣାତ ଜିଲା ପ୍ରଶାସନକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଭାରପ୍ରାପ୍ତ ସିଡିଏମ୍‌ଓ ଡା. ଦ୍ୱାରିକାନାଥ ଶତପଥୀ, ଏସିଏଫ୍ ମହମ୍ମଦ ମୁସ୍ତାଫା ସାଲେହା, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଡିଏସ୍‌ଏସ୍‌ଓ ଅନନ୍ତ କୁମାର ହେମ୍ବ୍ରମ, ଡିଇଓ ପ୍ରଶାନ୍ତ କୁମାର ମହାନ୍ତି ଓ ଡ୍ରଗ୍ସ ଇନ୍ସପେକ୍ଟର ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆମୂଳ ରାମପୁର, ୧୯।୩ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ବ୍ଲକ କାଠକୁରା ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡମ୍ବରୁଧର ଗର୍ଡତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଜିତ ରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି, ଡୁମେରପଦର ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ମୁଖ୍ୟ ବକ୍ତା ଓ ବ୍ଲକ ଯୋଗାଣ ନିରୀକ୍ଷକ ବିଭୁରଞ୍ଜନ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, କାଠକୁରା ୱାର୍ଡମେମ୍ବର ପବିତ୍ର ନାଏକ, ଏସ୍‌ଏମ୍‌ସି ସଭ୍ୟ କୈଳାସ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଧନବଳ ମାଝୀ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଜୟଦେବ ନାଏକ, ସିସିଏ ଯୁଗଳ ସିଂ ମାଝୀଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ସହ ଶିକ୍ଷକ ତାପସ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ଏଇ ତ ଜୀବନ ଲୋକାର୍ପିତ




ପୁସ୍ତକ ଉନ୍ମୋଚନ କରୁଛନ୍ତି ଅତିଥି।

**ଖଡ଼ିଆଳ,୧୯।୩ (ସୁଜିତ କୁମାର ପ୍ରଧାନ)**

ଖଡ଼ିଆଳ ବ୍ଲକ୍ ଗଦ୍ରାମୁଣ୍ଡାସ୍ଥିତ ଲୋକଦୃଷ୍ଟି କଲେଜ ଅଫ୍ ଆଡ୍‌ଭାନ୍ସଡ ଟେକ୍ନୋଲୋଜି ସଭାଗୃହରେ କବି ଅବକାଶ ନାରାୟଣ ପଣ୍ଡାଙ୍କ ପ୍ରଥମ ପୁସ୍ତକ 'ଏଇତ ଜୀବନ' କବିତା ସଙ୍କଳନ ଲୋକାର୍ପିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ଡ. ସୁଶାନ୍ତ କୁମାର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ବଳଭଦ୍ର ମହାନ୍ତି ମୁଖ୍ୟ ଅତିଥି ଓ କବି ନୀଳଲୋହିତ ସିଂହଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ତଥା କବୟିତ୍ରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା ଓ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ପୁସ୍ତକ ସମୀକ୍ଷା କରିଥିଲେ। ଶିକ୍ଷାବିତ୍ ଆଦିତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଓ କବି ଉପେନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଜୋଷୀ, ପ୍ରାଧ୍ୟାପକ ସାମୁଏଲ ଦାନୀ ଓ କବୟିତ୍ରୀ ପ୍ରଭାସିନୀ ଜୋଷୀ କବି ଅବକାଶ ନାରାୟଣ ପଣ୍ଡାଙ୍କ ସାହିତ୍ୟିକ ଜୀବନ ଉପରେ ଆଲୋକପାତ କରିଥିଲେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉତ୍କର୍ଷ'

**ଭବାନୀପାଟଣା,୧୯।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉତ୍କର୍ଷ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡିଚରଣ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଓ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ବୁଝାଇଥିଲେ। ଇନ୍‌କମ୍ ଟ୍ୟାକ୍ସ ପୂର୍ବତନ କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନାରୀଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା ପ୍ରମୁଖ ଯୋଗଦେଇ ନାରୀ ସଶକ୍ତୀକରଣ ଓ ନାରୀ ସ୍ୱାଧୀନତା ଉପରେ ବକ୍ତବ୍ୟ ରଖିଥିଲେ। କୁଳସଚିବ ଡ. ଗୁଣନିଧି ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ସମସ୍ତ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସିଲେଟପଡ଼ା ରାସ୍ତା ମରଣଯନ୍ତା

**ରିଷିଡ଼ା,୧୯।୩(ସୁଶାନ୍ତ ମଲ୍ଲିକ)**



କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡ଼ାରୁ ୫୯ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ୨୦୧୫ ମସିହାରେ ପିଚୁ ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ମରାମତି ହୋଇ ନ ଥିବାରୁ ଏହା ଖାଲଖମାପୂର୍ଣ୍ଣ ହୋଇପଡିଛି। ବର୍ଷାଦିନରେ ଖାଲରେ ପାଣି ଜମିରହୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଓ ଆଖପାଖ ଗାଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ସାମାଜିକ କର୍ମୀ ଚୈତନ୍ୟ ସାହୁ, ଦ୍ରୋଣ ସାହୁ ଜିଲାପାଳ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ରାସ୍ତା ନିର୍ମାଣ ନ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସାମାଜିକ କର୍ମୀ ଚୈତନ୍ୟ ସାହୁ, ଦ୍ରୋଣ ସାହୁ, ଗୋପୀନାଥ ସାହୁ, ନୀଳାମ୍ବର ସାହୁ, ତରୁଣୀ ସାହୁ, ଅଶୋକ ସାହୁ, ତପିନ୍ଦ୍ର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# କ୍ରୀଡ଼ା ଛାତ୍ରାବାସରେ ଭର୍ତ୍ତି ପାଇଁ ଚୟନ ପ୍ରକ୍ରିୟା



ଚୟନ ପ୍ରକ୍ରିୟାରେ ଭାଗନେବା ପାଇଁ ଆସିଥିବା ଛାତ୍ରୀଛାତ୍ର।

**ନୂଆପଡ଼ା, ୧୯।୩(ମକାରୁ ବେମାଲ)**

ନୂଆପଡ଼ାସ୍ଥିତ ପୋଲିସ ପଡ଼ିଆରେ କ୍ରୀଡ଼ା ଛାତ୍ରାବାସରେ ଭର୍ତ୍ତି ନିମନ୍ତେ ଖେଳକୁଦ ବିଭାଗରେ ବ୍ଲକସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୫ ବ୍ଲକ ଓ ୩ ଏନ୍‌ଏସିର ଶତାଧିକ ଛାତ୍ରୀଛାତ୍ର ଭାଗନେଇଥିଲେ। ଏମାନଙ୍କ ମଧ୍ୟରୁ ଚୟନ ଶିବିରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ଚୟନ ଶିବିରକୁ ପ୍ରେରଣ କରାଯିବ। ଜିଲାସ୍ତରର ଶ୍ରେଷ୍ଠ ଖେଳାଳି ରାଜ୍ୟ ସ୍ତରରେ ଚୟନ ହେବା ପରେ ସେମାନଙ୍କୁ ଓଡ଼ିଶା ରାଜ୍ୟ ସରକାରଙ୍କ କ୍ରୀଡା ଛାତ୍ରାବାସରେ ଖାଲି ଥିବା ସ୍ଥାନରେ ଦାଖଲ କରାଯିବ। ମହତାବ ଆଡ଼ୁଆଡ, ସରୋଜ କୁମାର ପ୍ରଧାନ, ରୋହିତ କୁମାର ନାଗ, ସନ୍ତୋଷ କୁମାର ପାଣିଗ୍ରାହୀ, ଶୋଭାରମ ରାଉତ, ନିରୂପମ ପଟେଲ, ଭାରତ ପ୍ରଧାନ ଓ ଅନ୍ୟ ଖେଳ ଶିକ୍ଷକ ସାମିଲ ହୋଇ ଶିବିର ପରିଚାଳନା କରିଥିଲେ। ଆଗାମୀ ୨୨ରେ ଖୋଖୋ ଖେଳ ନିମନ୍ତେ ରାଜା ଏଟି ଉଚ୍ଚ ବିଦ୍ୟାଳୟ ଏବଂ ନୂଆପଡ଼ା ସଦର ମହକୁମା ପୋଲିସ ପଡିଆରେ ଚୟନ ଶିବିରର ଆୟୋଜନ ହେବ। ସେହିପରି ୨୫ରେ ନୂଆପଡ଼ା ସଦର ମହକୁମା ବାଳିକା ଉଚ୍ଚ ବିଦ୍ୟାଳୟରେ ଭଲିବଲ ଖେଳ ନିମନ୍ତେ ଚୟନ ଶିବିର ଆୟୋଜନ ହେବାନେଇ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ଜଣାଇଛନ୍ତି। ଉପରୋକ୍ତ ଖେଳରେ ପଞ୍ଜୀକରଣ କରିଥିବା ଖେଳାଳି ସକାଳ ୭.୩୦ ମିନିଟ ସମୟରେ ଆସି ପ୍ରମାଣପତ୍ର ଦାଖଲ ପୂର୍ବକ ଚୟନ ଶିବିରରେ ଯୋଗ ଦେଇପାରିବେ।

# ପ୍ରାୟୋଗିକ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

**ଜୁନାଗଡ଼,୧୯।୩ (ସୁନୀଲ କୁମାର ସିଂହ)**

ଜୁନାଗଡ଼ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ବିଭିନ୍ନ ସ୍ଥାନ ଭ୍ରମଣ କରି ପ୍ରାୟୋଗିକ ଜ୍ଞାନ ଆହରଣ କରିଛନ୍ତି। ଏଥିରେ ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗଙ୍କ ନେତୃତ୍ୱରେ ବରିଷ୍ଠ ଶିକ୍ଷକ ମଳୟ ମୁଣ୍ଡ, ବିଭୁ ଭୂଷଣ ପଣ୍ଡା, ଝୁମନଦାଶ ନାଏକ, ସଲିଲ ମେହେର ପ୍ରମୁଖ ସହଭାଗୀ ହୋଇଥିଲେ। ଭ୍ରମଣରେ ଛାତ୍ରୀଛାତ୍ର ସରକାରୀ ଇଞ୍ଜିନିୟରିଂ କଲେଜ ଭବାନୀପାଟଣା, ଓମ୍‌ଫେଡ ପ୍ଲାଣ୍ଟ, ଜାରିଙ୍ଗ ଫରେଷ୍ଟ ନର୍ସରୀ, ସରକାରୀ ଆଇଟିଆଇ ଭବାନୀପାଟଣା, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଫୁଲିଝରନ ଜଳପ୍ରପାତ ପ୍ରଭୃତି ସ୍ଥାନ ପରିଦର୍ଶନ କରିଥିଲେ। ଏହା ମାଧ୍ୟମରେ ସେମାନେ ବୈଜ୍ଞାନିକ ଓ ପ୍ରାକୃତିକ ପରିବେଶ ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଆହରଣ କରିଥିଲେ। ଏପରି ଶିକ୍ଷାମୂଳକ ଭ୍ରମଣ ସାର୍ବଙ୍ଗୀନ ବିକାଶରେ ସହାୟକ ହୋଇଥାଏ ବୋଲି ଶିକ୍ଷକମାନେ କହିଥିଲେ।

# ଗୃହ ତାଲିକାଭୁକ୍ତ ଜନଗଣନା ତାଲିମ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା, ୧୯।୩ (ବଟକୃଷ୍ଣ ପଣ୍ଡା)**

ଗୋଲାମୁଣ୍ଡା ତହସିଲ ଅଧୀନରେ ପରିଚାଳିତ ସର୍ବମଙ୍ଗଳା ଯୁକ୍ତ ୩ ଡିଗ୍ରୀ କଲେଜରେ ଗୁରୁବାର ଗୃହ ତାଲିକାଭୁକ୍ତ ଜନଗଣନା ପାଇଁ ତାଲିମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ତହସିଲଦାର ଚନ୍ଦନ ନାୟକ, ଅତିରିକ୍ତ ତହସିଲଦାର ଅନୁଭବ ମହାନ୍ତି, ଡିଲିଂ ଆସିଷ୍ଟାଣ୍ଟ ଗୋପାଳ ମେହେରଙ୍କ ସମେତ ୬ ଜଣ କ୍ଷେତ୍ର ପ୍ରଶିକ୍ଷକ ଏବଂ ୧୩୮ ଜଣ ଗଣନାକାରୀ ଓ ପର୍ଯ୍ୟବେକ୍ଷକ ଯୋଗଦେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜିର ତାଲିମ ଜନଗଣନାର ମୌଳିକତା ଉପରେ ଧ୍ୟାନ ଦିଆଯାଇଥିଲା। ଘର ତାଲିକାଭୁକ୍ତ କରିବାର ମୌଳିକତା ଉପରେ ଗୁରୁତ୍ୱାରୋପ କରିବା ସହ ସିଏମ୍‌ଏମ୍‌ଏସ୍ ଆପ ବ୍ୟବହାର କରିଥିଲେ। ଯାହା ତାଲିକାଭୁକ୍ତ ଗଣନାକାରୀଙ୍କ ଦ୍ୱାରା ଘରକୁ ଘର ବୁଲି ଡିଜିଟାଲ ଜନଗଣନା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ।




ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

# ମହିଳା କମିଶନ ଅଧ୍ୟକ୍ଷାଙ୍କ ଶକ୍ତି ସଦନ ପରିଦର୍ଶନ




ଶକ୍ତି ସଦନ ପରିସରରେ ମହିଳା କମିଶନ ଅଧ୍ୟକ୍ଷାଙ୍କ ସହ ଅନ୍ତେବାସୀମାନେ।

**ଧର୍ମଗଡ଼, ୧୯।୩ (ଘାସିରାମ ଜଗତ)**

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଧର୍ମଗଡ଼ଠାରେ ଭାରତୀୟ ଆଦିମ ଜାତି ସେବା ସଂଘ ଦ୍ୱାରା ପରିଚାଳିତ ଶକ୍ତି ସଦନ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ଶକ୍ତି ସଦନରେ ରହୁଥିବା ଅନ୍ତେବାସୀଙ୍କ ସମସ୍ୟା ପଚାରି ବୁଝିବା ସହ ସେମାନେ କିପରି ଆତ୍ମନିର୍ଭରଶୀଳ ସେ ବିଷୟରେ ଆଲୋଚନା କରିଥଲେ। ଅନ୍ତେବାସୀ ଯେଉଁ ବିଷୟରେ ଆଗ୍ରହ ପ୍ରକାଶ କରିବେ ତାଙ୍କୁ ସେହି ବିଷୟରେ ତାଲିମ ପ୍ରଦାନ ପାଇଁ ମହିଳା କମିଶନ ଅଧ୍ୟକ୍ଷା ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ, କାଉନସେଲର ବନ୍ଦନା ପଟ୍ଟନାୟକ, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ମହିଳା ସୁରକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ନାଏକ ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶକ୍ତି ସଦନ ପରିଚାଳିକା ସସ୍ମିତା ପାତ୍ର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**MILK UNION, SAMBALPUR**

**VEHICLE REQUIRED ON HIRE**

1. Max Pick Up or similar type of vehicle required on hire for Birjam-Sohela Milk route running covering 225 KM. (Both Morning & Evening shift).
2. TATA ACE or similar type of vehicle required on hire for Barpali-Sargipali Milk route running covering 72 KM. (Both Morning & Evening shift).
3. TATA ACE or similar type of vehicle required on hire for Amsarbhata-BMC Sonepur Milk route running covering 176 KM. (Both Morning & Evening shift).

For details please visit our website: **www.samul.in**.
Interested parties may purchase and submit tenders by **30.03.2026**.
Tender Paper Cost Rs.200/- + GST.
EMD - Rs.2,000/-.

Summon for settlement of issues
(Order 5, Rule 20 CPC)

**In the Court of Senior Civil Judge, Rourkela**

C. S. No 156 of 2018

**State Bank of India .... Plaintiff**
**Versus**
**Leena Swain ... Defendant**

To

**Leena Swain**, aged about 39 years, wife of Rajat Kumar Swain, daughter of Trilochan Swain, Prop of- M/s Life Science at Baba Comple, Panposh, Rourkela-769004, RS-Raghunathpalli, resident of B-8, Kalinga Housing Society, Chhend Basti, P.O-Rourlelda-769015, P.S-Chhend, District-Sundargarh.

Whereas, State Bank of India, RACPC, At-Sector-17, Rourkela -3, has instituted it against you for **Rs. 97,998.00** (Rupees ninety-seven thousand nine hundred ninety eight) only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **26th day of March, 2026 at 10.30 O'clock** in the fore noon, to answer the claims [and further you hereby directed to file on day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **09th day of February of 2026.**

Senior Civil Judge, Rourkela

## ସଂକ୍ଷେପରେ

### ଚୈତ୍ର ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଆରମ୍ଭ

**ସୋହେଲା, ୧୯।୩ (ଅଶ୍ୱିନୀ କୁମାର ପାତ୍ର):** ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚୈତ୍ର ନବରାତ୍ର ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ଗୁରୁବାର ସକାଳ ୭ଟାରେ ସୋହେଲା ଦୁର୍ଗା ମନ୍ଦିର ପରିସରରୁ ଶହ ଶହ ମହିଳା କଳସ ଶୋଭାଯାତ୍ରାରେ ପୂର୍ଣ୍ଣବନ୍ଧକୁ ଯାଇଥିଲେ। କର୍ତ୍ତା ଭକ୍ତ ଠାକୁରଙ୍କ ସହ ପୂଜାର୍ଚ୍ଚନା ପରେ ହୁଳହୁଳି, ବ୍ୟାଣ୍ଡବାଜା, ଘଣ୍ଟବାଦ୍ୟ ସହ ପୂର୍ଣ୍ଣ କଳସ ନେଇ ଭବ୍ୟ ଶୋଭାଯାତ୍ରାରେ ମନ୍ଦିର ପରିସରକୁ ଫେରିଥିଲେ। ଗୌରୀ ଦେବୀ ଟ୍ରଷ୍ଟ ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଉପସଭାପତି ବଲବୀର ସିଂ ଠାକୁର, ଗିରଜେସ ଖାଡ଼େଙ୍ଗା, ସମ୍ପାଦକ ପ୍ରମୋଦ ଦେବତା, ଶରତ ଭଞ୍ଜ ପ୍ରମୁଖ ନେତୃତ୍ୱ ନେଇଥିଲେ। ସନ୍ଧ୍ୟା ୭ଟାରେ ହିନ୍ଦୁ ନବବର୍ଷ ଉପଲକ୍ଷେ ମନ୍ଦିର ପରିସରରେ ମା' ଗୌରୀଙ୍କଠାରେ ସ୍ୱତନ୍ତ୍ର ସାମୂହିକ ଦୀପଦାନ କରାଯାଇଛି।





ଉଚ୍ଛେଦ ପୂର୍ବରୁ ଥଇଥାନ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ପଡ଼ାବାସୀ।

# ଉଚ୍ଛେଦ ଆଗରୁ ଥଇଥାନ କର

## ଜିଲାପାଳଙ୍କୁ ଫେରାଦ ପଡ଼ାବାସୀ

**ବରଗଡ଼, ୧୯।୩ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ପର୍ଯ୍ୟାୟକ୍ରମେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ରାସ୍ତା ପ୍ରଶସ୍ତୀକରଣ, ଡ୍ରେନ୍ ନିର୍ମାଣ ଏବଂ ଅନ୍ୟ ବିକାଶମୂଳକ ପ୍ରକଳ୍ପକୁ ଆଖି ଆଗରେ ରଖି ଏଭଳି ଉଚ୍ଛେଦ ଚାଲିଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ଅନ୍ୟପଟେ ଉଚ୍ଛେଦରେ ପ୍ରଭାବିତ ହେଉଥିବା ଲୋକଙ୍କୁ ଥଇଥାନ କରାଯାଉ ନାହିଁ। ନିକଟ ଭବିଷ୍ୟତରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରଭାବିତ ଲୋକଙ୍କୁ ପ୍ରଶାସନିକ ଅଧିକାରୀମାନେ ଆଶ୍ୱାସନା ଦେଉଛନ୍ତି। ମାତ୍ର ପ୍ରଭାବିତ ଲୋକେ ତାକୁ ସହଜରେ ବିଶ୍ୱାସକୁ ନେଉ ନାହାନ୍ତି ଏବଂ ଉଚ୍ଛେଦ ପୂର୍ବରୁ ଥଇଥାନ କରିବାକୁ ଦାବି କରିଛନ୍ତି। ଏଭଳି ଦାବି ନେଇ ଗୁରୁବାର ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୪ ଅଧୀନ କେନାଲ ପଡ଼ାର ଶତାଧିକ ମହିଳା, ପୁରୁଷ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ ଏବଂ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଥଇଥାନ କରିବା ପାଇଁ ଗୁହାରି କରିଥିଲେ।

ସୂଚନା ଅନୁଯାୟୀ, କେନାଲ ପଡ଼ାରେ ଜବରଦଖଲ ଉଚ୍ଛେଦ ହେବା ନେଇ ଗୁରୁବାର ସ୍ଥାନୀୟ ପୌର ପରିଷଦ ଗୁରୁବାର ଡାକବାଜି ଯନ୍ତ୍ରରେ ସୂଚନା ଦେଇଥିଲା। ୫ଦିନ ମଧ୍ୟରେ ଜବରଦଖଲରେ ଘରଦ୍ୱାର କରିଥିବା ଲୋକଙ୍କୁ ସେସବୁ ଖାଲି କରିବା ପାଇଁ ସୂଚନା ଦିଆଯାଇଥିଲା। ଏହି ସୂଚନା ପାଇବା ପରେ ପଡ଼ାବାସୀ ଚିନ୍ତିତ ହୋଇ ପଡ଼ିଛନ୍ତି। ଉକ୍ତ ପଡ଼ାରେ ରହୁଥିବା ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଥିବାବେଳେ କୁଲି, ମଜୁରି କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ସେଠାରେ ଦୀର୍ଘବର୍ଷ ପୂର୍ବରୁ ଘରଦ୍ୱାର କରି ନିଜ ପିଲାଛୁଆଙ୍କୁ ସ୍ଥାନୀୟ ସ୍କୁଲ, କଲେଜରେ ପଢ଼ାଉ ଥିବାବେଳେ ପ୍ରତି ନିର୍ବାଚନରେ ଭାଗ ନେଇ ମତାଧିକାର ମଧ୍ୟ ସାବ୍ୟସ୍ତ କରି ଆସୁଛନ୍ତି। ସେହିପରି ପରିବାରରେ ଅନେକ ବୃଦ୍ଧାବୃଦ୍ଧ ମଧ୍ୟ ରହିଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ଉଚ୍ଛେଦ କରାଗଲେ ସେମାନେ ନିଜର ପଢ଼ୁଆ ପିଲା, ଶିଶୁ ଏବଂ ପରିବାରର ବୃଦ୍ଧାବୃଦ୍ଧଙ୍କୁ ନେଇ କେଉଁଠି ଆଶ୍ରୟ ନେବେ ବୋଲି ପଡ଼ାବାସୀ ପ୍ରଶ୍ନ କରିଛନ୍ତି।

ଅପରପକ୍ଷେ ସହର ମଧ୍ୟରେ ରହିଥିବା ଭଟଲି ଛକ ଏବଂ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ଲମ୍ବା ବିଲ୍ଡିଂ ଦେଇ ଅମ୍ବାପାଲିକୁ ସଂଯୋଗ କରୁଥିବା ରାସ୍ତାରେ ଦୀର୍ଘଦିନରୁ ଟ୍ରାଫିକ ସମସ୍ୟା ଲାଗି ରହିଥିବାବେଳେ ସେଠାକାର ଜବରଦଖଲକୁ ଏପର୍ଯ୍ୟନ୍ତ ଉଚ୍ଛେଦ କରାଯାଇ ପାରି ନାହିଁ। ଏହାକୁ ନେଇ ଉଚ୍ଛେଦ ପ୍ରକ୍ରିୟାରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଥିବା ଲୋକେ ଅଭିଯୋଗ କରୁଛନ୍ତି। ପ୍ରକାଶଥାଉ କି, ଲେଙ୍ଗୁ ମିଶ୍ର ଛକଠାରୁ ଲମ୍ବା ବିଲ୍ଡିଂ ଦେଇ ଅମ୍ବାପାଲିକୁ ସଂଯୋଗ କରୁଥିବା ରାସ୍ତା ଜବରଦଖଲ ଉଚ୍ଛେଦ ମାମଲା ନ୍ୟାୟାଳୟରେ ବିଚାରାଧୀନ ରହିଛି। ତେବେ ପୂର୍ବରୁ ଏହି ସ୍ଥାନରେ ଜବରଦଖଲ ଉଚ୍ଛେଦ ସପକ୍ଷରେ ପୂର୍ବରୁ ନ୍ୟାୟାଳୟ ରାୟ ଦେଇଥିଲେ। ମାତ୍ର ଉଚ୍ଛେଦ ପ୍ରକ୍ରିୟାକୁ ନାନା ଆଳରେ ବିଳମ୍ବ କରାଯିବାରୁ ପ୍ରଭାବିତ ଲୋକେ ପୁଣି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଏହି ସ୍ଥାନରେ ଉଚ୍ଛେଦ ଅଟକି ରହିଥିବାବେଳେ ବିଚାର ପ୍ରକ୍ରିୟା ସରି ନ ଥିବାରୁ ସମୟ ଗଡ଼ି ଚାଲିଛି।

## ମାଇଁ ଭାରତ ଯୁବା ମଣ୍ଡଳ ବିକାଶ ଅଭିଯାନ

**ସୋହେଲା, ୧୯।୩ (ଅଶ୍ୱିନୀ କୁମାର ପାତ୍ର)**

ସୋହେଲାଠାରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ମାଇଁ ଯୁବ ଭାରତ ପକ୍ଷରୁ ଇଚ୍ଛାପାଲିସ୍ଥିତ ମୁଖ୍ୟମନ୍ତ୍ରୀ ସଭା ଗୃହଠାରେ ମାଇଁ ଭାରତ ଯୁବ ମଣ୍ଡଳ ବିକାଶ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ଅଧିକାରୀ କମଲ ସାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଶିକ୍ଷାବିତ ପତିତପାବନ ସାହୁ, ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ ସରୋଜ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ଉମେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁବ ବର୍ଗଙ୍କ ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ବର୍ଗ ହିଁ ଦେଶର ଭବିଷ୍ୟତ। ସେମାନଙ୍କୁ ଠିକ ରାସ୍ତାରେ ନେବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା ବୋଲି ବକ୍ତା ଗଣ କହିଥିଲେ। ଯୁବ ସ୍ୱେଚ୍ଛାସେବୀ ଆଲୋକ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ପଚାଶରୁ ଅଧିକ ସ୍ୱେଚ୍ଛାସେବୀ ଯୁବକ ସାମିଲ ହୋଇଥିଲେ। ଅନିଲ ସାହୁ, ବୈକୁଣ୍ଠ ବିଶ୍ୱାଳ, ଘନଶ୍ୟାମ ଭୋଇ, ଜୀବର୍ଦ୍ଧନ ସାହା, ମୁକେଶ ଚୌହାନ, ଦିବ୍ୟକିଶୋର ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ

**ବରଗଡ଼, ୧୯।୩ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଜାରିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ଓ ଜାରିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି ସମାରୋହକୁ ପ୍ରାଧ୍ୟାପକ ଡ. ପ୍ରଦୀପ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସଭାପତି ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଶିକ୍ଷାପ୍ରେମୀ ଘନଶ୍ୟାମ ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି ନବ କିଶୋର ସାହୁ, ଜାରିଂ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ଦାଶ, ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ଭାଦ୍ରବ ପାଣ୍ଡେ, ସ୍କୁଲ ଚେୟାରମେନ ମନୋଜ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ନୂଆପଡ଼ା ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲିଙ୍ଗରାଜ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଜୀବନକୁ ସରସ ସୁନ୍ଦର ମଧୁଗର୍ଭା କରିବା ପାଇଁ ଦୁଃଖ ହେଉଛି କଷଟି ପଥର। ଦାରୁଣ ଦୁଃଖ ଦୈନ୍ୟ ମଧ୍ୟରେ ଆଦର୍ଶର ଗୁଣ ଗାନ କରିଥିବାରୁ ଗଙ୍ଗାଧରଙ୍କ କାବ୍ୟ କବିତା ପାଠକଙ୍କୁ ଚିରଦିନ ପୁଲକିତ କରୁଛି ବୋଲି ସେ ମତପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ରାଣୀ ରାଉତଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ କବିଙ୍କ ରଚିତ ଧିରେଧିରେ ଆସ ମଳୟ ପବନ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ସ୍ୱାଗତ ଭାଷଣ, ସହ ସମ୍ପାଦକ ମକରଧ୍ୱଜ ସାହୁ ଅତିଥି ପରିଚୟ, ଉପସଭାପତି ହୃଦମଣି ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ମନ୍ଦାକିନୀ ପଧାନ ସମାରୋହକୁ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ସୁଷମା ଭୋଇ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ଗୀତିକାର ମକରଧ୍ୱଜ ସାହୁଙ୍କ ସଂଯୋଜନାରେ ଯୁଗେଶ୍ୱର ତାଣ୍ଡି, ଡିଲେଶ୍ୱର ମେହେର, ନବ କିଶୋର ସାହୁ, ପରିଧି ନାଏକ ପ୍ରମୁଖ କବିତା ପାଠ କରିଥିଲେ।

## ପଦ୍ମପୁର ଏନ୍‌ଏସି ତରଫରୁ ଯୁଗ୍ମ ସଭା

**ପଦ୍ମପୁର, ୧୯।୩ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଏନ୍‌ଏସି ସଭାଗୃହରେ ବ୍ୟବସାୟିକ ଅନୁଷ୍ଠାନ, ପାରିଷଦ ବୃନ୍ଦ, ଆଇନଜୀବୀ, ଆମିଷ ଦୋକାନୀଙ୍କୁ ନେଇ ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆମିଷ ଦୋକାନୀଙ୍କୁ ଗୋରୁବଜାର ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଯେ ପର୍ଯ୍ୟନ୍ତ ସେମାନଙ୍କୁ ଗୋରୁବଜାରକୁ ସ୍ଥାନାନ୍ତରଣ କରା ନ ହୋଇଛି ସେ ପର୍ଯ୍ୟନ୍ତ ଅନ୍ୟକୁ ପ୍ରଭାବିତ କରୁ ନ ଥିବା ତଥା ଫୁଡ୍ ଲାଇସେନ୍ସ, ଟ୍ରେଡ ଲାଇସେନ୍ସ ଓ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ସହିତ ବର୍ଜ୍ୟବସ୍ତୁ ଠିକ ଭାବେ ପରିଚାଳନା କରିବା ପାଇଁ କୁହାଯାଇଥିଲା। ଯଦି ସେମାନେ ନିୟମର ଖିଲାପ କରନ୍ତି ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଉପ ନଗରପାଳ ଭାରତୀ ପଟ୍ଟନାୟକଙ୍କ ସମେତ କାଉନ୍‌ସିଲର, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## କବିଙ୍କ ଶ୍ରାଦ୍ଧ ଦିବସ ପାଳିତ



**ବରପାଲି, ୧୯।୩ (ଚିତ୍ତରଞ୍ଜନ ସାହୁ)**

ବରପାଲି ଗଙ୍ଗାଧର ମେହେର କ୍ଲବ ଆନୁକୁଲ୍ୟରେ କବି ତୀର୍ଥ ବରପାଲିରେ କବିଙ୍କ ୧୦୨ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ କ୍ଲବର ସଭାପତି ନରେନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବରେ ଡ. ବଭ୍ରୁବାହନ ମହାପାତ୍ର ଓ ସମ୍ମାନିତ ବକ୍ତା ଭାବରେ ତରଭା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମିନତୀ ମିଶ୍ର ଯୋଗ ଦେଇଥିଲେ। ସମାରୋହର ଆବାହକ ଚିତ୍ତରଞ୍ଜନ ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ବାଲ କିଶୋର ଖାଡ଼ଙ୍ଗା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପ ସଭାପତି ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାରସ୍ୱତ ସଭାକୁ କ୍ଲବର ପୂର୍ବତନ ସଭାପତି ଡ. ଘନଶ୍ୟାମ ପାଣିଗ୍ରାହୀ ପରିଚାଳନା କରିଥିଲେ।

# ଗେଟ୍‌ରେ ତାଳା ପକାଇଲେ କାଉନସିଲର

## ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

**ପଦ୍ମପୁର, ୧୯।୩ (ପ୍ରଦୀପ୍ତ ଦାଶ)**


କାଉନସିଲର ଓ ଦୋକାନୀ ଏନ୍‌ଏସି ଗେଟରେ ଧାରଣାରେ ବସିଛନ୍ତି ।

ପଦ୍ମପୁର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ଗୁରୁବାର ଏନ୍‌ଏସି ଗେଟରେ ତାଳା ପକାଇ କାଉନସିଲରମାନେ ଧାରଣା ଦେଇଥିଲେ। ମଙ୍ଗଳବାର କାଉନସିଲ ବୈଠକରେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ନିଜ ମନ ମୁତାବକ କାର୍ଯ୍ୟ କରୁଥିବା ନେଇ କାଉନସିଲରମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା ଏବଂ କାଉନସିଲରମାନେ ବୈଠକରେ ଦସ୍ତଖତ ନକରି ଅଧାରୁ ଉଠି ଆସିଥିଲେ। ପଦ୍ମପୁର ସହରରେ ମନଇଚ୍ଛା ଆମିଷ ଦୋକାନ ଖୋଲିବାକୁ ନେଇ ସମସ୍ତ କାଉନସିଲର ଉଦ୍‌ବେଗ ପ୍ରକାଶ କରିଥିଲେ ଏବଂ ବେଆଇନ ଖୋଲିଥିବା ଆମିଷ ଦୋକାନ ବନ୍ଦ ନହେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିଲେ। ଗୁରୁବାର ସକାଳୁ କଚେରି ଲାଇନରେ ଥିବା ଦୋକାନୀମାନଙ୍କର ଥଇଥାନ ନକରି ଉଚ୍ଛେଦ କରିବା ପାଇଁ ଏନ୍‌ଏସି ଏବଂ ପ୍ରଶାସନ ପୋଲିସ ଫୋର୍ସ ଧରି ଘଟଣାସ୍ଥଳକୁ ପହଞ୍ଚିଥିଲା, ଏହାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉପଜିଲାପାଳ ସ୍ନେହା ଅରୁଗୁଲା ପୂର୍ବରୁ ନିଜେ ପ୍ରତିଶ୍ରୁତି ଦେଇଥିଲେ ପ୍ରଥମେ ଥଇଥାନ କଲାପରେ ଯାଇ ଉଚ୍ଛେଦ କରାଯିବ, କିନ୍ତୁ ସେମାନଙ୍କ ଥଇଥାନ ନ କରି ପ୍ରଶାସନ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଏହାର ପ୍ରତିବାଦରେ ଏନ୍‌ଏସି ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, କାଉନସିଲର ପ୍ରିୟରଞ୍ଜନ ଭୋଇ, ଚିନ୍ମୟ କୁମାର ପଣ୍ଡା ଏବଂ କୁନାଲ ପାଣିଗ୍ରାହୀ ଏନ୍‌ଏସି ଗେଟରେ ତାଳା ପକାଇ ଧାରଣାରେ ବସିଥିଲେ। କାଉନସିଲରଙ୍କ ସହିତ ଅଞ୍ଚଳର ଜନସାଧାରଣ ମଧ୍ୟ ଧାରଣାରେ ସାମିଲ ଥିଲେ। ଉପଜିଲାପାଳ ଅରୁଗୁଲା ପହଞ୍ଚି ଧାରଣାରେ ବସିଥିବା କାଉନସିଲର ଏବଂ ଦୋକାନୀମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ଦୋକାନୀମାନଙ୍କର ଥଇଥାନ କରାଯିବ ଏବଂ ପରେ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବେଆଇନ ମନଇଚ୍ଛା ଆମିଷ ଦୋକାନ ଖୋଲିବାକୁ ମଧ୍ୟ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନ୍‌ଏସିରେ ହେଉଥିବା ମନମୁଖି କାର୍ଯ୍ୟକୁ ମଧ୍ୟ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଲା ପରେ ସମସ୍ତେ ଧାରଣାରୁ ଉଠିଥିଲେ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

**ଗାଇସିଲେଟ, ୧୯।୩ (ଦୁର୍ଗା ପ୍ରସାଦ ତ୍ରିବେଦୀ)**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସାହ ଓ ଭକ୍ତିମୟ ପରିବେଶରେ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବେଦବ୍ୟାସ ପଧାନ ଯୋଗଦେଇ ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ଓ ଏହାର ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ଯୋଗଦେଇ ପୁରାତନ ହିନ୍ଦୁ ସଂସ୍କୃତି, ଏହାର ଗୌରବମୟ ପରମ୍ପରା ଓ ଆଜିର ସମାଜରେ ଏହାର ପ୍ରାସଙ୍ଗିକତା ବିଷୟରେ ମତବ୍ୟକ୍ତ କରିଥିଲେ। ଶେଷରେ ଗୁରୁଜୀ ପୀୟୂଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାଇସିଲେଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସାହର ସହିତ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ଓଡ଼ିଶା ସଭାପତି ଭକ୍ତ ଚରଣ ସାହୁ ଯୋଗଦେଇ ସଂଘର ବିଚାରଧାରା ସହିତ ଆଜିର ଦିନର ଐତିହ୍ୟ ଓ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା ଯୋଗଦେଇଥିଲେ।

**MILK UNION, SAMBALPUR**
**VEHICLE REQUIRED ON HIRE**

1. Max Pick Up or similar type of vehicle required on hire for Birjam-Sohela Milk route running covering 225 KM. (Both Morning & Evening shift).
2. TATA ACE or similar type of vehicle required on hire for Barpali-Sargipali Milk route running covering 72 KM. (Both Morning & Evening shift).
3. TATA ACE or similar type of vehicle required on hire for Amsarbhata-BMC Sonepur Milk route running covering 176 KM. (Both Morning & Evening shift).

For details please visit our website: **www.samul.in**.
Interested parties may purchase and submit tenders by **30.03.2026**.
Tender Paper Cost Rs.200/- + GST.
EMD - Rs.2,000/-.

## ବିଦ୍ୟାଳୟରେ ଫଳାଫଳ ଆକଳନ ଶିବିର

**ପାଇକମାଳ, ୧୯।୩ (ବଡ଼ ଶତପଥୀ):** ପାଇକମାଳ ବ୍ଲକ ଛିନ୍ଦେଇକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ଫଳାଫଳ ଆକଳନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସିଆର୍‌ସିସି ସନ୍ତୋଷ କୁମାର ମେହେର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପାଢ଼ୀ ସଭା ପରିଚାଳନା କରିଥିଲେ। ଏଥିରେ ସମସ୍ତ ଅଭିଭାବକ ଅଭିଭାବିକା ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ବିଷୟରେ ଶିକ୍ଷକମାନଙ୍କୁ ପଚାରି ବୁଝିଥିଲେ। ଏଥିରେ ଶିକ୍ଷୟିତ୍ରୀ ମଧୁସ୍ମିତା ମଲ୍ଲିକ, ସନାତନ ବାଗ, ସୁକାନ୍ତି ସା, ଅବିନାଶ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିବା ଶେଷରେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ମାଟି ଚୋରାଚାଲାଣ, କାର୍ଯ୍ୟାନୁଷ୍ଠାନ ଦାବି

- ହାତ ବାନ୍ଧି ବସିଛି ବରଗଡ଼ ଖଣି ବିଭାଗ
- ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

**ବରଗଡ଼, ୧୯।୩ (ପ୍ରେମାନନ୍ଦ ଖମାରୀ)**


ମାଟି ଚୋରାଚାଲାଣ ରୋକିବା ଦାବିରେ ଜିଲାପାଳଙ୍କ ପାଖକୁ ଯାଉଛନ୍ତି।

ବରଗଡ଼ ତହସିଲ ଅନ୍ତର୍ଗତ କଟାପାଲି, ବରଗାଁ ଅଞ୍ଚଳରେ ଅବାଧରେ ମାଟି ଚୋରାଚାଲାଣ ହେଉଛି। ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ଖଣି ବିଭାଗର ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ହାତ ବାନ୍ଧି ବସିଛନ୍ତି ବୋଲି କଟାପାଲି ଏବଂ ବରଗାଁ ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ଅଞ୍ଚଳର ଯୁବକମାନେ ଗୁରୁବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ମାଟି ଚୋରାଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କଟାପାଲି, ବରଗାଁ ଅଞ୍ଚଳରେ ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଜମି ରହିଛି। ସେହି ଜମି ଉପରେ କିଛି ମାଟି ମାଫିଆଙ୍କ ଲୋଲୁପଦୃଷ୍ଟି ପଡ଼ିଥିବା ଅଭିଯୋଗ ହୋଇଛି। ଜେସିବି ଏବଂ ଅନ୍ୟ ମେଶିନ ଦ୍ୱାରା ସେହି ଜମିରୁ ମାଟି ଖୋଳି ହାଇୱା, ଟ୍ରାକ୍ଟର ଯୋଗେ ରାତାରାତି ତାହା ଚୋରାଚାଲାଣ କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ଏଭଳି ବେଆଇନ ମାଟି ଖନନ ଏବଂ ଚାଲାଣକୁ ବିରୋଧ କଲେ ସେମାନଙ୍କୁ ନାନା ଧମକଚମକ ଦିଆଯାଉଛି ବୋଲି ଅଞ୍ଚଳର ଯୁବକମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ତେବେ ବରଗଡ଼ ସହରକୁ ସଂଯୋଗ କରୁଥିବା କଟାପାଲି-ବରଗାଁ ରାସ୍ତାରେ ଏଭଳି ମାଟି ଚୋରାଚାଲାଣ ହେଉଥିବା ବେଳେ ଉକ୍ତ ରାସ୍ତାପାର୍ଶ୍ୱ ବ୍ରହ୍ମଚାରୀରେ ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ମାଟି ଚୋରାଚାଲାଣ ହେଉଥିବାବେଳେ ବିଭାଗୀୟ ଅଧିକାରୀ ସେଥିପ୍ରତି ଆଖି ବୁଜି ଦେଇଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଗତ ୧୫ତାରିଖ ରାତି ପ୍ରାୟ ୧୦ଟାରେ ହାଇୱା ଯୋଗେ ଏଭଳି ମାଟି ଚାଲାଣ ହେଉଥିଲା। ମାତ୍ର ବିଭାଗୀୟ ଖଣି ଅଧିକାରୀ ଏବଂ ପୋଲିସକୁ ଖବର ଦେବା ସତ୍ତ୍ୱେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା ବୋଲି ଅଭିଯୋଗ ହୋଇଛି।

ଏଭଳି ମାଟି ଚୋରାଚାଲାଣ ଯୋଗୁ ସରକାରଙ୍କ ରାଜସ୍ୱହାନୀ ହେଉଥିବାବେଳେ ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଜମି ମଧ୍ୟ ପ୍ରଭାବିତ ହେଉଛି। ସେହିପରି ରାତିରେ ଅନେକ ହାଇୱା, ଟ୍ରାକ୍ଟର ଯୋଗେ ମାଟି ଚୋରାଚାଲାଣ ଯୋଗୁ ଅଞ୍ଚଳର ରାସ୍ତାଘାଟ, ବ୍ରିଜ କ୍ଷତିଗ୍ରସ୍ତ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ବରଗାଁ ସରପଞ୍ଚ କେଶବ ସେଠ, କଟାପାଲି ସରପଞ୍ଚ ରମେଶ ସାହୁ, ସମିତିସଭ୍ୟ ଦିପକ କୁମାର ବିଶ୍ୱାଳ, ଟିଙ୍କୁ ବେହେରା ପ୍ରମୁଖଙ୍କ ସ୍ୱାକ୍ଷର ଦାବିପତ୍ରରେ ରହିଛି।

## ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆମୂଳ ରାମପୁର, ୧୯।୩ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ବ୍ଲକ କାଠକୁରା ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡମ୍ବରୁଧର ଗର୍ଡତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଜିତ ରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି, ଡୁମେରପଦର ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ମୁଖ୍ୟ ବକ୍ତା ଓ ବ୍ଲକ ଯୋଗାଣ ନିରୀକ୍ଷକ ବିଭୁରଞ୍ଜନ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, କାଠକୁରା ୱାର୍ଡମେମ୍ବର ପବିତ୍ର ନାଏକ, ଏସ୍‌ଏମ୍‌ସି ସଭ୍ୟ କୈଳାସ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଧନବଳ ମାଝୀ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରଥିଲେ।

Summon for settlement of issues
(Order 5, Rule 20 CPC)
**In the Court of Senior Civil Judge, Rourkela**
C. S. No 156 of 2018
**State Bank of India .... Plaintiff**
**Versus**
**Leena Swain ... Defendant**

To

**Leena Swain**, aged about 39 years, wife of Rajat Kumar Swain, daughter of Trilochan Swain, Prop of- M/s Life Science at Baba Comple, Panposh, Rourkela-769004, RS-Raghunathpalli, resident of B-8, Kalinga Housing Society, Chhend Basti, P.O- Rourlelda-769015, P.S-Chhend, District-Sundargarh.

Whereas, State Bank of India, RACPC, At-Sector-17, Rourkela -3, has instituted it against you for **Rs. 97,998.00** (Rupees ninety-seven thousand nine hundred ninety eight) only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **26th day of March, 2026 at 10.30 O'clock** in the fore noon, to answer the claims [and further you hereby directed to file on day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **09th day of February of 2026.**

Senior Civil Judge, Rourkela

## ସଂକ୍ଷେପରେ

### ଅଂଶୁଲ ପଟେଲ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ନିଯୁକ୍ତ

**ସୁନ୍ଦରଗଡ଼, ୧୯।୩(ଜୟନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଭାଜପାର ଯୁବନେତା ଅଂଶୁଲ ପଟେଲ ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା କୋଷାଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି।



ଯୁବ ନେତୃତ୍ୱର ଅନ୍ୟତମ ଜଣାଶୁଣା ଚେହେରା ଅଂଶୁଲ ପଟେଲ ସୁନ୍ଦରଗଡ଼ ଭାଜପାରେ ବିଭିନ୍ନ ସକ୍ରିୟ କାର୍ଯ୍ୟକ୍ରମ କରିଛନ୍ତି। ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେଙ୍କ ସହ ଯୋଗଦେଇ ଅନେକ ଦଳୀୟ କାର୍ଯ୍ୟକ୍ରମ ସହ ମହାମାରୀ କରୋନା ସମୟରେ ସ୍ଥାନୀୟ ସରକାରୀ ମେଡିକାଲ କଲେଜ ଏବଂ ହସପିଟାଲ ବାହାରେ ଦୀର୍ଘ ମାସାଧିକ କାଳ ରୋଗୀ ଓ ରୋଗୀ ପରିଜନଙ୍କୁ ସହଯୋଗ କରିଥିଲେ। ସେହିବର୍ଷ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ତାଙ୍କୁ ରାଜ୍ୟ ଯୁବମୋର୍ଚ୍ଚା ନିମନ୍ତ୍ରିତ ସଦସ୍ୟ ଗ୍ରହଣ କରିଥିଲେ। ବୁଧବାର ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ତାଙ୍କ ଟିମ୍ ଘୋଷଣା କରିଛନ୍ତି। ଯେଉଁଥିରେ ଅଂଶୁଲ ପଟେଲଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରିଥିବାରୁ ସୁନ୍ଦରଗଡ଼ ଜିଲା ଭାଜପା କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଖୁସି ବ୍ୟକ୍ତ କରିଛନ୍ତି। ଏଥିପାଇଁ ପଟେଲ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ରାଜ୍ୟ ଭାଜପା ଉପସଭାପତି କୁସୁମ ଟେଟେ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବାଲିଶଙ୍କରା ପଞ୍ଚାୟତରେ ସାମାଜିକ ସମୀକ୍ଷା ବୈଠକ

**ବାଲିଶଙ୍କରା, ୧୯।୩(ହୃଦାନନ୍ଦ ବାରିକ):** ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବାଲିଶଙ୍କରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁଲୋଚନା ସୁଆରୀ ଯୋଗଦେଇଥିଲେ। ଶ୍ରମିକ ସଭାପତି ଟିକେଶ୍ୱର ଖେସଙ୍କ ସଭାପତିତ୍ୱରେ ହୋଇଥିବା ଏହି ସମୀକ୍ଷା ବୈଠକରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଡିଟର ବେନେଶ୍ୱରୀ ପରଧିଆ, ତିଲୋତ୍ତମା ଧୁଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନ, ଏଡିଇଓ ଯୁଗଳ କିଶୋର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ବୈଠକରେ ପଞ୍ଚାୟତରେ ୨୭ଟି ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକରାଯାଇଥିବା ପୋଖରୀ ଖନନ, ଗୃହ ନିର୍ମାଣ, ଗୁହାଳ ନିର୍ମାଣରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ଉଚିତ ପାଉଣା ମିଳିଛି କି ନାହିଁ, ଠିକ ଭାବେ କାମ ଚାଲୁଛି କି ନାହିଁ ତାହା ନେଇ ସମୀକ୍ଷା କରାଯାଇଥିଲା। ଉକ୍ତ ସମାରୋହରେ ବହୁସଂଖ୍ୟାରେ ଶ୍ରମିକ ଓ ଗାଁ ସାଥୀମାନେ ଉପସ୍ଥିତ ଥିଲେ।

### ବେଆଇନ ଗୋଚାଲାଣ: ୧୦୦ ଗୋରୁ ଉଦ୍ଧାର



**କୁତ୍ରା, ୧୯।୪(ଦେବାଶିଷ ସାହୁ):** ବେଆଇନ ଗୋଚାଲାଣ ହେଉଥିବାବେଳେ ସୁନ୍ଦରଗଡ଼ ଜିଲା କୁତ୍ରା ପୋଲିସ ଚଢ଼ାଉକରି ୧୦୦ଟି ଗୋରୁ ଉଦ୍ଧାର କରିଛି। ନିୟମିତ ଭାବେ ଗୋଚାଲାଣ କରୁଥିବା କୁତ୍ରା ବ୍ଲକ ଖଟକୁରବାହାଲ ଗ୍ରାମର କେତେଜଣ ବ୍ୟକ୍ତି ବିଭିନ୍ନ ଗୋରୁ ହାଟରୁ ବହୁସଂଖ୍ୟାରେ ଗୋରୁ କିଣି ରାସ୍ତାରେ ଚଲାଇଚଲାଇ ଖଟକୁରବାହାଲ ଗ୍ରାମକୁ ନେଉଥିଲେ। କୁତ୍ରା ପୋଲିସ ଖବର ପାଇ ଗୁରୁବାର ସକାଳେ କଲିଜାପଥର ଗ୍ରାମରୁ ୫୦ଟି ଗୋରୁ ଉଦ୍ଧାର କରିଥିବା ବେଳେ ପୁଣି ଅପରାହ୍ନ ୪ଟାରେ ଝିରପାଣି ଗ୍ରାମରୁ ୫୦ ଗୋରୁକୁ ଉଦ୍ଧାର କରିଛି। ତେବେ ଗୋରୁ ନେଇ ଯାଉଥିବା ବ୍ୟକ୍ତିମାନେ ସେଠାରୁ ଫେରାର ହୋଇଯାଇଛନ୍ତି। ପରେ ପୋଲିସ ଉଦ୍ଧାର ଗୋରୁଙ୍କୁ ଆମ୍ବଗୋଭା ସ୍ଥିତ ଗୋଶାଳାକୁ ପଠାଇ ଗୋରୁ ମାଲିକଙ୍କ ଅନୁସନ୍ଧାନ ଚଳାଇଛି। ସୂଚନାଯୋଗ୍ୟ, ଦୀର୍ଘବର୍ଷରୁ ଖଟକୁରବାହାଲ ଗ୍ରାମର ଗୋବ୍ୟବସାୟୀମାନେ ବେଆଇନ ଗୋଚାଲାଣ କରି ଆସୁଥିବାବେଳେ ଗତ କିଛିମାସ ହେଲା ପୋଲିସ ପକ୍ଷରୁ ଏହି କାରବାର ଉପରେ କାର୍ଯ୍ୟାନୁଷ୍ଠାନ କରାଯାଉଥିବା ଦେଖିବାକୁ ମିଳୁଛି।

# ମାଓବାଦୀ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଜବତ

**ବଣାଇଁ, ୧୯।୩(ପ୍ରଦୀପ ତ୍ରିପାଠୀ)**

ଓଡ଼ିଶା ଝାଡ଼ଖଣ୍ଡ ସୀମା ସଂଲଗ୍ନ ଝାଡ଼ଖଣ୍ଡ ଲାତେହାର ଜିଲାରେ ଚାଲିଥିବା ମାଓବାଦୀ ବିରୋଧୀ ଅଭିଯାନ କ୍ରମେ ଚଳିତ ମାସ ୧୪ ତାରିଖ ସୁରକ୍ଷାକର୍ମୀ ୨ଜଣ ମାଓବାଦୀ କମାଣ୍ଡରଙ୍କୁ ଗିରଫ କରି ଏକ ବଡ଼ ସଫଳତା ହାସଲ କରିଥିଲେ। ଗିରଫ ୨ ମାଓବାଦୀ କମାଣ୍ଡରଙ୍କ ତଥ୍ୟକୁ ଆଧାର କରି ମାଓବାଦୀଙ୍କ ଦ୍ୱାରା ଗୁପ୍ତ ଭାବେ ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ସୁରକ୍ଷାବଳ ଓ ପୋଲିସ ଗୁରୁବାର ଜବତ କରି ପୁଣି ଥରେ ସଫଳତା ହାସଲ କରିଛନ୍ତି। ଗିରଫ ହୋଇଥିବା ମାଓବାଦୀ ମୃତ୍ୟୁଞ୍ଜୟ ଭୂୟାଁ ଓ ବବଲୁ ରାମ (ଜୋନାଲ କମାଣ୍ଡର ଓ ସାଥୀ) ଯାହାଙ୍କ ନିକଟରୁ ଗିରଫଦାରି ସମୟରେ ଗୋଟିଏ ଅତ୍ୟାଧୁନିକ ଏ.କେ. -୪୭, ୨୧ ରାଉଣ୍ଡ ଜୀବନ୍ତ ଗୁଳି, ଏକ ଲକ୍ଷ ଷାଠିଏ ହଜାର ଟଙ୍କା ନଗଦ ମିଳିଥିଲା, ତାଙ୍କଠାରୁ ମିଳିଥିବା ସୂଚନା ଆଧାରରେ ପୁଣି ଏହି ନୂଆ ସଫଳତା ମିଳିଛି। ଲାତେହାର ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ପୂର୍ବରୁ ଗିରଫ ହୋଇଥିବା ଏହି ୨ମାଓବାଦୀଙ୍କୁ ରିମାଣ୍ଡରେ



ଲାତେହାର ଏସ୍‌ପି କୁମାର ଗୌରବ ଓ ଅନ୍ୟ ଅଧିକାରୀ ସୂଚନା ଦେଉଛନ୍ତି।

### ଗିରଫ ମାଓବାଦୀ ଖୋଲିଲେ ଗୁମର

ନେଇ ପଚରାଉଚରା କରାଯାଉଥିଲା। ପଚରାଉଚରା ସମୟରେ ସେମାନେ କହିଥିଲେ, ମିର୍ଚିଆ ଜଙ୍ଗଲରେ ଜମିତଳେ ଅସ୍ତ୍ର, ଗୁଳି ଓ ଅନ୍ୟ ସାମଗ୍ରୀ ଲୁଚାଇ ରଖାଯାଇଛି ; ଯାହା ପରେ ପୋଲିସ ଓ ସୁରକ୍ଷା ବାହିନୀ ତୁରନ୍ତ ସର୍ଚ୍ଚ ଅଭିଯାନ ଆରମ୍ଭ କରିଥିଲେ। ସର୍ଚ୍ଚ ଅଭିଯାନ ସମୟରେ ଠିକଣା ସ୍ଥାନରୁ ପୋଲିସ ୨ଟି ଇନ୍‌ସାସ ରାଇଫଲ, ଗୋଟିଏ ପଏଣ୍ଟ (୩୦) କାର୍ବାଇନ ରାଇଫଲ, ୧୭୦ଟି ଜୀବନ୍ତ ଗୁଳି ସହିତ ମାଓବାଦୀଙ୍କ ବର୍ଦ୍ଦୀ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ଗୁରୁବାର ଆୟୋଜିତ ପ୍ରେସ ବାର୍ତ୍ତାରେ ଲାତେହାର ଏସ୍‌ପି କୁମାର ଗୌରବ କହିଥିଲେ, ଗିରଫ ମାଓବାଦୀଙ୍କୁ ପଚରାଉଚରାରୁ ମିଳିଥିବା ସୂଚନା ଆଧାରରେ ଏହି ଅଭିଯାନ ଚାଲିଥିଲା। ସେ କହିଥିଲେ, ଜବତ ହୋଇଥିବା ସମସ୍ତ ଅସ୍ତ୍ର ସାଧାରଣ (ରେଗୁଲାର) ଅସ୍ତ୍ର। ଆଜିର ସଫଳତା ପରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ଅଞ୍ଚଳରେ ମୁତୟନ ଅର୍ଦ୍ଧସାମରିକ ବାହିନୀ ଓ ଉଭୟ ରାଜ୍ୟ ପୋଲିସର ମନୋବଳ ବୃଦ୍ଧି ଘଟିବା ସହିତ ଆଗକୁ ଆହୁରି ସଫଳତା ମିଳିବ ବୋଲି ରାଉରକେଲା ଡିଆଇଜି ବ୍ରିଜେଶ ରାୟ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ମାଓବାଦୀ ଦମନ ଅଭିଯାନ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବା ନେଇ ଥିବା ଟାର୍ଗେଟକୁ ଉଭୟ ରାଜ୍ୟରେ ମୁତୟନ ଅର୍ଦ୍ଧସାମରିକ ବାହିନୀ ଓ ପୋଲିସ ଗୁରୁତର ସହ ନେଇ ବ୍ୟାପକ ଅଭିଯାନ ତୀବ୍ର କରିଛି। ମାଓବାଦୀ ବିରୋଧୀ ଅଭିଯାନରେ ନିକଟ ଅତୀତରେ ହୋଇଥିବା ଅପରେଶନରେ ଅଗ୍ରଣୀ ଭୂମିକା ନେଇ ଅନେକ ସଫଳତା ଆଣି ଦେଇଥିବା ୩ଜଣ ପୋଲିସ ଅଫିସର ଚଳିତବର୍ଷ ସମ୍ମାନଜନକ ଡିଜିପି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶା ସୀମାବର୍ତ୍ତୀ ଥାନା କେ.ବଲାଙ୍ଗର ଇନ୍ସପେକ୍ଟର ଅଶୋକ କୁମାର ବେହେରା, ଡିଭିଏଫ (ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରୀ ଫୋର୍ସ)ରେ କାର୍ଯ୍ୟରତ ଅଧିକାରୀ ଜେମ୍ସ ମୁଣ୍ଡା ଓ ସବ୍‌ଇନ୍ସପେକ୍ଟର ଭାଗୀରଥି ଜେନାଙ୍କ ନାମ ପୋଲିସ ମହାନିର୍ଦ୍ଦେଶକ ମନୋନୀତ କରିଥିବା ନେଇ ଅଧିକାରୀଙ୍କ ମନୋବଳରେ ଅହେତୁକ ବୃଦ୍ଧି ଘଟିଥିବା ଦେଖାଯାଇଛି । ମନୋନୀତ ଏହି ୩ଜଣ ଅଧିକାରୀ ଆସନ୍ତା ଏପ୍ରିଲ ୧ ତାରିଖ ପୋଲିସ ପ୍ରତିଷ୍ଠା ଦିବସରେ ପୁରସ୍କୃତ ହେବେ ବୋଲି ସୂଚନା ମିଳିଛି।

# ସୁନାଫୁଲର ପ୍ରତିଷ୍ଠା ଉତ୍ସବ

**ରାଜଗାଙ୍ଗପୁର, ୧୯।୩(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସୁନାଫୁଲ ସାହିତ୍ୟ ସଂସଦର ସପ୍ତଦଶତମ ପ୍ରତିଷ୍ଠା ଉତ୍ସବ ରାଜଗାଙ୍ଗପୁର ମାଲିଡିହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ସୁନୀଲ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ମହୋତ୍ସବରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶୀଲ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ପରିବେଶ ସ୍ୱଚ୍ଛତା, ନିଶା ନିବାରଣ, ଅଂଶୁଘାତ ପାଇଁ ସତର୍କତା' ଶୀର୍ଷକରେ ଆଲୋଚନା କରି କହିଥିଲେ, ବଣ ଜଙ୍ଗଲ ଆମର ମୂଲ୍ୟବାନ ସମ୍ପତ୍ତି। ଏହାର ସୁରକ୍ଷା ଦାୟିତ୍ୱ ଆମର। ପ୍ରତ୍ୟେକ ବ୍ୟକ୍ତି ନିଜ ମାଆଙ୍କ ନାମରେ ଗଛଟିଏ ଲଗାଇ ଏହାର ଯତ୍ନନେବା ଉଚିତ। ସମାଜସେବୀ ବିନିତା କୁଲୁ ନିଶା ସେବନର କୁପରିଣତି ବିଷୟରେ କହିବା ସହ ନିଶା ସେବନକୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ସୁନୀଲ ମହାନ୍ତି ସ୍ୱାଗତ ପ୍ରଦାନ ପୂର୍ବକ ବକ୍ତବ୍ୟ ରଖିଥିଲେ। ମନର ସ୍ୱଚ୍ଛତା, ଦେହର ସ୍ୱଚ୍ଛତା ଓ ପରିବେଶର ସ୍ୱଚ୍ଛତା ଆଦି କ୍ଷେତ୍ରରେ ଆମେ ଯତ୍ନବାନ ହେବା ଉଚିତ। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଆମେ ଘରୁ ବାହାରିଲା ବେଳେ ପାଦରେ ଚପଲ, ଛତା, ଓଦା ଗାମୁଛା, ପାଣି ବୋତଲ ସାଙ୍ଗରେ ନେବା ଉଚିତ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ନୃତ୍ୟ, ଗୀତ ଓ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା କରାଯାଇଥିଲା । ସଫଳ ଛାତ୍ର ଛାତ୍ରୀମାନଙ୍କୁ ଉପହାର ପ୍ରଦାନ କରାଯିବା ସହ ସ୍ୱଚ୍ଛତା ରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୀମସେନ ବୁଢ଼ା, ବ୍ରହ୍ମା ନନ୍ଦ ପାଢ଼ୀ, ବିଭୂତି ଦାଶ ପ୍ରମୁଖ ସହଯୋଗ କରିଥିବା ବେଳେ ଚାଳିଶରୁ ଅଧିକ ଗ୍ରାମବାସୀ ଯୋଗଦେଇଥିଲେ। ବୁଦ୍ଧଲାଲ ଭୂମିଜ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜେଆର୍‌ସି ପରାମର୍ଶଦାତାଙ୍କୁ ତାଲିମ



ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା ତାଲିମ କାର୍ଯ୍ୟକ୍ରମରେ ପ୍ରମାଣପତ୍ର ସହ ଅଂଶଗ୍ରହଣକାରୀ।

**କୁତ୍ରା, ୧୯।୩ (ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଚାଲିଥିବା ୩ଦିନିଆ ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ (ଜେଆର୍‌ସି) ପରାମର୍ଶଦାତା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଡିପିଓ ତଥା ସମ୍ପାଦକ ଅଜୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜେଆର୍‌ସିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଜେଆର୍‌ସି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ମନରେ ସେବାଭାବ, ଶୃଙ୍ଖଳା ଓ ମାନବିକତାର ବିକାଶ ହୁଏ। ଯାହା ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ତାଲିମଦାତା ଭାବେ ଜେଆର୍‌ସିଇଓ ଅନିଲ ପାଣିଗ୍ରାହୀ, କବିତା ମଞ୍ଜରୀ ମହନ୍ତ ଓ ହରେକୃଷ୍ଣ ମହାଲିଙ୍ଗ ଉପସ୍ଥିତ ଥାଇ ବିଭିନ୍ନ ଅଧ୍ୟାୟ ଉପରେ ପ୍ରଶିକ୍ଷଣ ଦେଇଥିଲେ। ସେମାନେ ଜେଆର୍‌ସିର ଲକ୍ଷ୍ୟ, ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା, ସମାଜସେବା ଓ ଆପତ୍‌କାଳୀନ ସମୟରେ କିପରି କାମ କରିବା ସେବିଷୟରେ ପ୍ରାୟୋଗିକ ଓ ସାଧାରଣ ଜ୍ଞାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସାଧନ କର୍ମୀ ତଥା ପ୍ରୋଗ୍ରାମ କୋଅର୍ଡିନେଟର ଡ. ବିଭୀଷଣ ବାରିକ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଦିପିକା କେର୍କେଟା, ରୋହିତ ଜୟପୁରିଆ, ସୁନିତା ପଟେଲ, ଲିପିକା କାଲୋ, ଅବିନାଶ କର, ସ୍ମୃତିସ୍ୱରୂପ ଦାସ ଓ ଧୃତିସୁନ୍ଦର ସାହୁଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ତାଲିମ ଗ୍ରହଣ କରିଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜେଆରସି ସ୍କାର୍ଫ, ଓଗୋଲ ପିନ୍ଧାଇ ଦିକ୍ଷା ପ୍ରଦାନ କରାଯାଇଥିଲା। ଏହା ସହିତ ସମସ୍ତଙ୍କୁ ପ୍ରମାଣପତ୍ର ମଧ୍ୟ ବିତରଣ କରାଯାଇଥିଲା।

### ଡାଲମିଆ ବିଦ୍ୟା ମନ୍ଦିରରେ ପ୍ରି ପ୍ରାଇମାରି ଗ୍ରାଜୁଏଶନ ଡେ’

**ରାଜଗାଙ୍ଗପୁର, ୧୯।୩(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଡାଲମିଆ ବିଦ୍ୟା ମନ୍ଦିରରେ ଗୁରୁବାର ପ୍ରି-ପ୍ରାଇମାରି ଗ୍ରାଜୁଏସନ ଡେ ଅଭିଭାବକ ଓ ଅତିଥିମାନଙ୍କ ଉପସ୍ଥିତିରେ ବହୁତ ଉତ୍ସାହର ସହ ଉଦ୍‌ଯାପିତ ହୋଇଛି। ପ୍ରାୟ ୧୦୦ ଜଣ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ତାଙ୍କର ଶିକ୍ଷାଜୀବନର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରିଥିଲେ। ପ୍ରଧାନଶିକ୍ଷକ ଜୟଦେବ କର ଏହି ଅବସରରେ ଶୋଭାବର୍ଦ୍ଧନ କରି ଶିଶୁମାନଙ୍କୁ ଆନନ୍ଦ ଓ ଉତ୍ସୁକତା ସହିତ ବିଦ୍ୟାକୁ ଶିଖିବାକୁ ପ୍ରେରିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଇଲା ମହାପାତ୍ର ଉତ୍ସାହବର୍ଦ୍ଧକ ଉକ୍ତି ମାଧ୍ୟମରେ ଶିଶୁମାନଙ୍କୁ ପ୍ରେରଣା ଦେଇଥିଲେ। ଗ୍ରାଜୁଏସନ ଗାଉନ ଓ କ୍ୟାପ ପିନ୍ଧିଥିବା ଶିଶୁମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଯାହା ତାଙ୍କର ପ୍ରାଇମାରି ଶ୍ରେଣୀକୁ ଉନ୍ନତିର ପ୍ରତୀକ ହୋଇଥିଲା। ବିଦ୍ୟାଳୟର ସିଇଓ ଡା. ରୋସେଟା ଉଇଲିୟମ୍ସ, ଶିକ୍ଷକମାନେ, ଅଭିଭାବକ ଶିଶୁମାନଙ୍କୁ ଆଶୀର୍ବାଦ ଜଣାଇଥିଲେ। ଏହି ଗ୍ରାଜୁଏସନ ଡେ ସମସ୍ତ ୬ଟି ବିଦ୍ୟାଳୟରେ ଆୟୋଜିତ ହୋଇଥିଲା, ଯାହାର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ। କାର୍ଯ୍ୟକ୍ରମର ସମାପନ ଅତିଥିମାନେ ଓ ଶିକ୍ଷକମାନଙ୍କର ପ୍ରଶଂସା ସହିତ ହୋଇଥିଲା, ଯେଉଁଥିରେ ପ୍ରାରମ୍ଭିକ ଶିକ୍ଷାର ଗୁରୁତ୍ୱକୁ ଉଦ୍ଧାର କରାଯାଇଥିଲା।

# ସମବାୟ ସଂଘର ବାର୍ଷିକ ସାଧାରଣ ସଭା



ସୁନ୍ଦରଗଡ଼ ସମବାୟ ସଂଘର ବାର୍ଷିକ ସାଧାରଣ ସଭାରେ ମଞ୍ଚାସୀନ ଅତିଥି।

**ସୁନ୍ଦରଗଡ଼, ୧୯।୩(ଜୟନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ସମବାୟ ସଂଘର ବାର୍ଷିକ ସାଧାରଣ ସଭା ବୁଧବାର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭରତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ସଦାଶିବ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ସଭାପତି ତଥା ସମବାୟବିତ ଅବିର ଚରଣ ମିଶ୍ର ଯୋଗଦେଇ ସମବାୟ ସଂଘର କାର୍ଯ୍ୟଧାରା ଉପରେ ଆଲୋଚନା କରି ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ବିଭାଗ ପାନପୋଷ ମଣ୍ଡଳର ସହକାରୀ ନିବନ୍ଧକ ବିକାଶ ସାମଦ ଯୋଗଦେଇ ଜିଲା ସମବାୟ ସଂଘର ଆର୍ଥିକ ସମସ୍ୟାର ସମାଧାନ ପାଇଁ ସହଯୋଗ ରଖିବାକୁ କହିଥିଲେ। ବଣାଇ ମଣ୍ଡଳର ବରିଷ୍ଠ ସହକାରୀ ନିବନ୍ଧକ ଅଜୟ କୁମାର ସେଠୀ, ସହକାରୀ ସମୀକ୍ଷା ଅଧିକାରୀ ଚୈତନ୍ୟ ଦେମାଲ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଭବାନୀ ପ୍ରସାଦ ମାଝୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ତାଙ୍କ ଅଭିଭାଷଣରେ ସଂଘର କାର୍ଯ୍ୟ ବୃଦ୍ଧି ନିମନ୍ତେ ପାଣ୍ଠି ସଂଗ୍ରହ, କାର୍ଯ୍ୟାଳୟ ଓ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ନିମନ୍ତେ ସରକାରୀ ଜମି ଅଧିଗ୍ରହଣ ଓ ସମବାୟ ଶିକ୍ଷାର ଅଧିକ ମାତ୍ରାରେ ପ୍ରଚାର ପ୍ରସାର ନିମନ୍ତେ ସଭାପତି ଓ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ଭବିଷ୍ୟତରେ ଆବଶ୍ୟକ ସହଯୋଗ ଆବଶ୍ୟକ ହେଲେ ସେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର ସୁବାଷ ଚନ୍ଦ୍ର ପାଲଙ୍କ ସମେତ ସଂଘର ସମସ୍ତ ସଭ୍ୟାସଭ୍ୟ, କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶିକା ନିର୍ଦ୍ଦେଶକ ଏହି ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱ ଉପଭୋକ୍ତା ଅଧିକାର ସୁରକ୍ଷା ପକ୍ଷ

**ସୁନ୍ଦରଗଡ଼, ୧୯।୩(ଜୟନାରାୟଣ ମେଣ୍ଟୁଲି)**

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ, ସୁନ୍ଦରଗଡ଼ ଶାଖା ପକ୍ଷରୁ ଗୁରୁବାର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରଠାରେ ବିଶ୍ୱ ଉପଭୋକ୍ତା ଅଧିକାର ସୁରକ୍ଷା ପକ୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ, ସୁନ୍ଦରଗଡ଼ ଶାଖାର ସଭାପତି ନବୀନ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସୁନ୍ଦରଗଡ ବେସାମରିକ ଯୋଗାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଅଜୟ କୁମାର ରଥ, ଜିଲା ଆଇନ ସେବା ପ୍ରାଧୀକରଣର ସଚିବ ଡ. ରୀନତୀ ମିଶ୍ର, ବୈଧ ମାପ ସହକାରୀ ନିୟନ୍ତ୍ରକ ବିଦ୍ୟୁତପ୍ରଭା ନାଥ, ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପୂର୍ବତନ ସଭାପତି ତଥା ପ୍ରାନ୍ତିୟ ଅଧିକାରୀ ଚିନ୍ମୟ ପାଣିଗ୍ରାହୀ ମଞ୍ଚାସୀନ



ଥିଲେ। ଏତଦ୍ ବ୍ୟତୀତ ମାପ ନିରୀକ୍ଷକ କୃପା କେରକେଟା, ରଞ୍ଜନ ସାହୁ ଓ ଜଗନ କୁମାର ମଲ୍ଲିକଙ୍କ ଦ୍ୱାରା ଗ୍ରାହକମାନଙ୍କ ଅଧିକାର ତଥା ମାପ ଓ ଓଜନ ସଂକ୍ରାନ୍ତିୟ ତଥ୍ୟ ଓ ଯନ୍ତ୍ରପାତି ପରିଦର୍ଶନ ଉପସ୍ଥାପନ କରିଥିଲେ। ଏ ବର୍ଷ ପାଇଁ ଉପଭୋକ୍ତା ମୂଳମନ୍ତ୍ର 'ସୁରକ୍ଷିତ ପଣ୍ୟ-ଆତ୍ମବିଶ୍ୱାସୀ ଉପଭୋକ୍ତା' ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ପଞ୍ଚାୟତର ସଭ୍ୟମାନଙ୍କର ଶଙ୍କାର ସମାଧାନ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଇଥିଲା। ପଞ୍ଚାୟତର ସଚିବ ସୁଧାଂଶୁ ଚୌଧୁରୀ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ବିପଦସଂକୁଳ ଅବସ୍ଥାରେ ଶୁଖିଲା ଗଛ

**ଲହୁଣୀପଡ଼ା, ୧୯।୩(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ବଣେଇ ପୂର୍ତ୍ତ ବିଭାଗ ରାସ୍ତାର ଶରଧାପୁର ଗ୍ରାମ ରାସ୍ତା କଡରେ ଏକ ଶୁଖିଲା ଗଛ ବିପଦସଂକୁଳ ଅବସ୍ଥାରେ ଥିବା ଜଣାପଡିଛି। ଜନଗହଳି ରାସ୍ତା କଡରେ ଅନେକ ଦିନ ହେବ ଶୁଖିଲା ଗଛଟି ରହିଛି। ତୁମକେଲା ବ୍ରାହ୍ମଣୀ ପୋଲ ନିର୍ମାଣ ହେବା ପରେ ଏହି ରାସ୍ତା ବ୍ୟସ୍ତବହୁଳ ପାଲଟି ଯାଇଛି। ଶରଧାପୁର ଉଚ୍ଚ ବିଦ୍ୟାଳୟକୁ ଯିବାକୁ ଛାତ୍ରୀଛାତ୍ର ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ଲହୁଣୀପଡା, ରାଜାମୁଣ୍ଡାରେ ଥିବା ବିଦ୍ୟାଳୟଗୁଡିକୁ ମଧ୍ୟ ବିଭିନ୍ନ ଗ୍ରାମରୁ ଛାତ୍ରୀଛାତ୍ର ଯାତାୟାତ କରିଥାନ୍ତି। ରାସ୍ତାପାର୍ଶ୍ୱରେ ବିରାଟ ଶୁଖିଲା ଗଛ ଛିଡା ହୋଇ ବିପଦକୁ ଡାକୁଛି। ତେଣୁ ବିପଦକୁ ଏଡେଇବାକୁ ହେଲେ ତୁରନ୍ତ ଶୁଖିଲା ଗଛକୁ କାଟି ବିପଦମୁକ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ବିଦ୍ୟାଳୟ ଗୃହ ତାଲା ଭାଙ୍ଗି ଚୋରି

**ବଡ଼ଗାଁ, ୧୯।୩(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସେନ୍ଦ୍ରିଟାଙ୍ଗର ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ଚୋରମାନେ ଏକ ଏଲସିଡି ଟିଭି ଚୋରିକରି ନେଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଆସିବା ପରେ ଚୋରି ହୋଇଥିବା ଜଣାପଡିଥିଲା। ଚୋରମାନେ ଅଫିସ ଗୃହ ସହିତ ତିନିଟି ଶ୍ରେଣୀ କୋଠରିର ତାଲା ଭାଙ୍ଗି ଚୋରିକରିଥିଲେ। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା ନାଏକ ଓ ବିଦ୍ୟାଳୟ କମିଟି ସଭାପତି ହରିନ୍ଦ୍ର ରୋହିଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ସ୍କାନ୍ ଷ୍ଟିଲସ ପକ୍ଷରୁ ଜାତୀୟ ସୁରକ୍ଷା ଅଭିଯାନ ମାସ

**କୁତ୍ରା, ୧୯।୩(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଡାକଟାଠାରେ ଅବସ୍ଥିତ ସ୍କାନ ଷ୍ଟିଲସର ୟୁନିଟ ୨ କାରଖାନା ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ଅଭିଯାନ ମାସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଫ୍ୟାକ୍ଟ୍ରି ଓ ବୋଏଲେର ବିଭାଗ ଉପନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ୫୫ ତମ ସୁରକ୍ଷା ମାସର ଥିମ ଉନ୍ନତ ସୁରକ୍ଷା ନିମନ୍ତେ ଲୋକଙ୍କୁ ସଂଲଗ୍ନ, ଶିକ୍ଷିତ





ଜାତୀୟ ସୁରକ୍ଷା ଅଭିଯାନ ମାସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଏବଂ ସଶକ୍ତ କରନ୍ତୁ ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ସମସ୍ତ ଅଧିକାରୀ, କର୍ମଚାରୀ ତଥା କାର୍ଯ୍ୟରତ ଶ୍ରମିକ ସର୍ବଦା ସଜାଗ ରହିବା ସହ ସୁରକ୍ଷା ପାଇଁ ସମସ୍ତେ ସହଭାଗିତା ଭିତ୍ତିରେ କାର୍ଯ୍ୟ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କାରଖାନାର ନିର୍ଦ୍ଦେଶକ ଅଙ୍କୁର ମଦନ ସମସ୍ତଙ୍କୁ ସଦା ସର୍ବଦା ସୁରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କାନ ଷ୍ଟିଲସର ଅଧକ୍ଷ ରାଜେଶ ଗଡୋଡ଼ିଆ, ଅଧୀକ୍ଷକ ପ୍ରବୀଣ ପାତ୍ର, ସୌରଭ ସେନଗୁପ୍ତା, ଦୀପକ ଶର୍ମା, ଏଚଆର ବିଭାଗ ଅଧୀକ୍ଷକ ପ୍ରଭୁରାମ ଦେ, ସୁରକ୍ଷା ଅଧିକାରୀ ସରୋଜ ମହାକୁଲ ପ୍ରମୁଖଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଏଚଆର ଅଧୀକ୍ଷକ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

**MILK UNION, SAMBALPUR**
**VEHICLE REQUIRED ON HIRE**

1. Max Pick Up or similar type of vehicle required on hire for Birjam-Sohela Milk route running covering 225 KM. (Both Morning & Evening shift).
2. TATA ACE or similar type of vehicle required on hire for Barpali-Sargipali Milk route running covering 72 KM. (Both Morning & Evening shift).
3. TATA ACE or similar type of vehicle required on hire for Amsarbhata-BMC Sonepur Milk route running covering 176 KM. (Both Morning & Evening shift).

For details please visit our website: **www.samul.in**.
Interested parties may purchase and submit tenders by **30.03.2026**.
Tender Paper Cost Rs.200/- + GST.
EMD - Rs.2,000/-.

Summon for settlement of issues
(Order 5, Rule 20 CPC)

**In the Court of Senior Civil Judge, Rourkela**

C. S. No 156 of 2018

**State Bank of India .... Plaintiff**
**Versus**
**Leena Swain ... Defendant**

To

**Leena Swain**, aged about 39 years, wife of Rajat Kumar Swain, daughter of Trilochan Swain, Prop of- M/s Life Science at Baba Comple, Panposh, Rourkela-769004, RS-Raghunathpalli, resident of B-8, Kalinga Housing Society, Chhend Basti, P.O- Rourlelda-769015, P.S-Chhend, District-Sundargarh.

Whereas, State Bank of India, RACPC, At-Sector-17, Rourkela -3, has instituted it against you for **Rs. 97,998.00** (Rupees ninety-seven thousand nine hundred ninety eight) only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **26th day of March, 2026 at 10.30 O'clock** in the fore noon, to answer the claims [and further you hereby directed to file on day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **09th day of February of 2026.**

Senior Civil Judge, Rourkela

**ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ ମା' କନକଦୁର୍ଗା**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା ଆରମ୍ଭ ହୋଇଛି। ସେହିପରି ମା' ଦକ୍ଷିଣକାଳୀ ଏବଂ ଶନି ମନ୍ଦିରରେ ମଧ ପୂଜା ଆରମ୍ଭ ହେଇଯାଇଛି। ପ୍ରଥମ ଦିବସରେ ଦେବୀଙ୍କ ପୂଜାର୍ଚ୍ଚନା ସହିତ ଭକ୍ତମାନେ ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ଗୁରୁବାର ମା' କନକଦୁର୍ଗା ଶୈଳପୁତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## ସଂକ୍ଷେପରେ

### ଥଣ୍ଡା ପାନୀୟଜଳ ମେଶିନ ଉଦ୍‌ଘାଟିତ

ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସହର ମୁଖ୍ୟରାସ୍ତା ଷ୍ଟେଟ୍ ବ୍ୟାଙ୍କ ଛକ ନିକଟରେ ମିଉଲ ପରିବାର ପକ୍ଷରୁ ଜନସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳ ମେଶିନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପରିବାରର ବରିଷ୍ଠ ସଦସ୍ୟ ରାମ ଅବତାର ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀପ ଅଗ୍ରୱାଲ, ବଜରଙ୍ଗ ଲାଲ ଅଗ୍ରୱାଲ, ଶିବଲାଲ ଅଗ୍ରୱାଲ, ଶ୍ୟାମ ସୁନ୍ଦର ମିଉଲ, ଅନିଲ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଶ୍ରବଣ କୁମାର ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସରବାହାଲ ସରସ୍ୱତୀ ଶିଶୁମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଗୁରୁବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ପଟେଲ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଦାଶ, ଅଶୋକ ସାକୁନିଆ ଯୋଗଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର ସଙ୍ଗୀତ ଗାନ ଓ ସାକ୍ଷୀ ଅଗ୍ରୱାଲ ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ବିଷୟରେ କହିଥିଲେ।

### ଜବରଦଖଲ ମୁକ୍ତ ହେଲା ସରକାରୀ ଜମି

ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ୍‌ର ବଡଝୁଣ୍ଡୁରା ପେଟ୍ରୋଲ ପମ୍ପ ମାଲିକ ବେଆଇନ ଭାବେ ନିର୍ମାଣ କରିଥିବା ପାଚେରୀ ଭଙ୍ଗାଯିବା ସହ ଜବରଦଖଲ କରିଥିବା ସରକାରୀ ଜମିକୁ ଗୁରୁବାର ଜବରଦଖଲ ମୁକ୍ତ କରାଯାଇଛି। ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଇଛି। ରାଜସ୍ୱ ନିରୀକ୍ଷକ ବିପିନ ବିହାରୀ ପ୍ରଧାନ, ସନ୍ତୋଷ କୁମାର ନାୟକ, କୋର୍ଟ ଅମିନ ରଶ୍ମୀ ରଞ୍ଜନ ପ୍ରଧାନ, ଅଶ୍ୱିନୀ ଧୁରୁଆ, ଶିବ ପ୍ରସାଦ ନାୟକ, ଶିବବ୍ରତ ନାୟକଙ୍କ ସମେତ ବାରକୋଟ ପୋଲିସ ଉପସ୍ଥିତିରେ ଉକ୍ତ ବେଆଇନ ନିର୍ମାଣକୁ ଭଙ୍ଗାଯିବା ସହ ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଇଥିଲା।

### ୨୪ ପ୍ରହର ନାମଯଜ୍ଞ

ଲଖନପୁର,୧୯।୩(ଗୌତମ ସାହୁ)

ଲଖନପୁର ବ୍ଲକ୍ ସୀମାନ୍ତ ଲୁହାବଗା ଗ୍ରାମରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପୂଜା କାର୍ଯ୍ୟରେ ଗୌତମ ସାହୁ, ତପସ୍ୱିନୀ କର୍ତ୍ତା, ଭୋଳା ଧୁରୁଆ, ସୁଗ୍ରୀ ଗଣ୍ଡ, କପିଳେନ୍ଦ୍ର ପଧାନଙ୍କ ସମେତ ଅନ୍ୟମାନେ ଷଡ଼ ବୈଷ୍ଣବ ଥିବାବେଳେ ସନତ କୁମାର ପୁରୋହିତ ପୂଜା ଦାୟିତ୍ୱ ନିର୍ବାହ କରିଥିଲେ। କତରବଗା, ମହାସିଂ, କତରଲିଆ, ଗୁଡୁ, ମୁରଲୀପାଲି ଆଦି ଗ୍ରାମର ସଂକୀର୍ତ୍ତନ ଦଳ ନଗରକୀର୍ତ୍ତନ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲରେ ରହୁଥିବା ସାମାଜିକ କର୍ମୀ ଶଙ୍କର ପ୍ରସାଦ ବିରତିଆ(୬୪)ଙ୍କ ବୁଧବାର ପୂର୍ବାହ୍ନରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ



ସ୍ୱାସ୍ଥ୍ୟଗତ ରୋଗରେ ପୀଡ଼ିତ ଥିଲେ। ସ୍ଥାନୀୟ ଇବ୍ ନଦୀ କୂଳରେ ତାଙ୍କର ମୃତଦେହ ସତ୍କାର କରାଯାଇଥିଲା। ବଡ଼ପୁଅ ସୌରଭ ବିରତିଆ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଶଙ୍କରଙ୍କ ପୁତୁରା ତ୍ରିନାଥ, ସୁଧାଂଶୁଙ୍କ ସମେତ କୁମ୍ଭାରୀ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଶଙ୍କରଙ୍କ ଘର ହିର୍ମା ଗ୍ରାମପଞ୍ଚାୟତ ଅଧୀନ କୁମ୍ଭାରୀ ଗ୍ରାମରେ ହୋଇଥିବାବେଳେ ସେ ଦୀର୍ଘଦିନ ଧରି ସରବାହାଲ ଅଞ୍ଚଳରେ ପରିବାର ସହିତ ରହୁଥିଲେ। ସେ ନିଜ ଗ୍ରାମ ସମେତ ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ଧାର୍ମିକ କାର୍ଯ୍ୟରେ ଯୋଗଦେଉଥିଲେ। ଏଥିସହ ସେ ସମାଜସେବାରେ ନିୟୋଜିତ ରହୁଥିଲେ।

# କଲେଜ ସମ୍ମୁଖରେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ

ବ୍ରଜରାଜନଗର,୧୯।୩ (ବିଜୟ ବରାଡ଼)



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର କଲେଜ ସମ୍ମୁଖରେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରାଯାଇଛି। ଏନେଇ ଖଲିଆକାନୀ ରାଧାକୃଷ୍ଣ ଉନ୍ନୟନ ପରିଷଦ ଜରିଆରେ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବସ୍‌ଷ୍ଟାଣ୍ଡ ବ୍ରଜରାଜନଗର ଟାଉନ୍ ୟୁନିଟ୍-୨ ମୌଜାର ଖାତା ନଂ.୬୩୩, ପ୍ଲଟ୍ ନଂ.୨୯୬୦ କିସମ ଗୋଚର ଜମିରେ ହେବା ପାଇଁ ସ୍ଥିର ହୋଇଛି। ଏହି ଜମିର ଚତୁଃପାର୍ଶ୍ୱରେ ବ୍ରଜରାଜନଗର କଲେଜ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶିଶୁ ଉଦ୍ୟାନ, ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଥିସହ ଖଲିଆକାନୀ ସ୍ପୋର୍ଟ୍ସ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ, ରୋଗୀ ଓ ଖେଳାଳିଙ୍କ ପାଇଁ ଅସୁବିଧା ହେବ। ଏହି ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ଅଞ୍ଚଳ ମୁଖ୍ୟରାସ୍ତା ଓ ସ୍ପୋର୍ଟ୍ସ ଷ୍ଟାଡିୟମ ମଝିରେ ଥିବାରୁ ଷ୍ଟାଡିୟମ୍‌କୁ ଯାତାୟାତ ପାଇଁ ଅସୁବିଧା ହେବ। ଏହି ଗୋଚର ଜମିର କିସମ ପରିବର୍ତ୍ତନ ନ ହେଲେ ତାହା ଉପରେ କୌଣସି ନିର୍ମାଣ ହେବା ଆଇନତଃ ସମ୍ଭବ ନୁହେଁ। ହସ୍ପିଟାଲ ଓ ବ୍ରଜରାଜନଗର କଲେଜ ମଝିରେ ଥିବା ଜମିରେ ଖଲିଆକାନୀ ଗ୍ରାମବାସୀ ତତ୍ତ୍ୱାବଧାନରେ ଜଙ୍ଗଲ ବିଭାଗ ତରଫରୁ ଲଗାଯାଇଥିବା ଗଛ ମଧ୍ୟରୁ ୪୭୯ଟି ଗଛ କାଟିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଆର୍‌ଡିଓ ଗତ ଅକ୍ଟୋବରରେ ଗ୍ରାମବାସୀଙ୍କୁ ନ ଜଣେଇ ଅନୁମତି ଦେଇଥିଲେ। ଇତିମଧ୍ୟରେ ଗଛ କଟା ସରିଯାଇଛି। ଏଥିପାଇଁ କିଏ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହି ଗୋଚର ଜମିର କିସମ ପରିବର୍ତ୍ତନ ଓ ଗଛ କାଟିବା ପାଇଁ ଅନୁମତି ଦିଆଯାଇଥିଲେ ମଧ ଜିଲା ପ୍ରଶାସନ ପକ୍ଷରୁ ଅଞ୍ଚଳବାସୀଙ୍କୁ ଅବଗତ କରାଯାଇନାହିଁ। ତେଣୁ ଏହି କିସମ ପରିବର୍ତ୍ତନ ଓ ଗଛ କଟା ବାବଦରେ ଦିଆଯାଇଥିବା ଅନୁମତି ବୈଧ ନୁହେଁ। ଏହି ଜାଗାରେ ସ୍ପୋର୍ଟ୍ସ ଷ୍ଟାଡିୟମ ପାଇଁ ୫୦ରୁ ଉର୍ଦ୍ଧ୍ୱ ଏକର ଜମି ରହିଛି। ଷ୍ଟାଡିୟମ ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳର ଯୁବତୀ, ଯୁବକ ଖେଳକୁଦ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପାରଙ୍ଗମ ଦେଖାଇପାରିବେ। ସ୍ପୋର୍ଟ୍ସ ଷ୍ଟାଡିୟମର ପୂର୍ବ ଦିଗରେ ଏକ ବଡ଼ ଜଳାଶୟ ସୃଷ୍ଟି କରାଯାଉଛି, ଯାହା ଷ୍ଟାଡିୟମ ପାଇଁ ଜଳର ଆବଶ୍ୟକତା ପୂରଣ କରିପାରିବ। ଏହି ଷ୍ଟାଡିୟମ ମଧ୍ୟରେ ବିଶ୍ରାମ ଗୃହ, ରୋଷେଇ ଓ ଖାଇବା ଗୃହ, ଦର୍ଶକ ଗ୍ୟାଲେରୀ ନିର୍ମାଣ କରାଯାଇଛି। ମହାନଦୀ କୋଇଲା କ୍ଷେତ୍ର ଏହି ଅଞ୍ଚଳର ଉନ୍ନତୀକରଣ ପାଇଁ ଆର୍ଥିକ ସହାୟତା ତଥା ସବୁ ପ୍ରକାର ସାହାଯ୍ୟ କରିବାକୁ ସ୍ୱତନ୍ତ୍ର ନିଷ୍ପତ୍ତି ନେଇଛନ୍ତି। ବିଗତ ଦିନରେ ଜିଲା ପ୍ରଶାସନ

**ସ୍ପୋର୍ଟ୍ସ ଷ୍ଟାଡିୟମ ନିର୍ମାଣ ଦାବି**

ଝାରସୁଗୁଡ଼ା ତହସିଲଦାରଙ୍କୁ ଏହି ଜମି ସ୍ପୋର୍ଟ୍ସ ଷ୍ଟାଡିୟମ ନିମିତ୍ତ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଅଞ୍ଚଳବାସୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରକ୍ରିୟାକୁ ବନ୍ଦ କରି ଉକ୍ତ ୫୦ ଏକର ଜମି ଉପରେ ସ୍ପୋର୍ଟ୍ସ ଷ୍ଟାଡିୟମ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ରାଧାକୃଷ୍ଣ ଉନ୍ନୟନ ପରିଷଦ ସଭାପତି କ୍ଷୀରୋଦ ପ୍ରଧାନ, ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ, ଆଇନ ପରାମର୍ଶଦାତା ପବିତ୍ର ବିଶି, ଉପଦେଷ୍ଟା ରାଧାକାନ୍ତ ପ୍ରଧାନ, ସମ୍ପାଦକ ଲରେନ୍ସ ପ୍ରଧାନ, ସମ୍ମିଳିତ ଆଦିବାସୀ ସମାଜ ସଭାପତି ରତ୍ନାକର ପ୍ରଧାନ, ବିନୋଦ ବିହାରୀ ବାଘ, ଧର୍ମେନ୍ଦ୍ର କିଷାନ, ଜିତେନ୍ଦ୍ର ଧୁରୁଆ, ଖଗେଶ୍ୱର ପ୍ରଧାନ, ସୀତାରାମ ପ୍ରଧାନ, ମହିଳା ନେତ୍ରୀ ନଳିନୀ ପ୍ରଧାନ, ନୂଆଦେଇ ପ୍ରଧାନ, ବସନ୍ତ ଖମାରୀ, ମମତା ଖମାରୀ, ସରିତା ରଣା, ଲିଲିମା ଖମାରୀ, ସରସ୍ୱତୀ ମାଝୀ, ଦିଲ୍ଲୀପ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରଭାଶ ଚନ୍ଦ୍ର ମିଶ୍ର ଓ ବିଦ୍ୟାଳୟ ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏଥିରେ ବିଦ୍ୟାଳୟ ସଭାପତି ପରମାନନ୍ଦ ସାହୁ, ସ୍ନିଗ୍ଧାରାଣୀ ନନ୍ଦ, ପଲ୍ଲିଶ୍ରୀ ନାଏକଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ହେମୋମଞ୍ଜରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

ସେହିପରି ରିଆମାଳ ବ୍ଲକ୍ ଅନ୍ତର୍ଗତ ମହାସିନ୍ଧୁ ଆଶ୍ରମରେ ହିନ୍ଦୁ ନବବର୍ଷ ପାଳିତ ହୋଇଥିଲା। ଆଶ୍ରମର ମହନ୍ତ ବ୍ରହ୍ମଚାରୀ ଅଭୟ ଚୈତନ୍ୟ ହିନ୍ଦୁ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗୌରୀ ଗଣେଶ ପୂଜା, ଘାଟ ପୂଜା, ଷୋଡ଼ଶ ମାତୃକା ପୂଜା ଓ ଚଣ୍ଡୀ ପାଠ କରାଯାଇଥିବାବେଳେ ମନୋରଞ୍ଜନ ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟପକ୍ଷରେ ମହାସିନ୍ଧୁ ଓ ଡେଙ୍ଗସର୍ଗୀ ସଙ୍କୀର୍ତ୍ତନ ଭକ୍ତମାନେ ଉକ୍ତ କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରିଥିଲେ।

ରିଆମାଳ ବ୍ଲକ୍ ସଦର ମହକୁମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରମୋଦ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସଦାନନ୍ଦ ସାହୁ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ଅତିଥି ପରିଚୟ ପ୍ରଦାନ, ଆଚାର୍ଯ୍ୟ ବିରଜା ପ୍ରସାଦ ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ ଓ ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ। ବିଦ୍ୟାଳୟର ଗୁରୁମାଗୁରୁଜୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟଙ୍କୁ ସମ୍ବର୍ଦ୍ଧନା



ଝାରସୁଗୁଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)

ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟଙ୍କୁ ଗୁରୁବାର ପୂର୍ବାହ୍ନରେ ଝାରସୁଗୁଡ଼ାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ସଭା ନିର୍ବାଚନରେ ବିଜୟୀ ହୋଇଥିବା ପୂର୍ବତନ ବିଧାୟକ ତଥା ବିଶିଷ୍ଟ ଶିଳ୍ପପତି ଦିଲୀପ ରାୟ ଗୁରୁବାର ପୂର୍ବାହ୍ନରେ ଟ୍ରେନ୍ ଯୋଗେ ଝାରସୁଗୁଡ଼ା ରେଲୱେ ଷ୍ଟେଶନଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଝାରସୁଗୁଡ଼ା ଓ ସୁନ୍ଦରଗଡ ଜିଲାର ଭାଜପା କର୍ମୀ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ସେ ରେଳ ଷ୍ଟେଶନଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏହି ଶୋଭାଯାତ୍ରା ସମୟରେ ଝାରସୁଗୁଡ଼ା ଜିଲା ଭାଜପା ସଭାପତି ରଘୁନନ୍ଦନ ପଣ୍ଡା, ସୁନ୍ଦରଗଡ଼ର ଭାଜପା ନେତା ଅଜୟ ପଟେଲ, ମଣ୍ଟୁ ପଣ୍ଡାଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# ହିନ୍ଦୁ ନବବର୍ଷରେ ବାଇକ୍ ଶୋଭାଯାତ୍ରା



ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀ।

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରର ଗୁରୁବାର ଅପରାହ୍ନରେ ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରୁ ବାଇକ୍ ଶୋଭାଯାତ୍ରା ବାହାରି ବେହେରାମାଲ, ବଡ଼େଇମୁଣ୍ଡା, ପୁରୁଣା ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ ଦେଇ ସ୍ଥାନୀୟ ସତ୍‌ସଙ୍ଗ ଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ବହୁ ସଂଖ୍ୟାରେ ଭାଜପା କର୍ମୀ, ବଜରଙ୍ଗ ଦଳ, ଆର୍‌ଏସ୍‌ଏସ୍ ଏବଂ ବିଭିନ୍ନ ସଙ୍ଗଠନର କର୍ମୀ ଏକ ଶୋଭାଯାତ୍ରା ବାହାରିଥିଲେ। ଏହି ଶୋଭାଯାତ୍ରାରେ ଆତସବାଜି ପ୍ରଦର୍ଶନ, ବିଭିନ୍ନ ପ୍ରକାର ଆଖଡ଼ା ଖେଳ, ସଂକୀର୍ତ୍ତନ, ନାଚ, ଗୀତ ପରିବେଷଣ କରାଯାଇଥିଲା। ଏହି ଶୋଭାଯାତ୍ରା ସତସଙ୍ଗ ଭବନରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଳ, ଅରବିନ୍ଦ ପାଠକ, ରବି ଗିଦ୍ୱାନୀ, ଜିଲା ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ପୁରୁଷୋତ୍ତମ ଥିରାଣୀ, ବିବେକ ଶ୍ରୀବାସ, ତରଙ୍ଗ ଗିଦ୍ୱାନୀ, ବବଲୁ ସିଂଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କ ସ୍ମୃତିସଭା

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାର ପୂର୍ବତନ ବିଧାୟକ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ, ସମ୍ବଲପୁର ସମବାୟ ସମିତିର ପୂର୍ବତନ ସଭାପତି ବୀରେନ୍ଦ୍ର ପାଣ୍ଡେଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ କଂଗ୍ରେସ ଭବନ ପରିସରରେ ସ୍ମୃତି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ରୁଦ୍ରଦତ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବୀରେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ହିନ୍ଦୁ ଧର୍ମଗୁରୁ ଅଶୋକ ପାଣ୍ଡେ, ଶିଖ ଧର୍ମଗୁରୁ ଜ୍ଞାନୀ ତ୍ରିବେନ୍ଦ୍ର ସିଂହ, ମୁସଲିମ ଧର୍ମଗୁରୁ ସଲିମ ଖାନ ଓ ଖ୍ରୀଷ୍ଟିଆନ ପାଦ୍ରୀ ରେଭରେଣ୍ଡ ବେଞ୍ଜାମିନ ତାଣ୍ଡି ଉପସ୍ଥିତ ଥିଲେ। କବି ପ୍ରେମସାଗର ଦେହେରିଆଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷ ପ୍ରତାପ ବେହେରା, ପ୍ରାଧ୍ୟାପକ ତପନ କୁମାର ବାରିକ, ଡ. ସରୋଜ କୁଅଁର, ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଳଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଗତବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ପୁରୁଣା ବସ୍ତି ହାଇସ୍କୁଲରେ ବୀରେନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଏକ ସ୍ମରଣୀକା ପ୍ରକାଶ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ମନୀଷ କୁମାର ବାଜପେୟୀ ଧନ୍ୟବାଦ ଦେଇଥିଲେ।

## ଚୈତ୍ର ନବରାତ୍ର, ହିନ୍ଦୁ ନବବର୍ଷରେ ଶୋଭାଯାତ୍ରା

ବ୍ରଜରାଜନଗର,୧୯।୩ (ବିଜୟ ବରାଡ଼)

ବ୍ରଜରାଜନଗର ଅଞ୍ଚଳରେ ଗୁରୁବାର ହିନ୍ଦୁ ନବବର୍ଷ ପାଳନ ସହିତ ଚୈତ୍ର ନବରାତ୍ର ଆରମ୍ଭ ହୋଇଛି। ଏହି ଅବସରରେ ସହରର ଚଣ୍ଡୀ ମନ୍ଦିର, ମଙ୍ଗଳା ମନ୍ଦିର, ତାରିଣୀ ମନ୍ଦିର, ମଣ୍ଡଳିଆ ବନଦେବୀ ମନ୍ଦିର ଓ ରେଲୱେ ଷ୍ଟେଶନସ୍ଥିତ ବ୍ରଜେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା। ଓପିଏମ୍ ଶିବ ମନ୍ଦିରରୁ ବାହାରିଥିବା ଶୋଭାଯାତ୍ରାରେ ବହୁ ସଂଖ୍ୟକ ଭକ୍ତ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶଧାରୀ ଆକର୍ଷଣ ସାଜିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ପୁନଃ ଓପିଏମ୍ ଶିବ ମନ୍ଦିରରେ ପହଞ୍ଚିଥିଲା। ନବରାତ୍ରର ପ୍ରଥମ ଦିନରୁ ଭକ୍ତମାନେ ବ୍ରତ ଓ ପୂଜା ଆରମ୍ଭ କରିଛନ୍ତି। ଘରେ ଘରେ କଳସ ସ୍ଥାପନା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଛି। ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାୟକ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

# ମିରର୍ ଥିଏଟର ଅଡିଟୋରିୟମ ଉଦ୍‌ଘାଟିତ

ବେଲପାହାଡ଼,୧୯।୩(ସୁବାସ ପ୍ରଧାନ)

ଓଡ଼ିଶାର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ମିରର୍ ଥିଏଟର ପାଇଁ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ ସିଏସ୍‌ଆର ଅଧୀନରେ ନବନିର୍ମିତ ଅଡିଟୋରିୟମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧିକାରୀ ସୁରେଶ ନାଏକ, ଡ. ସନ୍ତୋଷ ମିଶ୍ର, ସ୍ଥାନୀୟ କାଉନସିଲର କହ୍ନେଇ ଚରଣ ସେଠ, ଅନ୍ୟତମ ଅତିଥି ଭାବେ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ସ୍ମୃତି ମହାନ୍ତି, କୁଳମଣି ବଗାର, ସଚ୍ଚିଦାନନ୍ଦ ପଣ୍ଡା, ପୀତବାସ ପ୍ରଧାନ, ଜେନାମଣି ସେଠ, ଶରତ ସାହୁ, ରମାକାନ୍ତ ମଲ୍ଲିକ, ନରେନ୍ଦ୍ର ନାହାକ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ ମିରର୍ ଥିଏଟରର ସଂଘର୍ଷ ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସରୋଜ ମିର୍ଦ୍ଧା ମଞ୍ଚ ସଞ୍ଚାଳନ ଏବଂ ଡା. ଦିଲୀପ ନାଏକ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଏହି ଅଡିଟୋରିୟମରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ନାଟ୍ୟ ମହୋତ୍ସବ, ନାଟ୍ୟ କର୍ମଶାଳା ତଥା ନାଟ୍ୟ ଆଲୋଚନାଚକ୍ର ଆୟୋଜନ କରାଯିବ ବୋଲି ମିରର୍ ଥିଏଟର ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

# ଆଇନ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୋର୍ଟ ପରିସରରେ ଜିଲାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦେବାଶିଷ ରାଉତଙ୍କ ତତ୍ତ୍ୱାବଧାନରେ ଆଇନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟବିବାହ ନିରାକରଣ କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ, ଘରୋଇ ହିଂସା ଏବଂ ଯୌତୁକ ନିଷେଧ ଆଇନ ଉପରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କୋର୍ଟ ରେଜିଷ୍ଟ୍ରାର ତଥା ଜିଲା ଆଇନସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ବିଶ୍ୱଜିତ୍ ମହାପାତ୍ର, ମହିଳା କୋର୍ଟ ବିଚାରପତି ସାନ୍ତାଶ୍ରୀ ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଧନଞ୍ଜୟ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ଶୁଭସ୍ମିତା ଶୁଭଦର୍ଶିନୀ ପାତ୍ର, ପବ୍ଲିକ ପ୍ରସିକ୍ୟୁଟର ଯୋଗେଶ୍ୱର ପାତ୍ର, ଜିଲା ବାର୍ ଆସୋସିଏଶନ ସଭାପତି ସଚିକାନ୍ତ ଦାଶ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଧୀରଜ କୁମାର ଚୋପଦାର, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନୁର୍ଜୟ ମହନ୍ତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କୁ ଉକ୍ତ ବିଷୟଗୁଡିକ ଉପରେ ସଚେତନ କରିଥିଲେ। ଏଥିରେ ସରପଞ୍ଚ ସୁସ୍ମିତା ଏକ୍କା, ବାସନ୍ତି ପ୍ରଧାନ, ସସ୍ମିତ ଭୋଇ, ଅନିତା ପାତ୍ର ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମସ୍ତ କର୍ମକର୍ତ୍ତା ଏବଂ ବହୁ ପାରାଲିଗାଲ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ କରିଥିଲେ।

# ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ସ୍ଥାନାନ୍ତର ନିର୍ଦ୍ଦେଶ

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)



ଜିଲାପାଳ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ବୁଧବାର ଲଖନପୁର ବ୍ଲକ୍ ଗସ୍ତକରି ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଲଖନପୁର ବ୍ଲକ୍ ଉନ୍ନୟନ ଅଧିକାରୀ ବିନୟ କୁମାର ପଟେଲ ଉପସ୍ଥିତ ରହି ଜିଲାପାଳଙ୍କୁ ସମସ୍ତ ସୂଚନା ଦେଇଥିଲେ। ଜିଲାପାଳ ପ୍ରଥମେ କୁଶ୍ରାଲୋଇ ପଞ୍ଚାୟତରେ ପହଞ୍ଚି ସରପଞ୍ଚ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ବିସିସିଜିଏଲ୍ ଦ୍ୱାରା ପ୍ରସ୍ତାବିତ ଆମୋନିୟମ୍ ନାଇଟ୍ରେଟ୍ ପ୍ଲାଣ୍ଟ ପାଇଁ ସରକାରୀ ଶିକ୍ଷାନୁଷ୍ଠାନର ସ୍ଥାନାନ୍ତର ସମ୍ପର୍କରେ ସରପଞ୍ଚ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲି ଥିବା ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଥିଲେ। ଏମ୍‌ସିଏଲ୍ ଲଖନପୁର ଖଣିର ମାତ୍ର ୧୦ ମିଟର ଦୂରରେ ଥିବା କର୍ଲାଝୋରୀ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ବିପଜ୍ଜନକ

**ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ**

ଅବସ୍ଥାରେ ରହିଛି। ଏହାକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲାପାଳ ଚହ୍ୱାଣ ସମରବଗା ପଞ୍ଚାୟତର ଝାରଗାଁ ଓ ଚୁଇଁକାଞ୍ଚ ଗ୍ରାମ ପରିଦର୍ଶନ କରି ଜଳାଶୟ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଝାରଗାଁରେ ନିର୍ମାଣଧୀନ ରାସ୍ତା କାର୍ଯ୍ୟକୁ ଆସନ୍ତା ୧୫ ଦିନ ମଧ୍ୟରେ ଶେଷ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଚୁଇଁକାଞ୍ଚ ପୋଖରୀର ପୁନରୁଦ୍ଧାର ପାଇଁ ତୁରନ୍ତ ବ୍ୟୟ ଅଟକଳ ଦାଖଲ କରିବାକୁ ଜିଲାପାଳ କହିଛନ୍ତି।

**MILK UNION, SAMBALPUR**

**VEHICLE REQUIRED ON HIRE**

1. Max Pick Up or similar type of vehicle required on hire for Birjam-Sohela Milk route running covering 225 KM. (Both Morning & Evening shift).
2. TATA ACE or similar type of vehicle required on hire for Barpali-Sargipali Milk route running covering 72 KM. (Both Morning & Evening shift).
3. TATA ACE or similar type of vehicle required on hire for Amsarbhata-BMC Sonepur Milk route running covering 176 KM. (Both Morning & Evening shift).

For details please visit our website: **www.samul.in**.
Interested parties may purchase and submit tenders by **30.03.2026**.
Tender Paper Cost Rs.200/- + GST.
EMD - Rs.2,000/-.

Summon for settlement of issues
(Order 5, Rule 20 CPC)

**In the Court of Senior Civil Judge, Rourkela**

C. S. No 156 of 2018

**State Bank of India .... Plaintiff**
**Versus**
**Leena Swain ... Defendant**

To

**Leena Swain**, aged about 39 years, wife of Rajat Kumar Swain, daughter of Trilochan Swain, Prop of- M/s Life Science at Baba Comple, Panposh, Rourkela-769004, RS-Raghunathpalli, resident of B-8, Kalinga Housing Society, Chhend Basti, P.O-Rourlelda-769015, P.S-Chhend, District-Sundargarh.

Whereas, State Bank of India, RACPC, At-Sector-17, Rourkela -3, has instituted it against you for **Rs. 97,998.00** (Rupees ninety-seven thousand nine hundred ninety eight) only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **26th day of March, 2026 at 10.30 O'clock** in the fore noon, to answer the claims [and further you hereby directed to file on day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **09th day of February of 2026.**

Senior Civil Judge, Rourkela

**ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ**

ନାକଟିଦେଉଳ,(ବୈକୁଣ୍ଠନାଥ ସାହୁ): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନମାନ ଦେଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦସ୍ୟ ସୁବାଷ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ପର୍ବର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଆଚାର୍ଯ୍ୟା ମମତା ଦେହୁରୀ ପ୍ରାରମ୍ଭିକ ସୂଚନା ସହିତ ଧନ୍ୟବାଦ ଦେଇଥିଲେ।

# ଗୋ ଚାଲାଣକାରୀଙ୍କୁ ସୁରକ୍ଷା ଦେଉଥିବା ୮ ଯୁବକ ଗିରଫ

**ବଡ଼ଗାଁ,୧୯।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲାରେ ଗୋ ଚାଲାଣକାରୀଙ୍କୁ ସୁରକ୍ଷା ଦେଉଥିବା ୮ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୨ ବନ୍ଧୁକ, ୧୦ ରାଉଣ୍ଡ ଅଫୁଟା ଗୁଳି ଓ ୨ଟି କାର ଜବତ କରାଯାଇଛି। ନିଜକୁ ଗୋ ରକ୍ଷକ ବୋଲି ପରିଚୟ ଦେଇ ସର୍ବସମ୍ମୁଖରେ ଗୋ-ଚାଲାଣକୁ ବିରୋଧ କରି ଭାଷଣ ଦେଉଥିଲେ। ଅନ୍ୟପଟେ ବେଆଇନ ଗୋ-ଚାଲାଣକୁ ସୁରକ୍ଷା ଦେଉଥିଲେ। ବଦଳରେ ଗୋ-ଚାଲାଣକାରୀଙ୍କ ଠାରୁ ବଟି ନେଉଥିଲେ। ସୁନ୍ଦରଗଡ଼ ଜିଲା ପୋଲିସ ଗୁରୁବାର ଏହି ଘଟଣାର ଗୁମର ଖୋଲିଛି। ବଡ଼ଗାଁ ଥାନାରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତା ପାଲ କୌର ଖବରଦାତା ସମ୍ମିଳନୀରେ ଏହି ଗ୍ୟାଙ୍ଗ ସମ୍ପର୍କରେ



ଗିରଫ ୮ ଯୁବକଙ୍କୁ କୋର୍ଟ ଚାଲାଣ ପୂର୍ବରୁ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତା ପାଲ କୌର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ଘଟଣା ଅନୁଯାୟୀ ବୁଧବାର ବିଳମ୍ବିତ ରାତିରେ ଛତିଶଗଡ଼ଠାରୁ ବଡ଼ଗାଁ ଦେଇ ୧୫୦ଟି ଗାଈ,ବଳଦ ବେଆଇନ ଭାବେ କୁତ୍ରା ବ୍ଲକର

**୨ ବନ୍ଧୁକ, ୧୦ ରାଉଣ୍ଡ ଗୁଳି ଓ ୨ କାର୍ ଜବତ**

ଖତକୁରବାହାଲ ଚାଲାଣ କରାଯାଉଥିବା ପୋଲିସର ସ୍ୱତନ୍ତ୍ର ଟିମ୍ ସୂଚନା ପାଇଥିଲା। ସୁନ୍ଦରଗଡ଼ ଏସ୍‌ପି ଅମ୍ରିତା ପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କ ସହିତ ବଡ଼ଗାଁ ପୋଲିସ ଟିମ୍ ଚଢ଼ାଉ କରିଥିଲେ। ଏହି ଗୋ-ଚାଲାଣକାରୀଙ୍କୁ ସୁରକ୍ଷା ଦେଉଥିବା ତଥା ସୁରକ୍ଷିତ ଭାବେ ଖତକୁରବାହାଲ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଜରଙ୍ଗଲୋଇ ଠାରେ ରହିଥିବା ୮ଯୁବକ ପୋଲିସ ହାତରେ ଧରାପଡ଼ିଥିଲେ। ପୋଲିସ ଘଟଣାସ୍ଥଳରୁ ବଡ଼ଗାଁର ଅରବିନ୍ଦ ଷଡ଼ଙ୍ଗୀ (୧୯), ଖତକୁରବାହାଲ ଗ୍ରାମର ମହମ୍ମଦ କୈସ (୨୨), ଡୁମଲିଆର କୃଷ୍ଣଚନ୍ଦ୍ର ବାରିକ (୨୯), ଅଜିତ ବଞ୍ଛୁର (୩୨), କେଶବ ବାୟସତିଆ (୩୦), ଦିଲୀପ କୁମାର ବାରିକ (୪୨), ସୀତାରାମ ନାଏକ (୪୨), ସନ୍ତୋଷ ଦେହୁରିଆ (୫୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କଠାରୁ ପୋଲିସ ୨ଟି କାର୍, ୨ଟି ବନ୍ଧୁକ, ୧୦ ରାଉଣ୍ଡ ଅଫୁଟା ଗୁଳି, ଗୋଟିଏ ଛୁରି, ୮ଟି ମୋବାଇଲ ଫୋନ ଜବତ କରିଛି। ଘଟଣାସ୍ଥଳରୁ ୧୦୫ଟି ଗୋରୁ ଉଦ୍ଧାର କରାଯାଇ ଆମଗୁଡା ଗୋଶାଳାରେ ପୋଲିସ ଛାଡିଥିବା ସୂଚନା ପ୍ରଦାନ କରିଛି। ବଡ଼ଗାଁ ଥାନାରେ ଏନେଇ ଏକ ମାମଲା (ନଂ. ୯୭/୨୦୨୬) ରୁଜୁ ହୋଇଛି।

# ବାଇକ୍ ଦୁର୍ଘଟଣାରେ ୨ ଭାଇ ମୃତ

**ବଘିଆପଡ଼ା,୧୯।୩(ଶ୍ରୀକାନ୍ତ ସାହୁ)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ ତେଲିବନ୍ଧ ପଣ୍ଡାଇ ବୁଲାଣି ନିକଟରେ ବୁଧବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବଡ଼ ଓ ସାନ ଦୁଇ ଭାଇ ଦିଲୀପ ଉର୍ମା (୩୫), ବିଦୟ ଉର୍ମା (୨୧)ଙ୍କ ମୃତ୍ୟୁ ଘଟିଥିବା ବେଳେ ମଝିଆ ଭାଇ ରୋହିତ ଉର୍ମା (୨୫) ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ପଳସପାଟ ଗ୍ରାମର ଗୋଟିଏ ପରିବାରର ତିନି ଭାଇ ତାଙ୍କ ଟିଭିଏସ୍ ରାଇଡର (ଓଡି ୨୭ ଇ ୧୨୨୪) ଗାଡ଼ିରେ ଜହ୍ନାପଙ୍କ ପଟୁ ନିଜ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଣ୍ଡାଇ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗାଡ଼ିଟି ଦ୍ରୁତ ଗତିରେ ଯାଉଥିବା ବେଳେ ରାସ୍ତା କଡ଼ରେ ଥିବା ତିନୋଟି ପିଲାର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ଏବଂ ଗାଡିଟି ରାସ୍ତା କଡରେ ଥିବା ୧୦ ଫୁଟ ଡ୍ରେନ ତଳେ ପଡିଯାଇଛି। ସ୍ଥାନୀୟ ଲୋକେ ଉଭୟ ତିନି ଜଣଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ନେଇଥିଲେ। ଡାକ୍ତର ସେଠାରେ ଦିଲୀପ ଓ ବିଦୟଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ହୋଇଥିବା ରୋହିତ ଉର୍ମାଙ୍କୁ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ପହଞ୍ଚି ବାଇକକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

# ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ମଦ ବିକ୍ରି ହେଉଥିବା ଢାବାରେ ଯାଞ୍ଚ କରିବା, ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ଦେବଗଡ଼ ରଜାମୁଣ୍ଡା ଆମ୍ବେଦକର ଛକରେ ହାଇମାଷ୍ଟ ଲାଇଟ୍ ସ୍ଥାପନ, ଗାଡ଼ି ଚାଳନା ସମୟରେ ହେଲ୍‌ମେଟ୍ ପିନ୍ଧିବା ସହ ସିଟ୍‌ବେଲ୍ଟ ବାନ୍ଧିବା ଆଦି ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ଏସ୍‌ପି ଅନିଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ରାସ୍ତା ଓ ଗୃହ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା, ଟିପିଡବ୍ଲ୍ୟୁ ନିର୍ବାହୀଯନ୍ତ୍ରୀ ରାଜୁ ସହା, ଡେପୁଟି କଲେକ୍ଟର କଳିଙ୍ଗ ଆଶିଷ ଶତପଥି, ଜିଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ୪୦ ଗଣ ଶିକ୍ଷକ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୧୯।୩(ଅଜିତ କୁମାର ବାରିକ)**

**ଓଟିଇଟି ପାଶ୍ ପ୍ରମାଣପତ୍ର ଜାଲିଆତି ମାମଲା**

ବୌଦ୍ଧ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ସୁସ୍ମିତା ପ୍ରୟଦର୍ଶିନୀ ଗୁରୁବାର ଚାକିରି ନିୟମିତ ପାଇଁ ଓଟିଇଟି ପାଶ୍ ପ୍ରମାଣପତ୍ର ଜାଲିଆତି ମାମଲାର ବିଚାର କରି ୪୦ ଗଣ ଶିକ୍ଷକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ବୌଦ୍ଧ ଜିଲାର ବିଭିନ୍ନ ବିଦ୍ୟାଳୟର ୪୦ ଜଣ ଗଣଶିକ୍ଷକ ଚାକିରି ନିୟମିତ କରିବା ପାଇଁ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରେ ଓଟିଇଟି ପାଶ୍ ପ୍ରମାଣପତ୍ର ଦାଖଲ କରିଥିଲେ। ଦାଖଲ କରାଯାଇଥିବା ପ୍ରମାଣପତ୍ର ଜାଲ ଥିବା ସନ୍ଦେହ କରି ଜିଲା ଶିକ୍ଷା ବିଭାଗ ପକ୍ଷରୁ ବୋର୍ଡ ଅଫ୍ ସେକେଣ୍ଡେରୀ ଏଜୁକେଶନକୁ ଯାଞ୍ଚ ପାଇଁ ପଠାଯାଇଥିଲା। ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ ଉକ୍ତ ପ୍ରମାଣପତ୍ର ଯାଞ୍ଚ କରିବା ପରେ ଜାଲ୍ ଥିବା ନେଇ ବୌଦ୍ଧ ଜିଲା ଶିକ୍ଷା ବିଭାଗକୁ ଜଣାଇଥିଲା। ଉକ୍ତ ୪୦ ଓଟିଇଟି ପାଶ୍ ପ୍ରମାଣପତ୍ର ଜାଲ ଥିବା ପ୍ରମାଣ ପାଇବା ପରେ ତତ୍କାଳୀନ ବୌଦ୍ଧ ଜିଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର ବୌଦ୍ଧ ଥାନାରେ ଗତ ତା୪।୨।୨୦୨୧ରିଖରେ ଲିଖିତ ଅଭିଯୋଗ କରିଥିଲେ। ବୌଦ୍ଧ ପୋଲିସ ଏକ ମାମଲା (ନଂ.୩୩/୨୧) ରୁଜୁ କରି ତଦନ୍ତ କରିଥିଲା। ପରେ ଉକ୍ତ ମାମଲାଟି ବୌଦ୍ଧ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶଙ୍କ ଅଦାଲତରେ (ସିଟି କେସ ନମ୍ବର ୬୦/୨୧) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଅଭାବରୁ ଉକ୍ତ ୪୦ ଗଣ ଶିକ୍ଷକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଗଣଶିକ୍ଷକମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସାହୁ ଓ ରାଜୀବ କୁମାର ଦଲାଲ ମାମଲା ପରିଚାଳନା କରିଥିଲେ।

# ମରାଡୁଗୋଛା ପାକ୍ସ ସମ୍ପାଦକ ନିଲମ୍ବିତ

**ସୋନପୁର,୧୯।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକ ନବୀନ ଦାଶଙ୍କୁ ଗୁରୁବାର ନିଲମ୍ବନ କରାଯାଇଛି। ପାକ୍ସ ପରିଚାଳନା ପରିଷଦର ସଭାପତି ସନ୍ତୋଷ ଡାଙ୍ଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ଡ. ସଞ୍ଜୟ କୁମାର ତ୍ରିପାଠୀ ସରଗଜ ପାକ୍ସର ସମ୍ପାଦକ କୃଷ୍ଣ ପ୍ରକାଶ କୁମ୍ଭାରଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମରାଡୁଗୋଛା ପାକ୍ସରେ ନିଯୁକ୍ତି ପ୍ରଦାନରେ ଦୁର୍ନୀତି ହୋଇଥିଲା। ପାକ୍ସର ସମ୍ପାଦକ ତଥା ସିଇଓ ନବୀନ ଦାଶ, ରାତ୍ର ଜଗୁଆଳି ମକୁନ୍ଦ ନାଏକ ଓ ପିଅନ ମନୋଜ ଦାସ ନିଜ ପୁଅଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଉଦ୍ୟମ କରିଥିଲେ। ଉପରିସ୍ଥ ଅଧିକାରୀ ଏଥିରେ ଯୋଗାଯୋଗ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନବୀନ, ମକୁନ୍ଦ ଓ



ନବୀନ ଦାଶ।

**ଧରିତ୍ରୀ ପ୍ରଭାବ**

ମନୋଜ ସ୍ୱେଚ୍ଛାକୃତ ଅବସର(ଭିଆର୍‌ଏସ୍) ପାଇଁ ଆବେଦନ କରିଥିଲେ। ପାକ୍ସ ପରିଚାଳନା ପରିଷଦରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ନୂତନ ନିଯୁକ୍ତି ପାଇଁ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଅନୁମତି ଅଣା ଯାଇନଥିଲା। ପାକ୍ସ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇନଥିଲା, କି ନିଯୁକ୍ତି କମିଟି ଗଠନ ହୋଇନଥିଲା। ସରକାରଙ୍କ ନିଯୁକ୍ତି ନିୟମକୁ ଅଣଦେଖା କରି ଭିଆରସିଏସ୍ ଥଇଥାନ ନିଯୁକ୍ତି ପ୍ରସ୍ତାବକୁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ। ଗତ ଫେବୃଆରୀ ୧୯ ତାରିଖରେ ନବୀନ, ମକୁନ୍ଦ ଓ ମନୋଜ ଭିଆର୍‌ଏସ୍ ନେଇଥିଲେ। ସେହି ଦିନ ହିଁ ସେମାନଙ୍କ ପରିବାରର ୪ଜଣ ନିଯୁକ୍ତି ପାଇଥିଲେ। ପାକ୍ସ ସମ୍ପାଦକ ନବୀନଙ୍କ ପୁଅ ଅମ୍ବରୀଶଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସିଇଓ ତଥା ସମ୍ପାଦକ ଓ କ୍ୱାଇଁ ତଥା ବରଗଡ ଜିଲା ବରପାଲି ବ୍ଲକ ରେମେଡ ଗାଁର ଅନିଲ କୁମାର ଦାସଙ୍କୁ ସହସମ୍ପାଦକ ଭାବେ ବେଆଇନ ନିଯୁକ୍ତି ଦିଆଯାଇଥିଲା। ସେହିପରି ପାକ୍ସର ରାତ୍ର ଜଗୁଆଳି ଥିବା ମକୁନ୍ଦ ନାଏକଙ୍କ ପୁଅ ଅମିତଙ୍କୁ ରାତ୍ର ଜଗୁଆଳି ଓ ପିଅନ ମନୋଜ ଦାସଙ୍କ ପୁଅ ଆଜାଦ୍ ପିଅନ ଭାବେ ନିଯୁକ୍ତି ପାଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ତଦନ୍ତ ପରେ ଏଭଳି ଦୁର୍ନୀତିର ପ୍ରମାଣ ମିଳିବା ପରେ ଭିଆରସିଏସ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଡ. ନୃପରାଜ ସାହୁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି।

# ୭ଥର ୟୁଜିସି ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ



ଅଧ୍ୟାପକ ମହେନ୍ଦ୍ର କୁମାର ସାହୁ।

**ଭବାନୀପାଟଣା,୧୯।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ଅତିଥି ଅଧ୍ୟାପକ ମହେନ୍ଦ୍ର କୁମାର ସାହୁ ୭ ଥର ୟୁଜିସି ନେଟ୍ ପରୀକ୍ଷାରେ ପାସ୍ କରି ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ତାଙ୍କ ନାମ ସ୍ଥାନିତ ହୋଇଛି। ଏହା କେବଳ ତାଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ କଳାହାଣ୍ଡି ଜିଲା ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ବିଷୟ ହୋଇଛି। ତାଙ୍କର ଏହି ସଫଳତା ପରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ର ଖୁସି ବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ନିରନ୍ତର ପ୍ରୟାସ ଓ ଦୃଢ଼ ସଂକଳ୍ପ ରହିଲେ ସଫଳତା ନିଶ୍ଚୟ ମିଳେ ବୋଲି ଅଧ୍ୟାପକ ସାହୁ କହିଛନ୍ତି।

# ୱାନ୍‌ଷ୍ଟପ୍ ସେଣ୍ଟର କାର୍ଯ୍ୟକୁ ପ୍ରଶଂସା କଲେ ମହିଳା କମିଶନ ଅଧ୍ୟକ୍ଷା



ୱାନଷ୍ଟପ ସେଣ୍ଟରରେ ମହିଳା କମିଶନ ଅଧ୍ୟକ୍ଷା ଓ ଅନ୍ୟମାନେ।

**ଭବାନୀପାଟଣା,୧୯।୩(ଉତ୍ତମ କୁମାର ଦାଶ)**

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ନେତୃତ୍ୱରେ ଗୁରୁବାର ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲାର ୱାନ୍‌ଷ୍ଟପ୍ ସେଣ୍ଟର (ସଖି) ପରିଦର୍ଶନ କରିଛନ୍ତି। ଏହି ସମୟରେ ତାଙ୍କ ସହ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସମାଜ କଲ୍ୟାଣ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ପ୍ରତିନିଧି ଦଳ ପୀଡିତ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ୱାନ୍‌ଷ୍ଟପ୍ ସେଣ୍ଟର ପରିଚାଳିକା ବିନିତା ଦାଶଙ୍କଠାରୁ ଅବଗତ ହୋଇଥିଲେ। ବିଶେଷ କରି ପୀଡିତମାନଙ୍କୁ ପରାମର୍ଶ ପ୍ରଦାନ ପ୍ରକ୍ରିୟା, ମାମଲା ପଞ୍ଜିକରଣ ବ୍ୟବସ୍ଥା, ଆଇନଗତ ସହାୟତା ବିଷୟରେ ସମୀକ୍ଷା କରିଥିଲେ। କମିଶନ ଅଧ୍ୟକ୍ଷା ମହାନ୍ତି ସେଣ୍ଟରର କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରି ଏହା ଜିଲାର ପୀଡିତ ମହିଳାମାନଙ୍କ ପାଇଁ ଏକ ଭରସାଯୋଗ୍ୟ କେନ୍ଦ୍ର ଭାବେ ବର୍ଣ୍ଣନା କରିଥିଲେ।

# ମେଗା ପାଇପ ଚୋରି ଘଟଣାରେ ୨ ଗିରଫ

**କୁଚିଣ୍ଡା,୧୯।୩(ବିରଞ୍ଚି ଦର୍କା)**

କେନ୍ଦ୍ର ସରକାରଙ୍କ ହର ଜଳ ଯୋଜନାରେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ମେଗା ପାନୀୟଜଳ ଯୋଗାଣ ପାଇଁ ପାଇପ ଲାଇନ କାମ ଚାଲିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ମହୁଲପାଲି ଥାନା ନୂଆରୋଡ ରେଙ୍ଗାଲବେଡା ଓ କରିବାହାଲ ଷ୍ଟକ ୟାର୍ଡରୁ ୯୫ ଟି ପାଇପ ଚୋରି ହୋଇଥିଲା। ଏ ନେଇ ଠିକାସଂସ୍ଥା ଲେଜର ପାୱାର ଆଣ୍ଡ ଇନଫ୍ରା ପ୍ରାଇଭେଟ ଲିମିଟେଡର ପ୍ରୋଜେକ୍ଟ ମ୍ୟାନେଜର ସନ୍ତୋଷ କୁମାର ମିଶ୍ର ମହୁଲପାଲି ଥାନାରେ ବୁଧବାର ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୩୩/୨୬)ରୁଜୁ କରି ପୋଲିସ ୨ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ମହାରାଷ୍ଟ୍ର ଗୋରେଗାଁଓ ଥାନା ସିଲେଗାଁଓର ଟ୍ରକ ଡ୍ରାଇଭର ରାଜୁ ଲକ୍ଷ୍ମଣ ନେୱାରି(୩୨) ଓ ଉକ୍ତ ଗ୍ରାମର ଟ୍ରକ ହେଲପର ଯୁଗଳ କ୍ଷେମରାଜ ରାଉତ(୨୦)। ପୋଲିସ ଉଭୟଙ୍କୁ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମହୁଲପାଲି ପୋଲିସ ପାଇପ ଚୋରିରେ ବ୍ୟବହୃତ ୨ଟି ଟ୍ରକ (ନଂ.ଏମଏଚ ୩୫ ଏଜେ ୫୪୬୩ ଏବଂ ନଂ.ଓଡି ୧୫ଜୁ ୪୭୨୧), ୨ଟି ମୋବାଇଲ ଫୋନ ଓ ୨୫ପିସ ମୂଳ ପାଇପ ଜବତ କରି ତଦନ୍ତ ଜାରି ରଖିଛି।

# ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ

**ସମ୍ବଲପୁର,୧୯।୩(ଭବାନୀ ଶଙ୍କର ଭୋଇ)**

ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ-୧୯୯୪ର ଜିଲା ପରାମର୍ଶଦାତା ଏବଂ ଟାସ୍କଫୋର୍ସ କମିଟି ବୈଠକ ଗୁରୁବାର ସମ୍ବଲପୁର ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଲିଙ୍ଗ ନିରୂପଣକୁ କିଭଳି କଡ଼ାକଡ଼ି ଭାବେ ରୋକାଯାଇ ପାରିବ ଆଲୋଚନା କରାଯାଇଥିଲା। ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ କଠୋର ଭାବେ ଲାଗୁ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କାର୍ଯ୍ୟକ୍ଷମ ଥିବା ୪ଟି ଅଲଟ୍ରାସାଉଣ୍ଡ କେନ୍ଦ୍ରର ସମୀକ୍ଷା କରାଯାଇଥିଲା। ଟାସ୍କଫୋର୍ସ କମିଟି ନିର୍ଦ୍ଦେଶକ୍ରମେ ନୂତନ ପଞ୍ଜୀକରଣ ପାଇଁ ଆବେଦନ ଗ୍ରହଣ କରାଯାଇଛି। ସହକାରୀ ପରିଚାଳକ ବୁଧ ରଞ୍ଜନ ଭୋଇ ତଥ୍ୟ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକୁ ନିୟମିତ ତନଖି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ବ୍ଲକସ୍ତରରେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା ସମ୍ବନ୍ଧିତ ସଚେତନତା ସୃଷ୍ଟି ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଦୀପ କୁମାର ହୋତା,ଏକ୍ସନ ଏଡ ଜିଲା ସଂଯୋଜିକା ଶକ୍ତି ସଦନ ସଦସ୍ୟା, ସରକାରୀ ଓକିଲ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ।

# ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର

**ରେଙ୍ଗାଲି, ୧୯।୩(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନଗଣନା ପାଇଁ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ରେଙ୍ଗାଲି ବିଡ଼ିଓ ପ୍ରିତମ କୁମାର ତନ୍ତୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ ନରେନ୍ଦ୍ର ବେହେରା ଓ ରେଙ୍ଗାଲି ସରକାରୀ ପଲିଟେକନିକର ଅଧ୍ୟାପକ ସଞ୍ଜୟ ଗୋପାଳ ତ୍ରିପାଠୀ ଟ୍ରେନରଭାବେ ତାଲିମ ପ୍ରଦାନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ୫ଜଣ ସୁପରଭାଇଜର ଓ ୨୫ ଜଣ ଏନୁମୁରେଟର ଭାବେ ତାଲିମ ନେଉଛନ୍ତି।

# ଜନଜାତି ଗବେଷକ ହିଁ ଜନଜାତିଙ୍କ ଜୀବନ ସହ ନ୍ୟାୟ କରିପାରିବେ

**ଭବାନୀପାଟଣା,୧୯।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଗୁରୁବାର 'ଓଡ଼ିଆ ସାହିତ୍ୟରେ ଆଦିବାସୀ ଜୀବନର ଚିତ୍ର ଓ ଚରିତ୍ର' ଶୀର୍ଷକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ପରାମର୍ଶଦାତା ସମିତି ଆବାହକ ଗୌରହରି ଦାସ, ପରାମର୍ଶଦାତା ସମିତି ସଦସ୍ୟ ମନୋଜ ପଣ୍ଡା, କେନ୍ଦ୍ର ସାହିତ୍ୟ ଏକାଡେମୀ କଲିକତା ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ସମ୍ପାଦକ ପଲ୍ଲିଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।




ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିଗଣ।

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ତଥା ପଦ୍ମଶ୍ରୀ ସମ୍ମାନିତ ମହେନ୍ଦ୍ର ମିଶ୍ର ଭିଡିଓ କନ୍‌ଫରେନ୍ସିଂରେ ଯୋଗଦେଇ ଓଡ଼ିଆ ସାହିତ୍ୟ ଜନଜାତି ଜୀବନ, ସଂସ୍କୃତି ଓ ପରମ୍ପରାରେ ସମୃଦ୍ଧ ହୋଇଥିଲେ ହେଁ କ୍ଷେତ୍ର ଭିତ୍ତିକ ଗବେଷଣା ମାଧ୍ୟମରେ ଏ ଦିଗରେ ଆହୁରି ଅନେକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହାସହ ଜନଜାତି ଗବେଷକମାନେ ହିଁ ଜନଜାତିଙ୍କ ଜୀବନ ସହିତ ନ୍ୟାୟ କରିପାରିବେ ଏବଂ ସେମାନଙ୍କ ମନସ୍ତତ୍ତ୍ୱକୁ ଅତି ନିବିଡ଼ ଭାବେ ଉପସ୍ଥାପନ କରିପାରିବେ ବୋଲି କହିଥିଲେ। ବୈଷୟିକ ଅଧିବେଶନରେ ଗବେଷକ ରାଜେନ୍ଦ୍ର ପାଢ଼ୀ, କୌତୁକ ପାଣ୍ଡରା, ପ୍ରତ୍ୟାଶା ଢାଲ, ଡୋଲାମଣି ଧରୁଆ, ସାଇମନ ବିଡ଼ିକା ଏବଂ ସୁରେଶ୍ୱରୀ ବାଘ ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ଗବେଷକ ଉମାଶଙ୍କର କର ଓ ଗୋପୀନାଥ ବାଗ ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ।

**OFFICE OF THE MUNICIPAL COUNCIL:RAYAGADA**
DIST- RAYAGADA, PIN CODE-765001, ODISHA
E-mail ID- raygadam.hud@nic.in, raygadam.hud@gmail.com
Letter No.1266, Date 17.03.26

**QUOTATION CALL NOTICE**

No.13001/698/2526: Sealed quotations are hereby invited from local established firms to provide Annual Maintenance contract service in respect of Centralized Air Conditioners and split AC's installed at Biju Patnaik Auditorium, Rayagada Municipality. The details of the service required and other terms and conditions relating to the award of Contract are given in the Annexure-I. The Quotations should reach in the office of Executive Officer, Rayagada Municipality on or before Dt.31.03.2026 by 1.00 P.M. through Speed Post/ Courier or by hand and will be open on same day at 4.00 PM in the presence of Quotationer or their authorized agent if present. The Quotationer should submit the PAN Card & GST Registration certificate enclosing with the Quotation paper alongwith covering letter. The Quotation received after due date and time will not be entertained. The paper cost of Rs.1000/- (Non-Refundable) and EMD Rs.10,000/- (Refundable) should be furnished in shape of Bank Draft/ Bankers Cheque from any Nationalized bank in favour of "Executive Officer, Rayagada Municipality" and attach the same with the quotation paper. This Quotation paper alongwith annexure available in office website www.rayagadamunicipality.in for wide publication and download.
The undersigned reserves the right to cancel/ reject any or all the quotations without assigning any reason thereof.

Sd./- Executive Officer
Rayagada Municipality
OIPR-13001/13150/1/25-26/0006

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA**
E-mail: eemijharsuguda@gmail.com
**'e' Procurement Notice**
Bid Identification No.SE MID JSD 14/2025-26
No.569// MID // date 17.03.2026

No.32001/219/2526: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the Works | Civil Construction Work |
| 2. | Total No. of Works | 01 (One) No. |
| 3. | Estimated Cost (Detail List of work annexed) | Rs.51.60 Lakh |
| 4. | Class of Contractor | As mentioned against work |
| 5. | Period of Completion | As mentioned against work |
| 6. | Date & time of Availability of Bid document in the portal | 20.03.2026 to 30.03.2026 during office hours |
| 7. | Last date/time for receipt of bid in the Portal | 30.03.2026 during office hours |
| 8. | Date/Time of Opening of Technical Bid | 31.03.2026 at 10.00 AM at Office of the S.E. MI Divn. Jharsuguda |
| 9. | Date/Time of Opening of Financial Bid | 06.04.2026 at 10.00 AM |
| 10. | Name & Address of the Officer Inviting the Bid | Superintending Engineer, M.I. Division, Jharsuguda |
| 11. | Mode of Payment of Bid Cost & Bid Security | Online |

Sd./- Superintending Engineer
M.I. Division, Jharsuguda
OIPR-32001/32291/1/25-26/0016

# ପୂର୍ବ ଭାରତରେ ଖଣି ଓ ନିର୍ମାଣ ଉପକରଣ କ୍ଷେତ୍ରକୁ ଗୁରୁତ୍ୱ

## ସିଆଇଆଇ ଓଏମ୍‌ସିଇ ୨୦୨୬ ଉଦ୍‌ଘାଟିତ



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ସିଆଇଆଇ ଓଡ଼ିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମ୍‌ସିଇ) ୨୦୨୬ ଗୁରୁବାର ଆରମ୍ଭ ହୋଇଛି। ଗୃହ, ଶିଳ୍ପ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସିଆଇଆଇ ଟ୍ରେଡ୍ ଫେୟାର କାଉନସିଲ ଅଧ୍ୟକ୍ଷ ବି. ଥିଆଗରଜନ ଏବଂ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଅନିଲ କୁମାର ସିଂ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବ ଭାରତରେ ଖଣି ଓ ନିର୍ମାଣ ଉପକରଣ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଦ୍ୱାରା ଆୟୋଜିତ ଏହି ୩ ଦିନିଆ ଏକ୍ସପୋ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରିବା, ସହଭାଗିତା ବିକଶିତ କରିବା ଓ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଶିଳ୍ପର ପ୍ରମୁଖ ହିତାଧିକାରୀମାନଙ୍କୁ ଏକତ୍ରିତ କରିଛି। ମୁଖ୍ୟ ଅତିଥି ହେମନ୍ତ ଶର୍ମା ଶିଳ୍ପ ବିକାଶ ଓ ନିବେଶ ପାଇଁ ଏକ ସମାବେଶୀ ଇକୋସିଷ୍ଟମ ଗଠନ କରିବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ରେଖାଙ୍କିତ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ରାଉଣ୍ଡ ଟେବୁଲ ବୈଠକ ଶିଳ୍ପର ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ପ୍ରମୁଖ ଆହ୍ୱାନ, ନୀତିଗତ ସମର୍ଥନ, ବୈଷୟିକ ଗ୍ରହଣୀୟତା ଏବଂ ଅଞ୍ଚଳରେ ଖଣି ଓ ନିର୍ମାଣ ଉପକରଣ ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ ସୁଯୋଗଗୁଡ଼ିକ ଉପରେ ଏକ ଗଠନମୂଳକ ଆଲୋଚନା ଲାଗି ଏକ ଉଚ୍ଚସ୍ତରୀୟ ଆଲୋଚନା ଭାବେ କାର୍ଯ୍ୟ କରିଛି। ଓଏମ୍‌ସିଇ ୨୦୨୬ରେ ୧୫୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିଛନ୍ତି ଏବଂ ୧୦,୦୦୦ରୁ ଅଧିକ ବ୍ୟବସାୟିକ ପରିଦର୍ଶକଙ୍କୁ ଏହା ଆକର୍ଷିତ କରିଛି। ଏହି ଏକ୍ସପୋ ଖଣି, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରୁ ଅଗ୍ରଣୀ ସଂସ୍ଥାଗୁଡ଼ିକର ଉପକରଣ, ଟେକ୍ନୋଲୋଜି ଓ ସମାଧାନଗୁଡ଼ିକର ଏକ ବିସ୍ତୃତ ଶୃଙ୍ଖଳାକୁ ପ୍ରଦର୍ଶିତ କରିଛି। ଏହି କାର୍ଯ୍ୟକ୍ରମ ବି୨ବି ଓ ବି୨ଜି ବୈଠକ, ବୈଷୟିକ ଅଧିବେଶନ ଓ ନେଟ୍‌ୱର୍କିଂ ସୁଯୋଗ ସହିତ ପରବର୍ତ୍ତୀ ୨ ଦିନ ପାଇଁ ଜାରି ରହିବ, ଯାହା ଏହି କ୍ଷେତ୍ରରେ ସହଭାଗିତା, ଉଦ୍‌ଭାବନ ଓ ନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ଲକ୍ଷ୍ୟ ରଖିଛି।

## ବଢୁଛି ଡ୍ରାଏ ଫ୍ରୁଟସ୍ ଦର

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ପ୍ରଭାବ ଏବେ ରୋଷେଇଘର ଓ ବ୍ୟବସାୟ ଉପରେ ପଡ଼ିବା ଆରମ୍ଭ ହୋଇଛି। ରାଜଧାନୀ ଦିଲ୍ଲୀରେ ଡ୍ରାଇ ଫ୍ରୁଟ୍ସର ମୂଲ୍ୟ ୨୦ରୁ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସପ୍ଲାଇ ବାଧାପ୍ରାପ୍ତ ହେବାରୁ ବଜାରରେ ଅନିଶ୍ଚୟତା ବଢ଼ିଛି, ଯାହାର ସିଧାସଳଖ ପ୍ରଭାବ ଉପଭୋକ୍ତାଙ୍କ ପକେଟ ଉପରେ ପଡୁଛି। କାଜୁକୁ ବାଦ୍ ଦେଲେ ଅଧିକାଂଶ ଡ୍ରାଇ ଫ୍ରୁଟ୍ସ ପଶ୍ଚିମ ଏସିଆରୁ ଆସେ। ଇଦ୍ ନିକଟବର୍ତ୍ତୀ ହେବାରୁ ଡେଟସ୍‌ର ଚାହିଦା ବଢ଼ିଛି, ମାତ୍ର ଷ୍ଟକ୍ ସୀମିତ ରହିଛି। ବ୍ୟବସାୟୀମାନେ ପୁରୁଣା ଷ୍ଟକ୍ ସାହାଯ୍ୟରେ ଚଳୁଛନ୍ତି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରିର ଚେୟାରମ୍ୟାନ ବୃଜେଶ ଗୋୟଲ ଚେତାବନୀ ଦେଇଛନ୍ତି, ଯୁଦ୍ଧ ଦୀର୍ଘକାଳୀନ ହେଲେ ଲମ୍ବା ହେଲେ ଦିଲ୍ଲୀର ପ୍ରାୟ ୫୦୦୦ କୋଟି ଟଙ୍କାର ବ୍ୟବସାୟ ପ୍ରଭାବିତ ହେବ। ଇରାନରୁ ଆସୁଥିବା ପିସ୍ତା, ଆଲୁବୁଖାରା, କିସ୍‌ମିସ୍, ଖଜୁରି ଆଦିର ଦାମ ୩୦–୪୦% ବଢ଼ିଛି। ଏହାର ପ୍ରଭାବ ଔଷଧ ଉପରେ ମଧ୍ୟ ପଡ଼ିଛି। ପ୍ୟାରାସିଟାମଲ ଦାମ ୪୭% ବଢ଼ିଛି। ଫାର୍ମା ସେକ୍ଟର ଚାପରେ ରହିଛି। ଦିଲ୍ଲୀରେ ପ୍ରାୟ ୫୦ ହଜାର ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାଙ୍କ ମଧ୍ୟରୁ ୨୦–୩୦% ବନ୍ଦହେବା ଆଶଙ୍କା ରହିଛି।

## ୟୁବିଆଇ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ସିଏସ୍ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ୟୁନିୟନବ୍ୟାଙ୍କଅଫ୍‌ଇଣ୍ଡିଆ(ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ଏମ୍ପାୱର ହର ଆଣ୍ଡ୍ ପାୱର ହିମ୍' ଥିମ୍ ଅନ୍ତର୍ଗତ ସମାଜ କଲ୍ୟାଣ ପାଇଁ ଦୁଇଟି ଅର୍ଥପୂର୍ଣ୍ଣ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେଲେଙ୍ଗାପେଣ୍ଠସ୍ଥିତ 'ସଖା ଓଲ୍ଡ ଏଜ୍ ହୋମ୍'ରେ ଥିବା ଅନ୍ତେବାସୀଙ୍କ ପାଇଁ ୫ ବେଡ୍ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ , ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ତସନୁମ୍ ନାଜ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଖା ଓଲ୍ଡ ଏଜ୍ ହୋମ୍‌ର ସେକ୍ରେଟାରି କବିତା ମହାପାତ୍ର ଉପସ୍ଥିତ ଥିଲେ। ସାଇ ସ୍କୁଲ ବସୁନ୍ଧରା, ଗତିରାଉତପାଟଣାଠାରେ ଅନୁଷ୍ଠିତ ହୋଇଥବା ଅନ୍ୟ ଏକ କାର୍ଯ୍ୟକ୍ରମରେ ଅନାଥ ଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ୍, ନୋଟ୍ ବୁକ୍ ଏବଂ ଷ୍ଟେସ୍‌ନେରି ସାମଗ୍ରୀ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ତସନୁମ୍ ନାଜ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସାଇସ୍କୁଲ ବସୁନ୍ଧରାର ସେକ୍ରେଟାରି ଡ. ସ୍ନିଗ୍ଧା ବିଶ୍ୱାଳ, କୋଅର୍ଡିନେଟର ବିଧୁ ଭୂଷଣ ମହାନ୍ତି ଏବଂ ଅନୁଷ୍ଠାନର ସୁପରିଣ୍ଟେଣ୍ଡେଣ୍ଟ ହରପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟଆଲୁକ୍କାସ୍‌ର ସୀମିତ ସମୟ ଅଫର ଘୋଷଣା

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଅଗ୍ରଣୀ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍ ସୀମିତ ସମୟର ଅଫର ଘୋଷଣା କରିଛି। ଏହି ଅଫର ମାର୍ଚ୍ଚ ୧୮ରୁ ୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଜୟଆଲୁକ୍କାସ ଶୋ'ରୁମ୍‌ଗୁଡ଼ିକରେ ଉପଲବ୍ଧ ରହିବ। ଗ୍ରାହକମାନେ ସମସ୍ତ ଜୁଏଲେରି କଲେକ୍ସନରେ ସୁବିସ୍ତୃତ ରେଞ୍ଜରେ ମେକିଂ ଚାର୍ଜ ଉପରେ ସିଧା ୪୦% ରିହାତି ପାଇପାରିବେ। ପାରମ୍ପରିକ ଡିଜାଇନରୁ ଆଧୁନିକ ଡିଜାଇନ ଅଳଙ୍କାର ଗ୍ରାହକ ପାଇପାରିବେ। ଅନ୍ୟପଟେ ଜୟଆଲୁକ୍କାସ୍ ୧୮ ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ମାତ୍ର ଗ୍ରାହକମାନେ ତାଙ୍କର ଭବିଷ୍ୟତ କ୍ରୟ ପାଇଁ ଯୋଜନା କରୁଥିବା ଲୋକମାନଙ୍କ ପାଇଁ ଏକ ଏକ୍ସକ୍ଲୁସିଭ ଆଡଭାନ୍ସ ବୁକିଂ ଅଫର ଆରମ୍ଭ କରୁଛି। ଗ୍ରାହକମାନେ କେବଳ ୧୦% ପୂର୍ବ ରାଶି ଦେଇ ବର୍ତ୍ତମାନ ସୁନା ଦରକୁ ମେ ୨ ପର୍ଯ୍ୟନ୍ତ ସୁରକ୍ଷିତ କରିପାରିବେ। ଜୟଆଲୁକ୍କାସ୍‌ର ଚେୟାରମ୍ୟାନ ଏବଂ ମ୍ୟାନେଜିଂ ଡାଇରେକ୍ଟର ଡ. ଜୟ ଆଲୁକ୍କାସ୍ କହିଛନ୍ତି, ଏହା ଅଳଙ୍କାର କ୍ରୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ, କାରଣ ଅନେକ ଗ୍ରାହକ ବିବାହ, ବିଶେଷ ଅବସର ଏବଂ ଦୀର୍ଘକାଳୀନ ନିବେଶ ପାଇଁ ପୂର୍ବରୁ ଯୋଜନା କରନ୍ତି ।

## ସି.ଭି. ରମଣ ପଲିଟେକ୍ନିକ୍‌ର ୭ ଦିନିଆ ଶିବିର



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠରେ ଥିବା ସି.ଭି. ରମଣ ପଲିଟେକ୍ନିକ୍‌ର ଏନ୍‌ଏସ୍‌ଏସ୍ ୟୁନିଟ୍, ସିଏଚ୍‌ଏସ୍‌ଇ ଏନ୍‌ଏସ୍‌ଏସ୍ ବ୍ୟୁରୋ ଅଧୀନରେ ନପୁଟ ଗ୍ରାମରେ ୭ଦିନିଆ ବିଶେଷ ଶିବିର ଅନୁଷ୍ଠିତ ହୋଇଯାଇଛି। ସି .ଭି. ରମଣ ପଲିଟେକ୍ନିକ୍ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୃଷ୍ଟି ଏହି ଶିବିରର ଉଦ୍‌ଘାଟନକରି ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବାରେ ନିଷ୍ଠାର ସହ କାମ କରିବାକୁ ପ୍ରେରିତ କରିଥିଲେ । ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସଲମାନ ଖାନ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ମୋଟ ୫୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏବଂ ଅଧ୍ୟାପକ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଶିବିର ସମୟରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେଇଥିଲେ । ଏଥିରେ ପଞ୍ଚାୟତ କାର୍ଯ୍ୟାଳୟ, ନୀଳକଣ୍ଠ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ, ଗ୍ରାମ ମନ୍ଦିର ପରିସରରେ ପରିଚ୍ଛନ୍ନତା ଅଭିଯାନ ପରିଚାଳିତ ହୋଇଥିଲା । ଏହା ସହ ଓଡ଼ିଶା ରାଇଟ ଟୁ ପବ୍ଲିକ୍ ସର୍ଭିସେସ୍ ଆକ୍ଟ ବିଷୟରେ ଶିକ୍ଷାର୍ଥୀ ଏବଂ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ବେଟି ବଚାଓ ବେଟି ପଢାଓ ଏବଂ ତମାଖୁକୁ ନା ବିଷୟରେ ସଚେତନତା ରାଲି ଆୟୋଜନ କରିଥିଲେ। ଏହା ବ୍ୟତୀତ ସାକ୍ଷରତା ସର୍ଭେ, ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ନିଃଶୁଳ୍କ ଆଖି ପରୀକ୍ଷା ଶିବିର ଏବଂ ସାଧାରଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇଥିଲା ଏବଂ ସମସ୍ତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ସମ୍ମାନପତ୍ର ଦିଆଯାଇଥିଲା ।

## ସୁନା ମୂଲ୍ୟ ୭ ହଜାର କମିଲା

### ରୁପା କିଲୋଗ୍ରାମ ପିଛା ୧୭,୮୦୦ ଟଙ୍କା ହ୍ରାସ

ନୂଆଦିଲ୍ଲୀ, ୧୯।୩ (ପି.ଟି.)

ଭାରତୀୟ ବଜାରରେ ଗୁରୁବାର ସୁନା ଓ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ବା 'କ୍ରାସ' ଦେଖିବାକୁ ମିଳିଛି। ବିଶ୍ୱ ବଜାରରେ କମୋଡିଟି ବିକ୍ରିର ଚାପ ଏବଂ ଆମେରିକୀୟ ଡଲାରର ମଜଭୁତ ସ୍ଥିତି ଯୋଗୁ ନୂଆଦିଲ୍ଲୀରେ ରୁପା କିଲୋଗ୍ରାମ ପିଛା ୧୭,୮୦୦ ଟଙ୍କା ଏବଂ ସୁନା ୧୦ ଗ୍ରାମ୍ ପିଛା ୭,୦୦୦ ଟଙ୍କା ହ୍ରାସ ପାଇଛି।

ଅଲ୍ ଇଣ୍ଡିଆ ସରାଫା ଆସୋସିଏଶନ ଅନୁଯାୟୀ, ରୁପା ଦର କିଲୋଗ୍ରାମ ପିଛା ପ୍ରାୟ ୭ ପ୍ରତିଶତ ହ୍ରାସ ପାଇ ୨,୩୮,୭୦୦ ଟଙ୍କାରେ ପହଞ୍ଚିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ଜାନୁଆରୀ ୨୯ ତାରିଖରେ ଥିବା ୪,୦୪,୫୦୦ ଟଙ୍କାର ସର୍ବକାଳୀନ ରେକର୍ଡ ସ୍ତରରୁ ରୁପା ଏବେ ସୁଦ୍ଧା ୪୧ ପ୍ରତିଶତ ଶସ୍ତା ହୋଇସାରିଛି। ସେହିପରି ୯୯.୯% ଶୁଦ୍ଧତା ବିଶିଷ୍ଟ ସୁନା ୭,୦୦୦ ଟଙ୍କା କମି ପ୍ରତି ୧୦ ଗ୍ରାମ୍ ୧,୫୩,୩୦୦ ଟଙ୍କା ହୋଇଛି। ସୁନା ମଧ୍ୟ ଏହାର ସର୍ବୋଚ୍ଚ ସ୍ତର (୧,୮୩,୦୦୦ ଟଙ୍କା)ରୁ ପ୍ରାୟ ୧୬.୨୩% ତଳକୁ ଖସି ଆସିଛି।

ଏଲ୍‌କେପି ସିକ୍ୟୁରିଟିଜ୍ ବିଶେଷଜ୍ଞ ଯତୀନ ତ୍ରିବେଦୀଙ୍କ କହିବାନୁଯାୟୀ, ବିଶ୍ୱସ୍ତରୀୟ ଅର୍ଥନୈତିକ କାରଣ ଏବଂ ଆମେରିକାର ଫେଡେରାଲ ରିଜର୍ଭର କଡ଼ା ନୀତି ଯୋଗୁ ନିବେଶକମାନେ ସୁନା, ରୁପା ବିକ୍ରି କରିବା ଆରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ସୁନା ଦର ପ୍ରତି ଆଉନ୍ସ ପିଛା ୪,୭୦୦ ଆମେରିକୀୟ ଡଲାରରୁ ତଳକୁ ଖସି ଆସିଛି, ଯାହା ଗତ ଦୁଇ ଦିନ ମଧ୍ୟରେ ପ୍ରାୟ ୩୦୦ ଡଲାରର ହ୍ରାସ ଘଟିଛି। ହଠାତ୍ ଦର ହ୍ରାସ ପାଇବା ଫଳରେ ସାଧାରଣ ଗ୍ରାହକ ଓ ଅଳଙ୍କାର କ୍ରେତାମାନେ ଆଶ୍ୱସ୍ତି ପାଇଥିବା ବେଳେ ନିବେଶକମାନେ ସତର୍କ ହୋଇଯାଇଛନ୍ତି। ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ବଜାରରେ ବର୍ତ୍ତମାନ ଅସ୍ଥିରତା ଲାଗି ରହିବ, ତେଣୁ ନିବେଶ ପୂର୍ବରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

## ଓଡିଏମ୍‌ରେ 'ପିତୃ-ମାତୃ ପୂଜନ ଦିବସ'



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱରର ଶିଶୁବିହାର ପଟିଆସ୍ଥିତ ମୂଲ୍ୟବୋଧଭିକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୭ତମ ପ୍ରତିଷ୍ଠା ଦିବସକୁ 'ପିତୃ-ମାତୃ ପୂଜନ ଦିବସ' ଭାବରେ ପାଳନ କରାଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରତିଷ୍ଠାତା ଡ. ମୀନକେତନଙ୍କ ତତ୍ତ୍ୱାବଧାନରେ ଓଡିଏମ୍‌ର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା 'ଜୟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାର୍ଥୀମାନଙ୍କ ଭିତରେ ପାରିବାରିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ପିତାମାତାଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ୱରଚିତ କବିତାଗୁଡ଼ିକୁ ନେଇ ଏକ ଇ-ମାଗାଜିନ୍ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ୫୧ କୁଣ୍ଡଳୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠାତା ଡ. ମୀନକେତନ ତାଙ୍କ ଭାଷଣରେ ପିତାମାତା ଜୀବନ୍ତ ଦେବତା, ତାଙ୍କ ପ୍ରତି ସମ୍ମାନ, ଶ୍ରଦ୍ଧା ଓ ଭକ୍ତି ଜ୍ଞାନ କରିବା ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି.କେ. ଦାସ, ଡ.ଜ୍ୟୋତ୍ସ୍ନା ମହାପାତ୍ର, ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନାଉଡ଼ିଆ ଓ କତକୁଲା ଗ୍ରାମକୁ ବୀମାଗ୍ରାମ ପୁରସ୍କାର



କୁଜଙ୍ଗ,୧୯।୩(ମନୋଜ ପ୍ରଧାନ)

ପାରାଦୀପ ଶାଖା ଜୀବନ ବୀମା ନିଗମ ପକ୍ଷରୁ କୁଜଙ୍ଗ ବ୍ଲକ୍‌ରେ ବୁଧବାର ବୀମା ଗ୍ରାମ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପାରାଦୀପ ଶାଖା ପ୍ରବନ୍ଧକ ବିଶ୍ୱରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନ ବୀମା ନିଗମର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତକରି ଏହି ସଂସ୍ଥା ଲୋକମାନଙ୍କର ଜୀବନ ସାଥୀ ହୋଇ ପାରିଥିବା ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ କଟକ ଡିଭିଜନର ପ୍ରଶାସନିକ ଅଧିକାରୀ ଜ୍ୟୋତିର୍ମୟ ରଥ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ମୁଖ୍ୟ ପ୍ରବନ୍ଧକ ରଶ୍ମିରଞ୍ଜନ ପ୍ରଧାନ, କୋଠି ସରପଞ୍ଚ ଲକ୍ଷ୍ମୀଧର ସାହୁ, ନିରାକାର ରାଉତ ପ୍ରମୁଖ ଯୋଗଦେଇ ଏଲ୍‌ଆଇସି କିପରି ଜନସାଧାରଣଙ୍କ ସବୁ ସମୟର ଅନ୍ତରଙ୍ଗ ବନ୍ଧୁ ହୋଇପାରିଛି ପ୍ରକାଶ କରିଥିଲେ। ଏହି ଅବସରରେ କଚକୁଲା ଓ ନାଉଡ଼ିଆ ଗ୍ରାମକୁ ଯଥାକ୍ରମେ ୧ ଲକ୍ଷ ଓ ୭୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କଚକୁଲା ଗ୍ରାମ ପକ୍ଷରୁ ସଭାପତି ତ୍ରିଲୋଚନ ସ୍ୱାଇଁ, ଗୀତାଞ୍ଜଳୀ ବିଶ୍ୱାଳ, ସବିତା ପ୍ରଧାନ, ଅନନ୍ତ ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ, ପ୍ରହ୍ଲାଦ ପଲାଇ, ସ୍ନେହପ୍ରଭା ସ୍ୱାଇଁ, ଶର୍ମିଷ୍ଠା ସେବାଇଁ ଓ ନାଉଡ଼ିଆ ପକ୍ଷରୁ ସଭାପତି ମାନସ ସ୍ୱାଇଁ, ସମ୍ପାଦକ ପ୍ରିୟତମା ନାୟକ, ଏଲିନା ଖଣ୍ଡୁଆଳ, ଚୈତନ୍ୟ ବେହେରା, ହରେକୃଷ୍ଣ ନାୟକ, ସୁଭୟ ମହାନ୍ତି, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀକାନ୍ତ ଦାସ ମଞ୍ଚ ସଂଯୋଜନା କରିଥିଲେ। ସୁମନ୍ତ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବୁଦ୍ଧଦେବ ଦାସ,କାବୁ ରଣା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ୩ ଷ୍ଟେଶନରେ ଟ୍ରେନ୍‌ଗୁଡ଼ିକର ପରୀକ୍ଷାମୂଳକ ରହଣି

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଦୀର୍ଘଦିନର ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ଏବଂ ରେଳ ସଂଯୋଗୀକରଣକୁ ଉନ୍ନତକରିବା ଉଦ୍ଦେଶ୍ୟରେ ରେଳ ମନ୍ତ୍ରଣାଳୟ ହରିଶ୍ଚନ୍ଦ୍ରପୁରମ ପିଏଚ୍, ମନ୍ଦାସା ରୋଡ୍ ଏବଂ ପାତପଟନମ ରେଳ ଷ୍ଟେଶନରେ ପରୀକ୍ଷାମୂଳକ ଭାବରେ କିଛି ଯାତ୍ରୀବାହୀ ପାସେଞ୍ଜର ଏବଂ ଏକ୍ସପ୍ରେସ୍ ଟ୍ରେନଗୁଡିକର ରହଣି ପାଇଁ ଅନୁମୋଦନ କରିଛି। ଏହି ଅତିରିକ୍ତ ରହଣିଗୁଡ଼ିକ ନିକଟବର୍ତ୍ତୀ ଅଞ୍ଚଳରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଯାତ୍ରା ସୁବିଧା ଏବଂ ସୁଗମ୍ୟତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ମାର୍ଚ୍ଚ ୨୦ ଠାରୁ କାର୍ଯ୍ୟକାରୀ ଏହି ରହଣି କାର୍ଯ୍ୟକାରୀ ହେବ। ୫୮୫୦୬ ବିଶାଖାପାଟଣା ଗୁଣପୁର ପାସେଞ୍ଜର ହରିଶ୍ଚନ୍ଦ୍ରପୁରମ ପିଏଚ୍‌ରେ ସକାଳ ୮ଟା ୩୩ ରେ ପହଞ୍ଚିବ ଏବଂ ସକାଳ ୮ଟା ୩୪ରେ ପ୍ରସ୍ଥାନ କରିବ। ସେହିପରି ଫେରିବା ଦିଗରେ ଟ୍ରେନ୍ ନମ୍ବର ୫୮୫୦୫ ଗୁଣପୁର- ବିଶାଖାପାଟଣା ପାସେଞ୍ଜର ହରିଶ୍ଚନ୍ଦ୍ରପୁରମ ପିଏଚ୍‌ରେ ସନ୍ଧ୍ୟା ୫ଟା ୧୮ରେ ପହଞ୍ଚିବ ଏବଂ ସନ୍ଧ୍ୟା ୫ଟା ୧୯ରେ ଛାଡ଼ିବ। ୧୮୫୨୬ ବିଶାଖାପାଟଣା – ବ୍ରହ୍ମପୁର ଏକ୍ସପ୍ରେସ୍ ମନ୍ଦାସା ରୋଡ୍‌ରେ ସନ୍ଧ୍ୟା ୭ଟା ୩ରେ ପହଞ୍ଚିବ ଏବଂ ୭ଟା ୪ରେ ଛାଡ଼ିବ। ଫେରିବା ଦିଗରେ ୧୮୫୨୫ ବ୍ରହ୍ମପୁର ବିଶାଖାପାଟଣା ଏକ୍ସପ୍ରେସ୍ ମନ୍ଦାସା ରୋଡ୍‌ରେ ସକାଳ ୧୦ଟା ୩୮ରେ ପହଞ୍ଚିବ ଏବଂ ୧୦ଟା ୩୯ରେ ଛାଡ଼ିବ। ୧୮୧୧୭ ରାଉରକେଲା ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ୧୧ଟା ୫୧ରେ ପାତପଟନମରେ ପହଞ୍ଚିବ ଏବଂ ୧୧ଟା ୫୨ରେ ଛାଡ଼ିବ। ଫେରିବା ଦିଗରେ ୧୮୧୧୮ ଗୁଣପୁର–ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ପାତପଟନମରେ ସନ୍ଧ୍ୟା ୫ଟା ୧୨ ପହଞ୍ଚିବ ଏବଂ ୫ଟା ୧୩ରେ ଛାଡ଼ିବ।

## ଗ୍ରୀସ୍‌ରେ ଚମକିଲେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଖେଳାଳି



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଖେଳାଳିମାନେ ଗ୍ରୀସ୍‌ର ଏଥେନ୍ସରେ ମାର୍ଚ୍ଚ ୧୩ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ଏକ୍ରୋପୋଲିସ୍ ଅନ୍ତର୍ଜାତୀୟ ଉଶୁ ଓପନ ଟୁର୍ନାମେଣ୍ଟରେ ଅସାଧାରଣ ସଫଳତା ହାସଲ କରିଛନ୍ତି। ହଷ୍ଟେଲର ୨ଜଣ ପ୍ରତିଭାବାନ୍ ଖେଳାଳି ଏହି ପ୍ରତିଷ୍ଠିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଅଣ୍ଡର-୧୪ ବର୍ଷ ବାଳିକା ୩୯ କିଲୋଗ୍ରାମ ବର୍ଗରେ ପ୍ରତିଯୋଗିତା କରିଥିବା ସବିନୀ ମୁଣ୍ଡା ଫାଇନାଲରେ ଫ୍ରାନ୍ସର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତକରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କର ଏହି ସଫଳତା ତାଙ୍କର ନିଷ୍ଠା, ଅନୁଶାସନ ଓ ହଷ୍ଟେଲରେ ପ୍ରାପ୍ତ ଉଚ୍ଚମାନର ତାଲିମର ପରିଚୟ ଦେଉଛି। ସିନିୟର ମହିଳା ୪୮ କିଲୋଗ୍ରାମ ବର୍ଗରେ ମଞ୍ଜୁ ମୁଣ୍ଡା ପ୍ରଶଂସନୀୟ ଦକ୍ଷତା ଓ ଦୃଢ଼ତା ପ୍ରଦର୍ଶନ କରି ଫାଇନାଲରେ ଗ୍ରିସର ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ କଠିନ ଲଢ଼େଇ ପରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ହଷ୍ଟେଲର ଅନ୍ତର୍ଜାତୀୟ ଖ୍ୟାତିକୁ ଆହୁରି ବଢ଼ାଇଛି। ନବୀନ ଜିନ୍ଦାଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ ଗ୍ରାମାଞ୍ଚଳ ଓ ଅଣସଂରକ୍ଷିତ ବର୍ଗର ଯୁବତୀଯୁବକଙ୍କୁ କ୍ରୀଡ଼ା ପ୍ରତିଭା ବିକାଶରେ ନିୟୋଜିତ। ଓଡ଼ିଶାର ଆଦିବାସୀ ପ୍ରଧାନ କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳରେ ଅବସ୍ଥିତ ଏହି ହଷ୍ଟେଲରେ ପ୍ରାୟ ୬୦ ଜଣ ପ୍ରତିଭାବାନ୍ ଖେଳାଳିଙ୍କୁ ସିବିଏସ୍‌ଇ ଆଧାରିତ ଶିକ୍ଷା ସହିତ ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧା ଯୋଗାଇ ଦିଆଯାଉଛି।

## ଯୋଡ଼ିହେଲେ ଏୟାରଟେଲର ୪୪.୦୬ ଲକ୍ଷ, ଜିଓର ୨୪.୩୭ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭାରତୀୟ ଟେଲିକମ୍ ନିୟନ୍ତ୍ରକ (ଟ୍ରାଇ) ଦ୍ୱାରା ପ୍ରକାଶିତ ଜାନୁଆରୀ ୨୦୨୬ର ମାସିକ ତଥ୍ୟ ଅନୁଯାୟୀ, ଭାରତୀ ଏୟାରଟେଲ ଜାନୁଆରୀରେ ୪୪.୦୬ ଲକ୍ଷ ବେତାର ଗ୍ରାହକ ଯୋଡ଼ି ବଡ଼ ଲାଭ ହାସଲ କରିଛି। ଅନ୍ୟପଟେ ରିଲାଏନ୍ସ ଜିଓ ୨୪.୩୭ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଜିଓର ମୋଟ ଓ୍ୟାରଲେସ୍ ଗ୍ରାହକ ସଂଖ୍ୟା ୪୯.୧୪ କୋଟିରେ ପହଞ୍ଚିଛି। ଏୟାରଟେଲ ଡିସେମ୍ବର ୨୦୨୫ରେ ୪୬.୩୩ କୋଟି ଗ୍ରାହକଠାରୁ ବଢ଼ି ଜାନୁଆରୀରେ ୪୬.୭୭ କୋଟିରେ ପହଞ୍ଚିଛି। ଭୋଡାଫୋନ ଆଇଡିଆ ୪.୧୧ ଲକ୍ଷ ଗ୍ରାହକ ହରାଇଛି, ଫଳରେ ତାହାର ଓ୍ୟାରଲେସ୍ ଗ୍ରାହକ ସଂଖ୍ୟା ୧୯.୯ କୋଟିକୁ ଖସିଛି।

## ରାୟଗଡ଼ା ଡିଭିଜନ ନିରୀକ୍ଷଣକଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ, ପରମେଶ୍ୱର ଫୁଙ୍କୱାଲ, ରାୟଗଡ଼ା ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଂଘଲଙ୍କ ସହ ରାୟଗଡ଼ା ଡିଭିଜନର ନିରୀକ୍ଷଣ କରିଛନ୍ତି। ଏହି ସମୟରେ ରାୟଗଡ଼ାରେ ଚାଲିଥିବା ଭିତ୍ତିଭୂମି ବିକାଶମୂଳକ କାର୍ଯ୍ୟ, ସୁରକ୍ଷା ପଦକ୍ଷେପ ଏବଂ ରେଳ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକାରିତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ରାୟଗଡ଼ା-ସିଙ୍ଗାପୁର ରୋଡ୍-ଥେରୁଭାଲି ସେକ୍ସନକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସିଙ୍ଗାପୁର ରୋଡ୍-ଥେରୁଭାଲି ଷ୍ଟ୍ରେଚ୍, ଷ୍ଟେଶନ ୟାର୍ଡ ଏବଂ ତୃତୀୟ ଲାଇନ କାର୍ଯ୍ୟଗୁଡ଼ିକର ଫୁଙ୍କୱାଲ ଏକ ବିସ୍ତୃତ ଯାଞ୍ଚ କରିଥିଲେ। ସେ ଟ୍ରାକ୍ ସ୍ଥିତି, ସିଗ୍‌ନାଲିଂ ସିଷ୍ଟମ, ସେତୁ ଏବଂ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଦିଗଗୁଡ଼ିକର ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ରାୟଗଡ଼ା ରେଳ ଷ୍ଟେଶନକୁ ମଧ୍ୟ ପରିଦର୍ଶନ କରି ଯାତ୍ରୀ ସୁବିଧାଗୁଡ଼ିକର ମୂଲ୍ୟାଙ୍କନ କରିବା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ରେଳ ଅଧିକାରୀମାନଙ୍କ ସହ ଆଲୋଚନାକରି ଫୁଙ୍କୱାଲ ସୁରକ୍ଷା ମାନଦଣ୍ଡକୁ କଡାକଡି ଭାବେ ପାଳନ କରିବା ସହିତ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଡା. ଦୁର୍ଗାମାଧବ ଶତପଥୀ ହେଲେ ନୂଆ ଡିଏମ୍ଇଟି

ଭୁବନେଶ୍ୱର, (ବନ୍ଦନା ସେଠୀ): ଡା. ଦୁର୍ଗାମାଧବ ଶତପଥୀ ନୂତନ ଡିଏମ୍ଇଟି (ଡାଇରୋକ୍ଟରେଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ) ଭାବେ ନିଯୁକ୍ତି ପାଇଛନ୍ତି। ସେ ଏମ୍କେସିଜି ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଉଥିଲେ। ଅପରପକ୍ଷେ ପୂର୍ବରୁ ଡିଏମ୍ଇଟି ଥିବା ଡା. ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମ୍ଇଆର୍ର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

# ପ୍ରସାଦ ଡାଲମାରେ ମଲାସାପ

## ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନାରେ ଭିଡ଼


ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଲୋକମାନେ ଗୁରୁବାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭିଡ଼ ଜମାଇଛନ୍ତି।

ପଟ୍ଟାମୁଣ୍ଡାଇ, ୧୯।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁରେ ଭାଗବତ ସପ୍ତାହ ଚାଲିଥିଲା। ବୁଧବାର ରାତିରେ ୪୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ପରଷା ଯାଇଥିଲା। ମାତ୍ର ପ୍ରସାଦ ଦେବା ସମୟରେ ଡାଲମା ହଣ୍ଡାରେ ଏକ ବିଷଧର ସାପ ପଡିଥିବା ଦେଖିବାକୁ ମିଳିଥିଲା। ସେତେବେଳକୁ ଅନେକ ଲୋକ ଡାଲମା ଖାଇ ସାରିଥିଲେ। ଏ କଥା ପ୍ରଚାରିତ ହେବା ପରେ ଲୋକଙ୍କ ଭିତରେ ଭାଳେଣି ପଡିଥିଲା। ଭୟରେ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିଥିଲେ। ଡାକ୍ତର ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରିଥିବା ନେଇ ମେଡିକାଲ ଅଫିସର ନିରାକାର ପରିଡା କହିଛନ୍ତି। ସେ କହିଛନ୍ତି, ଲୋକଙ୍କୁ ଚିକିତ୍ସା ପରେ ଗୁରୁବାର ସକାଳୁ ଏକ ଡାକ୍ତରୀ ଦଳ ପୌର ପରିଷଦର ୧୦ ନମ୍ବର ୱାର୍ଡ ଯାଇ ଘଟଣାର ତଦନ୍ତ କରି ଫେରିଛନ୍ତି। ସମସ୍ତେ ସୁସ୍ଥ ଥିବା ସେ କହିଛନ୍ତି। ଜଣେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଚିତି, ରଣା, ବୋଡା ଓ ଝିଟିପିଟି ଚମଡା ବା କାତିରେ ବିଷ ଥାଏ। ସେହି ସାପ ଖାଦ୍ୟରେ ପଡିବା ମାତ୍ରେ ବିଷାକ୍ତ ହୋଇଯାଏ, ଯାହା ଶରୀରକୁ ହାନି ପହଞ୍ଚାଏ। ମାତ୍ର ଅନ୍ୟ ସାପ ରାଗିଲେ ଏକ ତରଳ ବିଷ ନିର୍ଗତ ହୁଏ। ଚୋଟ ମାରିଲେ ବିଷ ଶରୀରରେ ପ୍ରବେଶ କରି କ୍ଷତି ଘଟାଇଥାଏ। ସାଧାରଣତଃ ରନ୍ଧା ହୋଇଥିବା ବିଷାକ୍ତ ସାପ ଖାଇବାକୁ ନିରାପଦ ବୋଲି ବିବେଚନା କରାଯାଏ। କାରଣ ରନ୍ଧା ହେଲେ ପାକସ୍ଥଳୀ ଏସିଡ୍ ଦ୍ୱାରା ବିଷ(ପ୍ରୋଟିନ୍) ନଷ୍ଟ ହୋଇଯାଏ। ତଥାପି ଯଦି ପାଟି, ଗଳା କିମ୍ବା ପେଟରେ କୌଣସି ଘା କିମ୍ବା କ୍ଷତ ଥାଏ, ତେବେ ବିଷ ରକ୍ତ ପ୍ରବାହରେ ମିଶି ମାରାତ୍ମକ ହୋଇପାରେ। ସାପର ବିଷ ଗ୍ରନ୍ଥି ଦ୍ୱାରା ଉତ୍ପାଦିତ ହୁଏ ଏବଂ ସାପର ମୁଣ୍ଡ ପଛପଟ ଆଖି ପଛରେ ଥିବା ଆଲଭିଓଲିରେ ସଂରକ୍ଷିତ ହୁଏ। ବିଷ କେବଳ ଏହି ସ୍ଥାନରେ ରହିଥାଏ। ବିଷ ସାପର ଶିରା ମାଧ୍ୟମରେ କିମ୍ବା ତାର ମାଂସପେଶୀ (ମାଂସ) ମାଧ୍ୟମରେ ପ୍ରବାହିତ ହୁଏ ନାହିଁ। ଯଦି ସାପ ମୁଣ୍ଡ କାଟି ଦିଆଯାଏ ତେବେ ଏହା ଖାଇବା ପାଇଁ ନିରାପଦ ହେବ। ଯଦି ମୁଣ୍ଡକୁ ଖାଇବେ ଏହା କ୍ଷତିକାରକ ବୋଲି ସେ କହିଛନ୍ତି।

# ପିଟୁ କାରଖାନାରେ ଅଗ୍ନିକାଣ୍ଡ


ପିଟୁ କାରଖାନାରେ ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ଅଗ୍ନିଶମ ବାହିନୀ ପ୍ରୟାସ କରୁଛନ୍ତି।

ସମ୍ବଲପୁର, ୧୯।୩ (ପ୍ରମୋଦ ବହିଦାର)

ସମ୍ବଲପୁର ସହର ଉପକଣ୍ଠ ସଦର ଥାନା ଅନ୍ତର୍ଗତ ଜୟନ୍ତପୁରଠାରେ ଥିବା 'ଅଗ୍ରୱାଲ ରସାୟନ' ନାମକ ଏକ ପିଟୁ କାରଖାନାରେ ଗୁରୁବାର ସକାଳ ପ୍ରାୟ ୮ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କାରଖାନାର ବହୁ ସମ୍ପତ୍ତି ନଷ୍ଟ ହୋଇଛି। କାରଖାନାର ଏକ ସାମ୍ପଲ ଭାଲ୍ଭରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗରମ ପିଟୁ ଉଚ୍ଛୁଳି ବାହାରେ ପଡ଼ିଥିଲା। ଏହା ସଂସ୍ପର୍ଶରେ ଆସି ନିକଟରେ ଥିବା ଅନ୍ୟ ଦହନଶୀଳ ସାମଗ୍ରୀ ଓ ଫର୍ନେସ୍ ଅଏଲ୍ରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁ ବ୍ୟାପିଯାଇ ସମଗ୍ର ଅଞ୍ଚଳ କଳାଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। କାରଖାନା କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ସମ୍ବଲପୁର ଅଗ୍ନିଶମ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ରାଉଳଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁର ପ୍ରକୋପ ଅଧିକ ଥିବାରୁ ସମ୍ବଲପୁରର ଦୁଇଟି ଦମକଳ ଗାଡ଼ି ସହ ମାନେଶ୍ୱର ଅଗ୍ନିଶମ କେନ୍ଦ୍ର ଓ ଫାୟାର ଷ୍ଟ୍ରାଇକିଂ ଫୋର୍ସ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ପିଟୁ ଓ ତେଲଜନିତ ନିଆଁକୁ ଆୟତ୍ତ କରିବା ଅଗ୍ନିଶମ ବାହିନୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। ମାତ୍ର ଅଗ୍ନିଶମ ବାହିନୀ 'ଫୋମ୍ ମେକାନିଜମ୍'ର ଉପଯୋଗରେ ପ୍ରାୟ ୨ଘଣ୍ଟା ପରେ ନିଆଁକୁ ଆୟତ୍ତ କରିପାରିଥିଲେ ବୋଲି ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ରାଉଳ କହିଛନ୍ତି। ତେବେ କାରଖାନା ନାମରେ ବୈଧ ଅଗ୍ନିଶମ ସାର୍ଟିଫକେଟ୍(ଏଫ୍ଏସ୍ସି) ନ ଥିବାରୁ ବିଭାଗ ପକ୍ଷରୁ ପୂର୍ବରୁ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି। ତେବେ କାରଖାନା ପ୍ରବନ୍ଧକ ମାନସ ଦେହୁରୀ ଏଫ୍ଏସ୍ସି ଥିବା କହିଛନ୍ତି।

## ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

ପାପଡ଼ାହାଣ୍ଡି, ୧୯।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଖର୍କିଆଗୁଡ଼ା ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ସଂଗ୍ରାମ ଯାନୀ। ସୂଚନାନୁଯାୟୀ ଖର୍କିଆଗୁଡ଼ା ଗ୍ରାମର ସଂଗ୍ରାମ ଛେଳି ଚୋରାଇବା ପାଇ ଗାଁ ନିକଟସ୍ଥ ଖାଲି ପଡ଼ିଆକୁ ଯାଇଥିଲେ। ଛେଳି ଚରାଇବା ସମୟରେ ମହୁମାଛି ହଠାତ ଆତର୍କିତ ଆକ୍ରମଣ କରିଥିଲେ। ସଂଗ୍ରାମ ପାଟି କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ଡାବୁଗାଁ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

# ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ସମୟ ସୀମା ବୃଦ୍ଧି

ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)

କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ(ସିପିଇଟି) ପାଇଁ ଆବେଦନ ସମୟ ସୀମା ବୃଦ୍ଧି କରାଯାଇଛି। ଆଗ୍ରହୀ ଛାତ୍ରୀଛାତ୍ର ମାର୍ଚ୍ଚ ୨୨ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ କମନ ଆପ୍ଲିକେଶନ ଫର୍ମ ପୂରଣ କରି ଆବେଦନ କରିପାରିବେ। ପୂର୍ବରୁ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଲାଗି ମାର୍ଚ୍ଚ ୧୮ ଶେଷ ତାରିଖ ରହିଥିଲା। କିନ୍ତୁ ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆବେଦନ ସମୟସୀମା ବୃଦ୍ଧି କରାଯାଇଛି ବୋଲି ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମ ଲେଖାଇବା ଲାଗି ଛାତ୍ରୀଛାତ୍ରଙ୍କୁ ସିପିଇଟି ଦେବାକୁ ପଡ଼ିବ। ସିପିଇଟି ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଠିକ୍ ସମୟରେ ସ୍ନାତକୋତ୍ତର ପାଠପଢ଼ା ଶେଷ କରାଯାଇ ଠିକ ସମୟରେ ପରୀକ୍ଷା ସହ ଫଳାଫଳ ଘୋଷଣା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି।

# ବସ୍-ବୁଲେଟ ଧକ୍କା, ୩ ସାଙ୍ଗ ମୃତ

ବ୍ରହ୍ମପୁର, ୧୯।୩ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ ପାଟପଲ୍ଲୀ ଛକ ନିକଟ ବୁଲାଣି ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ସରକାରୀ ବସ୍ ଓ ବୁଲେଟ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବାଣିଆକାଠି ଗ୍ରାମର ଶଙ୍କର ଗୌଡ଼(୨୨), ଚିଲୁ ଗୌଡ଼ (୨୦) ଓ ସିଲୁ ମୁଳି (୨୧)। ୩ ସାଙ୍ଗ ନମ୍ବରବିହୀନ ଏକ ବୁଲେଟ୍ରେ ଫେରୁଥିବା ବେଳେ ସରକାରୀ ବସ (ନଂ. ଓଡି ଏଟି ୯୫୧୫) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ବୁଲେଟ ଆରୋହୀ ୩ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ ଓ ବୁଲେଟ୍କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ବସ ଚାଳକଙ୍କୁ ଅଟକ ରଖି ଜେରା କରାଯାଉଥିବା ଥାନାଧିକାରୀ ସୁନୀଲ ପ୍ରଧାନ ସୂଚନା ଦେଇଛନ୍ତି।

# ଜଗତ୍ସିଂହପୁରରେ ନର୍ସିଂ କଲେଜ ପ୍ରତିଷ୍ଠା ଦାବିକଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)

ବର୍ତ୍ତମାନ ସମୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଚାହିଦା ବଢ଼ିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଜଗତ୍ସିଂହପୁର ଜିଲାରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସେ ଚିଠି ଲେଖିଛନ୍ତି। ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲ, କ୍ଲିନିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ତାଲିମପ୍ରାପ୍ତ ନର୍ସଙ୍କର ଆବଶ୍ୟକତା ରହିଛି। ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦକ୍ଷ ଓ ସେବା ମନୋବୃତ୍ତି ରଖୁଥିବା ପେସାଦାର ନର୍ସ ପ୍ରସ୍ତୁତ କରିଥାଏ ନର୍ସିଂ କଲେଜ। ଏହା ରୋଗୀଙ୍କର ଠିକ୍ ଭାବେ ଯତ୍ନ ନେବା ଓ ଡାକ୍ତରଙ୍କୁ ସହାୟତା କରିବା ନେଇ ପ୍ରଶିକ୍ଷଣ ଦେଇଥାଏ। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ସହ ହସ୍ପିଟାଲ ଉପରୁ ଚାପ ହ୍ରାସ କରିବାରେ ସହାୟକ ହୋଇଥାଏ। ଜଗତ୍ସିଂହପୁରରେ ଜନସଂଖ୍ୟା ବଢୁଥିବା ବେଳେ ବର୍ଦ୍ଧିତ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ନର୍ସିଂ କଲେଜର ଆବଶ୍ୟକତା ରହିଛି। ଦୀର୍ଘଦିନ ଧରି ଜଗତ୍ସିଂହପୁର ଜିଲାବାସୀ ଏକ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି। ତେଣୁ ଜିଲାବାସୀଙ୍କ ଶିକ୍ଷାଗତ ଆଶା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ବିଚାର କରି ଏଦିଗରେ ଯଥାଶୀଘ୍ର ହସ୍ତକ୍ଷେପ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି।

## ଶନିବାର ପାଳନ ହେବ ଇଦ୍

ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)

ଇସ୍ଲାମର ସବୁଠାରୁ ପବିତ୍ର ଓ ଆନନ୍ଦଦାୟକ ପର୍ବ 'ଇଦ୍ ଉଲ୍ ଫିତର' ପାଇଁ ସାରା ବିଶ୍ୱରେ ଉତ୍ସବ ଆରମ୍ଭ ହୋଇଯାଇଛି। ଶୁକ୍ରବାର ରମ୍ଜାନ ମାସର ଶେଷ ଦିନ। ହେଲେ ଗୁରୁବାର ରାଜ୍ୟର କୌଣସି ସ୍ଥାନରେ ଚନ୍ଦ୍ର ଦେଖାଯାଇ ନ ଥିବାରୁ ଶୁକ୍ରବାର ପରିବର୍ତ୍ତେ ଶନିବାର ଇଦ୍ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଭୁବନେଶ୍ୱର ୟୁନିଟ୍-୪ ଜାମା ମସ୍ଜିଦ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଭୋଟର ତାଲିକା ସଂଶୋଧନରେ ଅବହେଳା: ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ (ବିଏମ୍ସି) ପକ୍ଷରୁ ଜାରି ଆଦେଶ ଅନୁଯାୟୀ, ଜିଲା ନିର୍ବାଚନ ଅଧିକାରୀ ତଥା ବିଏମ୍ସି କମିଶନର ଚଞ୍ଚଳ ରାଣା ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଧାରା ୩୨(୧) ଆଧାରରେ ଚନ୍ଦ୍ରଶେଖରପୁର ଫେଜ-୨ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରଶ୍ମି ସାହୁଙ୍କୁ ଗୁରୁବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ସେ କୌଣସି ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଏବଂ ନିୟମାନୁସାରେ ଭତ୍ତା ପାଇବେ ବୋଲି ଆଦେଶରେ ଉଲ୍ଲେଖ ରହିଛି।

# ଟ୍ରକକୁ ଧକ୍କା ଦେଇ ଡିଭାଇଡରରେ ପିଟି ହେଲା ଆଳୁ ବୋଝେଇ ଟ୍ରକ, ୨ ମୃତ


ଦୁର୍ଘଟଣାଗ୍ରସ୍ତ ଆଳୁ ବୋଝେଇ ଟ୍ରକ।

ସୋର, ୧୯।୩ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ତଳନଗର ପୋଲ ଉପରେ ଏକ ଆଳୁ ବୋଝେଇ ଟ୍ରକ ଅନ୍ୟ ଏକ ଟ୍ରକ୍କୁ ଧକ୍କା ଦେଇ ଡିଭାଇଡର ପିଟି ହୋଇଯିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଗୁରବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଛି। ଏହି ଆଳୁ ବୋଝେଇ ଟ୍ରକ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ତଳନଗର ନିକଟରେ ଧକ୍କା ଦେବା ପରେ ଟ୍ରକ ଚାଳକ ଓ ହେଲପର ଆଳୁବସ୍ତା ସହ ପୋଲ ତଳକୁ ଖସି ଚାପିହୋଇ ରହିଥିଲେ। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଓ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୀର୍ଘସମୟ ପରେ ଉଭୟଙ୍କୁ ଉଦ୍ଧାର କରି ସୋର ଆଣିଥିଲେ। ସେଠାରେ ଡାକ୍ତର ଟ୍ରକ ଚାଳକ କାଲୁ ରାୟ ଓ ହେଲପର ପ୍ରସନ୍ନଜିତ ସିଂଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରୁ ଗାଡି ୨ଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଉଭୟ ମୃତକଙ୍କ ପରିବାର ଲୋକେ ପହଞ୍ଚି ନ ଥିବାରୁ ଶବ ବ୍ୟବଚ୍ଛେଦ ନ ହୋଇ ସଂରକ୍ଷଣ ଗୃହରେ ରଖାଯାଇଛି।

## ଅବଶିଷ୍ଟାଂଶ

### କାତାର ଏଲ୍ଏନ୍ଜି ପ୍ଲାଣ୍ଟ ...

ଇରାନର ଆକ୍ରମଣ ପରେ ହୋଇଥିବା କ୍ଷୟକ୍ଷତିକୁ ଏନର୍ଜି ଫାର୍ମ ସେଲ୍ ଆକଳନ କରୁଛି। କାତାର ଏନର୍ଜୀ ସହ ସେଲ୍ ମିଳିତ ଭାବେ ପିଅର୍ଲ ଜିଟିଏଲ୍ ଏବଂ ରାସ୍ ଲାଫାନ ସହରରେ ଥିବା ଗ୍ୟାସ୍ ପ୍ଲାଣ୍ଟର କ୍ଷତିକୁ ଅନୁଧ୍ୟାନ କରୁଛି।

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ଚେତାବନୀ ଦେଇଛନ୍ତି। ସେ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ କ୍ରୋଧରେ ଇସ୍ରାଏଲ୍ ହିଂସ୍ର ଭାବରେ ସାଉଥ୍ ପାର୍ସ ଫାସିଲିଟି ଉପରେ ଆକ୍ରମଣ କରିଛି। ଏହି ଆକ୍ରମଣ ସହ କାତାରର କୌଣସି ସମ୍ପର୍କ ନାହିଁ। ଏହା ସତ୍ତ୍ୱେ ତେହରାନ୍ ଏହାର ବିଭିନ୍ନ ତୈଳ ଓ ଗ୍ୟାସ୍ ପ୍ଲାଣ୍ଟ ଉପରେ ଆକ୍ରମଣ କରିଛି। ଇରାନ ଏଭଳି କାର୍ଯ୍ୟ ଜାରି ରଖିଲେ ଏହାର ତୈଳ ଓ ଗ୍ୟାସ୍ ଫାସିଲିଟିଗୁଡ଼ିକ ଉପରେ ଆହୁରି ଜୋର୍ଦାର ଆକ୍ରମଣ ହେବ ବୋଲି ଟ୍ରମ୍ପ୍ କହିଛନ୍ତି।

ମଧ୍ୟପ୍ରାଚ୍ୟର ପ୍ରମୁଖ ଶକ୍ତି ଉତ୍ପାଦନକାରୀ ଅଞ୍ଚଳ ଏବଂ ଜଳପଥରେ ଭୟଙ୍କର ଯୁଦ୍ଧ ଲାଗିରହିଥିବାରୁ ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧିକୁ ନେଇ ୟୁରୋପୀୟ ସଂଘ (ଇୟୁ)ର ନେତାମାନେ ଗୁରୁବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅବରୋଧ ହୋଇଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍କୁ ସୈନ୍ୟ ପଠାଇବା ପାଇଁ ପୂର୍ବରୁ ଟ୍ରମ୍ପ୍ କରିଥିବା ଅନୁରୋଧକୁ ଅଧିକାଂଶ ଇୟୁ ନେତା ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଯୁଦ୍ଧ ଯୋଗୁ ନୂଆ ଶରଣାର୍ଥୀ ସଙ୍କଟ ସୃଷ୍ଟି ହେବାକୁ ଯାଉଥିବା ୟୁରୋପ ଆଶଙ୍କା ପ୍ରକଟ କରିଛି। ୟୁରୋପୀୟ ସଂଘ ରାଷ୍ଟ୍ରଗୁଡ଼ିକର ୨୭ ଜଣ ନେତାଙ୍କ ବୈଠକ ପୂର୍ବରୁ ଶକ୍ତି ସଙ୍କଟକୁ ନେଇ ବେଲ୍ଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡେ ୱେଭର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯୁଦ୍ଧ ପୂର୍ବରୁ ତୈଳ ଦର ଅଧିକ ରହିଥିବାବେଳେ ଏବେ ତାହା ଅତ୍ୟଧିକ ବୃଦ୍ଧି ପାଇଥିବାରୁ ଏହା ସମସ୍ତଙ୍କୁ ବହୁ ଅସୁବିଧାରେ ପକାଇବ ବୋଲି ସେ କହିଛନ୍ତି। ଇନ୍ଧନ ସମସ୍ୟାର ସମାଧାନ ପାଇଁ କେତେକ ପଦକ୍ଷେପ ନେବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ଏହା ଉପରେ ଆଲୋଚନା ପାଇଁ ୟୁରୋପୀୟ କମିଶନ ନେତାମାନଙ୍କୁ କହିଛନ୍ତି। ପବିତ୍ର ରମ୍ଜାନ ମାସରେ ମଧ୍ୟପ୍ରାଚ୍ୟରେ ଇଦ୍ ପାଳନ ହେବାକୁ ଯାଉଥିବାବେଳେ ଯୁଦ୍ଧବିରତି ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଆହ୍ୱାନ ଦେଇଛନ୍ତି।

ଯୁଦ୍ଧ ଯୋଗୁ ଭାରତକୁ ଏଲ୍ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଥିବାବେଳେ କାତାର ଗ୍ୟାସ୍ ପ୍ଲାଣ୍ଟ ଉପରେ ଆକ୍ରମଣ ଭାରତ ପାଇଁ ଆହୁରି ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଫ୍ରାନ୍ସ ରାଷ୍ଟ୍ରପତି ମାକରଁ, ଓମାନ୍ ସୁଲ୍ତାନ ହୈଥାମ୍ ବିନ୍ ତାରିକ୍ ଏବଂ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଯୁଦ୍ଧ ବନ୍ଦ କରିବା ସହ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ମୁକ୍ତ ଓ ନିରାପଦ ଜାହାଜ ଚଳାଚଳର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଉତ୍ତେଜନା ବନ୍ଦ କରି ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଲାଗି ଆଲୋଚନା ଓ କୂଟନୈତିକ ସ୍ତରରେ ଉଦ୍ୟମକୁ ପ୍ରାଥମିକତା ଦେବା ଉପରେ ସବୁ ନେତା ସହମତ ହୋଇଥିବା ମୋଦି କହିଛନ୍ତି।

### 'ଶକ୍ତି ତଥ୍ୟ' ଏବେ ...

ବ୍ୟାରେଲ ପିଛା ପ୍ରାୟ ୧୧୫ ଆମେରିକୀୟ ଡଲାର ଅତିକ୍ରମ କରିଛି। ଯୁଦ୍ଧ ବନ୍ଦ ହେବା ଏବଂ ତୈଳ ଓ ଗ୍ୟାସ୍ ପରିବହନ ସ୍ୱାଭାବିକ ହେବାରେ ଅନିଶ୍ଚିତତା ରହିଥିବାରୁ ବିଶାଳ ଉପଭୋକ୍ତା ବଜାର ଭାରତ ପାଇଁ ଚିନ୍ତା ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଦେଶର ତୈଳ ଓ ଗ୍ୟାସ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବା 'ଶକ୍ତି ତଥ୍ୟ'କୁ ଏବେ 'ରାଷ୍ଟ୍ରୀୟ ସୁରକ୍ଷା' ବର୍ଗରେ ସାମିଲ କରାଯାଇଛି। ତଦନୁଯାୟୀ ଏଣିକି ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ସରକାରୀ ଓ ଘରୋଇ କମ୍ପାନୀ ସେମାନଙ୍କର ପ୍ରତିଦିନର ବ୍ୟବସାୟିକ କାର୍ଯ୍ୟକଳାପ ସରକାରଙ୍କୁ ଜଣାଇବାକୁ ବାଧ୍ୟ। ଏହାଦ୍ୱାରା ସରକାର ଷ୍ଟକ୍ ବିଷୟରେ ସବୁକଥା ଜାଣି ତଦନୁଯାୟୀ ପଦକ୍ଷେପ ନେଇପାରିବେ।

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁ ଯେଉଁଭଳି ଭାବେ ଗ୍ୟାସ୍ ଏବଂ ଏଲ୍ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି, ତାହାକୁ ଦୃଷ୍ଟିରେ ରଖି ଭାରତ ସରକାର ଦେଶର ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ଜାରି ହୋଇଥିବା ଏକ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଶକ୍ତି ତଥ୍ୟକୁ ରାଷ୍ଟ୍ରୀୟ ସୁରକ୍ଷାର ମାନ୍ୟତା ଦିଆଯାଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଜାରି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ନିୟୋଜିତ ଥିବା ରିଫାଇନର୍ସ, ଏଲ୍ଏନ୍ଜି ଇମ୍ପୋର୍ଟର୍ସ, ପାଇପ୍ଲାଇନ୍ ଅପରେଟର୍ସ ଆଦି ସରକାରୀ ଏବଂ ଘରୋଇ କମ୍ପାନୀ ନିଜର ପ୍ରତିଦିନର ତଥ୍ୟ ସରକାରଙ୍କୁ ଦେବାକୁ ବାଧ୍ୟ। ଏଥିରେ ସେମାନଙ୍କର ଉତ୍ପାଦନ, ଆମଦାନୀ, ଷ୍ଟକ୍ ଏବଂ ବ୍ୟବହାରର ସବିଶେଷ ବିବରଣୀ ରହିବ। ସରକାର 'ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ସେଲ୍' (ପିପିଏସି)କୁ ଏହି ସମସ୍ତ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କରିବାକୁ ଦାୟିତ୍ୱ ଦେଇଛନ୍ତି।

କମ୍ପାନୀଗୁଡ଼ିକ ପୂର୍ବରୁ ଅନେକ ତଥ୍ୟକୁ 'ବ୍ୟବସାୟିକ ଗୋପନୀୟତା' କହି ପ୍ରକାଶ କରୁ ନ ଥିଲେ। ମାତ୍ର ସରକାରଙ୍କ ଏହି ନୂଆ ନିର୍ଦ୍ଦେଶ 'ପେଟ୍ରୋଲିୟମ୍ ଆଣ୍ଡ୍ ନାଚୁରାଲ ଗ୍ୟାସ୍ ଅର୍ଡର-୨୦୨୬' ସେହି ସବୁ ପୁରୁଣା ଚୁକ୍ତିକୁ ରଦ୍ଦ କରିଦେଇଛି। କୌଣସି କମ୍ପାନୀ ତଥ୍ୟ ଦେବାକୁ ମନା କରିପାରିବେ ନାହିଁ। ଭାରତ ୮୮% ଅଶୋଧିତ ତୈଳ ଏବଂ ୫୦% ପ୍ରାକୃତିକ ଗ୍ୟାସ୍ ପାଇଁ ବିଦେଶ ଉପରେ ନିର୍ଭର କରେ। ଯୁଦ୍ଧ ଯୋଗୁ ହର୍ମୁଜ ପ୍ରଣାଳୀ ଦେଇ ଯୋଗାଣ ପ୍ରାୟତଃ ବନ୍ଦ ହୋଇଥିବାରୁ ଭାରତର ଏଲ୍ପିଜି ଏବଂ ଅନ୍ୟାନ୍ୟ ଗ୍ୟାସ ଯୋଗାଣରେ ବଡ଼ ଅଭାବ ଦେଖାଦେଇଛି। ବିକଳ୍ପ ଭାବେ ତୈଳ ପାଇଁ ଭାରତ ରୁଷିଆ, ଆମେରିକା, ପଶ୍ଚିମ ଆଫ୍ରିକା ଏବଂ ଲାଟିନ ଆମେରିକା ଉପରେ ନିର୍ଭର କରୁଥିଲେ ମଧ୍ୟ ଗ୍ୟାସ୍ କ୍ଷେତ୍ରରେ ଏବେ ବି ସମସ୍ୟା ରହିଛି। ଏଭଳିସ୍ଥଳେ ଏକ 'ରିଅଲ୍-ଟାଇମ୍ ଡାଟା ଫ୍ରେମ୍ୱର୍କ' ରହୁ ବୋଲି ଭାରତ ସରକାର ଚାହୁଁଛନ୍ତି। ଯଦ୍ୱାରା ଯୋଗାଣ ବନ୍ଦ ହେଲେ ତୁରନ୍ତ ପଦକ୍ଷେପ ନିଆଯାଇପାରିବ। ବିଶେଷକରି ଶକ୍ତି, ସାର, ଘରୋଇ ଏଲ୍ପିଜି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇପାରିବ। ଦେଶରେ କେତେ ଷ୍ଟକ୍ ଅଛି, ତାହା ସରକାରଙ୍କୁ ଠିକ୍ ଭାବେ ଜଣାପଡ଼ିବ। ଏହି ପଦକ୍ଷେପ ଦ୍ୱାରା ଭାରତର ଏନର୍ଜି ସିକ୍ୟୁରିଟି ବା ଶକ୍ତି ସୁରକ୍ଷା ମଜଭୁତ ହେବ ବୋଲି ଆଶା କରାଯାଉଛି। ସୂଚନାଥାଉ କି, ଚାଇନା ଭଳି ଭାରତ ଏପର୍ଯ୍ୟନ୍ତ ରପ୍ତାନି ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇ ନାହିଁ। କିନ୍ତୁ ଶକ୍ତି ତଥ୍ୟ ଆଧାରରେ ସରକାର ଭବିଷ୍ୟତରେ 'ଟାର୍ଗେଟେଡ୍ ଇଣ୍ଟରଭେନଶନ' ବା ଲକ୍ଷ୍ୟଭିତ୍ତିକ ହସ୍ତକ୍ଷେପ କରିପାରିବେ। ରପ୍ତାନି କଟକଣା ଲାଗିଲେ, ବିଶ୍ୱର ସବୁଠାରୁ ବଡ଼ ରିଫାଇନିଂ କମ୍ପ୍ଲେକ୍ସ ଚଳାଉଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଉପରେ ଏହାର ବଡ଼ ପ୍ରଭାବ ପଡ଼ିବା ସମ୍ଭାବନା ରହିଛି।

### ଜଙ୍ଗଲରେ କଲେଜ ...

ସେମାନଙ୍କଠାରୁ ପ୍ରାୟ ୭ହଜାର ଟଙ୍କା ଖର୍ଚ୍ଚ କରି କାମାକ୍ଷାନଗରରୁ ଢେଙ୍କାନାଳ ଓ ଢେଙ୍କାନାଳରୁ କଟକ ପଠାଯାଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ମହାପ୍ରୟାଣ ଯୋଜନାରେ ଗାଡ଼ି ଥିବାବେଳେ ମଧ୍ୟ ଏହାର ସୁବିଧା ପାଇବାରୁ ଛାତ୍ରୀଙ୍କ ପରିବାରକୁ ବଞ୍ଚିତ କରାଯାଇଛି।

ସୂଚନା ଅନୁସାରେ, ଅଙ୍କିତାଙ୍କ ଘର ଭୁବନ ଥାନା ମାର୍ଥାପୁର ଅଞ୍ଚଳରେ ହୋଇଥିବା ବେଳେ ସେ ଅଜା ଘରେ ରହି କାମାକ୍ଷାନଗର ମହିଳା ମହାବିଦ୍ୟାଳୟରେ ପଢୁଥିଲେ। ସେ ବୁଧବାର ପରୀକ୍ଷା ଦେବା ପାଇଁ କଲେଜ ଯାଇଥିଲେ। ପରୀକ୍ଷା ସରିବା ପରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଗୁରୁବାର ସକାଳେ ଅଙ୍କିତାଙ୍କ ମୃତଦେହ ସାରୁଆଳି ଜଙ୍ଗଲ ଭିତରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଛାତ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଢେଙ୍କାନାଳ ଏସ୍ପି ଅଭିନବ ସୋନ୍କର, କାମାକ୍ଷାନଗର ଏସ୍ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲିକ, ଡଗ୍ ସ୍କ୍ୱାଡ୍ ଏବଂ ଜିଲା ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାର ଓ ସମ୍ପର୍କୀୟ ଛାତ୍ରୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଫାଶୀଦଣ୍ଡ ଦେବା ପାଇଁ ଦାବି କରିଛନ୍ତି। କାମାକ୍ଷାନଗର ପୋଲିସ ବିଏନ୍ଏସ୍ ଦଫା ୧୦୩(୧)ରେ ଏକ ମାମଲା(ନଂ. ୧୯୧/୨୬) ରୁଜୁ କରିଛି। ଢେଙ୍କାନାଳ ଏସ୍ପି ସୋନ୍କର କହିଛନ୍ତି, ପୋଲିସ ତରଫରୁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି । ଖୁବ୍ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର କହିଛନ୍ତି, ଯେହେତୁ ଏହା ଏକ ଜଟିଳ ମାମଲା, ତେଣୁ ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ କାମାକ୍ଷାନଗର କିମ୍ବା ଢେଙ୍କାନାଳରେ ହୋଇପାରିବ ନାହିଁ। ଆମ ଡାକ୍ତରଙ୍କ ଉପସ୍ଥିତିରେ କଟକସ୍ଥିତ ଫୋରେନ୍ସିକ୍ ମେଡିସିନ ଟକ୍ସିକୋଲୋଜି(ଏଫ୍ଏମ୍ଟି)ରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଯଦି ମୃତ ଛାତ୍ରୀଙ୍କ ପରିବାର କଟକ ଯିବା ପାଇଁ କୌଣସି ଆମ୍ବୁଲାନ୍ସକୁ ନିଜ ପକ୍ଷରୁ ଦେୟ ପ୍ରଦାନ କରିଛନ୍ତି, ତେବେ ଆମକୁ ଜଣାଇଲେ ଆମେ ତାଙ୍କୁ ଉକ୍ତ ଦେୟ ଫେରସ୍ତ କରିବୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଆଇଏଫ୍‌ଏଫ୍-ଫିଫା ଏକାଡେମୀ ବାଦ୍‌ପଡ଼ିଲା

**ନୂଆଦିଲ୍ଲୀ, ୧୯।୩**

ଫିଫାର ଗ୍ଲୋବାଲ ଫୁଟ୍‌ବଲ ଡେଭଲପ୍‌ମେଣ୍ଟ ମୁଖ୍ୟ ଆର୍ସେନି ୱେଙ୍ଗରଙ୍କ ଦ୍ୱାରା ୨୦୨୩ ନଭେମ୍ବର ୨୩ରେ ଲଞ୍ଚ୍ କରାଯାଇଥିବା ଏଆଇଏଫ୍‌ଏଫ୍ ଟ୍ୟାଲେଣ୍ଟ ଏକାଡେମୀ, ଓଡ଼ିଶା ଏହାର ନିଜସ୍ୱ ନିୟମାବଳୀର ଧାରା ୯.୧ର ଉଲ୍ଲଂଘନ କରିଛି। ଫଳତଃ ଏହାକୁ ୧୮ବର୍ଷରୁ କମ୍ ଏଲିଟ୍ ୟୁଥ୍ ଲିଗ୍‌ରେ ଅଂଶଗ୍ରହଣରୁ ବାରଣ କରାଯାଇଛି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘର ଏହି ପ୍ରିମିୟର ଟ୍ୟାଲେଣ୍ଟ ଏକାଡେମୀ ଖେଳାଳିମାନଙ୍କ ବୟସ ଜାଲିଆତି କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ଏହି ଅଭିଯୋଗ ମିନର୍ଭା ପଞ୍ଜାବ ଏକାଡେମୀ ତରଫରୁ କରାଯାଇଥିଲା। ଏଆଇଏଫ୍‌ଏଫ୍‌ର ୪ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ଅଭିଯୋଗର ବିଚାର କରିଥିଲା। ମିନର୍ଭାର ଅଭିଯୋଗ ଥିଲା ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ଦ୍ୱାରା ମନୋନୀତ ଦଳରେ ୫ଜଣରୁ ଅଧିକ ଖେଳାଳି ଥିଲେ, ଯେଉଁମାନେ ୧୬ ବର୍ଷରୁ କମ୍ ଟିଡବ୍ଲ୍ୟୁ୩ ଟେଷ୍ଟ (ବୋନ୍ ଡେନ୍‌ସିଟି ଟେଷ୍ଟ)ରେ ବିଫଳ ହୋଇଥିଲେ। ୨୦୨୫ ସେପ୍ଟେମ୍ବର ୧୮ରେ କ୍ଲବଗୁଡ଼ିକ ନିକଟକୁ ଏକ ସର୍କୁଲାର ପଠାଯାଇଥିଲା। ଏଥିରେ ଉଲ୍ଲେଖଥିଲା ଟିଡବ୍ଲ୍ୟୁ୩ ଟେଷ୍ଟରେ ଯଦି କୌଣସି ଖେଳାଳିଙ୍କ ବୟସ ୧୬.୨ରୁ ଅଧିକ ଥିବା ଦେଖାଯାଏ ତେବେ ସେ ୧୬ ବର୍ଷରୁ କମ୍ କାଟେଗୋରୀରେ ଅଂଶଗ୍ରହଣରୁ ବଞ୍ଚିତ ହେବେ। ୧୬ବର୍ଷରୁ କମ୍ ଟିଡବ୍ଲ୍ୟୁ୩ ଟେଷ୍ଟରେ ବିଫଳ ହୋଇଥିବା ୩ଜଣ ଖେଳାଳିଙ୍କୁ ଏକ ୧୮ବର୍ଷରୁ କମ୍ ଦଳରେ ସାମିଲ କରାଯାଇଥାଇପାରେ।





ଫିଫାର ଚିଫ୍ ଅଫ୍ ଗ୍ଲୋବାଲ ଫୁଟ୍‌ବଲ ଡେଭଲପମେଣ୍ଟଆର୍ସେନି ୱେଙ୍ଗର ଏବଂ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ।

## ୧୮ ବର୍ଷରୁ କମ୍ ୟୁଥ୍ ଲିଗ୍

# ଆସନ୍ତାବର୍ଷ ଅକ୍ଟୋବରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା

**ନୂଆଦିଲ୍ଲୀ, ୧୯।୩ (ପି.ଟି.)**

ରାଜ୍ୟ ଗୋଷ୍ଠୀ କ୍ରୀଡ଼ାର ୮ମ ସଂସ୍କରଣ ଆସନ୍ତାବର୍ଷ ଅକ୍ଟୋବର ୨୯ରୁ ନଭେମ୍ବର ୪ ମାଲ୍‌ଟା ଓ ଗୋଜୋରେ ହେବ। ଉଦ୍‌ଘାଟନୀ ଅକ୍ଟୋବର ୨୯ରେ, ଏହାପଛକୁ ୩୦ରୁ ନଭେମ୍ବର ୪ ପର୍ଯ୍ୟନ୍ତ ୬ଦିନ ଆକ୍‌ଶନରେ ଭରପୂର କ୍ରୀଡ଼ା କାର୍ଯ୍ୟକ୍ରମ ହେବ। ସୁଇମିଂ ଓ ପାରା ସୁଇମିଂ, ଆଥ୍‌ଲେଟିକ୍ସ ଓ ପାରା ଆଥ୍‌ଲେଟିକ୍ସ, ନେଟବଲ୍, ସେଲିଂ ସ୍କ୍ୱାଶ, ଟାଇଥଲନ, ୱାଟର ପୋଲୋ ଏବଂ ୱେଟ୍‌ଲିଫ୍ଟିଂ ଭଳି ୮ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେଲିଂ ଓ ୱାଟରପୋଲାକୁ ପ୍ରଥମଥର ସାମିଲ କରାଯାଇଛି।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**√ ବଂଶୀଧର ପାତ୍ର**
ହାତୀଶାଳସାହି, ଦେବଗଡ଼
ଆବିର୍ଭାବ- ୦୩।୦୫।୧୯୭୬
ତିରୋଧାନ- ୨୦।୦୩।୨୦୨୪

ତୁମେ ଆମମାନଙ୍କୁ ଅଚାନକ ଛାଡ଼ି ଚାଲିଗଲ। ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସବୁଦିନ ପାଇଁ ମନେ ରହିବ। ତୁମ ଅନୁପସ୍ଥିତି ଆମ୍ଭମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଦୁଃଖ ଏବଂ ଯନ୍ତ୍ରଣା ଦେଉଛି। ଆଜି ତୁମର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମେ ଯେଉଁଠି ବି ଥାଅ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମାକୁ ଶାନ୍ତି ଓ ମୁକ୍ତି ପ୍ରଦାନ କରନ୍ତୁ।

ଶୋକସନ୍ତପ୍ତ ପରିବାରବର୍ଗ:- ପତ୍ନୀ- ଗୀତାଞ୍ଜଳି, ପୁଅ- ଚିନ୍ମୟ, ଝିଅ- ସ୍ମିତାରାଣୀ

ଧ-୩୬୯୫

### ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ତ୍ରିଲୋଚନ ସାହୁ**
ପ୍ଲଟ୍ ନଂ.୧୮, ରାଜାରାଣୀ କଲୋନୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୦୯।୦୩।୨୦୨୬
(ସୋମବାର)

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ

ଧ-୭୬୧୦୦

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√ଜଗନ୍ନାଥ ଖୁଣ୍ଟିଆ**
ଆବିର୍ଭାବ: ୦୭.୦୭.୧୯୩୩
ତିରୋଧାନ: ୩୧.୦୩.୨୦୨୫

ଅଟଳା ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ନାୟକ ତଥା ଅଟଳା ରଥଯାତ୍ରାର ରାଜକାର୍ଯ୍ୟ ତୁଲାଉ ଥିବା ଶ୍ରୀଯୁକ୍ତ ଖୁଣ୍ଟିଆ ଏକାଧାରରେ ପରୋପକାରୀ ଓ ସମାଜସେବୀ ରୂପେ ପରିଚିତ ଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ଜାନକୀ, ଲତା, ବିପିନ- ପୁଷ୍ପା, କାହ୍ନା- ଜ୍ୟୋତି, ଭାଇ- ଭାଇବୋହୂ, ଝିଅ-ଜ୍ୱାଇଁ, ଝିଆରୀ- ପୁତୁରା, ଭଣଜା- ଭାଣେଜୀ, ନାତି- ନାତୁଣୀ, ଅଣନାତି-ଅଣନାତୁଣୀ, ଅଟଳା ଗ୍ରାମବାସୀ ବୃନ୍ଦ, ବନ୍ଧୁ ଓ ପରିବାରବର୍ଗ।

ଧ-୧୦୩

# ଏଲ୍‌ଏଲ୍‌ସିସି କପ୍: କ୍ୱାର୍ଟରରେ ପ୍ରଗତି, ସହିଦ ସ୍ପୋର୍ଟିଂ

**ଭୁବନେଶ୍ୱର, ୧୯।୩ (ଅନାଦି କର)**

ସ୍ଥାନୀୟ ଆଇଆରସି ଭିଲେଜରେ ଚାଲିଥିବା ୧୪ ବର୍ଷରୁ କମ୍ କ୍ରିକେଟ ଏଲ୍‌ଏଲ୍‌ସିସି କପ୍ ଟୁର୍ନାମେଣ୍ଟରେ ଗୁରୁବାର ପ୍ରଗତି ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପ୍ରଗତି ୭ ଉଇକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇଥିବା ବେଳେ ସହିଦ ସ୍ପୋର୍ଟିଂ ୭ ଉଇକେଟରେ ବିବିସିଏକୁ ପରାସ୍ତ କରିଛି।

ପ୍ରଥମ ମ୍ୟାଚ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ୨୫ ଓଭରରେ ୭ ଉଇକେଟ ହରାଇ ୧୩୬ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ପଟ୍ଟନାୟକ ୭୬ ରନ କରିଥିବା ବେଳେ ପ୍ରଗତି ସ୍ପୋର୍ଟିଂ ପାଇଁ ଶ୍ରୀରାମ ପ୍ରଧାନ ୩ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୨୧.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଦଳ ୬୮ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ନମନ ଶତପଥିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅତିଥି ଭାବେ ଜାଗୃତି କ୍ରିକେଟ କ୍ଲବର କୋଚ୍ କ୍ଷୀରୋଦ ବେହେରା ଓ ଆଇନଜୀବୀ କାଜଲ ରାଉତ ତାଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିବିସିଏ ୨୩.୨ ଓଭରରେ ୧୨୧ ରନରେ ଅଲଆଉଟ୍ ହୋଇଯାଇଥିଲା। ସହିଦ ସ୍ପୋର୍ଟିଂ ପକ୍ଷରୁ ଆର୍ଯ୍ୟ ମୋରେ ୪ ଓ ଜୟପ୍ରକାଶ ନାଥ ୩ ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୧୩.୨ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପାଇଁ ମୋରେ ୪୨ ଓ ଅଧିନାୟକ ସୂରଜ ଦଳ ୪୪ ରନ କରି ଅପରାଜିତ ଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମୋରେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଛି।







# Classified Everyday
**0674-2580101, 9692975378**



## REAL ESTATE
### SALE

**Land near Balasore Town for Sale. Residential Plot 19 decimals near Harihat in Village SINDHIA near Balighat and 278 decimals all in Village SAHUPADA near BALASORE-Baripada National Highway suitable for farmhouse, apartment, institute. Please contact immediately - 7656861995, 8763744316.** D-75866

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

**DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.** D-248

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

**ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834.** D-3649

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25





All types of physiotherapy and massage contact 9556924059 / 7656969134. D-3668

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Notary Public, Bhubaneswar, Odisha dated- 18.03.2026, I, Sasmita Dash, W/o.- Late Chandra Sekhar Dash, Flat No.- 3R/6, M.I. Colony, Unit- 9 Flat, P.O.- Bhoinagar, P.S.-Saheednagar, Dist.- Khordha, Odisha, PIN-751022 declare that after the marriage my surname got changed from "Satapathy" to "Dash". Both name Sasmita Satapathy & Sasmita Dash is one and same. Hence, I shall be known as Sasmita Dash for all purpose. D-3693

By virtue of an affidavit sworn before Notary Public, Rayagada, dated 16.03.2026, I, LAKSHMI KURSIKA, resident AT- PANGILI, P.O.- KANDHA KHATIPADU, P.S.- K.SINGPUR, Dist.- Rayagada, PIN- 765016 declare that I have changed the name of my daughter from ISHANI HIKAKA to ESWARI KURSIKA. Henceforth, he shall be known as ESWARI KURSIKA for all purposes.

LAKSHMI KURSIKA
D-3694

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit dtd.- 19.03.2026 sworn before Executive Magistrate, Bhadrak, I, Swapna Barik, W/o.- Khageswar Barik, Vill.- Edadei, P.O.- Kaupur, P.S.- Bhadrak (R), Dist.- Bhadrak, Odisha, PIN- 756113 declare that I have an LIC policy bearing No. 589506941. Where my name is mentioned Rukmani Barik. I further declare that Swapna Barik and Rukmani Barik, W/o.- Khageswar Barik same and one person. D-3692

By virtue of an affidavit in the court of the Executive Magistrate, Bhubaneswar vide affidavit No. 101/ Date- 11.03.2026, I, Rabi Narayan Dash of At/P.O.- Mukhiguda, P.S.- Jaipatna, Dist.-Kalahandi changed my minor daughter's name from "Megha Dash" to "Meghna Rani Dash". Henceforth, she shall be known as Meghna Rani Dash for all furture purposes. D-3690

I, Sanjaya Behera, S/o.- Purandar Behera, Vill.- Nizigarh Dhundinali, P.O./P.S.- Hindol, Dist.- Dhenkanal, Odisha-759022 solemnly declare that my minor son's name has changed from SAMMYASINDHUBEHERA to SOUMYASINDHU BEHERA, dtd. 17.03.2026 before Executive Magistrate, Hindol.

Sanjaya Behera
D-3688

By virtue of an affidavit sworn before Executive Magistrate, Gudari, affidavit No.-129, dtd.- 18.03.2026, I, Sri LANGA DINDIRIGUDAKA, S/o.- Kalia Dindirigudaka, At- Grahibandha, P.O.- Siriguda, P.S.- Gudari, Dist.- Rayagada, Odisha declare that I have changed the name of my daughter from Kaberi Dindirigudaka to TARA DINDIRIGUDAKA. Henceforth, she shall be known as TARA DINDIRIGUDAKA for all purposes.

Langa Dindirigudaka
D-3689

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

## LEGAL NOTICE

**In the Court of the Additional Commissioner, Settlement & Consolidation, Bargarh**
**Settlement Revision Case No. 925 of 2025**

Dileswar Khamari, S/o.- Aniruddha Khamari .........Petitioner

Vrs.

Trupti Sahu, D/o.- Debendra Naik and others .........Opp. Parties

To,

1. Trupti Sahu, D/o.- Debendra Naik, R/o.- Patharla, P.S./Tahasil- Patnagarh, Dist.- Balangir, 2. Dipti @ Padmalaya Sahu, D/o.- Debendra Naik, R/o.- Kushanpuri, P.S./Tahasil- Bhatli, Dist.- Bargarh, 3. Eeti @ Rukmini Padhan, D/o.- Debendra Naik, R/o.-Bhalupali, P.S./Tahasil- Attabira, Dist.- Bargarh, 4. Asha @ Aseswari Naik, D/o.- Debendra Naik, R/o.- Padhanpali, P.S./Tahasil- Bheden, Dist.- Bargarh, 5. Shashanka Sekhar Dash, 6. Subhendu Kumar Dash, Both are S/o.- Kamal Lochan Dash, R/o.- LIC Colony, Motijharan, Sambalpur, P.S./Tahasil/Dist.- Sambalpur ......O.P

NOTICE THROUGH PAPER PUBLICATION
U/O 5 RULE 20 CIVIL PROCEDURE CODE, 1908

The above petitioner has filed the above noted case against the above O.Ps for recording of the case land mentioned below on the strength of Regd. Sale Deed bearing No. 10191500662 Dated 16.11.2015 and an interim RSD bearing No. 1402 Dated 14.06.1989. The petitioner has filed a separate prayer petition U/O 5 Rule 20 of the C.P.C stating the reason therein. Hence this newspaper publication. The case land consists Hal Plot No.- 6652 Area-Ac.1.29 dec under Hal Khata No.-151 of Mouza-Kumbhari, PS/Tah.-Barpali, Dist.- Bargarh.

Hence, the O.Ps are directed to appear in this Court in person or through Advocate on 24.04.2026 at 08:30 AM by filing Counter in response to the said revision petition failing which the said revision case will be heard and determined Ex-Party in your absence as per law.

Given under my hand and seal of the Court on this 17th March, 2026

Sd./- ADDL. COMMISSIONER
SETTLEMENT & CONSOLIDATION,
BARGARH
D-3691

# ସଞ୍ଜୁଙ୍କ ସ୍ୱପ୍ନ



ସଞ୍ଜୁ ସାମସନ



ସ୍ତ୍ରୀ ଚାରୁଲତା ରମେଶଙ୍କ ସହ ସଞ୍ଜୁ ସାମସନ

**ଟି୨୦ ବିଶ୍ୱକପ୍ ପରଠାରୁ ଏ ପର୍ଯ୍ୟନ୍ତ କ୍ରିକେଟ ଜଗତରେ ଯେଉଁ ଖେଳାଳି ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି ସେ ହେଉଛନ୍ତି ସଞ୍ଜୁ ସାମ୍ସନ। କ୍ୟାରିୟର ଆରମ୍ଭରେ ସଂଘର୍ଷ, ପ୍ରଦର୍ଶନରେ ଅସ୍ଥିରତା ଯୋଗୁ ଉତ୍ଥାନ ପତନ ଦେଇ ଆଗକୁ ବଢ଼ିଥିବା ସଞ୍ଜୁଙ୍କୁ ଏବେ ଭାଗ୍ୟ ସାଥ୍ ଦେଇଛି। ଟିମ୍ ଇଣ୍ଡିଆରେ ଟପ୍ ଅର୍ଡର ଖେଳାଳିଙ୍କ ଅସୁସ୍ଥତାଜନିତ କାରଣରୁ ସୁଯୋଗ ପାଇଥିବା ସଞ୍ଜୁ ଏହାର ଭରପୂର ସଦୁପଯୋଗ କରି ଭାରତକୁ ତୃତୀୟଥର ଲାଗି ଟ୍ରଫି ଜିତାଇବାରେ ବଡ଼ ଭୂମିକା ତୁଲାଇଛନ୍ତି। ନିଜ ସ୍ୱପ୍ନ ପୂରଣ କରିବା ସହ ସେ ଘରୋଇ ମାଟିରେ ଟ୍ରଫି ଜିତିବାରେ ଭାରତର ସ୍ୱପ୍ନକୁ ମଧ୍ୟ ସାକାର କରିଛନ୍ତି। ଏବେ ସମସ୍ତଙ୍କ ମୁହଁରେ ସଞ୍ଜୁଙ୍କ ପ୍ରଶଂସା..**

ଚଳିତ ବର୍ଷ ଭାରତୀୟ ଦଳର ଟି୨୦ ବିଶ୍ୱକପ୍ ସଫଳତାରେ ସଞ୍ଜୁ ସାମ୍ସନଙ୍କ ଅବଦାନ ଯେଉଁଭଳି ଥିଲା, ତାହା ପ୍ରତ୍ୟେକ ବ୍ୟାଟରଙ୍କ ଲାଗି ସ୍ୱପ୍ନ। ଟୁର୍ନାମେଣ୍ଟରେ ୩ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ର ଅତ୍ୟଧିକ ଚାପ ପରିସ୍ଥିତିରେ ସେ ୩ଥର ୧୯୦ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍‌ରେଟ୍‌ରେ ୮୦ରୁ ଊର୍ଦ୍ଧ୍ୱ ରନ କରିଥିଲେ। ମାତ୍ର ୫ ମ୍ୟାଚ୍ ଖେଳି ସାମ୍ସନ ୩୨୧ ରନ କରି ବିଶ୍ୱକପ୍‌ରେ ତୃତୀୟ ସର୍ବାଧିକ ସ୍କୋରର ହୋଇଥିଲେ। ଏହା ତାଙ୍କୁ ନିର୍ବିବାଦୀୟ ଭାବେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପରିଗଣିତ କରିଥିଲା। ଟି୨୦ ଫର୍ମାଟରେ ଅତ୍ୟଧିକ ଆକ୍ରମଣାତ୍ମକ ବ୍ୟାଟିଂ ସହିତ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିବା କଷ୍ଟକର। ଏହାସତ୍ତ୍ୱେ ବିଶ୍ୱକପ୍‌ର ନକ୍‌ଆଉଟ୍ ମ୍ୟାଚ୍‌ରେ ଲଗାତର ମ୍ୟାଚ୍ ବିଜୟୀ ଇନିଂସ ଖେଳି ନିଜର ଦକ୍ଷତାକୁ ସେ ପରିପ୍ରକାଶ କରିଛନ୍ତି। ସାମ୍ସନଙ୍କୁ ଭାଗ୍ୟ ସହାୟ ହୋଇଥିବା କଥାକୁ ଅସ୍ୱୀକାର କରିହେବନି। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇନିଂସ ଆରମ୍ଭରୁ ତାଙ୍କୁ ଜୀବନଦାନ ମିଳିଥିଲା। ସେହିପରି ଦକ୍ଷିଣ ଆଫ୍ରିକାଠାରୁ ସୁପର-୮ ପର୍ଯ୍ୟାୟରେ ଭାରତର ପରାଜୟ ପରେ ଟିମ୍ ମ୍ୟାନେଜମେଣ୍ଟ ସଞ୍ଜୁଙ୍କୁ ପୁଣି ଓପନର ଭାବେ ଖେଳାଇବାକୁ ନିଷ୍ପତ୍ତି ନେଇଥିଲା। ସେ ଉଚ୍ଚ ଅଭିଳାଷ ଓ ନିୟନ୍ତ୍ରଣ ସହିତ ଖେଳିଥିଲେ, ଯାହାକି ତାଙ୍କ ପ୍ରଦର୍ଶନରେ ପ୍ରତିଫଳିତ ହୋଇଛି।

ବିଶ୍ୱକପ୍ ପୂର୍ବରୁ ସଞ୍ଜୁଙ୍କ କ୍ୟାରିୟରର କାହାଣୀ କିଛି ଭିନ୍ନ ଥିଲା। ୨୦୧୫ରେ ପଦାର୍ପଣ କରିଥିବା ସଞ୍ଜୁଙ୍କୁ ତାଙ୍କର ପ୍ରଥମ ୫ ମ୍ୟାଚ୍ ଖେଳିବା ପାଇଁ ୬ ବର୍ଷ ଲାଗିଥିଲା। ଟି୨୦ରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ପାଇଁ ୧୪ ମ୍ୟାଚ୍ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୨୨ରେ ସେ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ଅର୍ଦ୍ଧଶତକ କରିଥିଲେ। କିନ୍ତୁ ସୁଯୋଗର ଅଭାବ ଓ ବ୍ୟାଟିଂ ପୋଜିଶନକୁ ନେଇ ଅସ୍ପଷ୍ଟତା ଯୋଗୁ ସେ ସ୍ଥିର ପ୍ରଦର୍ଶନ କରିପାରି ନ ଥିଲେ। ୨୦୨୪ ଟି୨୦ ବିଶ୍ୱକପ୍ ମଧ୍ୟରେ ସେ ମାତ୍ର ୧୧ଟି ମ୍ୟାଚ୍ ଖେଳି ୧୭.୫୩ ଆଭରେଜରେ ୧୨୩ ରନ କରିଥିଲେ।

୨୦୨୪ ଟି୨୦ ବିଶ୍ୱକପ୍ ସଫଳତା ପରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅବସର ଏବଂ ଲଗାତର ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ବଳରେ ସାମ୍ସନ ପୁଣି ଥରେ ଜାତୀୟ ଦଳକୁ ଫେରିଥିଲେ। ତାଙ୍କୁ ନୂଆ କୋଚ୍ ଗୌତମ ଗମ୍ଭୀର ଖୁବ୍ ସମର୍ଥନ ଦେଇଥିଲେ। ୩ ମ୍ୟାଚ୍ ପରେ ସେ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଶତକ କରିଥିଲେ। ପରବର୍ତ୍ତୀ ୪ ମ୍ୟାଚ୍‌ରେ ଆହୁରି ୨ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ପ୍ରଥମ ବ୍ୟାଟର ଭାବେ ଗୋଟିଏ ବର୍ଷରେ ୩ ଅନ୍ତର୍ଜାତୀୟ ଟି୨୦ ଶତକ ହାସଲ କରିଥିଲେ। ହେଲେ ୨୦୨୫ରେ ସେ ଫର୍ମ ହରାଇଥିଲେ। ଏଥିଯୋଗୁ ଏସିଆ କପ୍ ଲାଗି ଶୁବମନ ଗିଲ୍‌ଙ୍କୁ ଦଳର ଉପ ଅଧିନାୟକ କରାଯାଇଥିଲା। ସାମ୍ସନଙ୍କ ବ୍ୟାଟିଂ ପୋଜିଶନରେ ପରିବର୍ତ୍ତନ କରାଯିବା ସହ ଗିଲ୍‌ଙ୍କୁ ଓପନିଂ କରିବାକୁ ଦିଆଯାଇଥିଲା। ପରେ ଟିମ୍ ମ୍ୟାନେଜମେଣ୍ଟ ଜିତେଶ ଶର୍ମାଙ୍କୁ ସୁଯୋଗ ଦେବାରୁ ସାମ୍ସନ ନିଜର ସ୍ଥାନ ହରାଇଥିଲେ। ମାତ୍ର ଗିଲ୍ ପ୍ରଦର୍ଶନ କରିବାରେ ବିଫଳ ହେବାରୁ ଦଳ ପୁଣି ଥରେ ସାମ୍ସନଙ୍କୁ ସୁଯୋଗ ଦେଇଥିଲା। ହେଲେ ସାମ୍ସନ ସଂଘର୍ଷ କରିବାରୁ ଇଶାନ କିଶନଙ୍କୁ ଦୁଇ ବର୍ଷର ବ୍ୟବଧାନରେ ଦଳକୁ ଫେରିବାକୁ ସୁଯୋଗ ମିଳିଯାଇଥିଲା।

ଗତ ବିଶ୍ୱକପ୍‌ରେ ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସଞ୍ଜୁଙ୍କୁ ବେଞ୍ଚରେ ବସିବାକୁ ପଡ଼ିଥିଲା। ମାତ୍ର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଅଭିଷେକ ଶର୍ମା ପେଟ ସଂକ୍ରମଣ କାରଣରୁ ଉପଲବ୍ଧ ନ ଥିବାରୁ ସଞ୍ଜୁଙ୍କୁ ସୁଯୋଗ ମିଳିଥିଲା। ସେ ଏହି ମ୍ୟାଚ୍‌ରେ ୮ ବଲରେ ୧ ଚୌକା ଓ ୩ ଛକା ସହିତ ୨୨ ରନ କରିଥିଲେ। ଅଭିଷେକ ସୁସ୍ଥ ହେବାରୁ ପାକିସ୍ତାନ ଓ ନେଦରଲାଣ୍ଡ୍ସ ବିପକ୍ଷ ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ଖେଳିଥିଲେ। ଏଥିଯୋଗୁ ସଞ୍ଜୁ ବାଦ୍ ପଡ଼ିଥିଲେ। ଲିଗ୍ ପର୍ଯ୍ୟାୟରେ ୪ ମ୍ୟାଚ୍‌ରୁ ତାଙ୍କୁ କେବଳ ଥରେ ସୁଯୋଗ ମିଳିଥିଲା। କିନ୍ତୁ ସୁପର-୮ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳର ଶୋଚନୀୟ ପରାଜୟ ସଞ୍ଜୁଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ଦଳର ଟପ୍ ଅର୍ଡରରେ ୩ ବାମହାତୀ ବ୍ୟାଟର ଥିବାରୁ ପ୍ରତିପକ୍ଷ ଦଳ ପାୱାରପ୍ଲେରେ ଅଫ୍ ସ୍ପିନରଙ୍କୁ ବ୍ୟବହାର କରୁଥିଲେ। ଏହି ଧାରାକୁ ଭାଙ୍ଗିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ କମ୍ବିନେଶନରେ ପରିବର୍ତ୍ତନ କରିଥିଲେ। ଟପ୍ ଅର୍ଡରରେ ଡାହାଣହାତୀ ବ୍ୟାଟରଙ୍କ ଆବଶ୍ୟକତା ଥିବାରୁ ସଞ୍ଜୁଙ୍କୁ ପୁଣି ଥରେ ଓପନିଂ କରିବାକୁ ସୁଯୋଗ ଦିଆଯାଇଥିଲା। ସେ ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ୧୫ ବଲରେ ୧ ଚୌକା ଓ ୨ ଛକା ସହିତ ୨୪ ରନ କରିଥିଲେ। ସେମିଫାଇନାଲକୁ ଉନ୍ନୀତ ହେବା ପାଇଁ ଭାରତକୁ ୱେଷ୍ଟଇଣ୍ଡିଜ ବିପକ୍ଷ ସୁପର-୮ ମ୍ୟାଚ୍‌ରେ ନିହାତି ବିଜୟ ଆବଶ୍ୟକ ଥିଲା। ଏହି ଭର୍ଚୁଆଲ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଘରୋଇ ଭାରତୀୟ ଦଳ ଆଗରେ ୧୯୬ ରନର ଏକ ବଡ଼ ସ୍କୋର ଛିଡ଼ା କରିଥିଲା। ଭାରତୀୟ ଦଳର ଅନ୍ୟ ବ୍ୟାଟରମାନେ ଦ୍ରୁତ ଗତିରେ ରନ କରିବାକୁ ସଂଘର୍ଷ କରୁଥିବା ବେଳେ ସଞ୍ଜୁ କ୍ରିଜ୍‌କୁ ଠିକ୍‌ଭାବେ ପଢ଼ି ପାରିଥିଲେ। ଫଳରେ ଦକ୍ଷତାର ଉପଯୋଗ କରି ପ୍ରତ୍ୟେକ ଓଭରରେ ବଡ଼ ବଡ଼ ଶଟ୍ ଖେଳିଥିଲେ। ମ୍ୟାଚ୍‌ରେ ସେ ୫୦ ବଲରେ ଅପରାଜିତ ୯୭ ରନର ଇନିଂସ ଖେଳି ଦଳକୁ ଜିତାଇଥିଲେ। ତାଙ୍କର ଏହି ଇନିଂସରେ ୧୨ ଚୌକା ଓ ୪ ଛକା ସାମିଲ ଥିଲା। ଏଭଳି ପ୍ରଦର୍ଶନ ଲାଗି ପ୍ଲେୟର ଅଫ୍ ମ୍ୟାଚ୍ ଭାବେ ତାଙ୍କୁ ଚୟନ କରାଯାଇଥିଲା। ସେହିଭଳି ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ତାଙ୍କୁ ଆରମ୍ଭରୁ ଜୀବନ ଦାନ ମିଳିଥିଲା, ଯାହାର ସେ ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ। ଜୋଫ୍ରା ଆର୍ଚର, ସାମ କୁରାନ, ଆଦିଲ ରଶିଦଙ୍କୁ ନେଇ ଗଠିତ ବୋଲିଂ ଲାଇନ୍‌ଅପ୍‌କୁ ଛିନ୍ନଭିନ୍ନ କରିଦେଇଥିଲେ। ସେ ୪୨ ବଲରେ ୮ ଚୌକା ଓ ୭ ଛକା ମାରି ୮୯ ରନ କରିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହ ସେ ଇଶାନ କିଶନ, ଶିବମ ଦୁବେଙ୍କ ସହ ଭଲ ପାର୍ଟନରଶିପ୍ ମଧ୍ୟ କରିଥିଲେ। ଏଭଳି ପ୍ରଦର୍ଶନ ଲାଗି ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଏହାପରେ ମାର୍ଚ୍ଚ ୮ରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଭାରତର ଟପ୍-୩ ବ୍ୟାଟର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସାମ୍ସନ ୪୬ ବଲରେ ୫ ଚୌକା ଓ ୮ ଛକା ସହିତ ସର୍ବାଧିକ ୮୯ ରନ କରିଥିଲେ। ଏଭଳି ପ୍ରଦର୍ଶନ ଲାଗି ଭାରତ ଖୁବ୍ ସହଜରେ ବିଶ୍ୱକପ୍ ଜିତିଥିଲା ଏବଂ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ। ଏଥିସହିତ ସେ ଟି୨୦ ବିଶ୍ୱକପ୍‌ରେ ଅନେକ ରେକର୍ଡର ଅଧିକାରୀ ହୋଇଥିଲେ। ଭାରତର ଏହି ବିଜୟ ସହ ତାଙ୍କର ପିଲାଦିନର ସ୍ୱପ୍ନ ସାକାର ହୋଇଥିଲା। ସେ ହୋଇଥିଲେ ମ୍ୟାଚ ବିଜେତା।

—ଅନାଦି କର

## 'ଅଦ୍ଭୁତ ଅନୁଭବ ହେଉଛି'

ବିଶ୍ୱକପ୍‌ରେ ନିଜ ପ୍ରଦର୍ଶନ ସମ୍ପର୍କରେ ସଞ୍ଜୁ କହିଥିଲେ, ଏହା ସ୍ୱପ୍ନ ଭଳି ଲାଗୁଛି। ଏଭଳି ପ୍ରଦର୍ଶନ କରିପାରିଥିବାରୁ ମୁଁ କୃତଜ୍ଞ। ଏକ ଅଦ୍ଭୁତ ଅନୁଭବ ହେଉଛି। ମୁଁ ସବୁବେଳେ ଏଭଳି ହିଁ ଖେଳିବାକୁ ଚାହୁଁଥିଲି। ଗତ ୨୦୨୪ରେ ବିଶ୍ୱକପ୍ ବିଜୟୀ ଦଳ ସହ ମୁଁ ଥିଲି। ହେଲେ ମୋତେ ସୁଯୋଗ ମିଳି ନ ଥିଲା। ରୋହିତ ଓ କୋହଲିଙ୍କ ଭଳି କିମ୍ବଦନ୍ତୀଙ୍କଠାରୁ ଚାପ ସ୍ଥିତିରେ କେଉଁ ଭଳି ଖେଳିବାକୁ ହୁଏ, ଶିକ୍ଷା କରିଥିଲି। ମୁଁ ନିଜ ବ୍ୟାଟିଂ ଉପରେ କାମ କରିବା ଜାରି ରଖିଥିଲି। ବିଶ୍ୱକପ୍ ପୂର୍ବରୁ ନ୍ୟୁଜିଲାଣ୍ଡ ସିରିଜ୍ ବେଳେ ମୁଁ ଭାଙ୍ଗିପଡ଼ିଥିଲି। ମୋ ସ୍ୱପ୍ନ ଚୂନା ହୋଇସାରିଥିଲା। କିନ୍ତୁ ମୋ ପାଇଁ ଭଗବାନଙ୍କ ଯୋଜନା କିଛି ଅଲଗା ଥିଲା। ମୋତେ ହଠାତ୍ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୁଯୋଗ ମିଳିଲା ଏବଂ ମୋତେ ଯାହା କରିବା କଥା ମୁଁ କରିଥିଲି।

# ଅବିସ୍ମରଣୀୟ

**ଗତ ଟି୨୦ ବିଶ୍ୱକପ୍ ଭାରତ ପାଇଁ ଅନେକ ଦୃଷ୍ଟିକୋଣରୁ ଅବିସ୍ମରଣୀୟ ହୋଇଛି। ୩ ଥର ଟାଇଟଲ ଜିତି ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ସଫଳ ଦଳର ମାନ୍ୟତା ପାଇଥିବାବେଳେ ଘରୋଇ ପରିବେଶରେ ପ୍ରଥମଥର ଟାଇଟଲ ବିଜୟର ସ୍ୱାଦ ଚାଖିଛି। ବ୍ୟକ୍ତିଗତ ଭାବେ ମଧ୍ୟ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି ଭାରତୀୟ ଖେଳାଳି...**



ନିର୍ମଳ କୁମାର ମିଶ୍ର

ତୃତୀୟ ଥର ପାଇଁ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇ ଇତିହାସ ରଚିଛି ଟିମ୍ ଇଣ୍ଡିଆ। ଅନେକ କାରଣରୁ ଏହି ବିଶ୍ୱକପ୍ ଭାରତ ପାଇଁ ଅବିସ୍ମରଣୀୟ ହୋଇଛି। ତିନି ବର୍ଷ ମଧ୍ୟରେ ଜିତିଛି ଚତୁର୍ଥ ଆଇସିସି ଟ୍ରଫି। ଘରୋଇ ପରିବେଶରେ ପ୍ରଥମଥର ଟି୨୦ ବିଶ୍ୱକପ୍ ଜିତି ପ୍ରତିଯୋଗିତା ଇତିହାସରେ ଏକ ନୂଆ ଧାରା ଆରମ୍ଭ କରିଛି। ୨୦୨୪ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟି୨୦ ବିଶ୍ୱକପ୍ ଏବଂ ୨୦୨୫ରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା ଭାରତ। ୨୦୨୫ରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ହୋଇଥିଲା ଏକଦିବସୀୟ ମହିଳା ବିଶ୍ୱକପ୍ ଚାମ୍ପିୟନ। ଏବେ ୨୦୨୬ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ନିଜସ୍ୱ ମାଟିରେ ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରି ଭାରତ ନିଜ ଦକ୍ଷତା ଦେଖାଇଛି। ୨୦୦୭ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ପ୍ରଥମ ଟି୨୦ ବିଶ୍ୱକପ୍ ଜିତିଥିଲା। ଇତିମଧ୍ୟରେ ମୋଟ ଉପରେ ୮ଟି ଆଇସିସି ଟ୍ରଫି ଜିତି ନିଜର ଦମ୍ ଦେଖାଇଛି ଭାରତ। ଡିଫେଣ୍ଡିଂ ଚାମ୍ପିୟନ ଭାବରେ ଭାରତ ଏଥର ପ୍ରତିଯୋଗିତାର ଆୟୋଜକ ରହିଥିଲା। ମାତ୍ର ପାକିସ୍ତାନ ସହିତ ରାଜନୈତିକ ଶତ୍ରୁତା ଯୋଗୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଏହାକୁ ଆୟୋଜନ କରିଥିଲେ।

ଗ୍ରୁପ୍-'ଏ'ରେ ସ୍ଥାନ ପାଇଥିବା ଭାରତ ସୁପର-୮କୁ ଯିବା ପ୍ରାୟ ନିଶ୍ଚିତ ଥିଲା। ମାତ୍ର ଗ୍ରୁପ୍ ପର୍ଯ୍ୟାୟରେ ଆଇସିସିର ସହଯୋଗୀ ଦେଶର ଦଳଗୁଡିକ ଚମତ୍କାର ଖେଳ ପ୍ରଦର୍ଶନ କରି ବଡ ବଡ ଟିମ୍‌କୁ ଅସୁବିଧାରେ ପକାଇ ଥିବାର ଦେଖାଯାଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଆମର ପ୍ରଦର୍ଶନ ସେତେ ଉଚ୍ଚକୋଟୀର ରହି ନ ଥିଲା। ୟୁଏସ୍‌ଏକୁ ମାତ୍ର ୨୯ ଓ ନେଦରଲାଣ୍ଡ୍ସକୁ ୧୭ରନ୍‌ରେ ହରାଇଥିଲା। ନାମ୍ବିୟାକୁ ୯୩ ରନ୍‌ରେ ଏବଂ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଆମେ ୬୧ରନ୍‌ରେ ହରାଇବା ଦଳର ମନୋବଳ ବଢ଼ାଇଥିଲା। ଯଦିବା ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହିଥିଲା ତେବେ ବିଶ୍ୱର ଅନେକ ପୂର୍ବତନ ଖେଳାଳି ଆମର ଦକ୍ଷତା ଉପରେ ପ୍ରଶ୍ନବାଚୀ ଉଠାଇଥିଲେ। ନୂଆ ରଣନୀତି ଓ ବ୍ୟାପକ ପରୀକ୍ଷାନିରୀକ୍ଷା ମାଧ୍ୟମରେ ବ୍ୟାଟିଂ ଶକ୍ତିକୁ ନେଇ ଭାରତ ମ୍ୟାଚ ଖେଳିଥିଲା। ୟୁଏସ୍‌ଏ ବିପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ୮୪, ନାମ୍ବିୟା ବିପକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ଏବଂ ୨ଟି ଉଇକେଟ, ନେଦରଲାଣ୍ଡ୍ସ ବିପକ୍ଷରେ ଶିଭମ ଦୁବେଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଏବଂ ପାକିସ୍ତାନ ବିପକ୍ଷରେ ଇଶାନ କିଶନଙ୍କ ଦ୍ରୁତ ୭୭ରନ୍ ଭାରତ ପାଇଁ ସୁପର -୮ ପର୍ଯ୍ୟାୟ ବାଟ କଢାଇଥିଲା।

ସୁପର-୮ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାଠାରୁ ୭୬ରନରେ ପରାଜିତ ହେବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟକୁ ଅନେକ କିଛି ଭାବିବାକୁ ବାଧ୍ୟ କରିଥିଲା। ନେଟ୍ ରନରେଟ୍ ଦୁର୍ବଳ ରହିଥିବାରୁ ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ବଡ଼ ବିଜୟ ଚ୍ୟାଲେଞ୍ଜ ଆଣିଥିଲା। ତେବେ ଜିମ୍ବାୱେ ବିପକ୍ଷରେ ୭୨ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟରେ ବିଜୟ ଭାରତକୁ ସେମିଫାଇନାଲରେ ପହଞ୍ଚାଇ ଦେଇଥିଲା। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ବୃହତ୍ ସ୍କୋର ହୋଇଥିଲେ ମଧ୍ୟ ଭାରତ ମାତ୍ର ୭ ରନରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ସଞ୍ଜୁ ସାମ୍ସନ ଚମତ୍କାର ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଯଶପ୍ରୀତ ବୁମରାଙ୍କ ଚମତ୍କାରୀ ସ୍ପେଲ୍ ମଧ୍ୟ ଭାରତ ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ସଞ୍ଜୁଙ୍କ ଦମ୍‌ଦାର ବ୍ୟାଟିଂ ଏବଂ ବୁମ୍‌ରାଙ୍କ ୧୫ ରନରେ ୪ ଉଇକେଟ ହାସଲ ଭାରତକୁ ଘରୋଇ ମାଟିରେ ଟ୍ରଫି ଜିତାଇବାରେ ବିଶେଷ ସହାୟକ ହୋଇଥିଲା। ୯୬ ରନରେ ବିଜୟୀ ହୋଇ ରେକର୍ଡର ଅଧିକାରୀ ହୋଇଥିଲା ଟିମ୍ ଇଣ୍ଡିଆ।

ଟୁର୍ନାମେଣ୍ଟରେ ଭାରତୀୟ ବ୍ୟାଟର୍ସମାନେ ୯ଟି ମ୍ୟାଚରେ ମୋଟ ୧୭୩୯ ରନ୍ ସ୍କୋର କରିଥିଲେ। ଏକ ଟୁର୍ନାମେଣ୍ଟରେ ୧୭ଶହ ରନ ଅତିକ୍ରମ କରିବାରେ ପ୍ରଥମ ଦଳ ହୋଇଥିଲା ଭାରତ। ୯ ମ୍ୟାଚରେ ଭାରତୀୟ ବ୍ୟାଟର୍ସମାନେ ୧୦୬ ଛକା ମାରିଥିଲେ। ଗୋଟିଏ ସଂସ୍କରଣରେ ଏହା ମଧ୍ୟ ଏକ ରେକର୍ଡ। ପ୍ରତିଯୋଗିତାରେ ୪ଥର ମଧ୍ୟ ଦୁଇ ଶହରୁ ଅଧିକ ରନ ଏବଂ ୩ଥର ଦୁଇଶହ ପଚାଶରୁ ଅଧିକ ରନ ସଂଗ୍ରହ ହୋଇଥିଲା। ଭାରତ ପକ୍ଷରୁ ଯଦିଓ କେହି ଶତକ ହାସଲ କରି ନ ଥିଲେ ତେବେ ଗୋଟିଏ ସଂସ୍କରଣରେ ୭ଟି ଶତକୀୟ ଇନିଂସ ଦେଖିବାକୁ ମିଳିଥିଲା। ପାକିସ୍ତାନର ଶାହିବଜାଦା ଫରହାନ ଏକାକୀ ୨ଟି ଶତକ ହାସଲ କରିଥିଲେ। ଭାରତର ଷ୍ଟାର ଓପନର ସଞ୍ଜୁ ସାମ୍ସନ ୩ଟି ଅର୍ଦ୍ଧଶତକୀୟ ଇନିଂସ ମାଧ୍ୟମରେ ୩୨୧ରନ ସଂଗ୍ରହ କରିଥିଲେ। ସେ ୩ ଥର ଶତକର ନିକଟତର ହୋଇଥିଲେ ମଧ୍ୟ ବ୍ୟକ୍ତିଗତ ରେକର୍ଡ ଅପେକ୍ଷା ଦଳର ସ୍ୱାର୍ଥକୁ ପ୍ରାଥମିକତା ଦେଇଥିଲେ। ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ତାଙ୍କ ପାଇଁ ଥିଲା ଯଥାର୍ଥ ଉପହାର। ପେସ୍ ବୋଲର ଯଶପ୍ରୀତ ବୁମରା ଭାରତ ପକ୍ଷରୁ ସର୍ବାଧିକ ୧୪ଟି ଉଇକେଟ ନେଇଥିଲେ। ଫାଇନାଲରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ ମଧ୍ୟ ହୋଇଥିଲେ। ଭାରତ ଫାଇନାଲର ପାୱାର ପ୍ଲେ ୬ ଓଭରରେ ୯୨ରନ ସ୍କୋର କରି ଆଉ ଏକ ରେକର୍ଡର ଅଧିକାରୀ ହୋଇଥିଲା। ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଏହାଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଜିମ୍ବାୱେ ବିପକ୍ଷ ସୁପର ୮ ମ୍ୟାଚରେ ଗୋଟିଏ ଇନିଂସରେ ୧୭ଟି ଛକା ମାରି ଭାରତ ରେକର୍ଡ କରିଥିଲା।

ପ୍ରତ୍ୟେକ ଦୃଷ୍ଟି କୋଣରୁ ଗତ ଟି୨୦ ବିଶ୍ୱକପ୍ ଭାରତ ପାଇଁ ଏକ ବଡ଼ ଆହ୍ୱାନ ଥିଲା। ୨୦୨୪ ବିଶ୍ୱକପ୍‌ଠାରୁ ଭାରତ ଏହି ଫର୍ମାଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆସୁଛି। ହ୍ୱାଇଟ ବଲ ଫର୍ମାଟରେ ସୂର୍ଯ୍ୟ କୁମାର ଯାଦବ ଅଧିନାୟକ ରୂପେ ୫୨ଟି ମ୍ୟାଚରୁ ୪୨ଟିରେ ବିଜୟୀ ହୋଇଥିବାବେଳେ ୮ଟିରେ ପରାଜିତ ହୋଇଛନ୍ତି। ଏହା ମଧ୍ୟ ଏକ ରେକର୍ଡ।



ଟି୨୦ ବିଶ୍ୱକପ ବିଜୟୀ ଭାରତୀୟ ଦଳ

## ଗାର୍ଲ ଫ୍ରେଣ୍ଡ

ଝାଡ଼ଖଣ୍ଡ ଦି ସାଭଏ ହୋଟେଲକୁ
ଭେନ୍ୟୁ ପାଇଁ ନେଇ ଭଡା
ଟିମ୍ ଇଣ୍ଡିଆର କୁଲଦୀପ ଯାଦବଙ୍କ
ବାନ୍ଧବୀ ବଂଶୀକା ଚଢା
ପଢିଲେ ମ୍ୟାରେଜ ପଢା
ହ୍ୟାପି ମ୍ୟାରେଜ ଲାଇଫ କଟାନ୍ତୁ ଦମ୍ପତି
ୱିସ ଦିଅ ତାଳି ବାଡା।



ଧର୍ମ ପତ୍ନୀ ଛାଡି ନିଜ ଗର୍ଲଫ୍ରେଣ୍ଡକୁ
ପଡିଆରେ କରି ଗେଲ
ମହାନ ତ୍ରିରଙ୍ଗା ପତାକାକୁ ନେଇ
ପାଣ୍ଡ୍ୟା ହେଲା କଲବଲ
ପାଶ୍ଚାତ୍ୟକୁ କରି ଫଲୋ
ଆଜିକାଲି ସ୍ୱାମୀ ଗର୍ଲଫ୍ରେଣ୍ଡ ସଙ୍ଗେ
ଚାଟିଂ, ଡେଟିଂ କରେ ଭଲ।

ସଫଳତା ପାଇଁ ସୂର୍ଯ୍ୟ କୁମାର ସ୍ତ୍ରୀ
ଦେଭିଶାଙ୍କୁ ଦେଲା ଶ୍ରେୟ
ଗୋଡ଼ ହାତ ଚଳୁଥିଲେ ଗର୍ଲଫ୍ରେଣ୍ଡ
ଡେଲି ପଚାରିବା ଥୟ
ରଖ ଫ୍ୟୁଚରକୁ ଲୟ
ପରିଣତ ବୟସର ସାଥୀ ପାଇଁ
ଏବେ କର ଜୟ ଜୟ।

—ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୬ Bhubaneswar, Friday, March 20/ 2026




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୧୦୦ମିଟର ଦୌଡ଼ରେ ଅଂଶଗ୍ରହଣ ଅବସରରେ ସ୍ୱର୍ଣ୍ଣ ପଦକ ବିଜେତା ଓଡ଼ିଶାର ଜୟନ୍ତୀ ବେହେରା (ଡାହାଣରୁ ତୃତୀୟ)। ଫଟୋ: ବିକାଶ ନାୟକ।

# କଳିଙ୍ଗରେ ହେବ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ୍ସ

**ନୂଆଦିଲ୍ଲୀ, ୧୯।୩(ପି.ଟି.)**

ଆସନ୍ତା ୨୦୨୮ରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଲାଗି ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ) ପକ୍ଷରୁ ଗୁରୁବାର ଭାରତକୁ ଆୟୋଜନ ଅଧିକାର ଦିଆଯାଇଛି। ପୋଲାଣ୍ଡର ଟୋରୁନଠାରେ ବସିଥିବା କାଉନ୍‌ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତକୁ ୨୦୨୮ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍ ଆୟୋଜନ ଅଧିକାର ଦିଆଯାଇଥିବା ଡବ୍ଲ୍ୟୁଏ ଉପସଭାପତି ଆଦିଲ ସୁମରିୱାଲା କହିଛନ୍ତି।

ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ଲାଗି ଚଳିତ ବର୍ଷ ଏଏଫ୍‌ଆଇ(ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ବିଡ୍ ଦାଖଲ କରାଯାଇଥିଲା। ୱାର୍ଲ୍ଡ ଆଥ୍‌ଲେଟିକ୍ସର ଏକ ଦୁଇ ଜଣିଆ ଦଳ ଗତ ଜାନୁଆରୀରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଥିବା ଷ୍ଟେଟ୍-ଅଫ୍-ଦି-ଆର୍ଟ ଇନ୍‌ଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲା। ସେହିଭଳି ସୁମରିୱାଲାଙ୍କ ସହ ଡବ୍ଲ୍ୟୁଏ କାଉନ୍‌ସିଲ ସଦସ୍ୟ, ଏଏଫ୍‌ଆଇର ପୂର୍ବତନ ସଭାପତି ଏବଂ ଓଡ଼ିଶା ସରକାରଙ୍କ ଜଣେ ଅଧିକାରୀ ପୋଲାଣ୍ଡ ଗସ୍ତ କରିଥିଲେ। ଏଥିପୂର୍ବରୁ ନ୍ୟୁଜିଲାଣ୍ଡ ଏହି ଟୁର୍ନାମେଣ୍ଟ ଆୟୋଜନ ପାଇଁ ଇଚ୍ଛା ପ୍ରକଟ କରିଥିଲା। ଏ ସମ୍ପର୍କରେ ଏଏଫ୍‌ଆଇର ପୂର୍ବତନ ସମ୍ପାଦକ ରବୀନ୍ଦର ଚୌଧାରୀ କହିଛନ୍ତି, ଭାରତ ଆୟୋଜନ ଦୌଡ଼ରେ ଥିବାରୁ ଆମକୁ ଆୟୋଜକ ସହର ବାଛିବା ନିଷ୍ପତ୍ତିରେ ଭାଗ ନେବାକୁ ଅନୁମତି ଦିଆଯାଇ ନ ଥିଲା। ପରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ଭାରତକୁ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିବା ଘୋଷଣା କରାଯାଇଥିଲା। ଏହା ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଆଥଲେଟ୍‌ଙ୍କ ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ଦର୍ଶାଉଛି।



ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ମୁଖ୍ୟତଃ ୨୬ଟି ଇଭେଣ୍ଟ ଅନୁଷ୍ଠିତ ହୁଏ। ୩ ଦିନ ଧରି ହେବାକୁ ଥିବା ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ୧୩ଟି ଲେଖାଏ ଇଭେଣ୍ଟ ହେବ। ପୋଲାଣ୍ଡରେ ହେବାକୁ ଥିବା ଚଳିତ ସଂସ୍କରଣରେ ପ୍ରଥମ ଥର ପାଇଁ ୪X୪୦୦ ମି. ମିକ୍ସଡ୍ ରିଲେ ଇଭେଣ୍ଟ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସାମିଲ ଥିବା ୧୩ଟି ଇଭେଣ୍ଟ ହେଲା ୬୦ମି., ୪୦୦ ମି., ୮୦୦ ମି., ୧୫୦୦ ମି., ୩୦୦୦ ମି., ୬୦ ମି. ହର୍ଡଲ୍ସ, ୪X୪୦୦ ମି. ରିଲେ, ହାଇ ଜମ୍ପ, ପୋଲ ଭଲ୍ଟ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ, ହେପ୍ଟାଥଲନ (ମହିଳାଙ୍କ ପାଇଁ ପେଣ୍ଟାଥଲନ)।

୨୦୨୪ରେ କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ଷ୍ଟେଟ-ଅଫ୍-ଦି-ଆର୍ଟ ଇନ୍‌ଡୋର ଷ୍ଟାଡିୟମଠାରେ ୨୦୨୮ ଏସିଆନ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବାର ଯୋଜନା ରହିଛି। ଏଥିଲାଗି ଏସିଆନ ଆଥ୍‌ଲେଟିକ୍ସ ଆସୋସିଏଶନ (ଏଏଏ)ର ଦୁଇ ଜଣିଆ ପ୍ରତିନିଧି ଦଳ ଗତ ମାସରେ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଏହା ବ୍ୟତୀତ ଆସନ୍ତା ୨୪ ଓ ୨୫ରେ ଇନ୍‌ଡୋର ଷ୍ଟାଡିୟମଠାରେ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଇନ୍‌ଡୋର ଆଥ୍‌ଲେଟିକ୍ସ କେନ୍ଦ୍ରରେ ୨୦୦ ମିଟର ସିନ୍ଥେଟିକ୍ ଟ୍ରାକ, ୮୦ ମିଟର ସହିତ ୨୦ ମି. ରନିଂ ଟ୍ରାକ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ପୋଲ ଭଲ୍ଟ, ଶଟ ପୁଟ୍ ଇଭେଣ୍ଟ ଲାଗି ନିର୍ଦ୍ଦିଷ୍ଟ ଅଞ୍ଚଳ ରହିଛି।

# ଆୟର୍ଲାଣ୍ଡରେ ଟି୨୦ ସିରିଜ ଖେଳିବ ଭାରତ

**ନୂଆଦିଲ୍ଲୀ, ୧୯।୩**

ବିଶ୍ୱ ଚାମ୍ପିୟନ ଭାରତ, ଇଂଲଣ୍ଡରେ ଧଳା ବଲ ସିରିଜ୍ ଖେଳିବା ପୂର୍ବରୁ ଆସନ୍ତା ଜୁନରେ ଆୟର୍ଲାଣ୍ଡ ବିପକ୍ଷରେ ଏକ ଟି୨୦ ସିରିଜ୍ ଖେଳିବ। ଆୟର୍ଲାଣ୍ଡର ଡାଇରେକ୍ଟର ଅଫ୍ ହାଇ ପରଫମାନ୍ସ ଗ୍ରାହାମ ୱେଷ୍ଟ ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ଏଥିସହିତ ପଲ ଷ୍ଟର୍ଲିଙ୍ଗ ଆୟର୍ଲାଣ୍ଡ ଟି୨୦ ଦଳର ଅଧିନାୟକ ପଦରୁ ଓହରି ଯାଇଥିବା ସେ ଘୋଷଣା କରିଛନ୍ତି। ଆଗାମୀ ଆଇପିଏଲ୍ ଶେଷ ହେବା ପରେ ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ଏହି ସିରିଜ ଜୁନ ୨୦ ତାରିଖରେ ଶେଷ ହେବ। ଏହାପରେ ଭାରତ ୫ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବା ଲାଗି ଇଂଲଣ୍ଡ ଟୁର କରିବ। ଏହି ଟୁରରେ ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ମଧ୍ୟ ସାମିଲ ରହିଛି। ଭାରତ ଗତ ୭ ବର୍ଷ ମଧ୍ୟରେ ଚତୁର୍ଥ ଥର ପାଇଁ ୨୦୨୩, ୨୦୨୨ ଓ ୨୦୧୮ରେ ଆୟର୍ଲାଣ୍ଡ ଟୁର କରିବାକୁ ଯାଉଛି। ୨୦୨୮ରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଉପରେ ଧ୍ୟାନ ଦିଆଯାଉଥିବା ବେଳେ ଷ୍ଟର୍ଲିଂଙ୍ଗ ଟି୨୦ ଅଧିନାୟକ ପଦରୁ ଓହରି ଯାଇଛନ୍ତି। ଏଥିଯୋଗୁ ଦଳକୁ ନୂଆ ଅଧିନାୟକ ଓ ନୂଆ ଷ୍ଟ୍ରାଟେଜୀ ଦରକାର। ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଷ୍ଟର୍ଲିଙ୍ଗ ଦଳର ନେତୃତ୍ୱ ଛାଡ଼ିଛନ୍ତି। ହେଲେ ସେ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେବା ଜାରି ରଖିବେ।

# ମୁନି ଦିଲ୍ଲୀର ଫିଲ୍ଡିଂ କୋଚ୍

**ମୁମ୍ବାଇ, ୧୯।୩:** ଆୟର୍ଲାଣ୍ଡର ପୂର୍ବତନ ଅଲରାଉଣ୍ଡର ଜନ ମୁନିଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତ କରିଛି। ତାଙ୍କ ପୂର୍ବରୁ ଆଷ୍ଟନ ରୌକ୍ସ ଓ ଜ୍ଞାନେଶ୍ୱରନ ରାଓ ଏହି ଦାୟିତ୍ୱରେ ଥିଲେ। ୪୪ ବର୍ଷୀୟ ମୁନି ମୁଖ୍ୟ କୋଚ୍ ହେମଙ୍ଗ ବଦାନୀଙ୍କ ନେତୃତ୍ୱରେ ଓ ବୋଲିଂ କୋଚ୍ ମୁନାଫ ପଟେଲ ଓ ବ୍ୟାଟିଂ କୋଚ୍ ଇଆନ ବେଲଙ୍କ ସହ କାର୍ଯ୍ୟ କରିବେ। ୪୪ ବର୍ଷୀୟ ମୁନି ପୂର୍ବରୁ ୱେଷ୍ଟଇଣ୍ଡିଜ୍ ଓ ଆଫଗାନିସ୍ତାନ ଭଳି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ।

# ଅଗରକରଙ୍କ କାର୍ଯ୍ୟକାଳ ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ

**ମୁମ୍ବାଇ, ୧୯।୩**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୁରୁଷ ସିନିୟର ଚୟନ କମିଟି ଚେୟାରମ୍ୟାନ ଅଜିତ ଅଗରକରଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ଲାଗି ବୃଦ୍ଧି କରାଯାଇପାରେ। ଗତ ବର୍ଷ ୨୦୨୫ ଆଇପିଏଲ ଆରମ୍ଭ ହେବା ପୂର୍ବରୁ ତାଙ୍କ କାର୍ଯ୍ୟକାଳରେ ଏକ ବର୍ଷ ବୃଦ୍ଧି କରାଯାଇଥିଲା। କାରଣ ସେ ମୁଖ୍ୟ ଚୟନକର୍ତ୍ତା ଥିବା ବେଳେ ଭାରତ ୨୦୨୪ ଟି୨୦ ବିଶ୍ୱକପ୍ ଜିତିଥିଲା। ଏଥିସହିତ ଭାରତ ଗତ ବର୍ଷ ଦୁବାଇରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ହାତେଇଥିଲା। ଗତ ୮ ତାରିଖରେ ଭାରତ ତା'ର ଟି୨୦ ବିଶ୍ୱକପ୍ ଟାଇଟଲକୁ ଡିଫେଣ୍ଡ କରିବା ପରେ ମୁଖ୍ୟ ଚୟନକର୍ତ୍ତା ଅଗରକରଙ୍କ କାର୍ଯ୍ୟକାଳ ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ବଢ଼ାଇବାକୁ ବିସିସିଆଇ ଯୋଜନା କରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଏ ସମ୍ପର୍କରେ ଆଲୋଚନା ଚାଲିଛି। ତେବେ ଭଲ ବିକଳ୍ପର ଅଭାବ ଯୋଗୁ ବିସିସିଆଇ ଅଗରକରଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଇପାରେ। କାରଣ ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ଓ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ରହିଥିବାରୁ ଅଗରକରଙ୍କ କାର୍ଯ୍ୟକାଳରେ ବିସିସିଆଇ ଏକ ବର୍ଷ ଲାଗି ବୃଦ୍ଧି କରିପାରେ।

# ସଞ୍ଜୁଙ୍କ ସ୍ଥାନ ନେବା କଷ୍ଟକର

**ଜୟପୁର, ୧୯।୩(ପି.ଟି.)**

ସଞ୍ଜୁ ସାମସନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳରେ ଯୋଗଦେବା ପରେ ରାଜସ୍ଥାନ ରୟାଲ୍ସ ଦଳରେ ସୃଷ୍ଟି ହୋଇଥିବା ଖାଲି ସ୍ଥାନ ପୂରଣ କରିବା କଷ୍ଟକର ବୋଲି ଅଧିନାୟକ ରିୟାନ ପରାଗ କହିଛନ୍ତି। ୨୦୨୧ରୁ ୨୦୨୫ ପର୍ଯ୍ୟନ୍ତ ରାଜସ୍ଥାନ ଦଳର ନେତୃତ୍ୱ ନେଇଥିବା ସଞ୍ଜୁ ସିଜନ ଆରମ୍ଭ ହେବା ପୂର୍ବରୁ ସିଏସ୍‌କେ ଦଳରେ ଯୋଗଦେଇଛନ୍ତି। ତାଙ୍କ ବଦଳରେ ରବୀନ୍ଦ୍ର ଜାଡେଜା ସିଏସ୍‌କେ ଛାଡ଼ି ରାଜସ୍ଥାନ ଦଳରେ ସାମିଲ ହୋଇଛନ୍ତି। ସଞ୍ଜୁ ଦଳରୁ ବିଦାୟ ନେବା ପରେ ତାଙ୍କ ସ୍ଥାନରେ ରିୟାନ ପରାଗଙ୍କୁ ରାଜସ୍ଥାନ ଦଳର ନେତୃତ୍ୱ ଦିଆଯାଇଛି।

''ଯଦି ଆମେ ସଞ୍ଜୁ ଭାଇଙ୍କ ସମ୍ପର୍କରେ କଥା ହେବା, ଆମେ କଦାପି ତାଙ୍କ ଭଳି ଖେଳାଳିଙ୍କୁ ବଦଳାଇବାକୁ ଚାହୁଁ ନାହିଁ। ଆମେ ତାଙ୍କ ସ୍ଥାନରେ ତାଙ୍କ ଭଳି ଜଣେ ସମସ୍ତ ଦକ୍ଷତା ରଖିଥିବା ଖେଳାଳିଙ୍କୁ ଖୋଜିପାରୁ। ଯେମିତି ଭାରତୀୟ ଦଳରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସ୍ଥାନ ପୂରଣ କରିବା କଷ୍ଟକର, ଠିକ୍ ସେହିଭଳି ରାଜସ୍ଥାନ ଦଳରେ ସଞ୍ଜୁ ଛାଡ଼ି ଯାଇଥିବା ଶୂନ୍ୟସ୍ଥାନ ପୂରଣ ହେବ ନାହିଁ। କାରଣ ସେ ଜଣେ ଖୁବ୍ ଭଲ ଖେଳାଳି'' ବୋଲି ପରାଗ ସିଜନ ଆରମ୍ଭ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଏହା ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଚଳିତବର୍ଷ ଆମ ଭଲ ଯୋଜନା ପ୍ରସ୍ତୁତ ସହିତ ମ୍ୟାଚ୍‌କୁ ଭଲ ଭାବେ ଫିନିଶ କରିବା ଉପରେ ଅଧିକ ଧ୍ୟାନ ଦେଉଛୁ, ଯାହାକି ଆମେ ଗତ ସଂସ୍କରଣରେ କରିପାରି ନ ଥିଲୁ। ଆମକୁ ଭଲ ଭାବେ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଗତ ବର୍ଷ ୫-୬ ମ୍ୟାଚ୍‌ରେ ଆମେ ଅନ୍ତିମ ଓଭର ତଥା ଅନ୍ତିମ ବଲରେ ପରାଜିତ ହୋଇଥିଲୁ। ଯଦି ଆମେ ସେହି ମୁହୂର୍ତ୍ତରେ ଭଲ ପ୍ରଦର୍ଶନ କରିପାରିଥାନ୍ତୁ, ତେବେ ଆମେ ସେହି ସବୁ ମ୍ୟାଚ୍ ଜିତି ପ୍ଲେଅଫ୍‌କୁ କ୍ୱାଲିଫାଏ କରିଥାନ୍ତୁ। ମୋ ମତରେ ପ୍ରତ୍ୟେକ ଟି୨୦ ମ୍ୟାଚ୍‌ରେ ୩ରୁ ୪ ନିଷ୍ପତ୍ତି ନେବାକୁ ପଡ଼େ, ଯାହାକି ମ୍ୟାଚ୍‌ର ଫଳାଫଳ ବଦଳାଇ ଦିଏ। ଯଦି ଆମେ ସେହି ନିଷ୍ପତ୍ତି ଷ୍ଟ୍ରାଟେଜି ଓ ଯୋଜନା ସହିତ ନେବା ତେବେ ଚଳିତ ବର୍ଷ ଫଳାଫଳ ଭିନ୍ନ ରହିବ। ମୁଁ ଏହି ଫ୍ରାଞ୍ଚାଇଜ ସହ ୧୭ ବର୍ଷ ବୟସରୁ ରହିଛି। ଏଠାରେ ମୁଁ ଅଧିକ ଉତ୍ଥାନ ଅପେକ୍ଷା ଅଧିକ ପତନ ଦେଖିଛି। ମୋତେ ସମର୍ଥନ କରିବା ପାଇଁ ମୁଁ ରାଜସ୍ଥାନ ରୟାଲ୍ସ ନିକଟରେ କୃତଜ୍ଞ। ଉଲ୍ଲେଖଯୋଗ୍ୟ ଯେ, ୧୧ ବର୍ଷ ଧରି ସଞ୍ଜୁ ରାଜସ୍ଥାନ ପାଇଁ ଖେଳିଥିଲେ। ସେ ଦଳର ଅନ୍ୟତମ ସଫଳତମ ଅଧିନାୟକ। ତାଙ୍କ ନେତୃତ୍ୱରେ ଦଳ ୨୦୨୨ ସଂସ୍କରଣରେ ଫାଇନାଲ ଓ ୨୦୨୪ ପ୍ଲେଅଫ୍ସରେ ଖେଳିଥିଲା।

# ଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ

**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍‌ଜି କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ୮୭ ରନରେ ହରାଇ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ

**ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ**

ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୪୦ ଓଭରରେ ୭ ଉଇକେଟ ହରାଇ ୨୬୦ ରନ କରିଥିଲା। ଶତକ ହାସଲକାରୀ ଅନୁରାଗ ଷଡ଼ଙ୍ଗୀ ୯୭ ବଲ୍‌ରୁ ୧୦୮ ରନ ସ୍କୋର କରିଥିଲେ। ହିମାଂଶୁ ବିସ୍ତ ୫୧ ଓ ରମଣୀ ଜେନା ୪୫ ରନ କରିଥିଲେ। ବିପକ୍ଷ ବୋଲର ଏସ୍‌କେ ନକିବ ଓ ରିତେଶ ପ୍ରିୟରଞ୍ଜନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ୨୮.୩ ଓଭରରେ ୧୭୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଦ୍ୟାଧର ବେହେରା ୩୫ ଓ ଦେବାଶିଷ ସାମନ୍ତରାୟ ୩୨ ରନ କରିଥିଲେ। ବିଜୟୀ ଦଳର ସାଇ ପ୍ରିୟାଂଶ ପଟ୍ଟନାୟକ ୪ଟି ଏବଂ ଚନ୍ଦ୍ରାଂଶୁ, ପ୍ରତୀପ ଓ ଅଭିନବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅନୁରାଗ ଷଡ଼ଙ୍ଗୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବନ୍ଧନ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଅନୁରାଗ ଷଡ଼ଙ୍ଗୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

# ସୌରଭ ଘୋଷାଲ ସ୍ପୋର୍ଟ୍ସ କମିଶନର ନିଯୁକ୍ତ

**ୱାର୍ଲ୍ଡ ପ୍ରିମିୟର ସ୍କ୍ୱାଶ ପ୍ରିମିୟର**

ନୂଆଦିଲ୍ଲୀ, ୧୯।୩ (ପି.ଟି.): ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏକ ନୂଆ ଗ୍ଲୋବାଲ ପ୍ରଫେଶନାଲ ପ୍ରତିଯୋଗିତା ପାଇଁ ଭାରତର ସ୍କ୍ୱାଶ ଆଇକନ ସୌରଭ ଘୋଷାଲ ସ୍ପୋର୍ଟ୍ସ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଘୋଷାଲ ଭାରତର ଏକମାତ୍ର ପୁରୁଷ ଖେଳାଳି ଭାବେ ପିଏସ୍‌ଏ (ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ) ୱାର୍ଲ୍ଡ ର୍‍ୟାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିପାରିଛନ୍ତି। ସେ ୧୧ଟି ଟାଇଟଲ, ୯ଏସିଆନ ଗେମ୍ସ ପଦକ ଜିତିପାରିଛନ୍ତି। ସେ ଆହୁରି ମଧ୍ୟ ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ (ପିଏସ୍‌ଏ) ପୁରୁଷ ସଭାପତି ଭାବେ



କାର୍ଯ୍ୟ କରିଛନ୍ତି। ୱାର୍ଲ୍ଡ ପ୍ରିମିୟର ସ୍କ୍ୱାଶ (ଡବ୍ଲ୍ୟୁପିଏସ୍)ସ୍ପୋର୍ଟ୍ସ କମିଶନର ଭାବେ ଘୋଷାଲ ଲିଗ୍‌ର ସମ୍ପୂର୍ଣ୍ଣ ଖେଳ ଢାଞ୍ଚା ପ୍ରସ୍ତୁତ କରିବା ସହ ତାହାର ଦେଖାଚାହାଁ କରିବେ। ଏହାଛଡ଼ା ସେ ଖେଳାଳି ଯୋଗ୍ୟତା ପଥ ଏବଂ ଖେଳ ପରିଚାଳନାର ମାନଦଣ୍ଡ ପ୍ରସ୍ତୁତ କରିବେ। ୱାର୍ଲ୍ଡ ପ୍ରିମିୟର ସ୍କ୍ୱାଶର ଉଦ୍‌ଘାଟନୀ ସଂସ୍କରଣ ଅଗଷ୍ଟ ମାସରେ ହେବ। ଡବ୍ଲ୍ୟୁପିଏସ୍ ହେଉଛି ଏକ ଏଲିଟ୍ ପ୍ରଫେଶନାଲ ପ୍ରତିଯୋଗିତା। ଏଥିରେ ମଲ୍ଟି ମୋଡାଲ ଏଆଇ ବ୍ୟବହାର କରାଯାଇଛି। ଲିଗ୍‌ରେ ରିଜର୍ଭ ଖେଳାଳି ଓ ୮ଏଲିଟ୍ ପ୍ରଫେଶନାଲ ସମେତ ୨୪ ଖେଳାଳି ଭାଗ ନେବେ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ